# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୦/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, August 10/2022 Page 14 ₹ 7.00 | ★★★★★★

୪୮ଶ ଭାଗ ୨୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଛେତ୍ରୀ ଫୁଟ୍‌ବଲର ଅଫ୍ ଦି ଇୟର**

ସୁନୀଲ ଛେତ୍ରୀ ୭ମ ଥର ଫୁଟ୍‌ବଲର ଅଫ୍ ଦି ଇୟର ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। **୧୪**

**୧୦** **ଆଇଏଫ୍‌ଏଫ୍‌ଏମ୍‌ର ଜଜ୍ ତମନ୍ନା**

ଫିଲ୍ମ ଅଭିନେତ୍ରୀ ତମନ୍ନା ଭାଟିଆ ଚଳିତ ବର୍ଷ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ନରେ ଜଜ୍ ଭାବେ ଦେଖାଯିବେ।



# ମୋଦିଙ୍କୁ ଛାଡ଼ିଲେ ନୀତୀଶ

- ବିହାରରେ ଏନ୍‌ଡିଏ ଭାଙ୍ଗିଲା
- ଆର୍‌ଜେଡିକୁ ଧରି ମହାମେଣ୍ଟ ସରକାର
- ତେଜସ୍ୱୀ ପୁଣି ଉପମୁଖ୍ୟମନ୍ତ୍ରୀ ହେବେ
- ଆଜି ଅପରାହ୍ନ ୨ଟାରେ ଶପଥ ଗ୍ରହଣ

ପାଟନା/ନୂଆଦିଲ୍ଲୀ,୯।୮ (ପି.ଟି./ଆଇଏଏନ୍‌ଏସ୍)

କିଛି ମାସ ତଳୁ ଯାହା ଆକଳନ କରାଯାଉଥିଲା, ଏବେ ତାହା ସତ ପ୍ରମାଣିତ ହୋଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତ ଛାଡ଼ିଦେଇଛନ୍ତି। ସେ ଭାଜପା ସହ ସମ୍ପର୍କ ଛିନ୍ନ କରି ପୁରୁଣା ସାଥୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମର୍ଥନରେ ପୁଣି ଥରେ ସରକାର ଗଢ଼ିବାକୁ ଯାଉଛନ୍ତି। କ୍ଷମତାସୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ)କୁ ଦୁର୍ବଳ କରିବା ପାଇଁ ଭାଜପା ଉଦ୍ୟମ ଚଳାଇଥିଲା ଏବଂ ତାଙ୍କୁ ବାରମ୍ବାର ଅପମାନିତ କରିଥିଲା। ଏଥିଯୋଗୁ ଜେଡିୟୁ ନେତାମାନେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ପରାମର୍ଶକ୍ରମେ ଏନ୍‌ଡିଏରୁ ଓହରିଯାଇଥିବା ନେଇ ରାଜ୍ୟପାଳଙ୍କୁ ଇସ୍ତଫାପତ୍ର ପ୍ରଦାନ ପରେ ଗଣମାଧ୍ୟମକୁ ନୀତୀଶ କହିଛନ୍ତି। ନୀତୀଶ ମଙ୍ଗଳବାର ମହାମେଣ୍ଟର ନେତା ନିର୍ବାଚିତ ହେବା ପରେ ରାଜ୍ୟପାଳ ଫାଗୁ ଚୌହାନଙ୍କୁ ଭେଟି ୧୬୪ ବିଧାୟକଙ୍କ ☞ ପୃଷ୍ଠା-୪




**ନୀତୀଶଙ୍କ ମୁଖ୍ୟମନ୍ତ୍ରିତ୍ୱ**

- ପ୍ରଥମ ପାଳି: ୩ ମାର୍ଚ୍ଚ ୨୦୦୦-୧୦ ମାର୍ଚ୍ଚ ୨୦୦୦
- ଦ୍ୱିତୀୟ ପାଳି: ୨୪ ନଭେମ୍ବର ୨୦୦୫-୨୬ ନଭେମ୍ବର ୨୦୧୦
- ତୃତୀୟ ପାଳି: ୨୬ ନଭେମ୍ବର ୨୦୧୦-୨୦ ମେ' ୨୦୧୪
- ଚତୁର୍ଥ ପାଳି: ୨୨ ଫେବୃୟାରୀ ୨୦୧୫-୨୦ ନଭେମ୍ବର ୨୦୧୫
- ପଞ୍ଚମ ପାଳି: ୨୦ ନଭେମ୍ବର ୨୦୧୫-୧୬ ନଭେମ୍ବର ୨୦୨୦
- ଷଷ୍ଠ ପାଳି: ୧୬ ନଭେମ୍ବର ୨୦୨୦-୯ ଅଗଷ୍ଟ ୨୦୨୨



ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଓ ତେଜ ପ୍ରତାପଙ୍କ ଗହଣରେ ନୀତୀଶ କୁମାର।

## ପ୍ରଧାନମନ୍ତ୍ରୀ ପଦ ଉପରେ ଆଖି

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷା ସମ୍ପର୍କରେ ଊଣା ଅଧିକେ ସମସ୍ତେ ଅବଗତ। ୬ ଥର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଜେଡିୟୁ ନେତା ନୀତୀଶ ପ୍ରଧାନମନ୍ତ୍ରୀ ହେବାକୁ ଚାହୁଁଥିବା ନେଇ ଅନେକ ସମୟରେ ତାଙ୍କ ରାଜନୈତିକ ପଦକ୍ଷେପକୁ ଭିତ୍ତିକରି ଖବର ପ୍ରକାଶ ପାଇଥାଏ। ଏଭଳି ଖବରକୁ ନୀତୀଶଙ୍କ ଦଳ ଜେଡିୟୁ କେବେ ଖଣ୍ଡନ କରିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଳ୍ପ ଭାବେ ବିରୋଧୀ ଦଳଗୁଡ଼ିକ ଜଣେ ମଜଭୁତ ନେତାଙ୍କ ଆବଶ୍ୟକତା ଅନୁଭବ କରୁଥିବାବେଳେ ନୀତିଶ ଏନ୍‌ଡିଏ ଛାଡ଼ି ଆର୍‌ଜେଡି ସମର୍ଥନରେ ପୁନର୍ବାର ସରକାର ଗଢ଼ିବା ଜାତୀୟ ରାଜନୀତିରେ ନୂଆ ସମୀକରଣକୁ ଜନ୍ମ ଦେଇଛି। ଏନେଇ ଜେଡିୟୁ ସଂସଦୀୟ ଦଳ ନେତା ଉପେନ୍ଦ୍ର କୁଶୱାହ ଟୁଇଟ୍ କରିଛନ୍ତି, ନୀତୀଶ ଆଗକୁ ବଢ଼ନ୍ତୁ। ଆପଣଙ୍କୁ ସାରା ଦେଶ ଅପେକ୍ଷା କରିଛି। କେନ୍ଦ୍ରମନ୍ତ୍ରୀ ଗିରିରାଜ କିଶୋର କହିଛନ୍ତି, ପ୍ରଧାନମନ୍ତ୍ରୀ ହେବା ପାଇଁ ନୀତୀଶଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷା ତାଙ୍କୁ ଏନ୍‌ଡିଏରୁ ଓହରିବା ପାଇଁ ବାଧ କରିଛି। ପଲ୍‌ଟୁ ରାମ ପୁଣି ପଲଟିଗଲେ।

## ଭାରତ ଛାଡ଼ ଆନ୍ଦୋଳନ ଭଳି ଶୁଭାରମ୍ଭ



ଅଖିଳେଶ ଯାଦବ

ବିହାରର ରାଜନୈତିକ ଘଟଣାକ୍ରମକୁ ଦେଖି ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ଆଜିର ଦିନରେ 'ବ୍ରିଟିଶ ଭାରତ ଛାଡ଼' ଡାକରା ଦିଆଯାଇଥିଲା। ଏବେ ନୀତୀଶ କୁମାର ବିହାରରେ 'ଭାଜପା ଛାଡ଼' ଡାକରା ଦେଇଛନ୍ତି। ଏହା ଏକ ଶୁଭାରମ୍ଭ। ଅନ୍ୟ ରାଜ୍ୟଗୁଡ଼ିକରେ ମଧ କେତେକ ଦଳ ଭାଜପାକୁ ଛାଡ଼ି ନୂଆ ସମୀକରଣ ଆରମ୍ଭ କରିବେ। ଭାଜପା ଦେଶର ଇତିହାସକୁ ବଦଳାଇବା ପାଇଁ ଷଡ଼ଯନ୍ତ୍ର ରଚୁଛି। ଆର୍‌ଏସ୍‌ଏସ୍ ଲୋକେ ସ୍ୱାଧୀନତା ସଂଗ୍ରାମରେ ସାମିଲ ନ ଥିଲେ। ଭାଜପା କ୍ଷମତାକୁ ଆସିବା ପରେ ସ୍ୱାଧୀନତାର ମୂଲ୍ୟ ଭୁଲିଯାଇଛି ବୋଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଅଖିଳେଶ ସମାଲୋଚନା କରିଛନ୍ତି।

## ବିଶ୍ୱାସଘାତ ହୋଇଛି: ଭାଜପା

ନୀତୀଶ ୮ ବର୍ଷରେ ୨ୟ ଥର ପାଇଁ ଭାଜପାକୁ ଛାଡ଼ିଛନ୍ତି। ନୀତୀଶ ବିହାରବାସୀଙ୍କ ସହ ବିଶ୍ୱାସଘାତ କରିଛନ୍ତି। ଏହାକୁ ରାଜ୍ୟବାସୀ ବରଦାସ୍ତ କରିବେ ନାହିଁ। ସେମାନେ ଏହାର ଉଚିତ ଜବାବ ଦେବେ ବୋଲି ଭାଜପା ରାଜ୍ୟ ସଭାପତି ସଞ୍ଜୟ ଜୟସ୍ୱାଲ କୋର୍ କମିଟି ବୈଠକ ପରେ କହିଛନ୍ତି।

### ମେଣ୍ଟ ଭାଙ୍ଗିବାରେ ଭାଜପା କୁଖ୍ୟାତ: ତେଜସ୍ୱୀ

ସମସ୍ତ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ଅନ୍ୟ କୌଣସି ମେଣ୍ଟ ସହଯୋଗୀ ନାହିଁ। ଏହି ଦଳ ମେଣ୍ଟ ଭାଙ୍ଗିବାରେ କୁଖ୍ୟାତ୍ ବୋଲି ଇତିହାସ ରହିଛି। ମହାରାଷ୍ଟ୍ର ଏହାର ଦୃଷ୍ଟାନ୍ତ ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି।

## ସାନି ନିର୍ବାଚନ ହେଉ



ଚିରାଗ ପାଶ୍ୱାନ

ଆଜି ନୀତୀଶ କୁମାରଙ୍କ ବିଶ୍ୱସନୀୟତା ହେଉଛି ଶୂନ। ବିହାରରେ ରାଷ୍ଟ୍ରପତି ଶାସନ ଜାରି ହେଉ ଏବଂ ରାଜ୍ୟରେ ସାନି ନିର୍ବାଚନ କରାଯାଉ ବୋଲି ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ରାମବିଳାସ ଗୋଷ୍ଠୀ ମୁଖ୍ୟ ଚିରାଗ ପାଶ୍ୱାନ ଦାବି କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନୀତୀଶଙ୍କ କୌଣସି ଆଦର୍ଶ ନାହିଁ। ଆଗାମୀ ନିର୍ବାଚନରେ ତାଙ୍କ ଦଳ ଜେଡିୟୁ ଗୋଟିଏ ହେଲେ ଆସନ ପାଇବ ନାହିଁ। ଅନ୍ୟପକ୍ଷେ ୨୦୨୦ ବିଧାନସଭା ନିର୍ବାଚନ ବେଳେ ଜେଡିୟୁର ଭୋଟ କାଟିବା ପାଇଁ ଭାଜପା ଚିରାଗଙ୍କୁ ବ୍ୟବହାର କରିଥିବା ନେଇ ହେଉଥିବା ଅଭିଯୋଗକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପୁଅ ସ୍ୱୀକାର କରିଛନ୍ତି। ଏହାକୁ ଚିରାଗ ନିଜର ଏକ ଉଲ୍ଲେଖନୀୟ ସଫଳତା ବୋଲି ଅଭିହିତ କରିଛନ୍ତି।

# ଯୁକ୍ତ୩ ନାମଲେଖା: ନିଅଣ୍ଟ ପଡ଼ିବ ସିଟ୍

ଭୁବନେଶ୍ୱର, ୯।୮ (ବ୍ୟୁରୋ)

୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟରେ ଯୁକ୍ତ୩ରେ ନାମଲେଖା ପାଇଁ ସିଟ୍ ନିଅଣ୍ଟ ପଡ଼ିପାରେ। କାରଣ ଚଳିତବର୍ଷ ଯୁକ୍ତ୨ ପାସ୍ ହାର ତୁଳନାରେ ରାଜ୍ୟର ପ୍ରମୁଖ ଡିଗ୍ରୀ କଲେଜଗୁଡ଼ିକରେ ସିଟ୍ କମ୍ ରହିଛି। ତେଣୁ ଯୁକ୍ତ୩ରେ ସିଟ୍ ସଂଖ୍ୟାକୁ ବୃଦ୍ଧି କରା ନ ଗଲେ ନାମଲେଖାରେ ସମସ୍ୟା ଦେଖାଦେଇପାରେ। ଫଳରେ ଏଥର ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ଆଶଙ୍କା

**ଉଚ୍ଚଶିକ୍ଷାରୁ ଛାତ୍ରୀଛାତ୍ର ବଞ୍ଚିତ ହେବା ଆଶଙ୍କା**

କରାଯାଉଛି। ରାଜ୍ୟରେ ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ ମୋଟ ୨,୬୬,୫୬୮ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ମୋଟ ୨ଲକ୍ଷ ୪୯ହଜାର ୪୫୩ ସିଟ୍ ରହିଛି। ସିଟ୍ ସଂଖ୍ୟା ଠାରୁ ଉତ୍ତୀର୍ଣ୍ଣ ହୋଇଥିବା ପିଲାଙ୍କ ସଂଖ୍ୟା ୧୭,୧୧୫ ଅଧିକ। ତେଣୁ ନାମଲେଖାରେ ସମସ୍ୟା ଉପୁଜିପାରେ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିକଳ୍ପ ଦିଶିଲାଣି**

## ବର୍ଷକରେ ୨୬ ଲକ୍ଷ ବଢ଼ିଛି ମୋଦିଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ,୯।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜସ୍ୱ ସମ୍ପତ୍ତି ପରିମାଣ ବର୍ଷକ ମଧ୍ୟରେ ୨୬.୧୩ ଲକ୍ଷ ଟଙ୍କା ବୃଦ୍ଧି ପାଇ ୨ କୋଟି ୨୩ ଲକ୍ଷ ୮୨ ହଜାର ୫୦୪ ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ ପାଖରେ ନଗଦ ୩୫,୨୫୦ ଟଙ୍କା ରହିଥିବାବେଳେ ପୋଷ୍ଟ ଅଫିସରେ ନ୍ୟାଶନାଲ ସେଭିଙ୍ଗ୍‌ସ ସାର୍ଟିଫିକେଟରେ ସେ ୯,୦୫,୧୦୫ ଟଙ୍କା ଜମା ରଖିଛନ୍ତି। ତାଙ୍କର ୧,୮୯,୩୦୫ ଟଙ୍କାର ଏକ ଜୀବନ ବୀମା ପଲିସି ଏବଂ ୧.୭୩ ଲକ୍ଷ ଟଙ୍କାର ୪ଟି ସୁନା ମୁଦି ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ୱେବ୍‌ସାଇଟରେ ଦିଆଯାଇଥିବା ୨୦୨୧-୨୨ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମ୍ପତ୍ତି ଘୋଷଣାନାମା ଅନୁଯାୟୀ ଗାନ୍ଧୀନଗରରେ ଥିବା ଏକ ଜମିରେ ☞ ପୃଷ୍ଠା-୪


Skilled in ODISHA

DIRECTORATE OF TECHNICAL EDUCATION & TRAINING, ODISHA, CUTTACK-753001

DSPL-133 **Phase-II Admission into Govt. & Pvt. ITIs for 2022-23**

Trained Craftsmen through ITIs are the backbone of Industries and Technical establishments. In order to equip youth with desired skills, Phase-II admission into Govt. & Pvt. ITIs for 2022-23 are now open as per the following schedule.

**Eligibility of candidates for admission in Phase-II**

1. Fresh eligible applicants of any district can apply against the vacant seat in own or other district.
2. Registered applicants submitted CAF in Phase-I but not paid CAF fee can exercise choice & pay fee by pre existing "Student Login".
3. Registered applicants submitted CAF & paid CAF fee in Phase-I but not validated can exercise their choice by pre existing Student Login & report to NCC for validation.
4. Applicants exercised choices but not allotted seat in Phase-I can exercise their choice by pre existing Student Login or at NCC.
5. Applicants allotted seat in Phase-I but not reported can exercise their choice by pre existing Student Login.
6. Applicants auto slided for upper choice but not reported can exercise their choice by pre existing Student Login.

*In case of further assistance you can contact Sanjog Help Line Toll Free No.155335 or 1800-345-6770 or nearest NCCs (Govt. ITIs)*

**IMPORTANT DATES**

- Availability of online Common Application Form (CAF) in the website- http://dtetodisha.gov.in or http://samsodisha.gov.in – **08.08.2022 to 18.08.2022 (11:45 PM)**
- Validation of submitted CAF (in case not verified online) by the Nodal Center- 10.08.2022 to 20.08.2022
- Last date of submitting printout copy of online CAF at any Nodal Center- 20.08.2022
- Publication of selection list & downloading of intimation letter-25.08.2022 (11AM)
- Reporting of the selected applicants for admission and admission data up-dation at selected ITIs-25.08.2022 to 30.08.2022

- *It is important to note that for improving Girls enrollment in Govt. ITIs under Sudakshiya Scheme 30% seats have been reserved across all trades irrespective of Categories.*
- *New Govt. ITIs have been setup with modern infrastructure at Bhandaripokhari, Paradeep, Kutra, Krushnaprasad, Birmaharajpur, Kantabanjhi, Kotagarh, Daringbadi, Parjang, Nandapur & Koida (open category) with demand trades.*
- *Seats are now open for Phase-II admission.*

Interested applicants are requested to avail the opportunity to apply at SAMS Portal for registration and attend the admission process within the scheduled time line.

**For detailed information please visit : samsodisha.gov.in**

Sd/-
Director of Technical Education & Training, Odisha.

OIPR-44008/13/0009/2223



SIKSHA 'O' ANUSANDHAN

**SAAT-2022**

Empowering students for a brighter future

**APPROVAL & RECOGNITIONS**
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2022

**MHRD India Rankings (NIRF) 2022**
- 16th Best in University Category
- 27th Best in Engineering Category

**B.Tech Programmes Offered**
- Civil Engineering
- Computer Science & Engineering
- Computer Science & Information Technology
- Electrical Engineering
- Electrical & Electronics Engineering
- Electronics & Communication Engineering
- Mechanical Engineering

To apply for admission through SAAT, Please visit : www.soa.ac.in

## ଅଟୋରିକ୍ସା-ବସ୍ ଧକ୍କା: ୯ ମୃତ

ପଶ୍ଚିମବଙ୍ଗ ବୀରଭୂମରେ ସଡ଼କ ଦୁର୍ଘଟଣାରେ ୯ଜଣଙ୍କ ମୃତ୍ୟୁ ହୋଇଛି। ବୀରଭୂମ ମଲ୍ଲାରପୁର ହାଇୱେରେ ସରକାରୀ ବସ୍ ଓ ଅଟୋରିକ୍ସା ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋରେ ବସିଥିବା ସମସ୍ତ ୮ ମହିଳା ଶ୍ରମିକଙ୍କ ସମେତ ଅଟୋରିକ୍ସା ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ବସ୍‌ଟି ଆରାମବାଘରୁ ଦୁର୍ଗାପୁର ଅଭିମୁଖେ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ବୀରଭୂମ ଡିସିପି ନଗେନ୍ଦ୍ର ନାଥ ତ୍ରିପାଠୀ କହିଛନ୍ତି।

## ସଂକ୍ଷେପରେ

### ବୁଷ୍ଟର ଡୋଜ୍ ଭାବେ କୋର୍ବେଭାକ୍ସ ଟିକାକୁ ଖୁବ୍‌ଶୀଘ୍ର ମଞ୍ଜୁରୀ

ନୂଆଦିଲ୍ଲୀ,୯।୮ (ପି.ଟି.): ବୁଷ୍ଟର ଡୋଜ୍ ଭାବେ ବାୟୋଲୋଜିକାଲ-ଇ ପ୍ରସ୍ତୁତ କୋର୍ବେଭାକ୍ସ କୋଭିଡ୍ ଟିକାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ମଞ୍ଜୁରୀ ପ୍ରଦାନ କରିବାକୁ ଯାଉଛି। ପୂର୍ବରୁ କୋଭାକ୍ସିନ କିମ୍ବା କୋଭିଶିଲ୍ଡ ଟିକା ନେଇଥିବା ସାବାଳକମାନଙ୍କୁ କୋର୍ବେଭାକ୍ସ ପ୍ରିକଶନ ଡୋଜ୍ ଭାବେ ଦିଆଯାଇପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଟିକାକରଣ ଉପରେ ଗଠିତ ନ୍ୟାଶନାଲ ଟେକ୍‌ନିକାଲ ଆଡଭାଇଜରି ଗ୍ରୁପ୍ (ଏଡ଼ଟିଏଜିଆଇ)ର କୋଭିଡ୍ -୧୯ ୱାର୍କିଂ ଗ୍ରୁପ୍ ଗତ ସପ୍ତାହରେ କୋର୍ବେଭାକ୍ସକୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବୁଷ୍ଟର ଡୋଜ୍ ଭାବେ ମଞ୍ଜୁରୀ ଲାଗି ସୁପାରିସ କରିଥିଲେ। ଉକ୍ତ ସୁପାରିସ ଆଧାରରେ ବାୟୋଲୋଜିକାଲ-ଇ'ର ଏହି ଟିକା ପ୍ରିକଶନ ଡୋଜ୍ ଭାବେ ଟିକାକରଣ ଅଭିଯାନରେ ସାମିଲ ହେବାକୁ ଯାଉଛି।

### ଭାଜପା ନେତା ଶ୍ରୀକାନ୍ତ ତ୍ୟାଗୀ ଗିରଫ



ନୋଏଡ଼ା,୯।୮: ନୋଏଡ଼ା ରେସିଡେନ୍ସିଆଲ ସୋସାଇଟିରେ ପଡୋଶୀ ମହିଳାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଅଭିଯୋଗରେ ଫେରାର ଥିବା ଭାଜପା ନେତା ଶ୍ରୀକାନ୍ତ ତ୍ୟାଗୀଙ୍କୁ ୪ ଦିନ ପରେ ମଙ୍ଗଳବାର ମୀରଟରୁ ଗିରଫ କରାଯାଇଛି। ତାଙ୍କର ୩ ଜଣ ସହଯୋଗୀଙ୍କୁ ମଧ୍ୟ ନୋଏଡ଼ା ପୋଲିସ ଗିରଫ କରିଛି। ମଙ୍ଗଳବାର ସକାଳେ ପୋଲିସ ତ୍ୟାଗୀଙ୍କ ସ୍ତ୍ରୀଙ୍କୁ ଅଟକ ରଖି ଜେରା କରିଥିଲା। ଫେରାର ତ୍ୟାଗୀଙ୍କ ବିରୋଧରେ ପୋଲିସ ଲୁକ୍ ଆଉଟ ନୋଟିସ ଜାରି କରିଥିଲା। ସୋମବାର ନୋଏଡ଼ା କର୍ତ୍ତୃପକ୍ଷ ତାଙ୍କର ଏକ ବେଆଇନ ନିର୍ମାଣକୁ ଭାଙ୍ଗିଦେଇଥିଲେ। ତ୍ୟାଗୀ ନିଜକୁ କିଷାନ ମୋର୍ଚ୍ଚା ସଦସ୍ୟ କହୁଥିବାବେଳେ ସେ ଦଳରେ ନ ଥିବା ଭାଜପା ପକ୍ଷରୁ କୁହାଯାଇଛି। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର ନିର୍ଦ୍ଦେଶ ଦେଇଥିଲେ।

### ଖୁବ୍‌ଶୀଘ୍ର ଚାଇନା ଯିବେ ଭାରତୀୟ ଛାତ୍ର

ବେଜିଂ,୯।୮: ଭିଜା କଟକଣା ଯୋଗୁ କୋଭିଡ୍ ମହାମାରୀ ବେଳେ ଘରକୁ ପଳାଇଆସିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ଚାଇନା ଫେରାଇନେବା ପ୍ରକ୍ରିୟା ଆରମ୍ଭ କରିଛି। ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ର ଖୁବ୍‌ଶୀଘ୍ର ବେଜିଂରେ ପହଞ୍ଚିବେ ବୋଲି ମଙ୍ଗଳବାର ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ ୱେନ୍‌ବିନ ଗଣମାଧ୍ୟମକୁ କହିଛନ୍ତି। ଫଳରେ କଲେଜରେ ପୁନର୍ବାର ଯୋଗଦେବା ଲାଗି ଦୀର୍ଘଦିନ ହେଲା ଅପେକ୍ଷା କରି ରହିଥିବା ହଜାର ହଜାର ପିଲାଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। କୋଭିଡ୍ କଟକଣା ଯୋଗୁ ୨୩ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ର ଚାଇନା ଫେରି ନ ପାରି ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତରୀ ଛାତ୍ରୀଛାତ୍ର। ନିକଟରେ ନୂଆଦିଲ୍ଲୀ ବେଜିଂକୁ ଫେରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ଏକ ତାଲିକା ଦେଇଥିଲା। ଇତିମଧ୍ୟରେ ଶ୍ରୀଲଙ୍କା, ପାକିସ୍ତାନ, ରୁଷିଆ ଓ ଅନ୍ୟ କେତେକ ଦେଶର କେତେଜଣ ଛାତ୍ର ଚାଇନାରେ ପହଞ୍ଚିଛନ୍ତି।

### ବଳାତ୍କାର ଅଭିଯୋଗରେ ମିର୍ଚ୍ଚି ବାବା ଗିରଫ



ଭୋପାଳ,୯।୮: ଏକ ବଳାତ୍କାର ମାମଲାରେ ମଧ୍ୟପ୍ରଦେଶ ପୋଲିସ ମଙ୍ଗଳବାର ବାବା ବୈରାଗ୍ୟାନନ୍ଦ ଗିରି ଓରଫ ମିର୍ଚ୍ଚି ବାବାଙ୍କୁ ଗିରଫ କରିଛି। ପୋଲିସ ଆଇପିସିର ଧାରା ୩୭୬ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଆତ୍ମଘୋଷିତ ଗଡ୍‌ମ୍ୟାନ ମିର୍ଚ୍ଚି ବାବା ୨୦୧୯ରେ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଲୋକ ସଭା ନିର୍ବାଚନ ଜିତିବା ପାଇଁ ଯଜ୍ଞ କରିଥିଲେ। ଯଦି ଦିଗ୍‌ବିଜୟ ହାରିଯାନ୍ତି, ତେବେ ସେ ଜଳସମାଧି ନେବେ ବୋଲି ଘୋଷଣା କରିଥିଲେ। ତେବେ ପୋଲିସ ଉପସ୍ଥିତି ଯୋଗୁ ସେ ତାହା କରିପାରି ନ ଥିଲେ।



ପିପୁଲ୍ସ ଲିବରେଶନ ଆର୍ମିର ଏକ ନୌସେନା ହେଲିକପ୍ଟର ତାଇୱାନ ଚାରିପଟେ ଥିବା ଜଳସୀମା ନିକଟରେ ସମରାଭ୍ୟାସରେ ସାମିଲ ହୋଇଛି।

# ପ୍ରସ୍ତୁତ ହେଉଛି ତାଇୱାନ

ବେଜିଂ/ତାଇପେଇ, ୯।୮

ଆମେରିକା ସହ ରୁଷିଆର ତିକ୍ତତା ବୃଦ୍ଧି ଏବଂ ୟୁକ୍ରେନ୍‌କୁ ନାଟୋରୁ ଦୂରେଇ ରଖି ପଡୋଶୀ ରାଷ୍ଟ୍ର ଉପରେ ନିୟନ୍ତ୍ରଣ ରଖିବା ଉଦ୍ଦେଶ୍ୟରେ ମସ୍କୋ ଏହି ପୂର୍ବ ୟୁରୋପୀୟ ଦେଶରେ ଆକ୍ରମଣ ଜାରି ରଖିଛି। ଏବେ ଅନୁରୂପ ଭବିଷ୍ୟତ ଆଶଙ୍କାରେ ରହିଛି ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ର ତାଇୱାନ। ଏହି ଦ୍ୱୀପକୁ ନିଜର ବୋଲି ଚାଇନା ଦାବି କରୁଆସୁଥିବାବେଳେ ଗତ ୩ ତାରିଖରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ଗସ୍ତକୁ ନେଇ ବେଜିଂ ଆକ୍ରୋଶମୂଳକଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଛି। ତାଇୱାନ ଚାରିପଟେ ଚାଇନା ସେନା ଘେରି ରହିଥିବାବେଳେ ବେଜିଂ ଯୁଦ୍ଧ ସ୍ଥିତି ସୃଷ୍ଟି କରୁଥିବା ଅଭିଯୋଗ କରିଛି ତାଇପେଇ। ଏଥିସହ ନିଜ ଗଣତନ୍ତ୍ର ଏବଂ ସାର୍ବଭୌମତ୍ୱ ରକ୍ଷା ପାଇଁ ତାଇୱାନ ମଙ୍ଗଳବାର ଦେଶର ଦକ୍ଷିଣପ୍ରାନ୍ତରେ ଥିବା ପିଙ୍ଗ୍‌ଟଙ୍ଗ୍‌ଠାରେ ସମରାଭ୍ୟାସ ଆରମ୍ଭ କରିଛି।

ପୂରା ବିଶ୍ୱ ୟୁକ୍ରେନ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଚଳାଇଥିବା ଧ୍ୱଂସଲୀଳାକୁ ଦେଖୁଥିବାବେଳେ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ତାଇୱାନ ଦଖଲର ମହତ୍ତ୍ୱାକାଂକ୍ଷା ପୂରଣ ପାଇଁ ରଣନୀତି କାର୍ଯ୍ୟକାରୀ କରିବା ଯୋଜନା ଆରମ୍ଭ କରିଛନ୍ତି। ଆର୍ଥିକ ଓ ସାମରିକ ଦୃଷ୍ଟିରୁ ପୂର୍ବାପେକ୍ଷା ନିଜକୁ ଅଧିକ ମଜଭୁତ କରିଥିବା ଚାଇନା ଏବେ ତାଇୱାନ ଉପରେ ଚାପ ପକାଇ 'ଆର୍ଟ ଅଫ୍ ୱାର' ଢଙ୍ଗରେ ଆତ୍ମସମର୍ପଣ ପାଇଁ ବାଧ୍ୟ କରାଇବାକୁ ଉଦ୍ୟମ କରୁଛି। କିନ୍ତୁ ଚାଇନା ତାଇୱାନ ଉପରେ ଆକ୍ରମଣ କରିବା ଏକ ସମ୍ଭାବନାଠାରୁ ଅଧିକ। କାରଣ ଆବଶ୍ୟକ ପଡ଼ିଲେ ଏହି ଦ୍ୱୀପକୁ ଜୋରଜବରଦସ୍ତ ମୁଖ୍ୟ ଚାଇନା ଭୂମି ସହ ମିଶାଯିବ ବୋଲି ପୂର୍ବରୁ ଜିନ୍‌ପିଙ୍ଗ୍ କହିଆସିଛନ୍ତି। ତାଇପେଇ ଉପରେ ବେଜିଂ ଆକ୍ରମଣ କଲେ ଏହା ଆଗରେ ୟୁକ୍ରେନ୍ ଯୁଦ୍ଧ ଫିକା ପଡ଼ିଯିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଚାଇନା ଏହାର ସାମରିକ ଶକ୍ତିକୁ ଯଥେଷ୍ଟ ବଢ଼ାଇବା ସହ ସମୁଦ୍ରରେ ଖୁବ୍‌କମ୍ ସମୟ ମଧ୍ୟରେ ବହୁସଂଖ୍ୟାରେ ଯୁଦ୍ଧପୋତ ମୁତୟନ କରିପାରିଛି। ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍‌ଏ) କ୍ରମାଗତଭାବେ ତାଇୱାନ ନିକଟରେ ମିଶାଇଲ ପରୀକ୍ଷଣ ସହ ସମରାଭ୍ୟାସ ଜାରି ରଖିଛି। ବହୁବାର ଚାଇନାର ବାୟୁସେନା ବିମାନ ତାଇୱାନ ବାୟୁସୀମା ଭେଦ କରି ଉଡ଼ାଣ ଭରିଛି। ବିଗତ ଦଶନ୍ଧିରେ ଚାଇନାର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ନୌସେନା ଏବଂ ମିଶାଇଲ ଫୋର୍ସ ବଢ଼ାଇବା ଆଦି ଦିଗରେ ବେଜିଂ ବେଶ୍ ଆଗେଇଛି। ଏହାର ଟେକ୍ନୋଲୋଜିକୁ ଅଧିକ ସୁଦୃଢ଼ କରିଛି। ଚାଇନା ଲିଡରଙ୍କ ପ୍ରମୁଖ ସ୍ୱପ୍ନ ମଧ୍ୟରେ ତାଇୱାନ ଦଖଲ, ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସମ୍ପୂର୍ଣ୍ଣ କବ୍‌ଜା, ସବୁଠାରୁ ବଡ଼ ଅର୍ଥନୀତିର ଦେଶ ଆଦି ରହିଛି।

## ଆରମ୍ଭ କଲା ସମରାଭ୍ୟାସ



## ଚାଇନା ପାଇଁ ସହଜ ନୁହେଁ

ଅନ୍ୟପଟେ ଦେଖିବାକୁ ଗଲେ ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ଏକ ମହାଶକ୍ତି ରାଷ୍ଟ୍ର ଭଳି ପରିଲକ୍ଷିତ ହେଉଥିଲେ ହେଁ ବାସ୍ତବ ସ୍ଥିତି ବେଶ୍ ଜଟିଳ। କାରଣ ଚାଇନା ଏବେ ବି ଅନେକ ଘରୋଇ, ଆର୍ଥିକ ସମସ୍ୟା ଦେଇ ଗତିକରୁଛି। ଅନ୍ତର୍ଜାତୀୟ ସ୍ତରରେ ସୃଷ୍ଟି ଆହ୍ୱାନର ସାମ୍ନା କରିବା ମଧ୍ୟ ଚାଇନା ପାଇଁ ଏକ ଚ୍ୟାଲେଞ୍ଜ। କୋଭିଡ୍ ମହାମାରୀ ଏବେ ଚାଇନା ଛାଡ଼ିନାହିଁ। ଏବେ ବି ଦେଶର ଅନେକ ସହରରେ ଲକ୍‌ଡାଉନ କଟକଣା ଲାଗୁ ହେଉଛି। ଚାଇନାର ଜନସଂଖ୍ୟାର ବିରାଟ ଭାଗ ବୃଦ୍ଧାବସ୍ଥାରେ। ଆଗାମୀ ଦଶନ୍ଧିରେ ଚାଇନାରେ ୭୦ ନିୟୁତ କାର୍ଯ୍ୟକ୍ଷମ ବ୍ୟକ୍ତି ଅବସର ନେବେ। ଏଥିସହ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୨୦ ନିୟୁତ ବଢ଼ିବ। ଅତିରିକ୍ତ ଭାବେ ୭୦ କୋଟି ନାଗରିକ ସେନାରେ ସାମିଲ ହେଲେ ଦେଶରେ କାର୍ମିକ ଯୁବକଙ୍କ ଅଭାବ ଦେଖାଯିବ। ଯୁଦ୍ଧ ଯୋଗୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶ ଚାଇନା ଉପରେ କଟକଣା ଲଗାଇଲେ କିମ୍ବା ଏହାର ବଜାର ଛାଡ଼ିଲେ ବେଜିଂ ପାଇଁ ଅସୁବିଧା ଆହୁରି ବଢ଼ିଯିବ। ଅନ୍ୟପକ୍ଷେ ଚାଇନା ନିକଟରେ କୌଣସି ହେଲେ ପ୍ରକୃତ ଯୁଦ୍ଧ ଲଢ଼ି ନ ଥିବାରୁ ଏହାର ସୈନିକଙ୍କ ନିକଟରେ ଅଭିଜ୍ଞତା ଅଭାବ ଅନୁଭୂତ ହେବ।

## ସିଙ୍ଗାପୁରର ପଡାଙ୍ଗ୍ ଜାତୀୟ ସ୍ମାରକୀ

### ଐତିହ୍ୟସ୍ଥଳୀରୁ 'ଦିଲ୍ଲୀ ଚଲୋ' ନାରା ଦେଇଥିଲେ ନେତାଜୀ



ସିଙ୍ଗାପୁର, ୯।୮

ସିଙ୍ଗାପୁରର ୨ ଶହ ବର୍ଷ ପୁରୁଣା ପ୍ରସିଦ୍ଧ ଐତିହ୍ୟ ସ୍ଥଳୀ ପଡାଙ୍ଗ୍‌କୁ ମଙ୍ଗଳବାର ସେଠାକାର ସରକାର ଜାତୀୟ ସ୍ମାରକୀ ଘୋଷଣା କରିଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ୧୯୪୩ରେ ସେଠାରୁ 'ଦିଲ୍ଲୀ ଚଲୋ' ନାରା ଦେଇଥିଲେ। ସିଙ୍ଗାପୁର ନିଜର ୫୭ତମ ଜାତୀୟ ଦିବସ ପାଳିଥିବାବେଳେ ଏହି ଅବସରରେ ପଡାଙ୍ଗ୍‌କୁ ୭୫ତମ ରାଷ୍ଟ୍ରୀୟ ସ୍ମାରକୀ ମାନ୍ୟତା ମିଳିଛି। କୌଣସି ଏକ ସବୁଜ, ଖୋଲା ପଡ଼ିଆ ଏପରି ତାଲିକାରେ ସାମିଲ ହେବାରେ ପଡାଙ୍ଗ ପ୍ରଥମ। ସିଙ୍ଗାପୁରରେ କେନ୍ଦ୍ରରେ ୪.୩ ହେକ୍ଟରରେ ପରିବ୍ୟାପ୍ତ ପଡାଙ୍ଗ ସହ ଦେଶର ଅନେକ ଇତିହାସ ଜଡ଼ିତ। ଅଷ୍ଟାଦଶ ଶତାବ୍ଦୀରୁ ଏଠାରେ କ୍ରିକେଟ, ଫୁଟ୍‌ବଲ, ହକି, ଟେନିସ୍, ଲନ୍ ବୋଲିଂ ଆଦି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଆସୁଛି। ଏହି ଐତିହ୍ୟସ୍ଥଳୀ ସହ ଭାରତର ଘନିଷ୍ଠ ସମ୍ପର୍କ ରହିଛି। ସିଙ୍ଗାପୁରରେ ବାସ କରୁଥିବା ଶିଖ, ହିନ୍ଦୁ, ମୁସଲମାନ ଆଦି ସମ୍ପ୍ରଦାୟର ଅନେକ ଲୋକ ସେତେବେଳେ ଇଣ୍ଡିଆନ୍ ନ୍ୟାଶନାଲ ଆର୍ମି (ଆଇଏନ୍‌ଏ)ରେ ସାମିଲ ହୋଇଥିଲେ।

## ଟ୍ରମ୍ପଙ୍କ ଘରେ ଏଫ୍‌ବିଆଇ



ୱାଶିଂଟନ୍, ୯।୮

ଆମେରିକାର ତଦନ୍ତକାରୀ ସଂସ୍ଥା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘରେ ସୋମବାର ଚଢ଼ାଉ କରିଛି। ଫ୍ଲୋରିଡାସ୍ଥିତ ପାମ୍ ବିଚ୍‌ରେ ଥିବା ତାଙ୍କ ବାସଭବନ ଏବଂ ମାର୍-ଏ-ଲାଗୋ କ୍ଲବ୍‌ରେ ଏଫ୍‌ବିଆଇ ବିନା ସୂଚନାରେ ଚଢ଼ାଉ କରିଥିବା ଟ୍ରମ୍ପ ଏକ ବିବୃତିରେ କହିଛନ୍ତି। ଏହା ଆମ ଦେଶ ପାଇଁ ଏକ କଳା ସମୟ। ଏଫ୍‌ବିଆଇ ଏଜେଣ୍ଟମାନେ ଘର ଏବଂ କ୍ଲବରେ ଚଢ଼ାଉ କରି ଜବତ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ହୋଇଥିବା କୌଣସି ବ୍ୟକ୍ତିଙ୍କ ଘରେ ଏପରି କେବେ ହୋଇ ନ ଥିଲା ବୋଲି ୭୬ ବର୍ଷୀୟ ଟ୍ରମ୍ପ କହିଛନ୍ତି। ୨୦୨୪ ପାଇଁ ସେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ତାଙ୍କୁ ଏଥିରୁ ବାଦ୍ ପକାଇବା ନିମନ୍ତେ ଏପରି କରାଯାଉଥିବା ଏହି ରିପବ୍ଲିକାନ୍ ପାର୍ଟି ନେତା ଅଭିଯୋଗ କରିଛନ୍ତି। ଏହି ଚଢ଼ାଉ ୨୦୨୧ ଜାନୁୟାରୀ ୬ କ୍ୟାପିଟୋଲ ହିଂସା ସହ ଜଡ଼ିତ ହୋଇଥାଇପାରେ ବୋଲି କୁହାଯାଉଛି।

## ଚାଇନାରେ ନୂଆ ଭୂତାଣୁ

### କିଡ୍‌ନୀ, ଲିଭରକୁ ଅକାମୀ କରୁଛି ଲାଙ୍ଗ୍ୟା ଭାଇରସ୍

ବେଜିଂ, ୯।୮



ଚାଇନାରେ ଶାନ୍‌ଡୋଙ୍ଗ୍ ଏବଂ ହେନାନ ପ୍ରଦେଶରେ ନୂଆ ଭୂତାଣୁ ସଂକ୍ରମଣ ଚିହ୍ନଟ ହୋଇଛି। ଏହାର ନାଁ ଲାଙ୍ଗ୍ୟା ହେନିପାଭାଇରସ୍ (ଲେଭି)। ଏଥିରେ ଅଦ୍ୟାବଧି ୩୫ ଜଣ ସଂକ୍ରମିତ ହୋଇଛନ୍ତି। ଏ ନେଇ ତାଇୱାନ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ (ସିଡିସି) ପକ୍ଷରୁ ସୂଚନା ଦିଆଯାଇଛି। ଲାଙ୍ଗ୍ୟା ଭୂତାଣୁ ସଂକ୍ରମଣ ଆଶଙ୍କା ଥିବାରୁ ତାଇୱାନ ଏହି ଭାଇରସ୍‌କୁ ଚିହ୍ନଟ ପାଇଁ ନ୍ୟୁକ୍ଲିକ ଏସିଡ୍ ଟେଷ୍ଟିଂ ଆରମ୍ଭ କରିଛି। ଲାଙ୍ଗ୍ୟା ଭାଇରସ୍ ଯୋଗୁ ଯକୃତ ଏବଂ କିଡ୍‌ନୀ ଅଧିକ ଭାବେ ପ୍ରଭାବିତ ହେବା ଏପରିକି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବାର ଆଶଙ୍କା ରହିଛି। ଏହା ପ୍ରାଣୀଙ୍କଠାରୁ ମଣିଷକୁ ସଂକ୍ରମିତ ହୋଇପାରିବ। ସେରୋଲଜିକାଲ ସର୍ଭେ ଅନୁସାରେ ଏ ଯାଏ ୨% ଛେଳି, ୫% କୁକୁର ଓ ଅନ୍ୟ ପ୍ରାଣୀ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ତେବେ ମଣିଷରୁ ମଣିଷକୁ ସଂକ୍ରମିତ ହେବା ମାମଲା ଚିହ୍ନଟ ହୋଇନାହିଁ। ଆକ୍ରାନ୍ତଙ୍କଠାରେ ଜ୍ୱର, ହାଲିଆ ଲାଗିବା, କଫ, ଭୋକ ମରିଯିବା, ମାଂସପେଶୀରେ ଯନ୍ତ୍ରଣା, ବାନ୍ତି, ମୁଣ୍ଡବିନ୍ଧା ଆଦି ଲକ୍ଷଣ ଦେଖାଯାଉଛି। ଏଥିସହ ସେମାନଙ୍କ ଶ୍ୱେତ ରକ୍ତ କଣିକା ଓ ପ୍ଲେଟଲେଟ୍ ହ୍ରାସ ପାଇବା ସହ ବୃକକ୍ ଏବଂ ଯକୃତ କାମ ନ କରିବା ଆଦି ସମସ୍ୟା ଉପୁଜୁଛି।

## ୭ରୁ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

ନୂଆଦିଲ୍ଲୀ,୯।୮ (ପି.ଟି.)

ଭୟ ଓ ଅସମାନତା ମୁକ୍ତ ରାଜନୀତି ଓ ଏକ ବିକଳ୍ପ ଶାସନ ଲାଗି ସେପ୍ଟେମ୍ବର ୭ରୁ କଂଗ୍ରେସ ଦଳ ଦେଶବ୍ୟାପୀ 'ଭାରତ ଯୋଡ଼ୋ ଯାତ୍ରା'ର ଆୟୋଜନ କରିବାକୁ ଯାଉଛି। କନ୍ୟାକୁମାରୀରୁ କଶ୍ମୀର ହେବାକୁ ଥିବା ଏହି ଯାତ୍ରାରେ ରାହୁଲ ଗାନ୍ଧୀଙ୍କ ସମେତ ଅନେକ କଂଗ୍ରେସ ନେତା ଓ କର୍ମୀ ସାମିଲ ହେବେ ବୋଲି ମଙ୍ଗଳବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ୩,୫୦୦ କିଲୋମିଟରର ଏହି ପଦଯାତ୍ରା ୧୨ଟି ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳ ଦେଇ ଯିବ ଓ ୧୫୦ ଦିନରେ ଶେଷ ହେବ। ଜନସାଧାରଣ ବହୁସଂଖ୍ୟାରେ ଉକ୍ତ ଯାତ୍ରାରେ ସାମିଲ ହେବାକୁ କଂଗ୍ରେସ ଆହ୍ୱାନ ଦେଇଛି।




ଜମ୍ମୁରେ ସ୍କୁଲ ଛାତ୍ରୀଛାତ୍ରମାନେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ମଙ୍ଗଳବାର ଆୟୋଜିତ ଏକ ରାଲିରେ ଜାତୀୟ ପତାକା ଉଡ଼ାଉଛନ୍ତି।

## ଅନ୍ତର୍ଜାତୀୟ ଯାତ୍ରୀଙ୍କ ବିବରଣୀ ସୀମା ଶୁଳ୍କ ବିଭାଗକୁ ଦେବେ ଏୟାରଲାଇନ୍ସ

ନୂଆଦିଲ୍ଲୀ,୯।୮ (ପି.ଟି.)

ବିମାନ ଉଡ଼ାଣର ୨୪ ଘଣ୍ଟା ପୂର୍ବରୁ ଅନ୍ତର୍ଜାତୀୟ ଯାତ୍ରୀମାନଙ୍କ ସବିଶେଷ ବିବରଣୀ ସୀମା ଶୁଳ୍କ ବିଭାଗକୁ ଦେବା ଲାଗି କେନ୍ଦ୍ର ସରକାର ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ଉଲ୍ଲଂଘନକାରୀଙ୍କୁ ଦେଶ ବାହାରକୁ ଯିବାରୁ ରୋକିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି। କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ସୋମବାର 'ଯାତ୍ରୀମାନଙ୍କ ନାମ ରେକର୍ଡ ସୂଚନା ନିୟମାବଳୀ, ୨୦୨୨' ଜାରି କରିଛି। ଆର୍ଥିକ ଓ ଅନ୍ୟାନ୍ୟ ଅପରାଧୀଙ୍କୁ ଦେଶ ଛାଡ଼ିବାକୁ ନ ଦେବା ଏବଂ ବେଆଇନ ବ୍ୟବସାୟ ଓ ଚୋରା ଚାଲାଣ ରୋକିବା ଲାଗି ସେମାନଙ୍କ ବ୍ୟକ୍ତିଗତ ବିବରଣୀର ଯାଞ୍ଚ କରାଯିବ। ଏଥିପାଇଁ ସିବିଆଇସି 'ନ୍ୟାଶନାଲ କଷ୍ଟମ୍ସ ଟାର୍ଗେଟିଂ ସେଣ୍ଟର-ପ୍ୟାସେଞ୍ଜର' ଗଠନ କରିଛି।

## ୬ ଗୁଣ ମୃତ୍ୟୁ ଆଶଙ୍କା ବଢ଼ାଇବ ରାତିର ତାତି

ନୂଆଦିଲ୍ଲୀ,୯।୮



ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ରାତି ବେଳା ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ସ୍ୱାଭାବିକ ନିଦ୍ରାରେ ବ୍ୟାଘାତ ଘଟୁଛି। ରାତି ତାପମାତ୍ରା ବୃଦ୍ଧି ଯୋଗୁ ଭବିଷ୍ୟତରେ ଲୋକଙ୍କ ମୃତ୍ୟୁ ଆଶଙ୍କା ୬ ଗୁଣ ବଢ଼ାପାରେ ବୋଲି ଏକ ନୂତନ ଅଧ୍ୟୟନରେ ସତର୍କ କରିଦିଆଯାଇଛି।

ଲାନସେଟ୍ ପ୍ଲାନେଟାରୀ ହେଲ୍‌ଥ ନାମକ ପୁସ୍ତକରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ଯେତେବେଳେ ଆପଣ ନିଦ୍ରା ଯାଆନ୍ତି, ସେତେବେଳେ ଆପଣଙ୍କ ଶରୀର ଓ ମାଂସପେଶୀର ମରାମତି ହୋଇଥାଏ ଓ ଏହା ସେଗୁଡ଼ିକର ବୃଦ୍ଧିରେ ସହାୟକ ହୁଏ। ନିଦ୍ରା ସମୟରେ ଆପଣଙ୍କ ଶରୀର ପ୍ରୋଟିନ୍ ପ୍ରସ୍ତୁତ କରେ ଓ ଏହା କୋଷଗୁଡ଼ିକର ନିର୍ମାଣ ଓ ମରାମତିରେ ସାହାଯ୍ୟ କରିଥାଏ। ତେବେ ଜଳବାୟୁ ପରିବର୍ତ୍ତନ ଯୋଗୁ ରାତ୍ର ସମୟର ତାପମାତ୍ରା ବଢ଼ିବା ଉଦ୍‌ବେଗର କାରଣ ହୋଇଛି। ଆଗାମୀ ବର୍ଷଗୁଡ଼ିକରେ ରାତି ଅତ୍ୟଧିକ ଉତ୍ତପ୍ତ ହେବାକୁ ଯାଉଛି। ଏହାର ପରିଣାମରେ ସାରା ବିଶ୍ୱରେ ମାନବ ମୃତ୍ୟୁ ହାର ଚଳିତ ଶତାବ୍ଦୀ ଶେଷ ବେଳକୁ ୬୦ ପ୍ରତିଶତ ବଢ଼ିବା ପୂର୍ବାନୁମାନ କରାଯାଇଛି। ଚାଇନା, ଦକ୍ଷିଣ କୋରିଆ, ଜାପାନ, ଜର୍ମାନୀ ଏବଂ ଆମେରିକାର ବୈଜ୍ଞାନିକମାନେ ଗବେଷଣାରୁ ଏହା ଜାଣିବାକୁ ପାଇଛନ୍ତି।

ରାତି ତାପମାତ୍ରା ବୃଦ୍ଧି ଯୋଗୁ କମ୍ ନିଦ ଶରୀରର ରୋଗ ପ୍ରତିରୋଧ ଶକ୍ତିକୁ ନଷ୍ଟ କରିଦେଇପାରେ। ଏଥିସହିତ ହୃଦ୍‌ରୋଗ, ଦୀର୍ଘମିଆଦୀ ରୋଗ, ପ୍ରଦାହ, ମାନସିକ ସ୍ୱାସ୍ଥ୍ୟାବସ୍ଥା ଉପରେ ଅଧିକ ବିପଦ ଦେଖାଦେବ ବୋଲି ଅଧ୍ୟୟନରେ କୁହାଯାଇଛି। ରାତି ଉତ୍ତାପ ବଢ଼ୁଥିବା ନେଇ ସତର୍କ କରାଗଲେ ମଧ୍ୟ ଏହାକୁ କ୍ରମାଗତ ଭାବେ ଅଣଦେଖା କରାଯାଉଥିବା ଅଧ୍ୟୟନର ଅନ୍ୟତମ ଲେଖକ ତଥା ଉତ୍ତର କାରୋଲିନା ୟୁନିଭର୍ସିଟିର ଜଳବାୟୁ ବୈଜ୍ଞାନିକ ୟୁକିଆଙ୍ଗ ଝାଙ୍ଗ୍ କହିଛନ୍ତି।

ଆକଳନ ଅନୁଯାୟୀ ୨୦୯୦ ସୁଦ୍ଧା ରାତି ତାପମାତ୍ରା ପାଖାପାଖି ୨ ଗୁଣ ହୋଇଯିବ। ପୂର୍ବ ଏସିଆର ୨୮ଟି ସହରରେ ଏହି ସମୟରେ ରାତି ତାପମାତ୍ରା ୨୦.୪ରୁ ବୃଦ୍ଧି ପାଇ ୩୯.୭ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିଯୋଗୁ ବିଭିନ୍ନ ରୋଗ ମଧ୍ୟ ଦେଖାଦେବ। ଜଳବାୟୁ ପରିବର୍ତ୍ତନ ଓ ମୃତ୍ୟୁ ହାର ଉପରେ ଏହାର ପ୍ରଭାବ ନେଇ ହୋଇଥିବା ପ୍ରଥମ ଅଧ୍ୟୟନରେ ଏହା କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୦୫,୬୮,୩୭୨ | ୬୪,୩୯,୪୯୬ | ୫୬,୨୩,୭୬,୬୮୧ |
| ଭାରତ | ୪,୪୧,୭୪,୬୫୦ | ୫,୨୬,୭୭୨ | ୪,୩୫,୧୬,୦୭୧ |
| ଓଡ଼ିଶା | ୧୩,୨୦,୦୧୪ | ୯୧୫୧(+୫୩) | ୧୩,୦୬,୨୪୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



**ଦେଶପ୍ରେମର ଝଲକ୍ ଦେଖାଇଲା ବିକାଶ ଗ୍ରୁପ୍** | ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ସାଙ୍ଗକୁ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଚାଲିଛି । ମଙ୍ଗଳବାର କ୍ରାନ୍ତି ଦିବସରରେ ବରଗଡ଼ର ବିକାଶ ଗ୍ରୁପ୍ ଏହାକୁ ନିଆରା ଢ଼ଙ୍ଗରେ ପାଳନ କରିଛି । ବିକାଶ ଗ୍ରୁପ୍‌ର ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ୧କି.ମି ଲମ୍ବର ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ବରଗଡ଼ ସହର ପରିକ୍ରମା କରିଛନ୍ତି ।

# ଲାଞ୍ଚ ନେଇ ସହକାରୀ କୃଷି ଅଧିକାରୀ ଗିରଫ

ବରଗଡ଼ ଅଫିସ/ପାଇକମାଲ,୯।୮

ବରଗଡ଼ ଜିଲା ପାଇକମାଲ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଚର୍ଦ୍ଧାପାଲି ପଞ୍ଚାୟତ ଅନ୍ତର୍ଗତ ଚଙ୍ଗରିଆ ଗ୍ରାମର ଲାଇସେନ୍ସପ୍ରାପ୍ତ ସାର ବ୍ୟବସାୟୀ ମିତ୍ରଭାନୁ ସାହୁଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା । ସହକାରୀ କୃଷି ଅଧିକାରୀ ମନ୍ତ୍ରୀଙ୍କଠାରୁ ରାସାୟନିକ ପ୍ରଲେପଦିଆ ହୋଇଥିବା ଦେଢ଼ଲକ୍ଷ ଟଙ୍କା ଜବତ ହୋଇଛି । ତାଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ.୨୮/୨୨) ରୁଜୁ କରିଛି । ଏହାସହିତ ତାଙ୍କୁ ଗିରଫ କରି ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି । ସେହିପରି ସହକାରୀ କୃଷି ଅଧିକାରୀ ମନ୍ତ୍ରୀଙ୍କ ପାଇକମାଲ ସ୍ଥିତ ଆବାସିକ ଗୃହ, ଭୁବନେଶ୍ୱର ଶୈଳଶ୍ରୀ ବିହାର ସ୍ଥିତ ଭଡ଼ାଘର ଏବଂ କଟକ ଜିଲା ତିରିରିଆ ଥାନା କୈଳକନ୍ୟା ସ୍ଥିତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା ।


ପ୍ରଣୟ କୁମାର ମନ୍ତ୍ରୀ

ପ୍ରକାଶ ଯେ, ଲାଇସେନ୍ସପ୍ରାପ୍ତ ସାର ବ୍ୟବସାୟୀ ମିତ୍ରଭାନୁ ଲଖମରାରେ ଏକ ସାର ଦୋକାନ ଦେଇଛନ୍ତି । ଗତ କିଛିଦିନ ତଳେ କୃଷି ବିଭାଗର ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା । ଚଢ଼ାଉ ପରେ ସହକାରୀ କୃଷି ଅଧିକାରୀ ମନ୍ତ୍ରୀ କୁଆଡ଼େ ଦେଢ଼ ଲକ୍ଷ ଟଙ୍କା ନ ଦେଲେ ତାଙ୍କ ଲାଇସେନ୍ସ ରଦ୍ଦ କରିଦେବେ ବୋଲି ମିତ୍ରଭାନୁଙ୍କୁ ଧମକ ଦେଇଆସୁଥିଲେ । ଏ ନେଇ ମିତ୍ରଭାନୁ ସୋମବାର ଭିଜିଲାନ୍ସକୁ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ଉକ୍ତ ମାମଲା ରୁଜୁ କରିବା ସହିତ ସହକାରୀ କୃଷି ଅଧିକାରୀ ମନ୍ତ୍ରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା । ଯୋଜନା ଅନୁଯାୟୀ, ପାଇକମାଲ ସ୍ଥିତ ଏକ ବାଇକ୍ ଶୋ ରୁମ୍ ନିକଟରେ ମିତ୍ରଭାନୁ ସହକାରୀ କୃଷି ଅଧିକାରୀ ମନ୍ତ୍ରୀଙ୍କୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ଦେଉଥିଲେ । ଲାଞ୍ଚ ଗ୍ରହଣ କରୁଥିବାବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା ।

# କୋଭିଡ ପାଇଁ ପରେଡ୍ ବନ୍ଦ

**ସ୍ୱାଧୀନତା ଦିବସ ସମାରୋହ**

■ ସ୍କୁଲ ଆସିବେନି ଛାତ୍ରୀଛାତ୍ର

ଭୁବନେଶ୍ୱର,୯।୮(ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ପରେଡ ହେବ ନାହିଁ । ରାଜ୍ୟରେ କୋଭିଡ ସଂକ୍ରମଣ ଜାରି ରହିଥିବାରୁ ମଙ୍ଗଳବାର ଅନୁଷ୍ଠିତ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । କୋଭିଡ ସଂକ୍ରମଣ ଜାରି ରହିଥିବାରୁ ରାଜ୍ୟ ସରକାର କୌଣସି ପ୍ରକାର ଜଳଗହଳି କରିବାକୁ ଚାହୁଁ ନାହାନ୍ତି । ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିନା ପରେଡରେ ଜାତୀୟ ପତାକା ଉତ୍ତୋଳନ ହେବ । ପରେଡ ନ ହେଲ ମଧ୍ୟ ଗାର୍ଡ ଅଫ ଅନର କାର୍ଯ୍ୟକ୍ରମ ହେବ । ସ୍ୱାଧୀନତା ଦିବସରେ ପୋଲିସ ବ୍ୟାଣ୍ଡ ସହ ଓଏସଏପି, ଓଡ୍ରାଫ, ବିଏସଏଫ, ଏସଏସ ବାଟାଲିୟନ ମଧ୍ୟ ଗାର୍ଡ ଅଫ ଅନର କାର୍ଯ୍ୟକ୍ରମରେ ଯୋଗ ଦେବେ । ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ବାଟାଲିୟନ ସଦସ୍ୟମାନଙ୍କର କୋଭିଡ ଟେଷ୍ଟ କରାଯିବା ସହ ସାମାଜିକ ଦୂରତ୍ୱ ବଜାୟ ରଖାଯିବ । ଯେଉଁ ଅଧିକାରୀମାନେ ପତାକା ଉତ୍ତୋଳନ ବେଳେ ଉପସ୍ଥିତ ରହିବେ ସେମାନଙ୍କର ମଧ୍ୟ କୋଭିଡ ଟେଷ୍ଟ ହେବ । ଅଫିସରମାନଙ୍କୁ ମାସ୍କ ଓ ହ୍ୟାଣ୍ଡଗ୍ଲୋବ ମଧ୍ୟ ପରିଧାନ କରିବାକୁ ପଡିବ ।

କୋଭିଡ ଯୋଗୁ ଗତ ଦୁଇବର୍ଷ ହେବ ବିନା ପରେଡରେ ପତାକା ଉତ୍ତୋଳନ କରାଯାଇ ଆସୁଛି । ଯଦିଓ ପୂର୍ବବର୍ଷ ଅପେକ୍ଷା ସଂକ୍ରମଣ ହ୍ରାସ ପାଇଛି ତଥାପି ଏହାର ଭୟାବହତା ଏବେ ସୁଦ୍ଧା ଦୂର ହୋଇ ନାହିଁ । ଚଳିତ ବର୍ଷ ମଧ୍ୟ ଛାତ୍ରୀଛାତ୍ରମାନେ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍ ଲାଇନ୍ ଜାରି ହୋଇଛି ।

# ଅଣଦେଖାରେ ରହିଗଲା ଓଡ଼ିଶାର ଦାବି

**ସଂସଦର ମୌସୁମୀ ଅଧିବେଶନ**

ନୂଆଦିଲ୍ଲୀ,୯।୮

ଜୁଲାଇ ୧୮ରୁ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ଧାର୍ଯ୍ୟ ଦିବସର ୪ଦିନ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୮ରେ ଶେଷ ହୋଇଛି । ହେଲେ ଏହି ଅଧିବେଶନ ଓଡ଼ିଶା ପାଇଁ ଫଳପ୍ରଦ ହୋଇପାରିଲା ନାହିଁ । ଓଡ଼ିଶାର ଦାବିଗୁଡ଼ିକ ଅଣଦେଖା ହୋଇ ରହିଗଲା । ଅଧିବେଶନରେ ଓଡ଼ିଶା ବିଧାନ ପରିଷଦ ଗଠନ ଏବଂ ମହିଳା ସଂରକ୍ଷଣ ବିଲ୍ ପାସ୍ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା । ଏପରି କି ଅଧିବେଶନ ପୂର୍ବରୁ ବସିଥିବା ସର୍ବଦଳୀୟ ବୈଠକରେ ବିଜେଡି ଉଭୟ ପ୍ରସଙ୍ଗକୁ ଉଠାଇ ଗୃହରେ ପାରିତ କରିବାକୁ ଦାବି କରିଥିଲା । ହେଲେ କୌଣସି ଗୋଟିଏ ବିଲ୍ ମଧ୍ୟ ଆଲୋଚନାକୁ ଆସିପାରିଲା ନାହିଁ।

ମୌସୁମୀ ଅଧିବେଶନରେ ରାଜ୍ୟ ସଭାରେ ୭ ଏବଂ ଲୋକ ସଭାରେ ୫ଟି ବିଲ୍ ଗୃହୀତ ହୋଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ସମସ୍ତ ବିଲ୍‌କୁ ବିଜେଡି ସମର୍ଥନ ଜଣାଇଥିଲା, ହେଲେ ବିଜେଡି ପକ୍ଷରୁ ଦାବି କରାଯାଇଥିବା ବିଧାନ ପରିଷଦ ଗଠନ ଏବଂ ମହିଳା ସଂରକ୍ଷଣ ବିଲ୍‌କୁ କେନ୍ଦ୍ର ସରକାର ଲୋକ ସଭାରେ ଉପସ୍ଥାପନ କରିପାରିଲେ ନାହିଁ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଅପବ୍ୟବହାର ଏବଂ ଦରଦାମ୍ ବୃଦ୍ଧି ପ୍ରସଙ୍ଗରେ ବିରୋଧୀ ଉଭୟ ଗୃହରେ ହଟ୍ଟଗୋଳ କରିବା କାରଣରୁ ଅଧିକାଂଶ ସମୟରେ ଗୃହ ମୁଲତବୀ ରହିଲା । ଫଳରେ ବହୁ ବିଲ୍ ଉପସ୍ଥାପିତ ହୋଇପାରିଲା ନାହିଁ । ଦରଦାମ ବୃଦ୍ଧି ସମ୍ପର୍କିତ ଆଲୋଚନା ସମୟରେ ବିଜେଡି ଏମ୍‌ପି କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ । ଏପରିକି ବିମୁଦ୍ରୀକରଣକୁ ନେଇ ମଧ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଥିଲା । ନଗଦ କାରବାରକୁ ହ୍ରାସ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରିଥିଲେ । ହେଲେ ଏବେ ୩୦ଲକ୍ଷ କୋଟିର ନଗଦ କାରବାର ଚାଲିଛି, ଯାହାକି ୨୦୧୬ ପୂର୍ବଠାରୁ ୨ଗୁଣ ବୋଲି ପୁରୀ ଏମ୍‌ପି ପିନାକୀ ମିଶ୍ର କହିଥିଲେ । ତୈଳ ଦର ବୃଦ୍ଧି ପ୍ରସଙ୍ଗରେ ମଧ୍ୟ ସରକାର ଚିନ୍ତା କରିବାକୁ ମିଶ୍ର କହିଥିଲେ । ସସ୍ମିତ ପାତ୍ର ମହିଳା ସଂରକ୍ଷଣ ବିଲ ପାସ୍ କରିବାକୁ ଦାବି କରିଥିଲେ । ଏମ୍‌ପି ଚନ୍ଦ୍ରଶେଖର ସାହୁ ଭୁବନେଶ୍ୱରରୁ ଶିରିଡି ଏବଂ ଡେରାଡୁନ୍‌କୁ ସିଧା ସଳଖ ବିମାନ ଚଳାଚଳ ଦାବି ଉଠାଇଥିବାବେଳେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଜନଶୁଣାଣି ସମୟରେ ଜନପ୍ରତିନିଧିମାନଙ୍କୁ ଭାଗ ନେବାକୁ ଅନୁମତି ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ଅପରପକ୍ଷରେ ଭାଜପା ଏମ୍‌ପି ସୁରେଶ ପୂଜାରୀ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଚାହିଁଥିଲେ । ଏମ୍‌ପି ବସନ୍ତ ପଣ୍ଡା ତାଙ୍କ ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗ ଉଠାଇବା ସହ ରାଜ୍ୟର ବହୁ ମନ୍ଦିରକୁ ସଂରକ୍ଷିତ ଐତିହ୍ୟ ତାଲିକାରେ ସ୍ଥାନିତ କରିବାକୁ ଦାବି କରିଥିଲେ ।




# ଇଡି ଅଧିକାରୀଙ୍କ ପଛରେ ପଶ୍ଚିମବଙ୍ଗ ପୋଲିସ

**ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ ମାମଲା**

■ ଗିରଫ ଅଭିଯୁକ୍ତ ଓକିଲଙ୍କ ହ୍ୱାଟ୍ସଆପ୍ ବାର୍ତ୍ତାଳାପରୁ ଜଣାପଡ଼ିଲା ଲିଙ୍କ୍

■ ୨୦୧୬ରୁ ୨୦୨୨ ଝାଡ଼ଖଣ୍ଡ ଇଡିରେ ଥିଲେ ସୁବୋଧ କୁମାର

ଭୁବନେଶ୍ୱର,୯।୮(ବ୍ୟୁରୋ)

ପଶ୍ଚିମବଙ୍ଗରେ ଏକ ଶପିଂ ମଲ୍‌ର ମାଲିକଙ୍କୁ ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ ମାମଲାରେ ଗିରଫ ହୋଇଥିବା ଝାଡ଼ଖଣ୍ଡ ରାଞ୍ଚିର ଜଣେ ଓକିଲଙ୍କ ସହ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଡେପୁଟି ଡାଇରେକ୍ଟର ସୁବୋଧ କୁମାରଙ୍କ ସମ୍ପର୍କକୁ ନେଇ ଆରମ୍ଭ ହୋଇଛି ତନାଘନା । ଏହି ମାମଲାରେ ସୁବୋଧଙ୍କୁ ଜେରା କରିବାକୁ ପଶ୍ଚିମବଙ୍ଗ ପୋଲିସ ଡିଟେକ୍ଟିଭ୍ ଡିପାର୍ଟମେଣ୍ଟର ଏକ ୨ଜଣିଆ ଟିମ୍ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଅନ୍ୟପକ୍ଷରେ ସୁବୋଧ ଗତ ଶୁକ୍ରବାରଠାରୁ ଛୁଟିରେ ଥିବା ସୂଚନା ମିଳିଛି । ତେଣୁ କୋଲ୍‌କାତା ପୋଲିସ ତାଙ୍କୁ ଜେରା କରିପାରି ନାହିଁ । ସେପଟେ ସୁବୋଧ କାର୍ଯ୍ୟରେ ଯୋଗ ଦେବା ପରେ ପଚରାଉଚରା ପାଇଁ ଆଉ ଏକ ତାରିଖ ଧାର୍ଯ୍ୟ କରିବାକୁ କୋଲ୍‌କାତା ପୋଲିସକୁ ଜଣାଇଥିବା କୁହାଯାଉଛି । ସୁବୋଧ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ରାଞ୍ଚିସ୍ଥିତ ଇଡି ଜୋନାଲ ଅଫିସ୍‌ର ଡେପୁଟି ଡାଇରେକ୍ଟର ଭାବେ ଦାୟିତ୍ୱରେ ଥିଲେ । ସେଠାରୁ ଭୁବନେଶ୍ୱରକୁ ସମାନ ପଦବୀରେ ବଦଳି ହୋଇଥିଲେ ।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ସେଣ୍ଟ୍ରାଲ କୋଲ୍‌କାତାରେ ଥିବା ଏକ ଶପିଂ ମଲ୍‌ର ମାଲିକ ଅମିତ ଅଗ୍ରୱାଲଙ୍କ ବିରୋଧରେ ଓକିଲ ରାଜୀବ କୁମାର ରାଞ୍ଚି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା(ପିଆଇଏଲ୍) ରୁଜୁ କରିଥିଲେ । ଉକ୍ତ ପିଆଇଏଲ୍‌ରୁ ଅମିତଙ୍କ ନାମ ହଟାଇବାକୁ ରାଜୀବ ତାଙ୍କୁ ବ୍ଲାକ୍‌ମେଲ କରି ୧୦ କୋଟି ଟଙ୍କା ଦାବି କରିଥିଲେ । ପରେ ଏହି ଡିଲ୍ ୧କୋଟିରେ ଛିଡ଼ିଥିଲା । ତେବେ ଅଗଷ୍ଟ ୧ରେ ରାଜୀବ ଉକ୍ତ ଶପିଂ ମଲ୍‌ର ମାଲିକ ଅମିତଙ୍କଠାରୁ ଅଗ୍ରୀମ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଉଥିବାବେଳେ କୋଲ୍‌କାତା ପୋଲିସ ଡିଟେକ୍ଟିଭ୍ ଡିପାର୍ଟମେଣ୍ଟର ଏକ ଟିମ୍ ତାଙ୍କୁ ଗିରଫ କରିଥିଲା । ଏହାପରେ ଅଭିଯୁକ୍ତ ରାଜୀବଙ୍କ ରାଞ୍ଚିସ୍ଥିତ ବାସଭବନରେ ପୋଲିସ ଟିମ୍ ଚଢ଼ାଉ କରି ବିଭିନ୍ନ ଦସ୍ତାବିଜ୍ ଜବତ କରିଥିଲା । ରାଜୀବ ଏକାଧିକ ବ୍ୟକ୍ତିଙ୍କ ବିରୋଧରେ କୋର୍ଟରେ ପିଆଇଏଲ୍ ରୁଜୁ କରିବା ପରେ ବ୍ଲାକମେଲ୍ କରି ଟଙ୍କା ଆଦାୟ କରିଥିବା ଉକ୍ତ ଦସ୍ତାବିଜ୍‌ରୁ ଜଣାପଡ଼ିଥିଲା । ସେହିପରି ରାଜୀବଙ୍କ ହ୍ୱାଟ୍ସଆପ୍ ଯାଞ୍ଚ ସମୟରେ ସେ ଅନେକ ଥର ଇଡି ଅଧିକାରୀ ସୁବୋଧଙ୍କ ସହ କଥା ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା । ଏହାପରେ ଉକ୍ତ ମାମଲାରେ ସୁବୋଧଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରି ତାଙ୍କୁ ପଚରାଉଚରା ପାଇଁ ପଶ୍ଚିମବଙ୍ଗ ପୋଲିସ ନୋଟିସ୍ ଜାରି କରିଥିଲା ।




# ୫ କି.ମି ଭାସିବା ପରେ ଯୁବକ ଉଦ୍ଧାର

**ଋଷିକୁଲ୍ୟାର ପ୍ରଖର ସ୍ରୋତରେ ସାହାହେଲା କାଠଗଣ୍ଡି**


ଦମକଳ କର୍ମଚାରୀମାନେ ଯୁବକଙ୍କୁ ପାଣିରୁ ଉଦ୍ଧାର କରିଛନ୍ତି ।

ପୁରୁଷୋତ୍ତମପୁର,୯।୮(ଡି.ଏନ.ଏ.)

କଥାରେ ଅଛି ଭାସିଯାଉଥିବା ଲୋକଙ୍କୁ କୁଟା ଖିଅ ବି ଭରସା । ଠିକ୍ ସେହିପରି ଘଟଣା ଦେଖିବାକୁ ମିଳିଛି ଋଷିକୁଲ୍ୟା ନଦୀରେ ଭାସିଯାଉଥିବା ଜଣେ ଯୁବକଙ୍କ କ୍ଷେତ୍ରରେ । ପାଣିର ପ୍ରଖର ସ୍ରୋତରେ ଭାସିଯାଉଥିବା ଜଣେ ଯୁବକଙ୍କୁ ସହାୟ ହୋଇଛି ଗୋଟିଏ କାଠଗଣ୍ଡି । ସେହି କାଠଗଣ୍ଡି ସାହାଯ୍ୟରେ ୫ କିମି ଭାସି ଭାସି ଯିବାପରେ ଉଦ୍ଧାର ହୋଇଛନ୍ତି ଯୁବକ । ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇଛି ଜୀବନ ।

ପ୍ରକାଶ ଯେ, ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଜଳେଶ୍ୱରଖଣ୍ଡି ଗ୍ରାମର ସନ୍ତୋଷ ଦାସ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇଥିଲେ । ଗୋଡ ଖସିଯିବାରୁ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିଲେ । ପାଖରେ ଥିବା ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପାରିନଥିଲେ । ଏହି ବିପଦ ସମୟରେ ସାହା ହୋଇଥିଲା ନଦୀରେ ଭାସିଯାଉଥିବା ଏକ କାଠଗଣ୍ଡି । ସନ୍ତୋଷ ଉକ୍ତ କାଠ ଗଣ୍ଡିକୁ ସାହାରା କରି ପ୍ରାୟ ୫ କିମି ଭାସିଯାଇଥିଲେ । ଲୋକେ ଦମକଳବାହିନୀକୁ ଖବର ଦେବାପରେ ଦମକଳ ବାହିନୀ ଅଧିକାରୀ ଉମାଚରଣ ଭଙ୍ଗମିଶ୍ର ସଦଳବଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୀର୍ଘ ପାଞ୍ଚ କିଲୋମିଟର ଦୂର ଖାଜିପଲ୍ଲୀ ଗ୍ରାମ ନିକଟରୁ ସନ୍ତୋଷଙ୍କୁ ଉଦ୍ଧାର କରାଯାଇଥିଲା । ପରେ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ବିଡିଓ ବିଜୟ କୁମାର ବେହେରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ।

**ଆଜିର ମନ୍ତବ୍ୟ**

“ଭାଜପା ଦେଶର ଗଣତାନ୍ତ୍ରିକ ସଂସ୍ଥା ଏବଂ ସମ୍ବିଧାନକୁ ଦୁର୍ବଳ କରିବାରେ ଲାଗିଛି। ଏହି ଦଳ ଅଧିକ ଶକ୍ତିଶାଳୀ ହେଲେ ଲୋକେ ଆଗକୁ ସେମାନଙ୍କ ମତଦାନ ଅଧିକାର ମଧ୍ୟ ହରାଇପାରନ୍ତି।

– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ଗୁନ୍‌ଗୁନ୍
ପରିବାରବର୍ଗ


ମୁବସ୍ୱର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ କୋଇଲି ଏକ ବର୍ଣ୍ଣ**
**ରା ବେଳେ ଭିନ୍ନ ଭିନ୍ନ।**

କାଉ ଓ କୋଇଲି ଉଭୟେ ଦେଖିବାକୁ ଏକା ଭଳି। ହେଲେ ତାଙ୍କ ସ୍ୱର ବା ରାବର ଭିନ୍ନତା ହିଁ ଦୁହିଁଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ଆଣିଦେଇଥାଏ। ପରୋକ୍ଷରେ ବ୍ୟକ୍ତି ନିଜ ରୂପ ପାଇଁ ନୁହେଁ ଗୁଣ ପାଇଁ ନିନ୍ଦିତ ବା ପ୍ରଶଂସିତ ହୋଇଥାଏ। ରୂପଠାରୁ ଗୁଣ ଶ୍ରେଷ୍ଠତା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଳ ବୁଡ଼େଇ ଘର ବୁଡ଼େଇ**
**ଦୁହେଁ ଅଟନ୍ତି ଦେଢ଼ ଅଢ଼େଇ।**

କୁଳ ବା ବଂଶକୁ ଆଗକୁ ବଢେଇନେବା ପାଇଁ ସନ୍ତାନର ଆବଶ୍ୟକତା ରହିଥାଏ। ପରନ୍ତୁ ସନ୍ତାନହୀନା ନାରୀ ଏ କ୍ଷେତ୍ରରେ ପ୍ରତିବନ୍ଧକ ସାଜିଥାନ୍ତି। ସେହିପରି କିଛି ନାରୀଙ୍କ କୁପ୍ରରୋଚନା ବା କୁମନ୍ତ୍ରଣାରେ ପଡ଼ି ଅନେକ ଘର ଭାଙ୍ଗିଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ସନ୍ତାନହୀନ ତଥା ପରଘର ଭାଙ୍ଗୁଥିବା ନାରୀ ଉଭୟେ ଅଳ୍ପ ବହୁତେ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


## classifieds Everyday 0674-2580101, 2549302



### BRIDE WANTED

Suitable bride require for brahmin groom for details contact: 7978409094. D-73714

### GROOM WANTED

43 ବୟସ୍କା ମହିଳା, Govt. Teacher ଭାବରେ କାର୍ଯ୍ୟରତ। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8984872337. D-1208

୪୫ ବୟସ୍କା Widow Govt. Lecturer ଥିବା ଖଣ୍ଡାୟତ ଜାତିର ମହିଳାଙ୍କୁ anycaste Married/Unmarried ବରପାତ୍ର ଆବଶ୍ୟକ। 6371085658. D-1210

ଭୁବନେଶ୍ୱରସ୍ଥିତ ଅବିବାହିତା 43 ବୟସ୍କା, School Teacher ଭାବେ କାର୍ଯ୍ୟରତ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 7326057574. D-1203

୫୧/୫'୪'', ସରକାରୀ ଚାକିରିରେ କାର୍ଯ୍ୟରତ ମହିଳା ମାସିକ-୯୦,୦୦୦/- ଙ୍କ ପାଇଁ ବରପାତ୍ର ଆବଶ୍ୟକ। ବିଧୁର/ଛାଡ଼ପତ୍ରପ୍ରାପ୍ତ/ଅବିବାହିତ /ଘରଜ୍ୱାଇଁ/ ପିଲାଛୁଆ ଥିବା ସମସ୍ତେ ଗ୍ରହଣୀୟ। ୯୬୫୪୩୭୬୬୬୭. ଧ-୧୨୧୧

ବୟସ 38, Govt. Job କରୁଥିବା ସୁନ୍ଦରୀ Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 8658194237. D-73712

Age-42, Unmarried Govt. Schoolରେ Clerk ଥିବା କରଣ ଜାତିର ଝିଅଙ୍କ ପାଇଁ anycaste Married/ Unmarried ବରପାତ୍ର ଆବଶ୍ୟକ। 6371049105. D-1209



### HIRE

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944



### SALE

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

Land for sale at backside of AMRI Hospital. Contact: 9937780587. D-59897

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

Commercial shop sale, oppisite-ISKON, Nayapalli, Bhubaneswar. (NH-16 side). 7008425783, 8249620371. D-73853

**One Multi Snacks A/C Showroom with running condition sale with all infra and stocks, Kalinga Vihar, Bhubaneswar. 7894022662 (*Approx- 9lakhs).** D-1226

Email ମାଧ୍ୟମରେ କ୍ଲାସିଫାଏଡରୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116



All type body massage by Expert Therapist, Room service available. 8917243035. D-73631

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open full body massage, ladies and gents. 7846923244. D-73948

Newly open SPA positively health benefit with expert. Contact: 7749976301. D-73854

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73949

Newly open full body massage 1099 free massage one. Mo: 9583808247. D-1164

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅବପାତ ରୂପ ନେଲା ଲଘୁଚାପ

## ୧୨ ଘଣ୍ଟା ଅତି ପ୍ରବଳ ବର୍ଷା

- ବଢ଼ୁଛି ମହାନଦୀ, ବଂଶଧାରା, ଜଳକା
- ବନ୍ୟା ପରିସ୍ଥିତି ନାହିଁ:ଏସଆରସି

ଭୁବନେଶ୍ୱର,୯।୮(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ଅବପାତ (ଡିପ୍ରେସନ)ରେ ପରିଣତ ହୋଇଛି। ଏହା ଓଡ଼ିଶା ଉପକୂଳ ୨୦.୮ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୫.୬ ଡିଗ୍ରୀ ପୂର୍ବ ଦ୍ରାଘିମା ନିକଟରେ ଭୁବନେଶ୍ୱରଠାରୁ ଉତ୍ତର-ଉତ୍ତର ପଶ୍ଚିମ ଦିଗରେ କେନ୍ଦ୍ରୀଭୂତ ହୋଇଛି। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଦୁର୍ବଳ ହେବା ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏଥିଯୋଗୁ ଆସନ୍ତା ୧୨ ଘଣ୍ଟା ରାଜ୍ୟର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ରେଡ୍‌ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି।

ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ାରେ ସର୍ବାଧିକ ୧୬୧ ମି.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଭାପୁରରେ ୧୬୦.୨, ଛତ୍ରପୁରରେ ୧୪୨.୨ ଓ ନୂଆଗଡ଼ରେ ୧୪୧.୨, ସାନଖେମୁଣ୍ଡିରେ ୧୩୬, ଗଞ୍ଜାମରେ ୧୨୮, ରାୟଗଡ଼ାରେ ୧୧୨, କଟକର ବାଙ୍କୀରେ ୧୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ମଧ୍ୟ ୭୬ ମିଲିମିଟର ବର୍ଷା ହୋଇଥିବା ବେଳେ ବଲାଙ୍ଗୀରରେ ୫୦.୬, ନୂଆପଡାରେ ୫୦, କଳାହାଣ୍ଡିରେ ୬୬ ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ୮ଟି ସ୍ଥାନରେ ଅତିପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ୪୪ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି।

ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟା ପ୍ରତି ୪୫ରୁ ୫୫ କି.ମି. ବେଗରେ ପବନ ବହୁଛି। ବେଳେବେଳେ ଏହା ୬୫ କି.ମି.କୁ ମଧ୍ୟ ବଢ଼ିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୧ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହିତ ରାଜ୍ୟର ସମସ୍ତ ବନ୍ଦରରେ ମଧ୍ୟ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ତେବେ ବର୍ଷା ଯୋଗୁ ମହାନଦୀର ନରାଜ, ବଂଶଧାରା ନଦୀର କାଶୀନଗର, ଜଳକାର ମଥାନୀଠାରେ ବନ୍ୟାଜଳ ବୃଦ୍ଧି ପାଉଛି। ତେବେ ଏ ସମସ୍ତ ନଦୀର ବହୁତଳେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ବନ୍ୟାର ସମ୍ଭାବନା ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

# ୩୫ଲକ୍ଷର ଚୋରି ପାଣି ପାଇପ୍ କଲିକତାରୁ ଜବତ


ଗିରଫ ଅଭିଯୁକ୍ତମାନେ

- ସମ୍ବଲପୁରରୁ ୨୮ ଅଭିଯୁକ୍ତ ଗିରଫ
- ୩ ଟ୍ରକ୍, ବୋଲେରୋ, ଦେଶୀ ପିସ୍ତଲ ଜବତ

ସମ୍ବଲପୁର,୯।୮(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ଆମଲିପାଣି ଛକ ନିକଟ ଏକ ଘରୋଇ କମ୍ପାନୀର ଚୋରି ହୋଇଥିବା ପ୍ରାୟ ୩୫ ଲକ୍ଷ ଟଙ୍କାର ପାଣି ପାଇପ୍ ପଶ୍ଚିମବଙ୍ଗ କଲିକତାରୁ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୨୮ ଅଭିଯୁକ୍ତଙ୍କୁ ପୋଲିସ ସମ୍ବଲପୁରରୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବାଙ୍କୀ ତୁଳସୀପୁରର ରାଜୁ ନାଏକ, ବିଜୁ ନାଏକ, ବର୍ଣ୍ଣି ନାଏକ, ରାଜେଶ କୁମାର ନାୟକ, ରଞ୍ଜିତ ଭୋଇ, ହରି ଦେହୁରି, ବିଘ୍ନେଶ୍ୱର ଦାଶ, ସଂଗ୍ରାମ ବାରିକ, ରମେଶ ଚନ୍ଦ୍ର ପରିଡ଼ା, ବାସୁଦେବ ନାଏକ, ହେମନ୍ତ ପୁଷ୍ଟି, ବିଶ୍ୱଭୂଷଣ ମହାପାତ୍ର, ବିକାଶ କୁମାର ନାଏକ, ରାକେଶ ମହାପାତ୍ର, ଧର୍ମାନନ୍ଦ ସାହୁ, କିଶୋର କୁମାର ପୃଷ୍ଟି, ଧୀରେନ୍ଦ୍ର ନାଏକ, ବିଜୟ ବାରିକ, ରୁଚିକା ଭୋଇ, ଅମୂଲ୍ୟ ନାଏକ, ଡ୍ରାଇଭର ପୂର୍ଣ୍ଣଚନ୍ଦ୍ର ବେହେରା, ଉତ୍ତର ପ୍ରଦେଶ ଲାଲଗଞ୍ଜର ସୁରଜ ସିଂହ, ବାରଦାର ସଞ୍ଜୟ ଯାଦବ, ବାରଦା ଶଙ୍କରପୁରର ଅନିରୁଦ୍ଧ ଯାଦବ, ସିଦ୍ଧାର୍ଥ ନଗରର ଦିଲୀପ କୁମାର ପଣ୍ଡନ ଓ ଯୋନପୁରର ରାମଶଙ୍କର ମୌର୍ଯ୍ୟ। ଅନ୍ୟ ୨ ଗିରଫ ଅଭିଯୁକ୍ତ ହେଲେ ଚୋରି ପାଇପ କିଣିଥିବା ପଶ୍ଚିମବଙ୍ଗର ହାଓଡ଼ା ଜିଲା ପେଲୁର ଥାନା ଅନ୍ତର୍ଗତ ଫୋରମପ୍ରବେଶ ନିବାସୀ ମୟଙ୍କ ମିଓଲ ଓ ମହିପ ମିଓଲ। ଘଟଣାରେ ଫେରାର ଥିବା ଅନ୍ୟ ୨ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର ସୂଚନା ଦେଇଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୩ଟି ଟ୍ରକ୍, ଗୋଟିଏ ବୋଲେରୋ, ଗୋଟିଏ ଦେଶୀ ପିସ୍ତଲ, ୧୦ ଖଣ୍ଡ ପାଇପ୍, ନଗଦ ୪୦ ହଜାର ଟଙ୍କା ଓ ୭ଟି ମୋବାଇଲ ଜବତ କରିଛି।

ଏସ୍‌ଡିପିଓ ମେହେର କହିଥିଲେ, ଚୋରି ଘଟଣାର ମାଷ୍ଟର ମାଇଣ୍ଡ ହେଉଛନ୍ତି କଟକ ଜିଲା ବାଙ୍କୀ ଅଞ୍ଚଳର ରାଜକିଶୋର ନାଏକ ଓରଫ ରାଜୁ। ଯୁଯୁମୁରାରେ କାମ ପାଇଁ ରାସ୍ତାକଡରେ ରଖାଯାଇଥିବା ପାଇପ୍ ଚୋରି କରିବା ପାଇଁ ରାଜୁ ଯୋଜନା କରିଥିଲେ। ୩ଦିନ ପୂର୍ବରୁ ରାଜୁ ଓ ତାଙ୍କ ଅନ୍ୟ ୨ ସହଯୋଗୀ ସମ୍ବଲପୁର ଅଭିମୁଖେ ଆସିଥିଲେ। ସେମାନେ ଯୁଯୁମୁରା ନିକଟ ଏକ ଢାବାରେ ଚୋରି କରିବା ପାଇଁ ଯୋଜନା କରିଥିଲେ। ଜୁଲାଇ ୧୪ ତାରିଖ ରାତିରେ ବାଙ୍କୀ ଅଞ୍ଚଳରୁ ୧୯ ଜଣ ଅଭିଯୁକ୍ତ ଏକ ପିକ୍‌ଅପ୍‌ରେ ରେଢାଖୋଲ ଅଞ୍ଚଳକୁ ଆସିଥିଲେ। ୧୫ତାରିଖରେ ଯୁଯୁମୁରାରେ ରହି ରାତିରେ ଚୋରି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୫୫୦ ଖଣ୍ଡ ପାଣି ପାଇପ୍ ଚୋରି ହୋଇଥିବା ନେଇ ଠିକା ସଂସ୍ଥାର ପରିଚାଳକ ଏମ୍ ସିଦ୍ଧେଶ୍ୱରନ ଯୁଯୁମୁରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୦୫/୨୨) ରୁଜୁ କରିଥିଲା। ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶକ୍ରମେ ଯୁଯୁମୁରା ଥାନାଧିକାରୀ ରାଜକୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା।

**ପ୍ରଥମ ପୃଷ୍ଠାରୁ...**

## ବର୍ଷକରେ ୨୬ ଲକ୍ଷ...

ମୋଦିଙ୍କ ଶେୟାରକୁ ସେ ଦାନ କରିଦେଇଥିବାରୁ ଏବେ ତାଙ୍କର କୌଣସି ସ୍ଥାବର ସମ୍ପତ୍ତି ନାହିଁ। ୨୦୦୪ରେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ଅନ୍ୟ ୩ ଜଣଙ୍କ ସହ ମିଶି ଗାନ୍ଧୀନଗରରେ ଉକ୍ତ ଜମି କିଣିଥିଲେ। ଏହା ବ୍ୟତୀତ କୌଣସି ବଣ୍ଡ, ଶେୟାର କିମ୍ବା ମ୍ୟୁଚୁଆଲ ଫଣ୍ଡରେ ସେ ନିବେଶ କରିନାହାନ୍ତି। ତାଙ୍କର କୌଣସି ଗାଡ଼ି ନାହିଁ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅସ୍ଥାବର ସମ୍ପତ୍ତି ୨.୫୪ କୋଟି ହୋଇଥିବାବେଳେ ସ୍ଥାବର ସମ୍ପତ୍ତି ପରିମାଣ ୨.୯୭ କୋଟି ଟଙ୍କା ବୋଲି ଦର୍ଶାଯାଇଛି।

## ଯୁକ୍ତ୩ ନାମଲେଖା...

ସୂଚନାନୁଯାୟୀ, ରାଜ୍ୟରେ ମୋଟ ୧,୦୨୫ଟି ଡିଗ୍ରୀ କଲେଜ ରହିଛି। ସେଥିରେ ମୋଟ୍ ସିଟ୍ ସଂଖ୍ୟା ୨ଲକ୍ଷ ୪୯ହଜାର ୪୫୩। ସେଥିରୁ କଳାରେ ୧,୩୯,୭୯୩ ସିଟ୍ ଥିବାବେଳେ ଫିଜିକାଲ ସାଇନ୍ସ (ପିସିଏମ୍)ରେ ୪୨,୦୧୫, ବାୟୋଲୋଜିକାଲ ସାଇନ୍ସ (ସିବିଜେଡ୍)ରେ ୨୬,୬୦୪, ବାଣିଜ୍ୟରେ ୩୦,୬୭୫, ସେଲ୍ଫ ଫାଇନାନ୍ସରେ ୧,୬୬୬ ଏବଂ ସଂସ୍କୃତରେ ୮,୭୦୦ ସିଟ୍ ରହିଛି। ତେବେ ଏଥର ଯୁକ୍ତ୨ କଳାରେ ୧,୭୧,୨୮୮, ବିଜ୍ଞାନରେ ୭୨,୧୦୬, ବାଣିଜ୍ୟରେ ୨୧,୧୬୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨,୦୦୯ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ମୋଟ ୨,୬୬,୫୬୮ ଛାତ୍ରୀଛାତ୍ର ଯୁକ୍ତ୨ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେପଟେ ସିବିଏସ୍‌ଇ ଏବଂ ଆଇଏସ୍‌ସିଇ ପିଲା ମଧ୍ୟ ରହିଛନ୍ତି। ତେଣୁ ଏଥର ଯୁକ୍ତ୨ ପାଇଁ ପ୍ରାୟ ୨ଲକ୍ଷ ୭୦ହଜାର ପିଲା ଆବେଦନ କରିପାରନ୍ତି ବୋଲି ଅନୁମାନ କରାଯାଉଛି।

ପୂର୍ବରୁ ଯୁକ୍ତ୨ ପରେ ଅନେକ ଛାତ୍ରୀଛାତ୍ର ଇଞ୍ଜିନିୟରିଂ, ଡିପ୍ଲୋମା ଆଦି ବିଭିନ୍ନ ବୈଷୟିକ ଶିକ୍ଷାରେ ନାମଲେଖାଉଥିବାରୁ ଯୁକ୍ତ୩ ବା ଡିଗ୍ରୀ କଲେଜରେ ସିଟ୍ ଖାଲି ପଡୁଥିଲା। ମାତ୍ର ଗତ ଦୁଇବର୍ଷ ହେବ ପାସ୍ ହାର ଅଧିକ ରହୁଥିବାରୁ ଯୁକ୍ତ୩ରେ ମଧ୍ୟ ନାମଲେଖା ସଂଖ୍ୟା ବୃଦ୍ଧି ପାଇଛି। ସେହିପରି ଗତ ୫ବର୍ଷ ହେବ ରାଜ୍ୟରେ ଘରୋଇ ଇଞ୍ଜିନିୟରିଂ କଲେଜରେ ନାମଲେଖା ୮୦% କମ୍ ରହିଛି। ସରକାରୀ ଇଞ୍ଜିନିୟରିଂ କଲେଜରେ ସିଟ୍ ସଂଖ୍ୟା ପ୍ରାୟ ୧୦ହଜାର ମଧ୍ୟରେ ରହିଛି। ଏହାସତ୍ତ୍ୱେ କେବଳ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତି ପିଲାଙ୍କ ଆଗ୍ରହ ବୃଦ୍ଧି ପାଇଛି। ଫଳରେ ଯେଉଁ ପିଲା ସରକାରୀ ଇଞ୍ଜିନିୟରିଂ କଲେଜରେ ସିଟ୍ ପାଇବାରୁ ବଞ୍ଚିତ ହେଉଛନ୍ତି, ସେମାନେ ଯୁକ୍ତ୩ରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଏସବୁ ଦିଗକୁ ଦେଖିଲେ ଯୁକ୍ତ୩ରେ ସିଟ୍ ଅଭାବ ପଡ଼ିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଶିକ୍ଷାବିତ୍ ଗୋଲକ ନାୟକ କହିଛନ୍ତି, ଏଥର ପାସ୍ ହାର ଯେହେତୁ ଅଧିକ ରହିଛି, ତେଣୁ ସମସ୍ୟା ଦେଖାଦେବ। ଆଗକୁ ପିଲାଙ୍କ ଆବେଦନକୁ ଦେଖି ଉଚ୍ଚଶିକ୍ଷା ବିଭାଗ କିଛି ନିର୍ଦ୍ଦିଷ୍ଟ କଲେଜରେ ସିଟ୍ ସଂଖ୍ୟା ବଢ଼ାଇପାରେ। ତେବେ ତାହା କେବଳ ଗୋଟିଏ ବର୍ଷ ପାଇଁ ଲାଗୁ ହେବ। ତେଣୁ ଯୁକ୍ତ୩ ନାମଲେଖାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଆଶା କରୁଛି।

ସୂଚନାଯୋଗ୍ୟ, ରାଜ୍ୟର ୮ଟି ଜିଲାରେ ସର୍ବାଧିକ ୫୦ରୁ ଅଧିକ ଡିଗ୍ରୀ କଲେଜ ରହିଛି। ସେଥିମଧ୍ୟରୁ ବାଲେଶ୍ୱରରେ ୭୨ଟି ଡିଗ୍ରୀ କଲେଜ ଥିବାବେଳେ ଜିଲାରେ ମୋଟ୍ ସିଟ୍ ସଂଖ୍ୟା ୧୪,୪୩୬। ସେହିପରି କଟକରେ ୬୭ କଲେଜରେ ୨୦,୪୫୬, ଗଞ୍ଜାମରେ ୬୪ କଲେଜରେ ୨୧,୦୭୨, ଯାଜପୁରରେ ୬୧ କଲେଜରେ ୧୪,୪୬୨, କେନ୍ଦ୍ରାପଡ଼ାରେ ୫୪ କଲେଜରେ ୧୧,୪୦୮, ଖୋର୍ଦ୍ଧାରେ ୬୮ କଲେଜରେ ୧୯,୬୫୩, ମୟୂରଭଞ୍ଜରେ ୬୦ କଲେଜରେ ୧୪,୩୮୪ ଏବଂ ପୁରୀରେ ୫୪ କଲେଜରେ ୧୪,୩୨୦ ସିଟ୍ ରହିଛି। ଚଳିତବର୍ଷ ସିଟ୍ ସଂଖ୍ୟା ଠାରୁ ପିଲାଙ୍କ ସଂଖ୍ୟା ବଢ଼ିଯିବା ସମ୍ଭାବନା ରହିଛି। ତେଣୁ କଳାରେ ୨୦% ଓ ବିଜ୍ଞାନରେ ପ୍ରାୟ ୧୫% ସିଟ୍ ବୃଦ୍ଧି କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଏ ନେଇ ଅଦ୍ୟାବଧି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। କାଳେ ଦେବାକୁ ପଡ଼ିବ, ଏହି ଚିନ୍ତାରେ ସମ୍ପର୍କୀୟ ପାଖ ମାଡ଼ିବେ ନାହିଁ। ଗୁରୁଜନଙ୍କ ପରାମର୍ଶ କ୍ରମେ କାମ କଲେ ସମସ୍ୟାର ସରଳ ସମାଧାନ ହେବାର ସମ୍ଭାବନା ରହିଛି ।

**ବୃଷ**

ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ । ସାମାଜିକ ସ୍ତରରେ ସମ୍ମାନ ପାଇବେ କିନ୍ତୁ ଅନ୍ୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି । କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ । ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।

**ମିଥୁନ**

ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ସମସ୍ୟାକୁ ବଢ଼ାଇ ଦେଇ ପାରନ୍ତି । ସମସ୍ୟା ଆସିଲେ ମଧ୍ୟ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ। ପୁରାତନ ରୋଗର ପୀଡ଼ା ସାମୟିକ ମନକୁ ବିଷାଦିତ କରିବ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନିଅନ୍ତୁ।

**କର୍କଟ**

ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ,ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ । ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ**

ଆଜି ଇଚ୍ଛା ନ ଥାଇ ମଧ୍ୟ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**

ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। । ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବ। ଯାନ୍ତ୍ରିକ ଜିନିଷ କ୍ରୟ, ବିକ୍ରୟ କିମ୍ବା ପରିବହନରେ ଝଗଡ଼ା ଲାଗିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଖୁସି ରହିବ।

**ତୁଳା**

କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ମନ ଭଲ ନ ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେବେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ବିଛା**

ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରା ମନକୁ ଆହ୍ଲାଦିତ କରିବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ କୌଣସି ଜିନିଷ ହଜାଇଦେଇ ପାରନ୍ତି। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**

ପ୍ରତ୍ୟେକ କ୍ଷେତ୍ରରେ ଭଲ ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି।

**ମକର**

କୌଣସି ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ଥଗିତ ରହିଥିବା ନିର୍ମାଣ କାର୍ଯ୍ୟରେ ଉନ୍ନତି ପରିଲକ୍ଷିତ ହେବ। କେତେକ କ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**

କେତେକ କ୍ଷେତ୍ରରେ ନିଜକୁ ନ୍ୟୂନ ମନେ କରିପାରନ୍ତି। ଶତଭିଷା ନକ୍ଷତ୍ର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଅସଂଗତି ଲକ୍ଷ୍ୟକଲେ ମଧ୍ୟ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବାର ଆଶା କରାଯାଇପାରେ।

**ମୀନ**

କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଚାପରେ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ । ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରି କଟୁ କଥା କହିବାକୁ ପଛାଇବେ ନାହିଁ।

## ମୋଦିଙ୍କୁ ଛାଡ଼ିଲେ...

ସମର୍ଥନପତ୍ର ପ୍ରଦାନ କରିଛନ୍ତି। ଏଥିସହ ନୂଆ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ୨୦୧୭ରେ ମହାମେଣ୍ଟ ଛାଡ଼ି ଏନ୍‌ଡିଏରେ ସାମିଲ ହୋଇଥିବା ନୀତୀଶଙ୍କ ସଦ୍ୟ ପଦକ୍ଷେପ ଏହାର ଠିକ୍ ଓଲଟା ହୋଇଛି। ୨୦୨୪ ସାଧାରଣ ନିର୍ବାଚନରେ ନୀତୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଦ୍ୱନ୍ଦ୍ୱୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏହି ଘଟଣାକ୍ରମ ଏପରି ସମ୍ଭାବନାକୁ ବଳ ଦେଇଛି। ଆର୍‌ଜେଡି ସହ ଜେଡିୟୁର ଅନୌପଚାରିକ ଚୁକ୍ତି ଅନୁସାରେ ନୀତୀଶ ଏବେ ସପ୍ତମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ରହିବେ ଓ ତେଜସ୍ୱୀ ଯାଦବ ଉପମୁଖ୍ୟମନ୍ତ୍ରୀ ହେବେ। ନୀତୀଶଙ୍କ ସମେତ ନୂଆ କ୍ୟାବିନେଟ ସଦସ୍ୟମାନେ ବୁଧବାର ଅପରାହ୍ନ ୨ଟାରେ ଶପଥ ନେବେ। ୮-୧୦ ମାସ ପରେ ସେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇ ନିଜେ ଜାତୀୟ ରାଜନୀତିରେ ବଡ଼ ଭୂମିକା ତୁଲାଇବେ। ଏପରି ହେଲେ ୨୦୨୪ ଲୋକ ସଭା ନିର୍ବାଚନ ମୋଦି ବନାମ ନୀତୀଶ ହୋଇପାରେ।

**କୋଇଲା ଓ ଖଣି ମନ୍ତ୍ରଣାଳୟ ପରାମର୍ଶଦାତା କମିଟିରେ ସସ୍ମିତ**

ଭୁବନେଶ୍ୱର, (ବ୍ୟୁରୋ): ବିଜେଡି ରାଜ୍ୟ ସଭା ଏମ୍ପି ସସ୍ମିତ ପାତ୍ରଙ୍କୁ ଆଉ ଏକ ନୂଆ ଦାୟିତ୍ୱ ମିଳିଛି। ତାଙ୍କୁ କୋଇଲା ଓ ଖଣି ମନ୍ତ୍ରଣାଳୟର ପରାମର୍ଶଦାତା କମିଟିରେ ଦାୟିତ୍ୱ ଦିଆଯାଇଛି। ଏହା ପୂର୍ବରୁ ତାଙ୍କୁ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପରାମର୍ଶଦାତା କମିଟିରେ ସ୍ଥାନ ମିଳିଥିଲା।



# ଏନ୍‌ଡିଏ ଛାଡୁଛନ୍ତି ସହଯୋଗୀ

ନୂଆଦିଲ୍ଲୀ,୯।୮

ବିଗତ ୩ ବର୍ଷ ମଧ୍ୟରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ୩ ଅଂଶୀଦାର ଦଳ ଓହରିଯାଇଛନ୍ତି। ଲୋକ ସଭା ନିର୍ବାଚନର ୧୮ ମାସ ମଧ୍ୟରେ ଭାଜପା ନିଜର ଦୁଇ ପୁରୁଣା ସହଯୋଗୀ ଶିବସେନା ଓ ଅକାଳୀ ଦଳକୁ ହରାଇଥିଲା। ଏବେ ସାଧାରଣ ନିର୍ବାଚନକୁ ଦୁଇବର୍ଷରୁ କମ୍ ସମୟ ବାକି ଥିବାବେଳେ ବିହାରରେ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଭାଜପା ନେତୃତ୍ୱାଧୀନ ଶାସକ ମେଣ୍ଟରୁ ଓହରିଯାଇଛି। ତେବେ ନୀତୀଶ ଏପରି ପଦକ୍ଷେପ ନେଇପାରନ୍ତି ବୋଲି ଭାଜପା ପୂର୍ବରୁ ଜାଣି ପୁଣ୍ଡା ତାଙ୍କୁ ଅଟକାଇବାକୁ ଉଦ୍ୟମ କରି ନ ଥିବା କୁହାଯାଉଛି।

ଏକଦା ଜେଡିୟୁ ନେତା ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍ ଏନ୍‌ଡିଏର ଆବାହକ ଥିଲେ। କିନ୍ତୁ ୨୦୧୩ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉଭାହେବା ପରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଦଳ ଏନ୍‌ଡିଏ ଛାଡ଼ିଦେଇଥିଲା। ୨୦୧୭ରେ ନୀତୀଶ ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟରୁ ଓହରି ପୁଣିଥରେ ଭାଜପା ସହ ହାତ ମିଳାଇଥିଲେ। ଭାଜପା-ଜେଡିୟୁ ୨୦୨୦ ବିଧାନସଭା ନିର୍ବାଚନରେ ମେଣ୍ଟ କରି ଲଢ଼ିଥିଲେ। କିନ୍ତୁ ଦୁଇ ସହଯୋଗୀ ଦଳ ମଧ୍ୟରେ ସମ୍ପର୍କ ତିକ୍ତ ରହି ଆସିଥିଲା। ଏହାକୁ ନେଇ ନୀତୀଶ ମଙ୍ଗଳବାର ୯ ବର୍ଷ ତଳେ ନେଇଥିବା ନିଷ୍ପତ୍ତି ଦୋହରାଇଛନ୍ତି।

- ପୂର୍ବରୁ ମେହବୁବା, ଚନ୍ଦ୍ରାବାବୁ ଛାଡ଼ିଥିଲେ
- ଅକାଳୀ ଦଳ, ଶିବସେନା ପରେ ଜେଡିୟୁ


ଉଦ୍ଧବ ଠାକରେ


ସୁଖବୀର ସିଂ ବାଦଲ

ନୀତୀଶଙ୍କ ଏନ୍‌ଡିଏ ତ୍ୟାଗରୁ ଆଉ ଗୋଟିଏ କଥା ସାମ୍ନାକୁ ଆସିଛି। ତାହା ହେଲା ଭାଜପା ଏବଂ ଏନ୍‌ଡିଏ ପାଇଁ ପୂର୍ବାଞ୍ଚଳରେ କ୍ଷମତାରେ ରହିବା କାଠିକର ପାଠ ହୋଇପଡ଼ିଛି। ବିଶେଷକରି ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାର କଥା ଦେଖିଲେ ଏହା ସ୍ପଷ୍ଟ ଜଣାପଡୁଛି। ଦକ୍ଷିଣ ଭାରତର ରାଜନୈତିକ ପ୍ରେକ୍ଷାପଟକୁ ଅବଲୋକନ କଲେ ସ୍ଥିତି ଆହୁରି ସଙ୍ଗିନ ମନେହେଉଛି। ଆନ୍ଧ୍ର ପ୍ରଦେଶରେ ଜଗନ୍ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍‌ସିପି, ତାମିଲନାଡୁରେ ଏମ୍.କେ. ଷ୍ଟାଲିନ୍‌ଙ୍କ ଡିଏମ୍‌କେ ଏବଂ କେରଳରେ ପିନାରାଇ ବିଜୟନ୍‌ଙ୍କ ବାମପନ୍ଥୀ ସରକାର କ୍ଷମତାସୀନ ଅଛନ୍ତି। ଜେଡିୟୁ ଏନ୍‌ଡିଏରୁ ଓହରିଯିବା ପରେ ବଡ଼ ରାଜ୍ୟ ଭାବେ କେବଳ ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ରରେ ଏନ୍‌ଡିଏ କ୍ଷମତାସୀନ ହୋଇ ରହିଛି। ଲୋକ ସଭାରେ ଏହି ଦୁଇ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ମୋଟ ସଦସ୍ୟଙ୍କ ସଂଖ୍ୟା ୧୨୮। ସେହିପରି ଭାଜପା କ୍ଷମତାରେ ନ ଥିବା ତାମିଲନାଡୁ ଓ ପଶ୍ଚିମବଙ୍ଗର ମିଳିତ ଲୋକ ସଭା ଆସନ ସଂଖ୍ୟା ୧୨୨। ଭାଜପା ଗତ ସାଧାରଣ ନିର୍ବାଚନ ବେଳେ ପଶ୍ଚିମବଙ୍ଗରେ ୧୮ ଓ ବିହାରରେ ୧୭ ଆସନ ଦଖଲ କରିଥିଲା।

୨୦୧୪ରୁ ୨୦୧୯ ମଧ୍ୟରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି, ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ ପାର୍ଟି (ଟିଡିପି) ସୁପ୍ରିମୋ ଏନ୍.ଚନ୍ଦ୍ରାବାବୁ ନାଇଡୁ ଏନ୍‌ଡିଏ ଛାଡ଼ିଥିଲେ। ୨୦୧୯ରେ ଭାଜପାର ପଞ୍ଜାବ ସହଯୋଗୀ ଶିରୋମଣି ଅକାଳୀ ଦଳ କେନ୍ଦ୍ରର ୩ ବିବାଦୀୟ କୃଷି ଆଇନକୁ ବିରୋଧ କରି ଏନ୍‌ଡିଏରୁ ଓହରିଯାଇଥିବାବେଳେ ମହାରାଷ୍ଟ୍ରରେ କ୍ଷମତା ଭାଗବଣ୍ଟା ନ ଛିଣ୍ଡିବାରୁ ଶିବସେନା ଅନୁରୂପ ପଦକ୍ଷେପ ନେଇଥିଲା।


ଜେଡିୟୁ ନେତା ନୀତୀଶ କୁମାରଙ୍କ ସହ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ।

## ସୋନିଆ-ରାହୁଲଙ୍କୁ ଫୋନ୍ କଲେ ନୀତୀଶ

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁଣି ଥରେ ମହାମେଣ୍ଟକୁ ଫେରିଛନ୍ତି। ପୁନର୍ବାର ସରକାର ଗଢ଼ିବା ପାଇଁ କଂଗ୍ରେସ ସମର୍ଥନ ଦେଇଥିବାରୁ ସେ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀଙ୍କୁ ଫୋନ୍ କରି କୃତଜ୍ଞତା ଜଣାଇଛନ୍ତି। ଆର୍‌ଜେଡି ନେତୃତ୍ୱାଧୀନ ମହାମେଣ୍ଟ ସରକାରରେ କଂଗ୍ରେସ ସାମିଲ ହେବ। ଧର୍ମନିରପେକ୍ଷ ଶକ୍ତିଗୁଡ଼ିକୁ ମଜଭୁତ କରିବା ପାଇଁ ଅଣଭାଜପା ସରକାରକୁ କଂଗ୍ରେସ ସମର୍ଥନ ଦେବ ବୋଲି ଘୋଷଣା କରିଛି। ରାଜ୍ୟରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ହେଉଛି ୧୯।

## ଆମେ ଏନ୍‌ଡିଏରେ ଅଛୁ: ପଶୁପତି ପାରସ

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନ୍‌ଡିଏ ଛାଡ଼ିବା ପରେ କେନ୍ଦ୍ରରେ କ୍ଷମତାସୀନ ଏହି ମେଣ୍ଟର ଅସ୍ତିତ୍ୱକୁ ନେଇ ରାଜ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ପଶୁପତି କୁମାର ପାରସ କହିଛନ୍ତି, ୨୦୧୪ରୁ ଆମେ ଏନ୍‌ଡିଏରେ ଅଛୁ ଓ ଆଗକୁ ମଧ୍ୟ ରହିବୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆମର ଭରସା ଅଛି। ମୋଦିଙ୍କ ଭଳି ଜଣେ ମହାନ୍ ନେତା ମିଳିବା ଅସମ୍ଭବ। ତେଣୁ ସକ୍ରିୟ ରାଜନୀତିରେ ରହିଥିବା ଯାଏ ଏନ୍‌ଡିଏ ଛାଡ଼ିବେ ନାହିଁ ବୋଲି ପାରସ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ନୀତୀଶଙ୍କ ଏହି ପଦକ୍ଷେପ ପରେ ପାରସ ଓ ତାଙ୍କ ପୁତୁରା ଚିରାଗ ପାଶ୍ୱାନ ଏନ୍‌ଡିଏ ସମର୍ଥନରେ ପୁନର୍ବାର ଏକାଠି ହୋଇପାରନ୍ତି ବୋଲି କୁହାଯାଉଛି।

**ଶିନ୍ଦେଙ୍କ କ୍ୟାବିନେଟ ସମ୍ପ୍ରସାରଣ**

## ୧୮ ମନ୍ତ୍ରୀଙ୍କ ମଧ୍ୟରୁ ୩ ବିବାଦୀୟ


ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ବି.ଏସ୍. କୋଶ୍ୟାରି, ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିଶଙ୍କ ସମେତ ବିଦ୍ରୋହୀ ଶିବସେନା ଏବଂ ଭାଜପାର ନୂତନ ମନ୍ତ୍ରୀମାନେ।

**ମୁମ୍ବାଇ,୯।୮:** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ୪୧ ଦିନ ପରେ ମଙ୍ଗଳବାର ତାଙ୍କ ୨ ଜଣିଆ କ୍ୟାବିନେଟର ସମ୍ପ୍ରସାରଣ କରିଛନ୍ତି। ତାଙ୍କ ମନ୍ତ୍ରିମଣ୍ଡଳରେ ୧୮ ନୂଆ ମନ୍ତ୍ରୀ ସାମିଲ ହୋଇଛନ୍ତି। ଦକ୍ଷିଣ ମୁମ୍ବାଇସ୍ଥିତ ରାଜ ଭବନରେ ରାଜ୍ୟପାଳ ବି.ଏସ୍. କୋଶ୍ୟାରି ନୂଆ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଛନ୍ତି। ଉଭୟ ବିଦ୍ରୋହୀ ଶିବସେନା ଏବଂ ଭାଜପାରୁ ୯ ଜଣ ଲେଖାଏ ମନ୍ତ୍ରୀ ହୋଇଥିଲାବେଳେ ଜଣେ ହେଲେ ମହିଳା ନାହାନ୍ତି। ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ମହାରାଷ୍ଟ୍ର ପ୍ରଥମ ରାଜ୍ୟ ଭାବେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଥିଲା। ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ହୋଇଥିବାବେଳେ ରାଜ୍ୟ କ୍ୟାବିନେଟରେ ସେମାନଙ୍କର ଆଦୌ ପ୍ରତିନିଧିତ୍ୱ ନ ରହିବା ଭାଜପାର ମାନସିକତାକୁ ପ୍ରତିଫଳିତ କରୁଛି ବୋଲି ଏନ୍‌ସିପି ଏମ୍ପି ସୁପ୍ରିୟା ସୁଲେ କହିଛନ୍ତି।

୩ ବିବାଦୀୟ ବିଧାୟକଙ୍କୁ ରାଜ୍ୟ କ୍ୟାବିନେଟରେ ସାମିଲ କରାଯାଇଥିବାରୁ ଏହାକୁ ନେଇ ସମାଲୋଚନା ଆରମ୍ଭ ହୋଇଯାଇଛି। ମନ୍ତ୍ରୀ ପଦ ପାଇଥିବା ବିବାଦୀୟ ବିଧାୟକଙ୍କ ମଧ୍ୟରେ ଅଛନ୍ତି ବିଦ୍ରୋହୀ ଶିବସେନାର ସଞ୍ଜୟ ରାଠୋଡ଼, ଅବଦୁଲ ସତ୍ତାର ଏବଂ ଭାଜପାର ବିଜୟ କୁମାର ଗାଭିଟ୍। ରାଠୋଡ଼ ପୂର୍ବରୁ ଉଦ୍ଧବ ଠାକରେଙ୍କ କ୍ୟାବିନେଟରେ ସାମିଲ ହୋଇଥିଲେ। ପୁଣେର ଜଣେ ମହିଳାଙ୍କ ମୃତ୍ୟୁ ଘଟଣା ସହ ସମ୍ପୃକ୍ତି ଜଣାପଡ଼ିବା ପରେ ଗତବର୍ଷ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ ଏବଂ ଗତ ଜୁନ୍‌ରେ ଏକନାଥଙ୍କ କ୍ୟାମ୍ପରେ ସାମିଲ ହୋଇଥିଲେ। ମହିଳାଙ୍କ ମୃତ୍ୟୁ ପାଇଁ ରାଠୋଡ଼ଙ୍କୁ ଦାୟୀ କରାଯାଉଥିବାବେଳେ ତାଙ୍କୁ ମନ୍ତ୍ରିମଣ୍ଡଳରେ ନେବା ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ଉପସଭାପତି ଚିତ୍ରା ୱାଘ କହିଛନ୍ତି। ତେବେ ତାଙ୍କୁ ପୋଲିସ କ୍ଲିନ୍‌ଚିଟ ଦେଇଥିବାରୁ କ୍ୟାବିନେଟରେ ସାମିଲ କରାଗଲା ବୋଲି ଶିନ୍ଦେ ସଫେଇ ଦେଇଛନ୍ତି। ଅନ୍ୟତମ ବିବାଦୀୟ ବିଧାୟକ ସତ୍ତାରଙ୍କ ୩ ଝିଅ ଏବଂ ଗୋଟିଏ ପୁଅଙ୍କୁ ୨୦୧୯-୨୦ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରେ ରିଗିଂ ଅଭିଯୋଗରେ ପ୍ରାର୍ଥୀ ତାଲିକାରୁ ଅଯୋଗ୍ୟ ଘୋଷଣା କରାଯିବା ସହ ବାଦ୍ ଦିଆଯାଇଛି। ଏହା ବ୍ୟତୀତ ନିୟମ ଉଲ୍ଲଂଘନ କରାଯାଇ ସତ୍ତାରଙ୍କ ମିଲ୍‌କୁ ଶିନ୍ଦେ ସରକାର ୧୫.୨ କୋଟି ଟଙ୍କା ଶେୟାର କ୍ୟାପିଟାଲ ମଞ୍ଜୁର କରିଛନ୍ତି। ସେହିପରି ଭାଜପା ନେତା ଗାଭିଟ୍ ଆଦିବାସୀ ଉନ୍ନୟନ ବିଭାଗର ଦୁର୍ନୀତି ଓ ଅନିୟମିତତାରେ ୫ ବର୍ଷ ପୂର୍ବେ ଦୋଷୀସାବ୍ୟସ୍ତ ହୋଇଥିଲେ।

ଭାଜପାରୁ ରାଧାକୃଷ୍ଣ ଭିଖେ ପାଟିଲ, ସୁଧୀର ମୁଙ୍ଗନ୍ତିଓ୍ୱାର, ଚନ୍ଦ୍ରକାନ୍ତ ପାଟିଲ, ବିଜୟକୁମାର ଗାଭିଟ, ଗିରୀଶ ମହାଜନ, ସୁରେଶ ଖାଡେ, ରାବୀନ୍ଦ୍ର ଚଭନ, ଅତୁଲ ସାଭେ ଏବଂ ମଙ୍ଗଳପ୍ରଭାତ ଲୋଧା କ୍ୟାବିନେଟରେ ସାମିଲ ହୋଇଥିବାବେଳେ ବିଦ୍ରୋହୀ ଶିବସେନାରୁ ଗୁଲାବରାଓ ପାଟିଲ, ଦାଦା ଭୁସେ, ସଞ୍ଜୟ ରାଠୋଡ, ସନ୍ଦିପନ ଭୁମ୍ରେ, ଉଦୟ ସାମନ୍ତ, ତନାଜି ସାୱନ୍ତ, ଅବଦୁଲ ସତ୍ତାର, ଦୀପକ କେସରକର ଏବଂ ଶମ୍ଭୁରାଜ ଦେଶାଇ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

# ଆରମ୍ଭ ହେଲା ପଦଯାତ୍ରା ପ୍ରତିଯୋଗିତା

- କଂଗ୍ରେସ ଆରମ୍ଭ କଲା 'ସ୍ୱାଧୀନତା ଗୌରବ ଯାତ୍ରା'
- 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆରମ୍ଭ କଲା ଭାଜପା

ଭୁବନେଶ୍ୱର, ୯।୮(ବ୍ୟୁରୋ)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଖିଳ ଭାରତ କଂଗ୍ରେସ କମିଟି କ୍ରାନ୍ତି ଦିବସ ଅର୍ଥାତ୍ ମଙ୍ଗଳବାରରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଦେଶବ୍ୟାପୀ ସ୍ୱାଧୀନତା ଗୌରବ ଯାତ୍ରା କରିବା ପାଇଁ ନିଷ୍ପତ୍ତି ନେଇଛି। ସେହି ଅନୁଯାୟୀ ପ୍ରତି ଜିଲାରେ ୭୫ କିମି ପଦଯାତ୍ରା କରି ଦଳ ଏହି କାର୍ଯ୍ୟକ୍ରମ ପାଳନ କରିବ। ତଦନୁଯାୟୀ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ସମସ୍ତ ସାଙ୍ଗଠନିକ ଜିଲାରେ ଏହି ସ୍ୱାଧୀନତା ଗୌରବ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହିକ୍ରମରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ନାଲ୍‌କୋ ଛକ ମହାତ୍ମା ଗାନ୍ଧୀ ପାର୍କରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ସଭାପତି ଶରତ ପଟ୍ଟନାୟକ ମାଲ୍ୟାର୍ପଣ କରି ସ୍ୱାଧୀନତା ଗୌରବ ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି ପଦଯାତ୍ରା ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ, ମୁଣ୍ଡାସାହି, ସାଲିଆ ସାହି ଦେଇ ନୟାପଲ୍ଲୀ ଏନ୍-୫ ହନୁମାନ ମନ୍ଦିର ପାଖରେ ସମାପ୍ତ ହୋଇଛି। ରାମଧୁନ, ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସୁଭାଷ ବୋଷ, ଗୋପବନ୍ଧୁ, ମାଳତି ଚୌଧୁରୀ, ହରେକୃଷ୍ଣ ମହତାବଙ୍କ ଜୟଧ୍ୱନି ଦେଇ ୫ କି.ମି.ରୁ ଅଧିକ ରାସ୍ତା ଅତିକ୍ରମ କରିଥିଲେ। ଏହି ପଦଯାତ୍ରାରେ ଶତାଧିକ କଂଗ୍ରେସ କର୍ମୀ ମହିଳା, ଯୁବ, ଛାତ୍ର କଂଗ୍ରେସ, ସେବାଦଳ ସହିତ ଅନ୍ୟାନ୍ୟ ବିଭିନ୍ନ ପ୍ରକୋଷ୍ଠ ଓ ବିଭାଗର କାର୍ଯ୍ୟକର୍ତ୍ତାଙ୍କ ସହିତ ଶହ ଶହ ସାଧାରଣ ଜନତା ସାମିଲ ହୋଇଥିଲେ।

ଅନ୍ୟପଟେ ଭାଜପା ନିଜର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆରମ୍ଭ କରିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବ। ଭାଜପା ନେତାମାନେ ହାତରେ ତ୍ରିରଙ୍ଗା ଧରି ପଦଯାତ୍ରା ଆରମ୍ଭ କରିଛନ୍ତି। ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପୁରୀ ଜିଲା ପିପିଲିର ବେରବୋଇଠାରୁ ଆରମ୍ଭ ହୋଇଛି। ଏଥିରେ ଜିଲାର ବହୁ ନେତା, ବିଧାୟକ ସାମିଲ ହୋଇଥିଲେ। ଏହାପରେ ସମୀର ନିମାପଡ଼ାଠାରେ ଅନୁଷ୍ଠିତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ପ୍ରତ୍ୟେକ ଘରେ ୧୩ରୁ ୧୫ ପର୍ଯ୍ୟନ୍ତ ତ୍ରିରଙ୍ଗା ଉଡ଼ାଇବା ଲାଗି ଆହ୍ୱାନ କରାଯାଇଛି।


କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ପଦଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ଦଳର ବହୁ ନେତା ଓ କର୍ମୀ ସାମିଲ ହୋଇଛନ୍ତି।


ଭାଜପାର 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅବସରରେ ପୁରୀ ଜିଲା ପିପିଲିଠାରୁ ଆରମ୍ଭ ପଦଯାତ୍ରାରେ ସାମିଲ ହୋଇଛନ୍ତି ଦଳର ସଭାପତି ସମୀର ମହାନ୍ତି, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କ ସମେତ ବହୁ ନେତା ଓ କର୍ମୀ।

## କଂଗ୍ରେସ ଛାଡ଼ିଲେ ନେତା

**ଦଳ ଛାଡ଼ିବେନି କଟକ-ବାରବାଟୀ ବିଧାୟକ: ରାଜୁ**

ଭୁବନେଶ୍ୱର, ୯।୮(ବ୍ୟୁରୋ)

କଂଗ୍ରେସର ପୂର୍ବତନ ଏମ୍ପି ରାଧାକାନ୍ତ ଡିଗଲ, ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ବେହେରାଙ୍କ ସମେତ ବହୁ ନେତା ଓ କର୍ମୀ କ୍ରାନ୍ତି ଦିବସରେ ଦଳର ପ୍ରାଥମିକ ସଦସ୍ୟତା ଛାଡ଼ିଛନ୍ତି। ଦଳର ଶୀର୍ଷ ନେତୃତ୍ୱଙ୍କ କାର୍ଯ୍ୟକ୍ରମକୁ ନାପସନ୍ଦ କରି ସେମାନେ ଦଳ ଛାଡ଼ିଥିବା କହିଛନ୍ତି। ଅନ୍ୟପଟେ ଦଳ ଛାଡ଼ିଥିବା ନେତାମାନେ ବିଧାୟକ ମହମ୍ମଦ ମୋକିମଙ୍କୁ କରାଯାଇଥିବା ସୋକଜ୍ ନୋଟିସ କଥାକୁ ମଧ୍ୟ ନିନ୍ଦା କରିଛନ୍ତି। ମଙ୍ଗଳବାର ବରିଷ୍ଠ ନେତା ବିଶ୍ୱଜିତ୍ ଦାଶ କହିଛନ୍ତି, କ୍ରାନ୍ତି ଦିବସରୁ ଆରମ୍ଭ ହୋଇ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପଦଯାତ୍ରା ଫଳପ୍ରଦ ହେବ ନାହିଁ। ଦଳରେ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହୁନାହିଁ। କଂଗ୍ରେସ ତା'ର ମୌଳିକ ନୀତି, ଆଦର୍ଶରୁ ଦୂରେଇଯାଇଛି। ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ଏହା ଏକ ଖରାପ ଖବର। ଏହାକୁ ନେଇ ବ୍ୟତିବ୍ୟସ୍ତ ଲାଗୁଛି। କାହାର ଯଦି ମନରେ କ୍ଷୋଭ ରହିଛି ସେମାନେ ଗୋଟିଏ ଟେବୁଲରେ ଶୀର୍ଷ ନେତୃତ୍ୱ ସହିତ ବସି ଆଲୋଚନା କରିବା କଥା। ସେମାନେ ପିସିସି ସଭାପତିଙ୍କ ବିଷୟରେ ଯାହା କହିଛନ୍ତି ସେଥିରୁ ବୁଝାପଡୁଛି ଏହା ଘର ଭିତରେ ବସି ସମାଧାନ କରିବାର ଥିଲା। ସମସ୍ତଙ୍କୁ ଖୋଜି, ଲୋଡ଼ି ସାଙ୍ଗରେ ନେଇ ଚାଲିବାକୁ ପଡିବ। ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିବି। ତେବେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, କାହାରି ମଧ୍ୟ ଇସ୍ତଫାପତ୍ର ତାଙ୍କ ନିକଟରେ ପହଞ୍ଚି ନାହିଁ। ସମସ୍ତଙ୍କୁ କହିବି ଦଳ ନ ଛାଡ଼ନ୍ତୁ। ସମସ୍ତେ ମିଶିକି ଏକାଠି କାମ କରିବା। ଯଦି କାହାର ବ୍ୟକ୍ତିଗତ କାରଣ ଥିବ ତାହା ଅଲଗା କଥା। ପିସିସି ସହପ୍ରଭାରୀ ରୁଦ୍ର ରାଜୁ କହିଛନ୍ତି, ହାଇକମାଣ୍ଡ ନିର୍ଦ୍ଦେଶ ଦେବାପରେ ମୋକିମ୍‌ଙ୍କ ସହିତ କଥା ହୋଇଛି। ସେ ଦଳ ଛାଡ଼ିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

# ବିଜେଡି ପାଳିଲା ବିଶ୍ୱ ଆଦିବାସୀ ଦିବସ

**ଆଦିବାସୀଙ୍କ ଭୋଟ୍ ଉପରେ ଶାସକ, ବିରୋଧୀଙ୍କ ନଜର**

**ଭୁବନେଶ୍ୱର, ୯।୮(ବ୍ୟୁରୋ):** ଆଦିବାସୀଙ୍କୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ସେମାନଙ୍କ ଭୋଟ୍ ହାତେଇବା ପାଇଁ ଭାଜପା ଏବଂ ବିଜେଡି ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଓଡିଶା ଗସ୍ତ ସମୟରେ ଆଦିବାସୀ କଳାକାରଙ୍କ ଦ୍ୱାରା ନାଚ, ଗୀତ ମାଧ୍ୟମରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ସମାନଭାବେ ବିଜେଡି ମଧ୍ୟ ଆଦିବାସୀଙ୍କ ସମର୍ଥନ ହାତରୁ ଯେପରି ନ ଖସେ ସେଥିଲାଗି ଉଦ୍ୟମ ଆରମ୍ଭ କରିଦେଇଥିବା ଚର୍ଚ୍ଚା ହେଉଛି। ତେବେ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଆସନରେ ବସାଇବା ପରେ ଭାଜପା ସପକ୍ଷରେ ଆଦିବାସୀମାନଙ୍କ ଭୋଟ୍ ଅଧିକ ଯାଇପାରେ ବୋଲି ଆଶା କରାଯାଉଛି। ଏହାକୁ ଭୁଲ୍ ପ୍ରମାଣିତ କରେଇବା ଲାଗି ବିଜେଡି ରଣନୀତି ଆରମ୍ଭ କରିଦେଇଛି। ବିଶ୍ୱ ଆଦିବାସୀ ଦିବସକୁ ମଙ୍ଗଳବାର ଧୁମ୍‌ଧାମ୍‌ରେ ପାଳନ କରିଛି ବିଜେଡି। ଦଳର ରାଜ୍ୟ ଯୁବ କାର୍ଯ୍ୟାଳୟରେ ବିଭିନ୍ନ ଆଦିବାସୀ ଅଞ୍ଚଳର ଲୋକଙ୍କୁ ଡାକି ବିଜେଡି ନେତାମାନେ ଏକାଠି କରିଛନ୍ତି। ମନ୍ତ୍ରୀ, ବିଧାୟକ, ମେୟରଙ୍କ ଠାରୁ ଆରମ୍ଭ କରି ବହୁ ନେତା ଆଦିବାସୀଙ୍କ ତାଳରେ ତାଳ ମିଶାଇ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି। ବିଧାୟକ ସୁଦାମ ମାରାଣ୍ଡି କହିଛନ୍ତି, ଆଦିବାସୀର ଭାଷା, ସଂସ୍କୃତି, ପରମ୍ପରା ସର୍ବପୋରି ସମସ୍ତ ପ୍ରକାର ବିକାଶରେ ମୁଖ୍ୟମନ୍ତ୍ରୀ ଲଢେଇ ଜାରି ରଖିଛନ୍ତି। ଆଦିବାସୀମାନେ ନବୀନ ପଟ୍ଟନାୟକଙ୍କ ସହିତ ଅଛନ୍ତି।



ବିଜେଡି ରାଜ୍ୟ ଯୁବ କାର୍ଯ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଆଦିବାସୀ କଳାକାରଙ୍କ ସହ ମନ୍ତ୍ରୀ ଓ ନେତୃବୃନ୍ଦ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

TELECALLERS REQUIRED
Telecallers Required for Worlds Best Airhostess Training Institute
Female only,
Experience:1-2 years
Salary: 10,000/- to 12,000/- per month (Incentive Extra)
CONTACT-9040048566

NUHASS
Require one Project-Manager for Targeted Intervention Project, At-Danguasahi, Basudevpur, Bhadrak. Qualification-MSW/M.A. in Sociology with 2 yrs experience & Computer knowledge. Salary-15,000/- P.M. Apply within 7 days.
Contact-9437041228,
Email-nuhassbbsr@gmail.com

WANTED
Male candidate having knowledge of CorelDRAW, Photoshop & Online form fill up for a Cyber café & Xerox shop at Cuttack
Salary: 12000
Contact with Bio-data:
Prudent Communication
Link Road, Cuttack-12
Mob:9337273594

REQUIRED
Young candidates for Electricity Meter Reading work in Bhubaneswar. Attractive salary package.
Contact:
6371044387, 7848995395

OFFICE OF THE PRINCIPAL
S.B.R. GOVT. (AUTONOMOUS) WOMEN'S COLLEGE, BERHAMPUR
WALK-IN-INTERVIEW
Interested candidates may appear the Walk-in-Interview alongwith original and one set of self attested documents for engagement as guest faculties as mentioned below:
22.08.2022 (UG & PG) : Phy., Bot., Math.,Odia, Hist., H.Sc., Eng., Phil.Com.
23.08.2022 (UG & PG) : Chem., Zool., Comp.Sc., Sans., Pol. Sc., Psy., Eco., Evs., Edn.
24.08.2022 (+2) : Eng., Odia, Math., Phil., Hist., Pol. Sc.,Chem., Com.
Principal
S.B.R. Govt. (Auto.) College, Berhampur

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
• Graduates, having good communication & leadership skills with 2 years+ sales experience in print media will be given preference.
• Proficiency in MS Office will be an added advantage.
RECOVERY MANAGERS
• Candidates should have good communication skills & atleast 3 years of experience in the field of recovery.
• Good performance will be rewarded with extra incentive.
Apply immediately to :
recruitment@dharitri.com
Attractive salary commensurate with experience

> ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। **-ଶ୍ରୀମା**

# ବିକଳ୍ପ ଦିଶିଲାଣି

ବିହାରରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଓ ଭାରତୀୟ ଜନତା ପାର୍ଟି (ଭାଜପା) ମଧ୍ୟରେ ୨୦୨୦ରୁ ଚାଲିଆସିଥିବା ମେଣ୍ଟ ସରକାର ୯ ଅଗଷ୍ଟରେ ଭାଙ୍ଗିଯାଇଛି। ନିଜେ ନୀତୀଶ କୁମାର ଏହା ଘୋଷଣା କରି ରାଜ୍ୟପାଳ ଫାଗୁ ଚୌହ୍ୱାନଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହା ପରେ ଲାଲୁପ୍ରସାଦଙ୍କ ପୁତ୍ର ତଥା ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବଙ୍କ ଘରକୁ ଯାଇ ନୀତୀଶ ଆଲୋଚନା କରିଥିଲେ। ବିହାର ବିଧାନସଭାର ସମୁଦାୟ ଆସନ ସଂଖ୍ୟା ୨୪୩ ଥିବାବେଳେ ଜେଡିୟୁର ୪୫ ସହିତ ଆର୍‌ଜେଡିର ୭୯ ଆସନ ମିଶିଗଲେ ମୋଟ ୧୨୪ ହେଉଛି, ଯାହାକି ସରକାର ଗଠନ ଲାଗି ଯଥେଷ୍ଟ। ଏଥିସହିତ କଂଗ୍ରେସର ୧୯ ଜଣ ବିଧାୟକ ମଧ୍ୟ ସରକାରରେ ସାମିଲ ହେବେ। ଅବଶ୍ୟ ଯଦି କଂଗ୍ରେସ ମିଶେ ତେବେ ତାହା ଏହି ଦୁଇ ଦଳର ମେଣ୍ଟ ପାଇଁ କ୍ଷତିକାରକ ହୋଇପାରେ। ଗଣମାଧ୍ୟମରେ ପ୍ରସାରିତ ଖବର ଅନୁଯାୟୀ ବିହାରରେ ନୂଆ ମହାଗଠବନ୍ଧନ ସରକାର ୧୦ ଅଗଷ୍ଟରେ ଶପଥ ନେବ। ଏହି ଘଟଣା କେବଳ ବିହାରରେ ସୀମିତ ରହୁ ନାହିଁ, ଏହା ଜାତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି। କାରଣ ଭାଜପାର ଦେଶବ୍ୟାପୀ କ୍ଷମତା ଦଖଲ ଲାଗି ହେଉଥିବା ଅଭିଯାନକୁ ଏହାଦ୍ୱାରା ଘୋର ଆଘାତ ପହଞ୍ଚିଛି।

ଇତିହାସ କହୁଛି ଯେ, ନୀତୀଶ କେବେହେଲେ ଜେଡିୟୁକୁ ଏକାକୀ ସଂଖ୍ୟାଗରିଷ୍ଠ କରି ବିଧାନସଭାରେ ଜିତାଇପାରି ନ ଥିଲେ। ତଥାପି ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ନୀତୀଶ ଅତି ଚତୁର ଓ ଅଭିଜ୍ଞ ରାଜନେତା ଭାବେ ଦେଶରେ ପରିଚିତ। ତାଙ୍କ ବିରୋଧରେ କେବେହେଲେ କୌଣସି ଦୁର୍ନୀତି ଅଭିଯୋଗ ଆସିନାହିଁ। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୂଳ ଅସ୍ତ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନୀତୀଶଙ୍କ ବିରୋଧରେ ବ୍ୟବହାର କରିବା ସମ୍ଭବପର ହୋଇ ନ ପାରେ। ହୁଏତ ଏଭଳି ଏକ ସ୍ଥିତି ସୃଷ୍ଟି ହୋଇପାରେ ଯେଉଁଥିରେ ୨୦୨୪ରେ ମୋଦିଙ୍କ ବିରୋଧୀମାନେ ସମସ୍ତେ, ବାଧ୍ୟବାଧକତାମୂଳକ, ସଚ୍ଚୋଟ ଓ ନିର୍ମଳ ଭାବମୂର୍ତ୍ତି ଥିବା ରାଜନେତା ହେବେ। ଅନ୍ୟପଟେ ଯେଉଁମାନେ ମୋଦିଙ୍କ ସମର୍ଥକ ରହିବେ ସେମାନେ ସମସ୍ତେ ଦୁର୍ନୀତିଗ୍ରସ୍ତ ଓ କଳଙ୍କିତ ଭାବେ ପରିଚିତ ହେବେ। କାରଣ ସେମାନେ ଇଡି ଓ ସିବିଆଇକୁ ଭୟ କରି ମୋଦିଙ୍କ ସମ୍ମୁଖରେ ଆଣ୍ଠେଇବାକୁ ବାଧ୍ୟ ହେବେ।

ବିହାରରେ ଗତ କିଛି ମାସ ହେବ ଜେଡିୟୁ ଓ ଭାଜପା ମଧ୍ୟରେ ଫାଟ ହୋଇଥିବା ବିଷୟ ପଦାକୁ ଆସିଥିଲା। ନିକଟରେ ଶେଷ ହୋଇଥିବା ନୀତି ଆୟୋଗ ବୈଠକରେ ନୀତୀଶ ଯୋଗ ନ ଦେବା ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଥିଲା। ୯ ଅଗଷ୍ଟର ଘଟଣାକ୍ରମ ଦେଖିଲେ ନୀତୀଶ ତାଙ୍କ ବିଧାୟକ ଓ ଏମ୍‌ପିମାନଙ୍କ ସହିତ ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା କ'ଣ ରହିବ ସେ ନେଇ ଏକ ବୈଠକ କରିଥିଲେ। ସେଥିରେ ନେତାମାନେ କହିଥିଲେ, ୨୦୨୦ ବିଧାନସଭା ନିର୍ବାଚନରେ ଜେଡିୟୁ ଆସନ ସଂଖ୍ୟା କମ୍ କରିବା ଲାଗି ଭାଜପା ଷଡ଼ଯନ୍ତ୍ର କରିଥିଲା। ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ନେତା ଚିରାଗ ପାଶ୍ୱାନ ଭାଜପାର ବିଦ୍ରୋହୀ ପ୍ରାର୍ଥୀଙ୍କୁ ଜେଡିୟୁ ଲଢ଼ୁଥିବା ନିର୍ବାଚନମଣ୍ଡଳୀରେ ଛିଡ଼ା କରାଇଥିଲେ। ଅର୍ଥାତ୍ ପୁନଶ୍ଚ ବିହାରରେ ନୀତୀଶଙ୍କ ଶାସନ ଚାଲୁ ବୋଲି ଭାଜପା ଚାହୁଁ ନ ଥିଲା। ଏସବୁ ଭିତିରି କଥା ଜଣାପଡ଼ିବା ପରେ ଭାଜପାକୁ ଜେଡିୟୁ ସନ୍ଦେହ କରିଆସୁଥିଲା। ନିର୍ବାଚନରେ ଭାଜପା ଏକାକୀ ସଂଖ୍ୟାଗରିଷ୍ଠତା ଲାଭ କରିପାରି ନ ଥିବା ହେତୁ ବାଧ୍ୟହୋଇ ଜେଡିୟୁ ସହିତ ମିଶି ସରକାର ଗଢ଼ିଥିଲା। ସେତେବେଳେ ସମସ୍ତଙ୍କ ଧାରଣା ହୋଇଥିଲା ଯେ, ଜେଡିୟୁ ଅଳ୍ପସଂଖ୍ୟକ ହୋଇଥିବା ସତ୍ତ୍ୱେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବସାଇ ମୋଦି ତାଙ୍କ ଉଦାର ମନୋଭାବ ଦର୍ଶାଇଥିଲେ। ଆଜି କିନ୍ତୁ ବାସ୍ତବ ଚିତ୍ର ପଦାକୁ ଆସିଛି। ଏବେ ନୀତୀଶ ଓ ତେଜସ୍ୱୀଙ୍କ ମଧ୍ୟରେ କଥାବାର୍ତ୍ତା ଶେଷ ହୋଇ ସରକାର ଗଠନ ହେବାକୁ ଯାଉଛି। ଫଳରେ ନୀତୀଶ ମୁଖ୍ୟମନ୍ତ୍ରୀ ହେବେ ଓ ତେଜସ୍ୱୀ ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବେ। ବାଚସ୍ପତି ପଦବୀ ଆର୍‌ଜେଡିକୁ ଯିବ ବୋଲି କୁହାଯାଉଥିବା ବେଳେ ସରକାରରେ କଂଗ୍ରେସ ସାମିଲ ହେଉଥିବାରୁ ତାହାକୁ କିଛି ମନ୍ତ୍ରୀ ପଦ ମିଳିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ବିହାରରେ ଜେଡିୟୁ ଏବଂ ଆର୍‌ଜେଡି ମିଳିତ ସରକାର ଗଠନ କରିଥିଲେ ମଧ୍ୟ ତାହା ଦୀର୍ଘବର୍ଷ ତିଷ୍ଠିପାରି ନ ଥିଲା। ହେଲେ ଏବର ରାଜନୈତିକ ସ୍ଥିତି ଦେଖିଲେ ଭାଜପାର ଗତିରୋଧ କରିବା ଲାଗି ଜେଡିୟୁ ଓ ଆର୍‌ଜେଡି ହାତ ମିଳାଇବାକୁ ନିଷ୍ପତ୍ତି ନେଇଛନ୍ତି।

ମହାରାଷ୍ଟ୍ରରେ ଶିବସେନା ମଧ୍ୟରେ ଫାଟ କରି ଭାଜପା ଫାଇଦା ନେବା ପରେ ଧରିନେଇଥିଲା ସେହିଭଳି ସୂତ୍ର ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରୟୋଗ କରି ଦଳର ଉପସ୍ଥିତି ଦେଶବ୍ୟାପୀ ଜାହିର କରିବ। ଭାଜପା ଟାର୍ଗେଟରେ ବିହାର ଓ ଝାଡ଼ଖଣ୍ଡ ରହିଥିଲା। ଗୋଆରେ ଭାଜପା ନେତୃତ୍ୱାଧୀନ ସରକାର ଚାଲିଥିଲେ ମଧ୍ୟ ସଂଖ୍ୟା କମ୍ ଥିବାରୁ କଂଗ୍ରେସ ବିଧାୟକଙ୍କୁ ନିଜ ଆଡ଼କୁ ଟାଣିବା ଲାଗି ପ୍ରୟାସ କରିଥିଲା। ହେଲେ ଭାଜପା ସବୁଆଡ଼ୁ ବିଫଳ ହୋଇଥିଲା। ଏବେ ଭାଜପାକୁ ଜେଡିୟୁ ଠେଲି ଦେଇ ବିରୋଧୀ ଦଳରେ ଥିବା ଆର୍‌ଜେଡିକୁ ଆପଣାଇ ନେବା ପରେ ଆଲୋଚନା ହେଉଛି ଯେ, କିଛି ମାସ ପରେ ଜାତୀୟ ରାଜନୀତି ଏକ ନୂଆ ମୋଡ଼ ନେଇପାରେ। ସେହି ମୋଡ଼ ଆଣିପାରନ୍ତି ନୀତୀଶ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୩ ମସିହାରେ ନୀତୀଶ କୁମାର ଚାହିଁଥିଲେ ପ୍ରଧାନମନ୍ତ୍ରୀ ଭାବେ ଅଣକଂଗ୍ରେସ ଦଳଗୁଡ଼ିକ ତାଙ୍କୁ ପ୍ରାର୍ଥୀ କରାନ୍ତୁ। ତେବେ ସେହି ବର୍ଷ ୯ ଜୁନ୍‌ରେ ଗୋଆଠାରେ ଅନୁଷ୍ଠିତ ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ମୋଦିଙ୍କ ନାମ ଘୋଷଣା ହେବା ପରେ ନୀତୀଶ ଅସନ୍ତୁଷ୍ଟ ହୋଇ ମେଣ୍ଟ ଭାଙ୍ଗିଥିଲେ। ପରବର୍ତ୍ତୀ ସମୟରେ ନୀତୀଶଙ୍କ ଜେଡିୟୁ ଓ ଆର୍‌ଜେଡି ମିଶିଥିବା ସତ୍ତ୍ୱେ ପୁନର୍ବାର ନୀତୀଶ ଭାଜପା ଆଡ଼କୁ ଢଳିଥିଲେ। ଏବେ ମୋଦିଙ୍କ ବିପକ୍ଷରେ ଜଣେ ଟାଣୁଆ ନେତା ପ୍ରଦର୍ଶିତ ହୋଇପାରୁ ନ ଥିବାରୁ ବିରୋଧୀ ଗୋଷ୍ଠୀ ଦୁର୍ବଳ ହୋଇଯାଉଛି। କିନ୍ତୁ ଦେଶର ଅର୍ଥନୀତିରେ ପ୍ରବଳ ଦୁରବସ୍ଥା ଓ ଧର୍ମକୁ ନେଇ ଲାଗି ରହିଥିବା ଦ୍ୱେଷ ଯୋଗୁ ସାଧାରଣ ନାଗରିକ ଅସନ୍ତୁଷ୍ଟ ହୋଇ ପଡ଼ିଲେଣି। ହୁଏତ ଏହି ବାତାବରଣକୁ ହିସାବକୁ ନେଇ ଚତୁର ନୀତୀଶ ଏକ ନୂଆ ରାଜନୈତିକ ସମୀକରଣ କରାଇପାରିଲେ ବୋଲି ଭାବୁଛନ୍ତି। ସବୁଆଡ଼େ ପ୍ରଶ୍ନ ହେଉଛି 'ମୋଦିଙ୍କ ବିରୋଧରେ କିଏ'? ଏଇ ପ୍ରଶ୍ନରୁ ଉତ୍ତର ମିଳିପାରେ ଯେ ଭାରତରେ ମୋଦିଙ୍କ ବିକଳ୍ପ ଖୋଜା ହେଲାଣି। ନୀତୀଶ ସେହି ବିକଳ୍ପ ଭାବେ ଦେଖୁଥିବା ସ୍ୱପ୍ନରେ ସଫଳ ହେବେ କି ନାହିଁ ୨୦୨୪ରେ ଜଣାପଡ଼ିବ।

# ଭାଷାରେ ପୁରୁଷ ପ୍ରାଧାନ୍ୟ



ବିଜୟନୀ ମିଶ୍ର

ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ଆସନରେ ୨୦୦୭ରେ ଦେଶର ପ୍ରଥମ ମହିଳା ଭାବେ ପ୍ରତିଭା ଦେବୀ ସିଂ ପାଟିଲ ଆସୀନ ହେବା ପରେ ତାଙ୍କୁ ହିନ୍ଦୀରେ କେଉଁ ଭଳି ସମ୍ବୋଧନ କରାଯିବା ଉଚିତ, ସେନେଇ ସେତେବେଳେ ପ୍ରଶ୍ନ ଉଠିଥିଲା। ତାଙ୍କୁ 'ରାଷ୍ଟ୍ରପତି' କିମ୍ବା 'ରାଷ୍ଟ୍ରପତ୍ନୀ' ଭାବେ ସମ୍ବୋଧନ କରାଯିବା ଉଚିତ କି ନୁହେଁ, ସେ ନେଇ ବିତର୍କ ମଧ୍ୟ ହୋଇଥିଲା। ହେଲେ ସେତେବେଳେ ସେହି ପ୍ରସଙ୍ଗ ଏତେ ଝଡ଼ ସୃଷ୍ଟି କରି ନ ଥିଲା ; ଯାହା ନିକଟରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ରାଷ୍ଟ୍ରପତ୍ନୀ' ରୂପେ ସମ୍ବୋଧନ କରିବା ପରେ ଲୋକ ସଭାରେ ବିବାଦୀୟ ସ୍ଥିତି ଉପୁଜିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରିବାକୁ ନେଇ ଅଧୀରଙ୍କୁ କଡ଼ା ସମାଲୋଚନା କରିବା ସହ କଂଗ୍ରେସ ଏଥିଲାଗି କ୍ଷମା ମାଗୁ ବୋଲି ଭାଜପା ଦାବି କରିଥିଲା। ଏହାକୁ ନେଇ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ପରେ ଯଦିଓ ଅଧୀର ନିଜର ଦୁର୍ବଳ ହିନ୍ଦୀ ଭାଷା ଜ୍ଞାନ ଥିବା କହି କ୍ଷମା ମାଗିଥିଲେ, ତଥାପି ସେହି ପ୍ରସଙ୍ଗ ଆମ ଭାଷାର ଲିଙ୍ଗଗତ ପ୍ରକୃତିକୁ ନେଇ ବିତର୍କ ସୃଷ୍ଟି କରିଦେଇଛି।

'ପତି' ଓ 'ପତ୍ନୀ'ର ମାନେ କ'ଣ ହୋଇପାରେ ତାହା ଅଧୀରଙ୍କ ମନ୍ତବ୍ୟରୁ ଉପୁଜିଥିବା ବିତର୍କକୁ ଦେଖିଲେ ବୁଝିହୁଏ। ଏହି ଦୁଇ ଶବ୍ଦ ରାଷ୍ଟ୍ର (ନେଶନ୍) ପରେ ବ୍ୟବହୃତ ହେଲେ ତାହାର ଅର୍ଥ ମଧ୍ୟ କ'ଣ ରହୁଛି ତାହା ଆଲୋଚନା କରିବାର ଅବକାଶ ସୃଷ୍ଟି କରିଛି। ଇଂଲିଶ ଶବ୍ଦ 'ପ୍ରେସିଡେଣ୍ଟ'କୁ ହିନ୍ଦୀ ଭାଷାରେ ଅନୁବାଦ କଲେ ତାହାର ଅର୍ଥ ହେବ 'ରାଷ୍ଟ୍ରପତି'। ପ୍ରେସିଡେଣ୍ଟ ଶବ୍ଦ ସାଧାରଣରେ ଏକ ଗୋଷ୍ଠୀର ପୌରୋହିତ୍ୟ କରୁଥିବା ମୁଖ୍ୟ ଓ ତାହା ଏକ ଲିଙ୍ଗ ନିରପେକ୍ଷ ଶବ୍ଦ ଭାବେ ବ୍ୟବହୃତ ହୋଇଥାଏ। ଅନ୍ୟପକ୍ଷରେ ଏହାର ହିନ୍ଦୀ ଅନୁବାଦ ଶବ୍ଦ 'ରାଷ୍ଟ୍ରପତି' ଲିଙ୍ଗ ନିରପେକ୍ଷ ହୋଇପାରିବ ନାହିଁ, କାରଣ ଏହାର ଆଗରେ 'ପତି' ରହିଛି।

ହିନ୍ଦୀ ଶବ୍ଦ 'ପତି'ର ବ୍ୟୁତ୍ପତ୍ତିଗତ ବ୍ୟାଖ୍ୟା କରାଗଲେ ତାହା ଭାରତ-ୟୁରୋପୀୟ ଭାଷା ପରିବାର ଅନ୍ତର୍ଗତ, ଯେଉଁଠାରେ ଏହାର ଅର୍ଥ 'ପ୍ରଭୁ' ବା 'ମୁନିବ'କୁ ବୁଝାଇଥାଏ। ସଂସ୍କୃତରେ ବିବାହିତ ଗୃହକର୍ତ୍ତାଙ୍କୁ 'ଗୃହପତି' କୁହାଯାଇଥାଏ। ସେହିପରି ସେନାପତି ଅର୍ଥ ସେନାର କମାଣ୍ଡର ଓ ଗଣପତି ମାନେ ଦେବତାଙ୍କ ପ୍ରଭୁ। ଅନୁରୂପ ଭାବେ 'ଛତ୍ରପତି' ଅର୍ଥ ରାଜାମାନଙ୍କ ପ୍ରଭୁ। ଏଭଳି ଉଦାହରଣ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି 'ପତି' ଶବ୍ଦ ସହ କିଭଳି କ୍ଷମତାର ସମ୍ପର୍କ ରହିଛି ତାହା ଦର୍ଶାଇବା। ଆମର ଦୈନନ୍ଦିନ ବ୍ୟବହାରରେ 'ପତି' ଅର୍ଥ ସାଧାରଣରେ ସ୍ୱାମୀଙ୍କୁ ବୁଝାଏ। ପୁଣି ଯେତେବେଳେ 'ପତି-ଦେବ' ଓ 'ପତି-ପରମେଶ୍ୱର' ଭଳି ଯୌଗିକ ଶବ୍ଦ ବ୍ୟବହାର କରାଯାଏ, ସେତେବେଳେ ତାହା ପୁରୁଷ ପ୍ରାଧାନ୍ୟ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିଥାଏ ; ଯାହା ସ୍ୱାମୀଙ୍କୁ ପ୍ରଭୁ ଭାବେ କିମ୍ବା ସ୍ତ୍ରୀ ପାଇଁ 'ଭଗବାନ' ସଦୃଶ ବୋଲି ବିବେଚନା କରାଯାଏ।



ଅପରପକ୍ଷରେ 'ପତି'ର ବିପକ୍ଷ ଶବ୍ଦ ହେଉଛି 'ପତ୍ନୀ'। ଏହା ସ୍ତ୍ରୀଙ୍କ ପ୍ରତି ପ୍ରଯୁଜ୍ୟ ହୋଇଥିଲେ ମଧ୍ୟ ତାହାର ସେଭଳି କିଛି ଅର୍ଥ ବୁଝାଇ ନ ଥାଏ। ଏହା ଏକ ସ୍ୱାଧୀନ ଶବ୍ଦ, ଯାହା ଜଣେ ମହିଳା ବିବାହ କରିବା ପରେ ତାଙ୍କ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ। ସରଳ ଭାଷାରେ କହିଲେ ଏହା ପତିର ସ୍ତ୍ରୀଲିଙ୍ଗ ଶବ୍ଦ ଓ ଯୌନ ପରିଭାଷାକୁ ବୁଝାଇଥାଏ। ପତ୍ନୀ ହେଉଛନ୍ତି ପତିଙ୍କ ଯୌନ ସାଥୀ। କିନ୍ତୁ ହିନ୍ଦୀ ଶବ୍ଦ 'ପତି-ଦେବ' ବା 'ପତି-ପରମେଶ୍ୱର' ଭଳି ପତ୍ନୀର କୌଣସି ଯୌଗିକ ଶବ୍ଦ ନାହିଁ। ଏହା କେବଳ ଭାରତୀୟ ସମାଜରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଥିବା ପ୍ରଭାବର ତାରତମ୍ୟକୁ ସୂଚାଏ। ଏଇଠି ରହିଛି ରାଷ୍ଟ୍ରପତ୍ନୀ ଶବ୍ଦକୁ ନେଇ ସଦ୍ୟ ଉପୁଜିଥିବା ବିବାଦର ମୂଳ।

ରାଷ୍ଟ୍ରପତି ହେଉଛି ଦୁଇଟି ହିନ୍ଦୀ ଶବ୍ଦର ମିଶ୍ରଣ- ରାଷ୍ଟ୍ର ଓ ପତି। ଯେତେବେଳେ ଇଂଲିଶ ଶବ୍ଦ ପ୍ରେସିଡେଣ୍ଟର ଅନୁବାଦ କରାଯାଏ, ସେତେବେଳେ ତାହା 'ଗଣତନ୍ତ୍ରର ନେତା'ଙ୍କୁ ବୁଝାଏ। କିନ୍ତୁ 'ଦେଶର ସ୍ୱାମୀ'ଙ୍କୁ ସୂଚିତ କରେ ନାହିଁ। ଅନ୍ୟପକ୍ଷରେ ରାଷ୍ଟ୍ର ଶବ୍ଦ ସହ 'ପତ୍ନୀ' ଶବ୍ଦକୁ ମିଶାଇ ଦିଆଗଲେ ତାହା ଏକ ଯୌନ ପରିଭାଷା ପରିପ୍ରକାଶ କରିଥାଏ। ଏହାର ଅର୍ଥ ରାଷ୍ଟ୍ରର ପତ୍ନୀକୁ ବୁଝାଉଥିବା ବିଷୟ ଭାରତୀୟ ମାନସିକତାରେ ପ୍ରତିଫଳିତ ହୋଇଥାଏ।

ରବର୍ଟ ବାକ୍‌ଅଫ୍ ତାଙ୍କ ଲେଖାର ଶୀର୍ଷକ 'ଲାଙ୍ଗୁଏଜ୍ ଆଣ୍ଡ ଓମେନ୍ସ ପ୍ଲେସ୍ (୧୯୭୨)'ରେ ଭାଷା ଓ ଲିଙ୍ଗ ମଧ୍ୟରେ ଥିବା ସମ୍ପର୍କକୁ ପ୍ରଥମ ଥର ସକାଶେ ଆବିଷ୍କାର କରିଥିଲେ। ସେଥିରେ ସେ ଯୁକ୍ତି ଦର୍ଶାଇଥିଲେ ଯେ, ମହିଳାମାନେ ସାଧାରଣତଃ ଏପରି ଶବ୍ଦ ବ୍ୟବହାର କରିଥାଆନ୍ତି ଯାହା ପୁରୁଷଙ୍କ ତୁଳନାରେ ନ୍ୟୂନ ମନେହୁଏ।

ଫ୍ରାନସେସ୍କା ଡି ଗାର୍ବୋ, ବ୍ରୁନୋ ଓଲସନ୍ ଏବଂ ବର୍ନହାର୍ଡ ୱାଲଟିଲ୍‌ଙ୍କ ଗବେଷଣାତ୍ମକ ସନ୍ଦର୍ଭ 'ଗ୍ରାମାଟିକାଲ ଜେଣ୍ଡର ଆଣ୍ଡ ଲିଙ୍ଗୁଷ୍ଟିକ କମ୍ପ୍ଲେକ୍ସିଟି' ୨୦୧୧ରେ ଦର୍ଶାଯାଇଥିଲା ଯେ, ବିଶ୍ୱ ଭାଷାର ୭୫ ପ୍ରତିଶତ ଲିଙ୍ଗଗତ ଶବ୍ଦ ରହିଥାଏ, ଯେଉଁଥିରେ ପୁରୁଷଙ୍କ ସର୍ବନାମ ବ୍ୟାପକ ଭାବରେ ବ୍ୟବହୃତ ହୁଏ। ହିନ୍ଦୀ ଏଥିରୁ ବାଦ୍ ପଡ଼ି ନାହିଁ। ଆମର ଦୈନନ୍ଦିନ ଜୀବନର କଥୋପକଥନରେ ଆମେ ସର୍ବଦା ଭାରି ପଡୁଥିବା ଲିଙ୍ଗଗତ ଶବ୍ଦଗୁଡ଼ିକୁ ଅଣଦେଖା କରିଥାଉ। ଯେତେବେଳେ ଆମେ ଇଲିଂଶ ଶବ୍ଦ 'ପୋଲିସମ୍ୟାନ୍', 'ଫାୟାରମ୍ୟାନ୍', 'ଚେୟାରମ୍ୟାନ୍' ଏବଂ 'ସେଲ୍ସମ୍ୟାନ୍' ଆଦି ଶବ୍ଦକୁ ବ୍ୟବହାର କରିଥାଉ, ସେତେବେଳେ ଆମେ ଲିଙ୍ଗଗତ ପକ୍ଷପାତିତାକୁ ଗୁରୁତ୍ୱ ଦେଇ ନ ଥାଉ।

ପ୍ରଶ୍ନଉଠେ ଆମେ ଦୈନନ୍ଦିନ ବ୍ୟବହାର କରୁଥିବା ଭାଷା ଭିତରେ କାହିଁକି ଲିଙ୍ଗଭିତ୍ତିକ ଶବ୍ଦଗୁଡ଼ିକ ପଶି ଆସିଥାଏ। ଏହାର ମୂଳକୁ ଗଲେ ଜଣାଯାଏ ଯେ ଅଭିଧାନ, ଖବରକାଗଜ, ପତ୍ରପତ୍ରିକାର ସମ୍ପାଦକମାନେ ବିଶ୍ୱସ୍ତରରେ ପୁରୁଷ ହୋଇଥିବାରୁ ଶବ୍ଦଭଣ୍ଡାରଗୁଡ଼ିକ ସେହିଭଳି ସଜାଯାଇଛି।

ବାସ୍ତବରେ, ସବୁ ରାଜନୈତିକ ଦଳ ସେମାନଙ୍କର ଜାତୀୟ ଓ ରାଜ୍ୟସ୍ତରର ପ୍ରେସିଡେଣ୍ଟଙ୍କୁ 'ଅଧ୍ୟକ୍ଷ' ଭାବେ ସମ୍ବୋଧନ କରିଥାନ୍ତି। ତେଣୁ ରାଷ୍ଟ୍ରପତି ଶବ୍ଦକୁ 'ରାଷ୍ଟ୍ର ଅଧ୍ୟକ୍ଷ' କିମ୍ବା 'ରାଷ୍ଟ୍ର ପ୍ରଧାନ' ଭାବେ ବ୍ୟବହାର କରୁ ନ ଥିବା ଦଳଗୁଡ଼ିକର ଆଭିମୁଖ୍ୟ ବୁଝିହୁଏ ନାହିଁ। ଭାରତୀୟ ସମ୍ବିଧାନର ହିନ୍ଦୀ ସଂସ୍କରଣ ଚିଠା ପ୍ରଣୟନ ବେଳେ ଉଲ୍ଲେଖ କରାଯାଇଥିବା ଏହି ଶବ୍ଦଦ୍ୱୟରେ ସର୍ବୋଚ୍ଚ ସାମ୍ବିଧାନିକ ପଦର ଲିଙ୍ଗ ନିରପେକ୍ଷତା ପ୍ରତିଫଳିତ।

'ରାଷ୍ଟ୍ରପତ୍ନୀ' ବିବାଦ ଏକ ଅସ୍ୱାଭାବିକ ରାଜନୈତିକ ତର୍କରୁ ଉପୁଜିଥିଲେ ହେଁ ଏହା ଆମ ପାଇଁ ଉଦ୍ୟୋଗପତି (ଇଣ୍ଡଷ୍ଟ୍ରିଆଲିଷ୍ଟ), ସଭାପତି (ଚେୟାରପର୍ସନ/ମ୍ୟାନ୍), ଲକ୍ଷପତି ଓ କୋରଡ଼ପତି ଭଳି ପୁରୁଷ ପ୍ରାଧାନ୍ୟ ହିନ୍ଦୀ ଶବ୍ଦର ମୂଳ ଉପରେ ଅନୁଶୀଳନ କରିବା ସକାଶେ ସୁଯୋଗ ଆଣିଦେଇଛି ; ଯାହାକି ସେଗୁଡ଼ିକ ପାଇଁ ଲିଙ୍ଗ ନିରପେକ୍ଷ ପଦ ସୃଷ୍ଟି କରିପାରିବ।

**ଆସିଷ୍ଟାଣ୍ଟ ପ୍ରଫେସର, ସମାଜବିଜ୍ଞାନ ବିଭାଗ, ମୈତ୍ରେୟୀ କଲେଜ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ**

# ପ୍ରତିକ୍ରିୟାଶୀଳ ଶାସନତନ୍ତ୍ର



ରବିନାରାୟଣ ସାମଲ

ଭୀମାନଦୀ କୂଳରେ କୋରେଗାଓଁ ଗ୍ରାମ। ବର୍ତ୍ତମାନ ଏହା ଏକ ଛୋଟ ସହର। ମହାରାଷ୍ଟ୍ରର ସତାରା ଜିଲାରେ ଅବସ୍ଥିତ ଏହି ସହରୀ ଗ୍ରାମ ଅଷ୍ଟାଦଶ ଶତାବ୍ଦୀରେ କୋରେଗାଓଁ-ଭୀମା ନାମରେ ପରିଚିତ ଥିଲା। ଉକ୍ତ ବର୍ଣ୍ଣର ମରାଠୀ ଓ ଦଳିତ ସମ୍ପ୍ରଦାୟ ମହାର ହେଉଛନ୍ତି ଏହାର ମୂଳଅଧିବାସୀ। ଷୋଡ଼ଶ ଶତାବ୍ଦୀରେ 'ଛତ୍ରପତି' ଶିବାଜୀ ମରାଠା ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଛତ୍ରପତିମାନଙ୍କ ପ୍ରଧାନମନ୍ତ୍ରୀଙ୍କୁ ପେଶୱା କୁହାଯାଉଥିଲା। ୧୮୧୮ରେ ବ୍ରିଟିଶ ସୈନ୍ୟବାହିନୀର ଆକ୍ରମଣରେ ପେଶୱା ବାଜି ରାଓ ଦ୍ୱିତୀୟ ପରାସ୍ତ ହେଲେ ଏବଂ ମରାଠା ସାମ୍ରାଜ୍ୟର ପତନ ଘଟିଲା।

ଦଳିତ ମହାରମାନେ ମରାଠୀମାନଙ୍କ ସେବାକାରୀ ଭାବେ କାର୍ଯ୍ୟ କରୁଥିଲେ। ମରାଠୀମାନେ ମହାରମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ତେଣୁ ମହାରମାନେ ପ୍ରତିଶୋଧପରାୟଣ ହୋଇ ବ୍ରିଟିଶ ସୈନ୍ୟବାହିନୀରେ ଯୋଗ ଦେଲେ। ମାତ୍ର ପାଞ୍ଚ ଶହ ମହାରମାନଙ୍କୁ ନେଇ ଗଠିତ ବ୍ରିଟିଶ ସୈନ୍ୟବାହିନୀ ବାଜି ରାଓଙ୍କ ୨୫ ଶହ ସୈନ୍ୟଙ୍କୁ ୧୮୧୮ ଜାନୁୟାରୀ ୧ରେ ପରାସ୍ତ କରିବା ଫଳରେ ମହାରମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ଏକ ରକମ ଅନ୍ତ ଘଟିଲା। ସେହି ଦିନଠାରୁ ପ୍ରତି ବର୍ଷ ଜାନୁୟାରୀ ୧ କୁ କୋରେଗାଓଁ-ଭୀମାଠାରେ ଦଳିତ ମହାରମାନେ ବିଜୟ ଉତ୍ସବ ପାଳନ କରିଆସୁଛନ୍ତି।

୨୦୧୮ ଜାନୁୟାରୀ ୧ ରେ ବିଜୟ ଦିବସର ଦୁଇଶତ ବାର୍ଷିକୀ କୋରେଗାଓଁଠାରେ ପାଳିତ ହେଲା। ଉତ୍ସବ ସ୍ଥଳୀରେ ସମବେତ ଜନତାଙ୍କ ଉପରେ ମରାଠୀମାନେ ଆକ୍ରମଣ କଲେ। ଜଣେ ମହାରଙ୍କ ମୃତ୍ୟୁ ଘଟିଲା ଏବଂ ୩୫ ଜଣ ଆହତ ହେଲେ। ଏହାର ପୂର୍ବ ଦିନ ଏଲ୍‌ଗାର ପରିଷଦ ଆୟୋଜନ ହୋଇଥିଲା। ଦେଶର କେତେଜଣ ଖ୍ୟାତନାମା ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାମ୍ବାଦିକ ଏଥିରେ ଯୋଗ ଦେଇଥିଲେ। ହିଂସା ସୃଷ୍ଟି ଅଭିଯୋଗରେ ପୁଣେ ପୋଲିସ ସେମାନଙ୍କ ମଧ୍ୟରୁ ୧୬ଜଣଙ୍କୁ ଗିରଫ କଲା। ସେମାନଙ୍କ ମଧ୍ୟରୁ ଫାଦର ଷ୍ଟାନ୍ ସ୍ୱାମୀଙ୍କର ଗତବର୍ଷ ଜୁଲାଇ ମାସରେ ଦେହାନ୍ତ ହୋଇଯାଇଛି। ଅନ୍ୟମାନେ ୪ ବର୍ଷ ହେଲା ଜେଲ ହାଜତରେ ଶଢ଼ୁଛନ୍ତି।

ଏହି ବୁଦ୍ଧିଜୀବୀମାନଙ୍କ ଗିରଫଦାରି ପଛରେ ବିରାଟ ଷଡ଼ଯନ୍ତ୍ର ଥିଲା ବୋଲି ଓୟାର୍ଡ ଡଟ୍ କମ୍ ୱେବ୍‌ସାଇଟ୍‌ରେ ଗତ ଜୁନ୍ ୧୬ ରେ ପ୍ରକାଶ ପାଇଛି। ସାଇବର ସିକ୍ୟୁରିଟି କମ୍ପାନୀ 'ସେଣ୍ଟିନେଲ ୱାନ୍'ର ରିପୋର୍ଟ ଅନୁଯାୟୀ ହ୍ୟାକିଂ ଗ୍ରୁପ୍ 'ମଡିଫାଏଡ୍ ଏଲିଫ୍ୟାଣ୍ଟ'ର ସହାୟତାରେ ପୁଣେ ପୋଲିସ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ରୋନା ୱିଲ୍‌ସନ୍, ବରବରା ରାଓ ଓ ହାନି ବାବୁଙ୍କ କମ୍ପ୍ୟୁଟରରେ ୩୨ଟି ମିଥ୍ୟା ଆପରାଧିକ ଫାଇଲ୍ ଅପଲୋଡ କରିଥିଲା। ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ହସ୍ତଗତ କରିବା ସହିତ ଉପରୋକ୍ତ ତିନିଜଣଙ୍କ ଇ-ମେଲ୍‌ରୁ ଅନ୍ୟମାନଙ୍କ ଇ-ମେଲ୍‌କୁ ଫାଇଲ୍‌ଗୁଡ଼ିକୁ ପଠାଇଥିଲା। ପରେ ସେମାନଙ୍କ କମ୍ପ୍ୟୁଟରରୁ ସରକାରଙ୍କ ପତନ ଓ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଷଡ଼ଯନ୍ତ୍ର ଥିବା ଫାଇଲଗୁଡ଼ିକ ଜବତ ହୋଇଛି ବୋଲି ଅଭିଯୋଗ ଆଣି ପୁଣେ ପୋଲିସ ସେମାନଙ୍କୁ ୟୁଏପିଏ (ବେଆଇନ କାର୍ଯ୍ୟକଳାପ ନିରୋଧ) ଆଇନ ବଳରେ ଗିରଫ କରିଥିଲା। କି ଚକ୍ରାନ୍ତ! ଚଳିତ ମାସରେ ହେବାକୁ ଥିବା ବ୍ଲାକ୍ ହ୍ୟାଟ୍ ସାଇବର କନ୍‌ଫରେନ୍ସରେ ଗବେଷଣାଲବ୍ଧ ତଥ୍ୟର ବିଶଦ ବିବରଣୀ ପ୍ରଦାନ କରାଯିବ ବୋଲି ସିକ୍ୟୁରିଟି କମ୍ପାନୀ 'ସେଣ୍ଟିନେଲ ୱାନ୍' ଘୋଷଣା କରିଛି।



ଆମ ଦେଶରେ ପୋଲିସ ପ୍ରଶାସନ ଶାସକ ଦଳର ଇଙ୍ଗିତରେ ପରିଚାଳିତ ହୋଇଆସିଛି, ଏଥିରେ ସାମାନ୍ୟତମ ଦ୍ୱନ୍ଦ୍ୱ ନାହିଁ। ୧୯୭୫ ଜରୁରିକାଳୀନ ପରିସ୍ଥିତି ବେଳେ ମିଥ୍ୟା ଅଭିଯୋଗ ଆଣି ମିସା, ନାସା, ଏସ୍ମା ଭଳି କଳା କାନୁନ ବଳରେ ହଜାର ହଜାର ରାଜନେତାଙ୍କୁ ଗିରଫ କରାଯାଇଥିଲା। ଏବେ ସେହି ଜରୁରିକାଳୀନ ପରିସ୍ଥିତି ଘୋଷଣା ହୋଇ ନ ଥିଲେ ମଧ୍ୟ ଦେଶଦ୍ରୋହ ଓ ୟୁଏପିଏ ଆଇନ ବଳରେ ଶହ ଶହ ବ୍ୟକ୍ତିଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଯାଉଛି।

ଉତ୍ତରପ୍ରଦେଶର ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ରୁଟି ଓ ଲୁଣ ଖାଇବାକୁ ଦିଆଯାଉଥିଲା। ସାମ୍ବାଦିକ ପୱନ ଜୟସ୍ୱାଲ ତାକୁ ଲୋକଲୋଚନକୁ ଆଣିଥିଲେ। ତାଙ୍କୁ ଆପରାଧିକ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ଗିରଫ କରାଗଲା। ୟୁଟ୍ୟୁବ୍‌ରେ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବାରୁ ସାମ୍ବାଦିକ ପଦ୍ମଶ୍ରୀ ବିନୋଦ ଦୁଆଙ୍କୁ ଦେଶଦ୍ରୋହ ମାମଲାରେ ଗିରଫ କରାଯାଇଥିଲା। ଦିଲ୍ଲୀରେ ଅନୁଷ୍ଠିତ କୃଷକ ଆନ୍ଦୋଳନର ରିପୋର୍ଟ ସଂଗ୍ରହ ପାଇଁ ହରିୟାଣାର ସାମ୍ବାଦିକ ମନ୍‌ଦୀପ ପୁନିଆ ଯାଇଥିଲେ। ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗରେ ତାଙ୍କୁ ଗିରଫ କରି ହାଜତରେ ମରଣାନ୍ତକ ନିର୍ଯାତନା ଦିଆଯାଇଥିଲା। ନିକଟରେ ଗୁଜରାଟ ଦଙ୍ଗା ମାମଲାର ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍ ଚିଟ୍ ଦେବାର ଚବିଶ ଘଣ୍ଟା ନ ପୂରୁଣୁ ଜାକିଆ ଜାଫ୍ରିଙ୍କୁ ସହଯୋଗ କରିଆସିଥିବା ଖ୍ୟାତନାମା ସାମାଜିକ କର୍ମୀ ତିସ୍ତା ସିତଲବାଦ ଓ ପୂର୍ବତନ ଆଇପିଏସ୍ ଅଫିସର ବି.ଆର. ଶ୍ରୀକୁମାରଙ୍କୁ ଜାଲ୍ କାଗଜପତ୍ର ତିଆରି ଅଭିଯୋଗରେ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଯାଇଛି। ଦେଶରେ ବଢ଼ିଚାଲିଥିବା ଘୃଣା ମନ୍ତବ୍ୟ ସମ୍ପର୍କିତ ରିପୋର୍ଟ ସଂଗ୍ରହ କରୁଥିବା ବେଳେ ଅଲ୍ଟ ନ୍ୟୁଜ୍ ୱେବ୍‌ସାଇଟ୍‌ର ଖବରଦାତା ମହମ୍ମଦ ଜୁବେରିଙ୍କୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁଭାବ ସୃଷ୍ଟି ଅଭିଯୋଗରେ ଗିରଫ ହେଲେ। ଏମିତି ଅନେକ ଉଦାହରଣ। ଗତ ୫ ବର୍ଷରେ ଏହିପରି ଅଭିଯୋଗ ଆଣି ୫ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯାଇଥିଲା ବେଳେ ଗତ ୭ ବର୍ଷରେ ୟୁଏପିଏ ବଳରେ ୧୦ ହଜାର ୫୫୨ ଜଣଙ୍କୁ ଗିରଫ କରାଯାଇଛି।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ସରକାରଙ୍କ ନୀତିଅନୀତିକୁ ବିରୋଧ କରିବା ବା ସମାଲୋଚନା କରିବାର ଧାରା ଗଣତନ୍ତ୍ରକୁ ସୁଦୃଢ଼ କରେ। ମାତ୍ର ସରକାର ଏଥି ପ୍ରତି ପ୍ରତିକ୍ରିୟାଶୀଳ ହୋଇପଡ଼ିବା ଗଣତନ୍ତ୍ରର ପରିପନ୍ଥୀ। ଜନଗଣଙ୍କ ଅଧିକାରକୁ ଏହା ଖର୍ବ କରେ। ଗଣତନ୍ତ୍ର ଭୁଶୁଡ଼ି ପଡ଼େ। ଗୋଟିଏ ପଟେ 'ଆଜାଦୀ କା ଅମୃତ୍ ଉତ୍ସବ' ପାଳନ ହେଉଛି, ଅନ୍ୟ ପଟେ ଆଜାଦୀକୁ ହତ୍ୟା କରାଯାଉଛି। ବ୍ୟକ୍ତିସ୍ୱାଧୀନତା ଓ ବାକ୍ ସ୍ୱାଧୀନତାକୁ କୁଠାରାଘାତ କରାଯାଉଛି। ଏହା କି ପ୍ରକାର 'ଆଜାଦୀ', କି ପ୍ରକାର 'ଅମୃତ'?

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ପ୍ଲାଷ୍ଟିକ ବର୍ଜ୍ୟର ପୁନଃ ଉପଯୋଗ କରି ପରିବେଶ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ଜାରି ରହିଥିବାବେଳେ ଏବେ 'ପଟହୋଲ୍‌ରାଜ' ନାମକ ସୋସିଆଲ ଏଣ୍ଟରପ୍ରାଇଜ୍ ଏକ ଭିନ୍ନ ଉପାୟ ଆପଣାଇଛି। ଏହି ସଂସ୍ଥା ବେଙ୍ଗାଲୁରୁରେ ପରିବେଶ ଉପଯୋଗୀ ତଥା ସ୍ଥାୟୀ ଟେକ୍‌ନୋଲୋଜି ଦ୍ୱାରା ପ୍ଲାଷ୍ଟିକ ବର୍ଜ୍ୟକୁ ରିସାଇକ୍ଲିଂ ପରେ ପ୍ରସ୍ତୁତ ମ୍ୟାଟେରିଆଲରେ ରାସ୍ତା ନିର୍ମାଣ ଆରମ୍ଭ କରିଛି। ଏହାର ପରିବେଶ ଉପରେ ନକାରାତ୍ମକ ପ୍ରଭାବ ନାହିଁ। 'ପଟହୋଲ୍‌ରାଜ' ଦ୍ୱାରା ନିର୍ମିତ ଏଭଳି ଅଭିନବ ରାସ୍ତାରେ ରିସାଇକ୍ଲିଂ ହୋଇଥିବା ୩୦୦୦ କେଜି ପ୍ଲାଷ୍ଟିକ ବ୍ୟବହାର ହୋଇଛି। ଏହା ପାରମ୍ପରିକ ରାସ୍ତା ନିର୍ମାଣଠାରୁ ୨୦ରୁ ୨୫% ଶସ୍ତା ହେଉଛି ଓ ଏଥିରେ କମ୍ ପାଣି ଲାଗୁଛି। ଏହାର ୱାରେଣ୍ଟି ୫ ବର୍ଷ। ଟ୍ରାଫିକ୍ ଜାମ୍ ଦୂର କରିବା ଲାଗି ସିଟି ଟ୍ରାଫିକ୍ ପୋଲିସ ଅନୁରୋଧ କ୍ରମେ 'ପଟହୋଲ୍‌ରାଜ' କମ୍ପାନୀ ଏହି କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରଥମେ ୩୦ ମିଟର ଲମ୍ବ ଓ ୧୫ ମିଟର ଚଉଡ଼ାର ୩୦୦ ମିମି ଲେୟାରର ରାସ୍ତା ମାତ୍ର ୪ରୁ ୫ ଦିନ ମଧ୍ୟରେ ଶେଷ କରାଯାଇଛି। ଏହା ଉପରେ ୫୦ଟନ୍ ଓଜନର ଭାରିଯାନ ବି ଯାଇପାରିବ। ୨୦୧୮-୧୯ରେ କମ୍ପାନୀ ଏହା ଉପରେ ପରୀକ୍ଷଣ ଆରମ୍ଭ କରି ବହୁବାର ବିଫଳ ହେବା ପରେ ଏବେ ଲକ୍ଷ୍ୟ ହାସଲ କରିଛି। ଆଗକୁ ସହରର ଗୁରୁତ୍ୱପୂର୍ଣ୍ଣ ଜଙ୍କ୍‌ଶନଗୁଡ଼ିକରେ ଏଭଳି ରାସ୍ତା ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଅଗଷ୍ଟ ୧୯୯୭**

- ଦକ୍ଷିଣ ଆଲଜିଅର୍ସର ଇର୍ବା ଅଞ୍ଚଳରେ ଇସଲାମୀୟ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୧୪ ନାଗରିକ ଓ ୧୭ ଇସ୍‌ଲାମୀୟ ନହିତ।
- କାଶ୍ମୀର ଅଞ୍ଚଳରେ ନିରାପତ୍ତା ବାହିନୀର ବିଭିନ୍ନ ସାମରିକ କାର୍ଯ୍ୟାନୁଷ୍ଠାନ ବେଳେ ୧୩ ଉଗ୍ରବାଦୀଙ୍କ ସମେତ ୧୭ ମୃତ।
- ବିଦ୍ରୋହୀ କଂଗ୍ରେସ ପାର୍ଲାମେଣ୍ଟ ସଦସ୍ୟା ତଥା ପଶ୍ଚିମବଙ୍ଗ ଯୁବ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ 'ତୃଣମୋଲ କଂଗ୍ରେସ' ନାମରେ ଏକ ନୂତନ ଦଳ ଗଠନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 7 | 9 | | | |
| | | | | | | | 2 | 9 |
| 6 | | 4 | 5 | | | | | |
| | | | 7 | | | 3 | | |
| 1 | | | | | 3 | 6 | | |
| | | | | 9 | 6 | | | |
| | | | | 4 | 2 | | 7 | |
| | 3 | | | | 7 | | 5 | |
| 4 | | | 3 | | | 1 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 4 | 7 | 1 | 2 | 9 | 6 | 3 |
| 9 | 1 | 6 | 5 | 3 | 4 | 7 | 8 | 2 |
| 3 | 7 | 2 | 9 | 8 | 6 | 4 | 1 | 5 |
| 4 | 3 | 5 | 2 | 7 | 1 | 8 | 9 | 6 |
| 2 | 9 | 1 | 6 | 4 | 8 | 3 | 5 | 7 |
| 7 | 6 | 8 | 3 | 9 | 5 | 1 | 2 | 4 |
| 6 | 4 | 9 | 1 | 5 | 3 | 2 | 7 | 8 |
| 1 | 5 | 3 | 8 | 2 | 7 | 6 | 4 | 9 |
| 8 | 2 | 7 | 4 | 6 | 9 | 5 | 3 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ତ୍ରିରଙ୍ଗା ପାଇଁ ସଚେତନ କରାଯାଉ

ମହାଶୟ,

ଭାରତ ସରକାର ୭୫ ବର୍ଷ ସ୍ୱାଧୀନତା ଦିବସ ପୂର୍ତ୍ତି ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଏବର୍ଷ ସ୍ୱାଧୀନତା ଦିବସରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଫଳରେ ସାଧାରଣ ଲୋକେ ନିଜ ଘରେ ଅଗଷ୍ଟ ୧୫ ତାରିଖରେ ଜାତୀୟ ପତାକା ଉଡ଼ାଇ ପାରିବେ। ଏହା ଖୁସିର ବିଷୟ। ତେବେ ସାଧାରଣ କଥା ଯେ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ଲୋକେ ଅନେକ ସଚେତନ ହୋଇଥିବା ସତ୍ତ୍ୱେ ଅନେକ ସ୍ଥାନରେ ଜାତୀୟ ପତାକାର ବିଭିନ୍ନ ପ୍ରକାରେ ଅସମ୍ମାନ ହୋଇଥିବା ନଜର ରହିଛି। ଯେମିତି କି କେଉଁଠି ପତାକା ଓଲଟା ଉଡ଼ିଲା, ଦଉଡ଼ି ଛିଣ୍ଡି ପତାକା ତଳେ ପଡ଼ିଲା, କେଉଁଠି ପବନରେ ପତାକା ଚିରି ତଳେ ପଡ଼ିଗଲା, କେଉଁଠି ରାତିତମାମ ପତାକା ଉଡ଼ିଲା, କେଉଁଠି ଜରି ପତାକା ବ୍ୟବହାର ହେଲା ଏମିତି ଅନେକ ଅସମ୍ମାନ। ତେଣୁ ପ୍ରଶାସନ ସମସ୍ତ ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ, ସ୍କୁଲ କଲେଜ, ଆଶା, ଅଙ୍ଗନ୍ୱାଡ଼ି କର୍ମଚାରୀମାନଙ୍କ ଦ୍ୱାରା ସଚେତନତା କରୁ। ପତାକା କାହିଁକି ଓ କିପରି ଉଡ଼ାଇବା ଓ ଏହାକୁ କିଭଳି ସମ୍ମାନ ଦେବା ଉଚିତ ସେ ସମ୍ପର୍କରେ ଲୋକମାନଙ୍କୁ ଘରେ ଘରେ ପ୍ରଥମେ ସଚେତନ କରାଯାଉ। ଏହା ହେଲେ ପତାକାକୁ ଅସମ୍ମାନ କରିବା ଘଟଣା ଆଉ ପ୍ରକାଶ ପାଇବ ନାହିଁ।

**-ପ୍ରତାପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହଜିଗଲା ବୁଦ୍ଧି ମୋର ଛନ୍ଦର କବଳେ,
ବୁଡ଼ିଗଲା ଚେତନା ମୁଁ ପଡ଼ିଗଲି ଭୂତଳେ।
ନ ବିଚାରି କିଛି ତୁମେ ଆସ ମଧୁ ବଦନୀ,
କହି ଯାଅ କିମ୍ବା ଏଥି ଉଭା ହେଲ ସଜନୀ!

-(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମାଈ ହାତୀର ଗଳିତ ମୃତଦେହ ଠାବ

ସୁକିନ୍ଦା,୯।୮ (ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ବନାଞ୍ଚଳ ଅନ୍ତର୍ଗତ ମହାଗିରି ପର୍ବତ ଶୃଙ୍ଖଳର ଅଶୋକଝର ଜଙ୍ଗଲରୁ ଏକ ମାଈ ହାତୀର ଗଳିତ ମୃତଦେହ ମଙ୍ଗଳବାର ଠାବ କରାଯାଇଛି। ହାତୀଟିର ୧୫ ଦିନ ତଳୁ ମୃତ୍ୟୁ ହୋଇଥିବା ସ୍ଥାନୀୟ ଛେଳି ଚରାଳିଙ୍କଠାରୁ ପ୍ରଥମେ ଖବର ମିଳିଥିଲା। କଟକ ବନଖଣ୍ଡର ଡିଏଫ୍ଓଙ୍କଠାରୁ ସୂଚନା ମିଳିବା ପରେ ଏସିଏଫ୍ ଓ ବିଭିନ୍ନ ବନାଞ୍ଚଳର ଅଧିକାରୀ ଆସି ଘଟଣାର ତଦନ୍ତ କରିଛନ୍ତି। ସୁକିନ୍ଦା ପ୍ରାଣୀଧନ ଚିକିତ୍ସାଳୟର ବିଭିଓ ଓ ଭିଏଏସ୍ ହାତୀର ଶବ ବ୍ୟବଚ୍ଛେଦ କରିଥିଲେ। ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ ମତ ଅନୁଯାୟୀ, ହାତୀଟି ବୟସାଧିକ କାରଣରୁ ଜଙ୍ଗଲରେ ପଡ଼ି ମୃତ୍ୟୁବରଣ କରିଛି।

ସୁକିନ୍ଦା ବନାଞ୍ଚଳ ପକ୍ଷରୁ ପ୍ରତିଦିନ ଫୁଟ୍ ପାଟ୍ରୋଲିଂ କରାଯାଉଥିଲେ ମଧ୍ୟ ହାତୀ ମୃତ୍ୟୁ ସମ୍ପର୍କରେ କେହି ଅବଗତ ନ ଥିଲେ। ସୋମବାର ଅପରାହ୍ଣରେ ବନ୍ଧଗାଁ



ପଞ୍ଚାୟତ କୋଇଲ ଅଞ୍ଚଳର କେତେଜଣ ଛେଳି ଚରାଳି ଜଙ୍ଗଲକୁ ଯାଇଥିବା ବେଳେ ଗନ୍ଧ ବାରି ସେଠାରେ ପହଞ୍ଚିଥିଲେ। ମହାଗିରିର ଶିଖର ପ୍ରାୟ ୬୩୦ ଫୁଟ ଉଚ୍ଚରେ ହାତୀର ମୃତ୍ୟୁ ଘଟିଥିବାରୁ କେହି ଜାଣି ପାରି ନ ଥିଲେ। ଛେଳି ଚରାଳିଙ୍କଠାରୁ ଖବର ପାଇ ସୁକିନ୍ଦା ବନାଞ୍ଚଳ ଅଧିକାରୀ ବିପିନ ବିହାରୀ ରାଉତରାୟ କଟକ ବନଖଣ୍ଡ ଅଧିକାରୀ ସଞ୍ଜୟ କୁମାର ସ୍ୱାଇଁଙ୍କୁ ଖବର ଦେଇଥିଲେ। ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ଟିମ୍‌ରେ ବିଭକ୍ତ ହୋଇ ରେଞ୍ଜର ରାଉତରାୟଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚି ହାତୀର ଶବ ଜବତ କରିଥିଲେ। ପରେ କଟକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୌଭାଗ୍ୟ କୁମାର ସାହୁଙ୍କ ନେତୃତ୍ୱରେ ସୁକିନ୍ଦା ବିଭିଓ ସମୀର କୁମାର ବେହେରା, ଭିଏଏସ୍ ଚିରଞ୍ଜୀବ ସାହୁ, ଟମକା ବାନାଞ୍ଚଳ ଅଧିକାରୀ ବଳରାମ ସାହୁ ଓ ଅନ୍ୟ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। କଟକ ବନଖଣ୍ଡ ଅଧିକାରୀ ସ୍ୱାଇଁ ମଧ୍ୟ ଘଟଣାସ୍ଥଳକୁ ଆସିଥିଲେ। ମହାଗିରୀ ପର୍ବତ ଶୃଙ୍ଖଳରେ ଦୀର୍ଘ ଦିନ ରହି ଆସୁଥିବା ୧୧ଘର ହାତୀ ମଧ୍ୟରୁ ସବୁଠାରୁ ବୟସ୍କ ମାଈ ହାତୀଟିର ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ଘଟିଥିବା ତଦନ୍ତରୁ ଜଣାପଡ଼ିଛି।

## ଓଲଟିଲା ବସ୍: ୭ ଯାତ୍ରୀ ଆହତ



ଓଲଟି ପଡ଼ିଥିବା ବସ୍।

ସମ୍ବଲପୁର,୯।୮ (ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ଥାନା ହାତୀବାରୀ ଗ୍ରାମ ନିକଟରେ ମଙ୍ଗଳବାର ସକାଳ ୮ଟାରେ ଭାରସାମ୍ୟ ହରାଇ ଡେଜୀ ନାମକ ଯାତ୍ରୀବାହୀ ବସ୍ ରାସ୍ତା ଉପରେ ଓଲଟି ପଡ଼ିଥିଲା। ହେଲେ ସୌଭାଗ୍ୟବଶତଃ ଏଥିରେ ଥିବା ପ୍ରାୟ ୪୦ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ବସ୍ ଡ୍ରାଇଭର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଯାତ୍ରୀମାନଙ୍କୁ ବସ୍ ଭିତରୁ ଉଦ୍ଧାର କରିଥିଲେ। ଯୁଯୁମୁରା ପୋଲିସ କିମ୍ବା ହାଇୱେ ପାଟ୍ରୋଲିଂ ଗାଡ଼ି ପ୍ରାୟ ୨୦ମିନିଟ ପର୍ଯ୍ୟନ୍ତ ନ ଆସିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଓଡି୧୫ଡି-୦୭୫୫ନଂ. ବିଶିଷ୍ଟ ବସ୍ ଅନୁଗୋଳରୁ ବାହାରି ସମ୍ବଲପୁର ଦେଇ ସୁନ୍ଦରଗଡ଼ ଯାଉଥିଲା। ଗଡ଼ଗଡ଼ବାହାଲ ନିକଟରୁ ବସ୍‌ଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତାରେ ଏପଟସେପଟ ହୋଇ ଆସୁଥିଲା। ପ୍ରାୟ ୧୦ କିଲୋମିଟର ପରେ ଗାଡ଼ିଟି ହାତୀବାରିରେ ଓଲଟି ପଡ଼ିଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଉଦ୍ଧାର ପାଇଁ ପହଞ୍ଚିଯାଇଥିଲେ। ପ୍ରାୟ ୭ଜଣ ଯାତ୍ରୀ ସାମାନ୍ୟ ହୋଇଥିବାବେଳେ ହାତୀବାରି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଦୋଳି ଖେଳୁଥିବା ବେଳେ ଜୀବନ ଗଲା

କପ୍ତିପଦା,୯।୮ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପେଡ଼ାଗଡ଼ି ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ଜଣେ ନାବାଳିକା ଦୋଳି ଖେଳୁଥିବା ବେଳେ ଲୁଗା ବେକରେ ଗୁଡ଼ାଇ ହୋଇଯିବାରୁ ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ଗ୍ରାମର ଧୀରେନ୍ଦ୍ର ନାୟକଙ୍କ ୭ ବର୍ଷର ଝିଅ ଦିବ୍ୟଜ୍ୟୋତି (ମାମୁନ)। ପୋଲିସ ସୂଚନା ଅନୁଯାୟୀ, ମାମୁନ ଘର ଅଗଣାରେ ଶାଢ଼ିରେ ବନ୍ଧା ଯାଇଥିବା ଏକ ଦୋଳିରେ ଝୁଲୁଥିଲେ। ଅସାବଧାନତା ବଶତଃ ଶାଢ଼ି ତାଙ୍କ ବେକରେ ଗୁଡ଼ାଇ ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଉଦଳା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୯/୨୨) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା କପ୍ତିପଦା ଥାନା ଆଇଆଇସି ମୀନତି ବିଶ୍ୱାଳ କହିଛନ୍ତି।

## ୧୧କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଜଟଣୀ,୯।୮ (ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନରେ ଆର୍‌ପିଏଫ ଓ ଜିଆରପି ମିଳିତଭାବେ ଚଢ଼ାଉ କରି ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ଏନ୍.ଗଣେଶ ରେଡ୍ଡି (୧୯)। ତାଙ୍କ ନିକଟରୁ ୧୧ କେଜି ୨ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏନେଇ ଜିଆରପି ଥାନାରେ ଏକ ମାମଲା (ନଂ.୯୯/୨୨) ରୁଜୁ ପରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଗତ ସୋମବାର ପୁରୀ-ସୁରଟ ଏକ୍ସପ୍ରେସ ଟ୍ରେନରେ ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ସୂଚନା ମିଳିଥିଲା। ଆରପିଏଫ ଏବଂ ଜିଆରପି ମିଳିତଭାବେ ଷ୍ଟେଶନରେ ଯାଞ୍ଚ କରି ରେଡ୍ଡିଙ୍କୁ ଧରିଥିଲେ।

## ଏକାଠି ହେଉଛି ଜନତା ପରିବାର: ଦେବେଗୌଡ଼ା



ନୂଆଦିଲ୍ଲୀ, ୯।୮: ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ା ମଙ୍ଗଳବାର ବିହାରର ସଦ୍ୟ ରାଜନୈତିକ ଘଟଣାକ୍ରମକୁ ସ୍ୱାଗତ କରିଛନ୍ତି। ନୀତୀଶ କୁମାର ଭାଜପାକୁ ଛାଡ଼ି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହ ସେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସହ ହାତ ମିଳାଇଛନ୍ତି। ଏହି କଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ପ୍ରତିଷ୍ଠାତା ଦେବେଗୌଡ଼ାଙ୍କୁ ଗୋଟିଏ ଛାତ ତଳେ ଜନତା ଦଳ ପରିବାର କଥା ମନେ ପକାଇଦେଇଛି।ଏହି ପରିବାର ଦେଶକୁ ୩ ଜଣ ପ୍ରଧାନମନ୍ତ୍ରୀ ଦେଇଛି। ମୁଁ ପରିଣତ ବୟସରେ ପ୍ରଧାନମନ୍ତ୍ରୀ ହୋଇଥିଲି। ଆଜିର ଯୁବପିଢି ଚାହିଁଲେ ଜନତା ପରିବାରର ପୁନଃ ଅଭ୍ୟୁଥାନ ଘଟି ଏହା ଏକ ବିକଳ୍ପ ଭାବେ ଉଭା ହେବ ବୋଲି ଦେବେଗୌଡ଼ା ଆଶାବ୍ୟକ୍ତ କରିଛନ୍ତି।

## ଭିତରକନିକାରେ ୟୁଏନ୍‌ଡିପି ପ୍ରତିନିଧି ଦଳ



### ଲୁଣା ଜଙ୍ଗଲର ସ୍ଥିତି ପରଖିଲେ

ରାଜନଗର, ୯।୮ (ଡି.ଏନ.ଏ.)

ଓଡ଼ିଶାରେ ୨୫୮.୫୯ ବର୍ଗ କିମି ଲୁଣା ଜଙ୍ଗଲ ଥିବା ବେଳେ କେବଳ ଭିତରକନିକାରେ ୮୧% ରହିଛି। ବ୍ରାହ୍ମଣୀ, ବୈତରଣୀ ଅବବାହିକାରେ ବିସ୍ତୃତ ହୋଇଥିବା ଭାରତର ଦ୍ୱିତୀୟ ବୃହତମ ଲୁଣା ଜଙ୍ଗଲ ଭିତରକନିକା। ଭିତରକନିକାର ଲୁଣା ଜଙ୍ଗଲ ବାତ୍ୟା ସମୟରେ ଉପକୂଳକୁ ସୁରକ୍ଷା ଯୋଗାଇ ଆସିଛି। ଲୁଣା ଜଙ୍ଗଲର ପରିସର ବୃଦ୍ଧି ପାଇ ପ୍ରତିବର୍ଷ ରାଜନଗର ବନ ବିଭାଗ ପକ୍ଷରୁ ମ୍ୟାନ୍‌ଗ୍ରୋଭ୍ (ହେନ୍ତାଳବଣ) ପ୍ଲାଣ୍ଟେଶନ କରାଯାଉଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଏହି ମ୍ୟାନ୍‌ଗ୍ରୋଭ୍ ପ୍ଲାଣ୍ଟେଶନ ଓ ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟ କିପରି ହେଇଛି, କେତେ ପ୍ରତିଶତ ମ୍ୟାନ୍‌ଗ୍ରୋଭ୍ ପ୍ଲାଣ୍ଟେଶନ ବଞ୍ଚି ରହିଛି, ପୁନରୁଦ୍ଧାର କାର୍ଯ୍ୟ ପରେ ମରି ଆସୁଥିବା ଲୁଣା ଜଙ୍ଗଲର ସ୍ଥିତି କିପରି ବଦଳିଛି, ତା'ର ଅନୁଧ୍ୟାନ କରିବାକୁ ମଙ୍ଗଳବାର ଭିତରକନିକାରେ ପହଞ୍ଚିଛନ୍ତି ୟୁଏନ୍‌ଡିପି ଓ ଏନ୍‌ହାନ୍‌ସିଂ କ୍ଲାଇମେଟ୍ ରେଜିଲିଏନ୍ସ ଅଫ୍ ଇଣ୍ଡିଆସ୍ କୋଷ୍ଟାଲ କମ୍ୟୁନିଟିଜ୍ (ଇସିଆର୍‌ଆଇସିସି)ର ପ୍ରତିନିଧି ଦଳ। ୟୁଏନ୍‌ଡିପି ଯୁକ୍ତରାଷ୍ଟ୍ର ଆମେରିକାର ମିଖାଇଲ ପାଲେଷ୍ଟିନଙ୍କ ନେତୃତ୍ୱରେ ଡ. ସେଲଭା, ଇସିଆର୍‌ଆଇସିସି ଷ୍ଟେଟ୍ କୋଅର୍ଡିନେଟର ରଜତ ଚୌଧୁରୀ ପ୍ରମୁଖ ଭିତରକନିକାରେ ପହଞ୍ଚି ମ୍ୟାନ୍‌ଗ୍ରୋଭ୍ ପ୍ଲାଣ୍ଟେଶନର ସ୍ଥିତି ଅନୁଧ୍ୟାନ କରୁଛନ୍ତି।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

**ସଂଶୋଧନ ପତ୍ର**

ତା.୦୯.୦୮.୨୦୨୨ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଦଖଲ ନୋଟିସ୍"ରେ ଋଣଗ୍ରହୀତା: ମେସର୍ସ ସାଇ ଟ୍ରେଡ଼ିଙ୍ଗ୍ କୋଃ.ର 'ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ' ସ୍ତମ୍ଭରେ ଦର୍ଶିତ 'ପ୍ଲଟ୍ ନଂ.: ୧୩୮/୨୧୧୨' ପରିବର୍ତ୍ତେ 'ପ୍ଲଟ୍ ନଂ.: ୧୩୮୧/୨୧୧୨' ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।

ତା.୦୯.୦୮.୨୦୨୨ / କ୍ଷମତାପ୍ରାପ୍ତ ଅଧିକାରୀ



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.MSM-HYDPNE-SBP-KBJ-5-22

କାର୍ଯ୍ୟର ନାମ : ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜି ଠାରେ 140 T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମାଟିକ୍ (Pneumatic) ସିଷ୍ଟମ୍ (ମେନ୍ (Main) ଇଂଜିନ୍ ଏବଂ SLI ସିଷ୍ଟମ୍ ବ୍ୟତୀତ ସମସ୍ତ ସିଷ୍ଟମ୍) ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 39,13,848/-, EMD(ଟଙ୍କାରେ): 78,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-, କାର୍ଯ୍ୟ ଶେଷ ହେବା ଅବଧି: 03 ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.24.08.2022 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର

PR-361/N/22-23



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-DATALOGGER-280, ତା: 04.08.2022

କାର୍ଯ୍ୟର ନାମ : ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼ ଡାଟାଲଗର ରୁମ ଏବଂ ମୁଖ୍ୟାଳୟ (ଭୁବନେଶ୍ୱର) ଠାରେ ବିଭିନ୍ନ କେନ୍ଦ୍ରୀୟ ମନିଟର ଉପକରଣ / ସଫ୍ଟୱେୟାର ର ରକ୍ଷଣାବେକ୍ଷଣ ସହିତ ବିଭିନ୍ନ ଷ୍ଟେସନ / ସ୍ଥାନ ଗୁଡ଼ିକ ଠାରେ EFFTRONICS ଦ୍ୱାରା ନିର୍ମିତ ବିଭିନ୍ନ କ୍ଷମତା ର ଡାଟାଲଗର ର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 3,36,08,480/-, EMD (ଟଙ୍କାରେ) : 3,18,100/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ) : 11,800/-।

ବିଡ଼ ଆରମ୍ଭ ହେବା ତାରିଖ : ତା.12.08.2022ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.08.2022ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-366/N/22-23


## ୨ ବାଇକ୍ ମୁହାଁମୁହିଁ ଧକ୍କା, ଦୁଇ ମୃତ

ବ୍ରହ୍ମପୁର ଅଫିସ,୯।୮

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ନିକଟରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ସହ ଅନ୍ୟ ଏକ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତକ ହେଲେ ବ୍ରହ୍ମପୁର ଖାସ୍ସା ସାହିର ଜି. ଭବାନୀ ଶଙ୍କର ଆଚାରୀ (୨୪) ଓ ଅନ୍ୟଜଣେ ପୁରୁଷୋତ୍ତମପୁର ଥାନା ସାହାସପୁର ଗ୍ରାମର ରୁଦ୍ର ପ୍ରସାଦ ପ୍ରଧାନ (୨୫)। ଆହତଙ୍କ ପରିଚୟ ସ୍ପଷ୍ଟ ହୋଇପାରିନାହିଁ।

## କାନ୍ଥ ପଡ଼ି ନାବାଳକ ମୃତ

ରାଇଘର, ୯।୮ (ଡି.ଏନ୍.ଏ.)

ଲଗାଣ ବର୍ଷାରେ କାନ୍ଥ ପଡ଼ି ମଙ୍ଗଳବାର ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁରାବେଡା ପଞ୍ଚାୟତ କୁଡୁଡିହି ଗ୍ରାମର ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଲୁରାମ ଗଣ୍ଡଙ୍କ ସାନପୁଅ ଅଲେଶ (୯)। ରାଇଘର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ସକାଳୁ କଲୁରାମଙ୍କ ସ୍ତ୍ରୀ ୨ ପୁଅଙ୍କୁ ୧୦ଟଙ୍କା ଦେଇ କୁଲି କାମ କରିବାକୁ ବାହାରି ଯାଇଥିଲେ। ପିଲା ଦୁଇଜଣ ପାଖ ଦୋକାନରୁ ଚକୋଲେଟ୍ କିଣି ଘରକୁ ଯିବାବେଳେ ହଠାତ୍ କାନ୍ଥ ଭାଙ୍ଗି ଅଲେଶଙ୍କ ଉପରେ ପଡି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଛି। ଖବରପାଇ ରାଇଘର ଥାନାଧିକାରୀ ଟଙ୍କଗିରି ଭୋଇ, ଏସ୍‌ଆଇ ମନୋଜ ବେହେରା ଓ ଏଏସ୍‌ଆଇ ରବୀନ୍ଦ୍ର ପ୍ରଧାନ, ବଂଶୀ ବିଶୋଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ରାଇଘର ପୋଲିସ ୫୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


Form No.13

**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
**O.A. No. 334/2022**

State Bank of India, SARB Branch, Bhubaneswar........ Applicant
-Versus-
Abhiram Sahoo and Other........ Defendant(s)

To,
1. **Abhiram Sahoo**, S/o.: Hariram Sahoo, At: Plot No. 871, Tala Sahi, Laxmisagar, Budheswari Colony, Bhubaneswar-751006, District: Khurda, Odisha
   Office Address: Abhiram Sahoo, R.M., C/o.: M/s Future Genral India Life Insurance Company Limited, Sahid Nagar, Bhubaneswar, PIN-751007, District: Khurda, Odisha
   Permanent Address: At: Koilo, P.O.: Asureswar, Cuttack, PIN-754209, Odisha
2. **Swapana Rani Sahoo**, W/o.: Abhiram Sahoo, Plot No.: 797/8, Talasahi, Laxmisagar, Budheswari Colony, Bhubaneswar, PIN-751006, District: Khurda, Odisha

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 334/2022** in the court of the Debts of Recovery Tribunal, Cuttack for recovery of, ₹ **34,27,852.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **27.09.2022 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 08th day of August, 2022.

(M.K. Patnaik)
REGISTRAR



Form No.13

**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
**O.A. No. 320/2022**

State Bank of India, SARB, Bhubaneswar........ Applicant
-Versus-
Babi Das........ Defendant(s)

To,
1. **Babi Das**, aged about 29 years, S/o.: Bikash Das, At: Near Biraja Temple, Jajpur Town, PIN-755007, Odisha, Mobile No.: 8295035069, 6371274247
2. **Babi Das**, S/o.: Bikash Das, Proprietor - BFC India Editing Studio, Flat No.: 502, Block-A, Mahima Tower Apartment, Near Saiphon Chowk, Hanspal, PIN-752101, Bhubaneswar, Khurda, Odisha

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 320/2022** in the court of the Debts of Recovery Tribunal, Cuttack for recovery of, ₹ **27,79,059.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **27.09.2022 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 08th day of August, 2022.

(M.K. Patnaik)
REGISTRAR



**EXPRESSION OF INTEREST**

No.PP-29:- "Expression of Interest" in sealed cover is hereby invited from interested Producer Groups / Artisans / Suppliers of Puri district for supply of processed Golden Grass for SANKALP Kendrapara Project at Kendrapara.

For details of EOI, ToR etc. please visit the websites: www.sidacodisha.org.in, https://puri.nic.in. The last date of submission of EOI at Assistant Director (Handicrafts), Puri is upto 11.00 A.M. on 19th August 2022.

Sd./-
Assistant Director (Handicrafts), Puri
DIC Office Campus, C.T. Road, Puri

OIPR-31038/11/0002/2223



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ନୟାଗଡ଼ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଚନ୍ଦନ ମହାପାତ୍ର, ପିତା: ଶ୍ରୀ ରବି ନାରାୟଣ ମହାପାତ୍ର, ୨) ଶ୍ରୀମତୀ ପ୍ରଫୁଲ୍ଲବାଳା ମହାପାତ୍ର, ସ୍ୱାମୀ: ଶ୍ରୀ ରବି ନାରାୟଣ ମହାପାତ୍ର/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ରବି ନାରାୟଣ ମହାପାତ୍ର, ପିତା: ଶ୍ରୀ ବିନୋଦ ମହାପାତ୍ର, ୨) ଶ୍ରୀ ଗଗନ ବିହାରୀ ମହାପାତ୍ର, ପିତା: ଶ୍ରୀ ରବି ନାରାୟଣ ମହାପାତ୍ର, ସମସ୍ତ ଠିକଣା: ସା: ଶଗଡିଆ ସାହି, ଓଲ୍ଡ ଟାଉନ୍, ଜିଲ୍ଲା: ନୟାଗଡ଼ | ୦୬.୧୧.୨୦୨୧ ସୁଦ୍ଧା ଟ.୩,୭୭,୭୫୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୬.୧୧.୨୦୨୧ / ୦୫.୦୮.୨୦୨୨ | ଶ୍ରୀମତୀ ପ୍ରଫୁଲ୍ଲବାଳା ମହାପାତ୍ରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଗଡ଼, ଏସ୍‌ଆର୍‌ଓ / ଜିଲ୍ଲା: ନୟାଗଡ଼, ଖାତା ନଂ.: ୧୨୧୯/୮୪୩, ପ୍ଲଟ୍ ନଂ.: ୫୦୭/୪୦୦୯, କ୍ଷେତ୍ର: ଏକର୦.୦୩ ଡିସିମିଲି |
| ଋଣଗ୍ରହୀତା: ଶ୍ରୀ ମନୋଜ କୁମାର ମିଶ୍ର, ପିତା: ଶ୍ରୀ ଜନାର୍ଦ୍ଦନ ମିଶ୍ର / ଗ୍ୟାରେଣ୍ଟିଦାତା: ଶ୍ରୀ ଜନାର୍ଦ୍ଦନ ମିଶ୍ର, ଉଭୟଙ୍କ ଠିକଣା- ସା: କୁମ୍ଭାର ସାହି, ଖଣ୍ଡପଡା, ଜିଲ୍ଲା: ନୟାଗଡ | ୦୬.୧୧.୨୦୨୧ ସୁଦ୍ଧା ଟ.୩,୭୩,୭୩୭/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୬.୧୧.୨୦୨୧ / ୦୫.୦୮.୨୦୨୨ | ଶ୍ରୀ ଜନାର୍ଦ୍ଦନ ମିଶ୍ରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖଣ୍ଡପଡ଼ା, ଜିଲ୍ଲା: ନୟାଗଡ଼, ଖାତା ନଂ.: ୧୩୭୩, ପ୍ଲଟ୍ ନଂ.: ୩୩୦୮, କ୍ଷେତ୍ର: ଏକର୦.୦୫ ଡିସିମିଲି |
| ଋଣଗ୍ରହୀତା: ଶ୍ରୀ ଯୁଧିଷ୍ଠିର ପ୍ରଧାନ, ପିତା: ଶ୍ରୀ ସଦାଶିବ ପ୍ରଧାନ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସଦାଶିବ ପ୍ରଧାନ, ପିତା: ଶ୍ରୀ ଗୋପି ପ୍ରଧାନ, ୨) ଅନସୂୟା ପ୍ରଧାନ, ୩) ଶ୍ରୀ ହାଡିବନ୍ଧୁ ପ୍ରଧାନ, ୪) ଶ୍ରୀମତୀ ଅପର୍ଣ୍ଣି ପ୍ରଧାନ, ସମସ୍ତଙ୍କ ଠିକଣା- ସା: କଞ୍ଚନବିଲି, କ୍ରୀଦାସପୁର, ଜିଲ୍ଲା: ନୟାଗଡ଼ | ୨୧.୧୦.୨୦୨୧ ସୁଦ୍ଧା ଟ.୧,୬୫,୫୪୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୧.୧୦.୨୦୨୧ / ୦୫.୦୮.୨୦୨୨ | ଶ୍ରୀ ସଦାଶିବ ପ୍ରଧାନ, ପିତା: ଶ୍ରୀ ଗୋପି ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଞ୍ଚନବିଲି, ଜିଲ୍ଲା: ନୟାଗଡ଼, ଖାତା ନଂ.: ୪୯, ପ୍ଲଟ୍ ନଂ.: ୬୫୦/୮୫୫, କ୍ଷେତ୍ର: ଏକର୦.୦୪ ଡିସିମିଲି |
| ଋଣଗ୍ରହୀତା: ମେସର୍ସ କାଞ୍ଚନ ଚୁଡ଼ି ସେଣ୍ଟର, ମେନ୍ ରୋଡ଼, ଜିଲ୍ଲା: ନୟାଗଡ଼-୭୫୨୦୬୯/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ରବିନ୍ଦ୍ର କୁମାର ସାହୁ, ପିତା: ଶ୍ରୀ ଲକ୍ଷ୍ମୀଧର ସାହୁ, ୨) ଶ୍ରୀମତୀ ବିସୟା ସାହୁ, ସ୍ୱାମୀ: ଶ୍ରୀ ରବିନ୍ଦ୍ର କୁମାର ସାହୁ, ଉଭୟଙ୍କ ଠିକଣା- ସା/ପୋ: ଜୟପୁର, ଯଦୁମଣିନଗର, ଜିଲ୍ଲା: ନୟାଗଡ଼-୭୫୨୦୬୯ | ୨୧.୧୦.୨୦୨୧ ସୁଦ୍ଧା ଟ.୫,୨୩,୫୯୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୧.୧୦.୨୦୨୧ / ୦୫.୦୮.୨୦୨୨ | ଶ୍ରୀ ରବିନ୍ଦ୍ର କୁମାର ସାହୁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜୟପୁର, ଏସ୍‌ଆର୍‌ଓ /ଜିଲ୍ଲା: ନୟାଗଡ଼, ଖାତା ନଂ.: ୧୭୦/୭୩, ପ୍ଲଟ୍ ନଂ.: ୫୬୩/୬୭୫, କ୍ଷେତ୍ର: ଏକର୦.୧୫ ଡିସିମିଲି |
| ଋଣଗ୍ରହୀତାମାନେ: ୧) ମେସର୍ସ ପ୍ରତିମା ଏଣ୍ଟରପ୍ରାଇଜେସ୍, ସା: ରୁମ୍ ନଂ:୧୧, ଅମରେନ୍ଦ୍ର ମାର୍କେଟ, ଜିଲ୍ଲା: ନୟାଗଡ଼, ୨) ଶ୍ରୀ ଆନନ୍ଦ ଚନ୍ଦ୍ର ସାହୁ, ପିତା: ଶ୍ରୀ ଗୋବିନ୍ଦ ସାହୁ, ସା: ବାଲୁଗାଁ, ଜିଲ୍ଲା: ନୟାଗଡ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୋବିନ୍ଦ ସାହୁ, ପିତା: ଶ୍ରୀ ରାମ ସାହୁ, ୨) ଶ୍ରୀ ବେଣୁଧର ସାହୁ, ପିତା: ଶ୍ରୀ ରାମ ସାହୁ, ୩) ଶ୍ରୀ ଲକ୍ଷ୍ମୀଧର ସାହୁ, ପିତା: ଶ୍ରୀ ରାମ ସାହୁ, ସମସ୍ତଙ୍କ ଠିକଣା- ସା: ବାଲୁଗାଁ, ଜିଲ୍ଲା: ନୟାଗଡ଼ | ୦୬.୧୧.୨୦୨୧ ସୁଦ୍ଧା ଟ.୪,୮୧,୬୫୧/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୬.୧୧.୨୦୨୧ / ୦୫.୦୮.୨୦୨୨ | ଶ୍ରୀ ଗୋବିନ୍ଦ ସାହୁ, ଶ୍ରୀ ଲକ୍ଷ୍ମୀଧର ସାହୁ ଏବଂ ଶ୍ରୀ ବେଣୁଧର ସାହୁ, ସମସ୍ତଙ୍କ ପିତା: ଶ୍ରୀ ରାମ ସାହୁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଲୁଗାଁ, ଜିଲ୍ଲା: ନୟାଗଡ଼, ଖାତା ନଂ.: ୧୪୪, ପ୍ଲଟ୍ ନଂ.: ୧୧୩୦, କ୍ଷେତ୍ର: ଏକର୦.୦୪ ଡିସିମିଲି ଏବଂ ପ୍ଲଟ୍ ନଂ: ୧୧୪୪/୨୭୨୮, କ୍ଷେତ୍ର: ଏକର୦.୦୧ ଡିସିମିଲି |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୯.୦୮.୨୦୨୨

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ



**GOVT. OF ODISHA** No. O-808

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR**
Tel.; 06766-258301 (O), email: se_nerwkjr@rediffmail.com

**e-Procurement Notice for Bridge Work under BSY**

No. 1598 — Identification No. - Bridge Online NCB. No. 344 — Date: 04.08.2022

1. Name of the Work : Construction of Bridge over Baitarani at 4th Km. on Kadagadia to Mirisingha Road in the District of Keonjhar under BSY
2. No. of Work : 01 (One) No.
3. Estimated Cost : Rs.1199.61 lakhs
4. Class of Contractor (Eligible) : 'Special' & 'Super' Class
5. Period of Completion : 24 (Twenty Four) Calendar Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No. 344 | Dt.17.08.2022 at 11.00 A.M. | Dt.02.09.2022 upto 5.00 P.M. | Dt.30.08.2022 upto 5.00 P.M. | Dt.03.09.2022 at 11.00 A.M. | Will be intimated later |

- Further details can be seen from the website: **www.tendersorissa.gov.in**.

OIPR-25177/11/0013/2223 — Sd./-N.V. H. Rao, Chief Construction Engineer, R.W. Circle, Keonjhar



**GOVERNMENT OF ODISHA** No. O-795

**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH**
At/P.O.- Nabaghanpur, Dist.: Nayagarh, Ph.: 06753-252049, E-mail: nayagarhrw2006@yahoo.in

No. Tender Online NayagarhDivn.-03/2022-23 — Date: 02.08.2022

**e-Procurement NOTICE**

1. Name of the work : Repair of Road Works
2. Total No. of Projects : 02 (Two) Nos. of Projects
3. Class of Contractor :
   a) Estimated cost more than Rs.40.00 lakhs & upto Rs.300.00 lakhs : 'B' & 'A' Class (of Orissa PWD) or relevant class of other licensing authorities
   b) Estimated cost more than Rs.20.00 lakhs & upto Rs.40.00 lakhs : 'C' & 'B' Class (of Orissa PWD) or relevant class of other licensing authorities
   c) Estimated cost upto Rs.20.00 lakh : 'D' & 'C' Class (of Orissa PWD) or relevant class of other licensing authorities
4. Estimated cost : Rs.12.60 lakh to Rs.33.60 lakh
5. Time for completion : 03 (Three) & 02 (Two) Calendar months
6. Other Details :

| Procurement Officer | Bid Identification No. | Availability of Tender Online for bidding | | Date & time of Opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No.: Tender - Online - Divn. NAYAGARH - 03/2022-23 | 20.08.2022 at 10.00 A.M. | 03.09.2022 upto 5.00 P.M. | 05.09.2022 at 11.00 A.M. |

Further details can be seen from the website **www.tendersorissa.gov.in**.

Sd./- Superintending Engineer,
Rural Works Divn., Nayagarh

OIPR-25106/11/0009/2223

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ବଞ୍ଚାଅ ଅଭିଯାନ ପକ୍ଷରୁ ସାଧାରଣ ବୈଠକ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା ୩୦।
- ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ୭୯ତମ ଜନ୍ମଦିନ ଉପଲକ୍ଷେ ପ୍ରସାଦ ସେବନ, ମାଉସୀ ମା' ମନ୍ଦିର ପ୍ରାଙ୍ଗଣ, ଭଜନ ସମାରୋହ ଓ ମେଲୋଡି କାର୍ଯ୍ୟକ୍ରମ, ମଧାହ୍ନ ୧୨ଟା।
- ପ୍ରାକୃତିକ ଭୌଗୋଳିକ ଆଞ୍ଚଳିକ ମ୍ୟୁଜିୟମ୍‌ର ୧୮ତମ ବାର୍ଷିକ ଉତ୍ସବ, ମ୍ୟୁଜିୟମ୍ ପରିସର, ଅପରାହ୍ନ ୩ଟା।
- ଜାତୀୟ କୃମିନାଶକ ଦିବସ, ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଅପରାହ୍ନ ୩ଟା ୩୦।
- ରାଜ୍ୟସ୍ତରୀୟ ୮ମ ଜାତୀୟ ହସ୍ତତନ୍ତ ଦିବସ ସମାରୋହ ଅବସରରେ ସମ୍ପ୍ରସାରିତ ବୟନିକାର ଉଦ୍‌ଘାଟନ, ମାର୍କେଟ୍ ବିଲ୍ଡିଂ, ୟୁନିଟ୍-୨, ଅପରାହ୍ନ ୫ଟା ୩୦, ବୟନିକା ଅନନ୍ୟର ଉଦ୍‌ଘାଟନ, ବୟନ ଭବନ, ସନ୍ଧ୍ୟା ୬ଟା, ଅତ୍ୟାଧୁନିକ ହସ୍ତତନ୍ତ ବସ୍ତ୍ରର ଫ୍ୟାଶନ ଶୋ', ଏକାମ୍ର ହାଟ, ସନ୍ଧ୍ୟା ୭ଟା।
- ପଦ୍ମଶ୍ରୀ ସୁରମଣି ଡ. ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୦ତମ ଜନ୍ମବାର୍ଷିକୀ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ମଙ୍କି ପକ୍ସ ରୋଗ ଉପରେ ମେଡିକାଲ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମ, ଏସ୍‌ସିବି ମେଡିକାଲ କଲେଜ, ପୂର୍ବାହ୍ନ ୯ଟା।
- ଶିଖରପୁର ଅଣ୍ଡରପାସ୍ ସମ୍ପର୍କିତ ସମୀକ୍ଷା ବୈଠକ, ଆଦିତ୍ୟ ହୋଟେଲ୍, ପୂର୍ବାହ୍ନ ୧୧ଟା ୩୦।
- କଳା ବିକାଶ କେନ୍ଦ୍ର କଟକର ବାର୍ଷିକ ଉତ୍ସବ, କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ୩୦।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବାଲୁଗାଁ,୯।୮(ଡି.ଏନ୍.ଏ.): ୧୬ ନମ୍ବର ଜାତୀୟ ରାଜପଥର ନୌସେନା ତାଲିମ କେନ୍ଦ୍ର ଚିଲିକା ଛକ ନିକଟରେ ସୋମବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହଲେ ଫୁଲବାଣୀ ଜିଲା କଣ୍ଟ୍ରାକ୍ଟରପଡ଼ା ଗ୍ରାମର ସମ୍ବିତ୍ ପାଣିଗ୍ରାହୀ(୨୬)। ସୂଚନା ମୁତାବକ, ବିଳମ୍ବିତ ରାତିରେ ସମ୍ବିତ୍ ବାଇକ୍‌ରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଅଫିସ କାର୍ଯ୍ୟରେ ଯାଉଥିଲେ। ନୌସେନା ତାଲିମ କେନ୍ଦ୍ର ଚିଲିକା ଛକ ନିକଟରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସେଠାରେ କୌଣସି ଏକ ଗାଡ଼ି ପଛରୁ ଆସି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ସମ୍ବିତ୍‌ଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରିଚୟ ପାଇବା ପରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ।

## ବିବାହ ପ୍ରତିଶ୍ରୁତି ଦେଇ ବଙ୍ଗୀୟ ଯୁବତୀଙ୍କୁ ବଳାତ୍କାର

### ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୮(ବ୍ୟୁରୋ): ପଶ୍ଚିମବଙ୍ଗର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ମଙ୍ଗଳବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଝରଣା ବସ୍ତିର ଦେବୁନ ସେଠୀ। ସୂଚନା ଅନୁଯାୟୀ, ଦେବୁନ ଓ ପୀଡ଼ିତା ଯୁବତୀଙ୍କ ମଧ୍ୟରେ ମୋବାଇଲ ଫୋନ୍ ଯୋଗେ କଥାବାର୍ତ୍ତା ମାଧ୍ୟମରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦେବୁନ ପଶ୍ଚିମବଙ୍ଗ ଯାଇ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେଠାରୁ ସେ ଆସିବା ପରେ ଯୁବତୀଙ୍କ ସହ ଯୋଗାଯୋଗ ରଖି ନ ଥିଲେ। ତେଣୁ ପୀଡ଼ିତା ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ

## ଅନିଶ୍ଚିତତାରେ ପବିତ୍ରାରୋପଣ

ପୁରୁଣା ଭୁବନେଶ୍ୱର,୯।୮(ଡି.ଏନ୍.ଏ.)

ଦୁଇ ପ୍ରମୁଖ ସେବାୟତଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଯୋଗୁ ମଙ୍ଗଳବାର ରାତି ୯ଟା ରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତି ବନ୍ଦ ରହିଛି। ତେବେ ବୁଧବାର ହେବାକୁ ଥିବା ଠାକୁରଙ୍କ ପବିତ୍ରାରୋପଣ ନୀତି ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ସୂଚନା ମତାବକ, ପ୍ରାତଃରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ସୁରୁଖୁରରେ ଚାଲିଥିଲା। ଠାକୁରଙ୍କ ପବିତ୍ରାରୋପଣ ନୀତି ପାଇଁ ବଡୁସେବକମାନେ ପଇତା ନ ଧୋଇବା ଏବଂ ମନ୍ଦିରରେ ପୂଜାପଣ୍ଡା ସେବକମାନେ ହୋମ, ଅଧିବାସ ନ କରିବାରୁ ଠାକୁରାଣୀ ସନ୍ଧ୍ୟାଧୂପ ଠାରୁ ଶ୍ରୀଜୀଉଙ୍କ ନୀତି ସମ୍ପୂର୍ଣ୍ଣ ବନ୍ଦ ରହିଥିବା ନେଇ ପୂଜାପଣ୍ଡା ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ୨୦୧୯ ପର୍ଯ୍ୟନ୍ତ



ପରମ୍ପରା ଅନୁଯାୟୀ ପବିତ୍ରାରୋପଣ ଦିନ ପୂଜାପଣ୍ଡା ସେବାୟତ ୩ଟି ଓ ବଡ଼ ସେବାୟତ ୨୪ଟି ପଇତା ଶ୍ରୀଜୀଉଙ୍କୁ ଲାଗି କରିଥାନ୍ତି। ୨୦୨୦ରୁ ପୂଜାପଣ୍ଡା ସେବାୟତ ଏଥିରୁ କୌଣସି କାରଣରୁ ବଞ୍ଚିତ ହେବାରୁ ବିଭ୍ରାଟ ଦେଖାଦେଇଥିଲା। ଏହି ଘଟଣାକୁ ନେଇ ଏକ ମାମଲା ଦେବୋତ୍ତର କମିଶନରଙ୍କ ନିକଟରେ ବିଚାରାଧୀନ ରହିଛି ବୋଲି ସେ କହିଛନ୍ତି।

## ତଦନ୍ତ ଦାବିକଲା ଜନଜାଗରଣ ମଞ୍ଚ

### ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣା

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନରେ ଆସିଥିଲେ। ମନ୍ଦିର ଗର୍ଭଗୃହ ଭିତରେ ମନ୍ତ୍ରୀ ଶାହା ପୂଜାର୍ଚ୍ଚନା କରିବା ସମୟର ଏକ ଫଟୋ ଭାଇରାଲ ହୋଇ ଫେସ୍‌ବୁକ୍‌ରେ ଘୂରି ବୁଲୁଥିବା ଦେଖିବାକୁ ମିଳିଥିଲା। ଏହା ସମ୍ପୂର୍ଣ୍ଣ ନିଷେଧ ହୋଇଥିବାବେଳେ କିଏ କିପରି ଫଟୋ ଉଠାଇଲା ତାହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ମନ୍ଦିର ପ୍ରଶାସନ ଏବଂ କମିଶନରେଟ୍ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ନିନ୍ଦା କରାଯାଇଛି। ଏନେଇ ଜନଜାଗରଣ ମଞ୍ଚ ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ରଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛି। ପତ୍ରରେ ଶ୍ରୀଲିଙ୍ଗରାଜ ମନ୍ଦିର ଭଳି ବିଶ୍ୱ ପ୍ରସିଦ୍ଧ ଐତିହ୍ୟର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏଥିପାଇଁ ମନ୍ଦିର ସମ୍ମୁଖରେ ମେଟାଲ ଡିଟେକ୍ଟର ଓ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଏହାସତ୍ତ୍ୱେ ଗର୍ଭଗୃହକୁ କ୍ୟାମେରା ଏବଂ ମୋବାଇଲ କିଭଳି ନିଆଯାଇ ମନ୍ତ୍ରୀଙ୍କ ଫଟୋ ଉତ୍ତୋଳନ କରାଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଓଡ଼ିଆ ସଙ୍ଗୀତକାର ଅଭିଜିତ୍ ମଜୁମଦାରଙ୍କ ଫଟୋ ଭାଇରାଲ ହୋଇଥିଲା। ତେବେ ପ୍ରଶାସନ ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି।



ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ମଙ୍ଗଳବାର କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଭିନ୍ନ ବେଶ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀମାନେ।

## ଆଜି ହେବନି ଓଜେଇଇ କାଉନସେଲିଂ

ଭୁବନେଶ୍ୱର,୯।୮(ବ୍ୟୁରୋ)

ରାଜ୍ୟର ବିଭିନ୍ନ ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଓଜେଇଇ(ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା) ପକ୍ଷରୁ କାଉନସେଲିଂ ପ୍ରକ୍ରିୟା ବିଳମ୍ବ ହେବ। ଜାତୀୟ ସ୍ତରରେ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶ ନ ପାଇବା ଓ ଅନ୍ୟ କିଛି ପ୍ରମୁଖ ପ୍ରବେଶିକା ପରୀକ୍ଷା ବାକି ରହିଥିବାରୁ କାଉନସେଲିଂ ପ୍ରକ୍ରିୟା ବିଳମ୍ବରେ ଆରମ୍ଭ କରିବା ପାଇଁ ଓଜେଇଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ପୂର୍ବରୁ ଅଗଷ୍ଟ ୧୦ ତାରିଖ ଅର୍ଥାତ୍ ବୁଧବାରଠାରୁ କାଉନସେଲିଂ ଆରମ୍ଭ କରିବା ପାଇଁ ଓଜେଇଇ ଘୋଷଣା କରିଥିଲା। ହେଲେ ଏବେ ଏହି ପ୍ରକ୍ରିୟା ବିଳମ୍ବ ହେବ ବୋଲି ଦର୍ଶାଯାଇଛି। ତେବେ ସେପ୍ଟେମ୍ବରରେ କାଉନସେଲିଂ ଆରମ୍ଭ ହେବ ବୋଲି ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି।

## ବସ୍ ମାଲିକଙ୍କ ଝିଅଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ

### ଡ୍ରାଇଭରଙ୍କ ନାଁରେ ଏତଲା ଦେଲା ପରିବାର

ଭୁବନେଶ୍ୱର,୯।୮(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଜଣେ ବସ୍ ମାଲିକଙ୍କ ଝିଅଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ମଙ୍ଗଳବାର ନୟାପଲ୍ଲୀ ଥାନାରେ ଡ୍ରାଇଭରଙ୍କ ନାଁରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ସମ୍ପୃକ୍ତ ଯୁବତୀ ଯୁବକ ସାବାଳକ ଓ ସେମାନେ ସ୍ୱଇଚ୍ଛାରେ ଘରୁ ଯାଇ କୋର୍ଟରେ ବିବାହ କରିଥିବା ପୋଲିସ ଜାଣିବାକୁ ପାଇଛି। ତଥାପି ପୋଲିସ ଉଭୟଙ୍କୁ ଠାବ କରିବାକୁ ନୟାଗଡ଼ ଜିଲାରେ ଚଢ଼ାଉ କରୁଥିବା ସୂଚନା ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିରେ ସମ୍ପୃକ୍ତ ବସ୍ ମାଲିକ ନିଜ ପରିବାର ସହ ରହନ୍ତି। ତାଙ୍କ ଘରେ ଡ୍ରାଇଭର ଭାବେ ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳର ଜଣେ ଯୁବକ କାମ କରୁଥିଲେ। ବିଭିନ୍ନ ସମୟରେ ମାଲିକଙ୍କ ଘରକୁ ଡ୍ରାଇଭର ଜଣକ ଆସୁଥିଲେ। ଏହାରି ଭିତରେ ମାଲିକଙ୍କ ଝିଅଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଦୁଇଦିନ ତଳେ ଉଭୟେ ଘରୁ ପଳାଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ଝିଅର ସନ୍ଧାନ ନ ପାଇବାରୁ ଶେଷରେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି।

## ବାଲିଝଡ଼ରେ ପର୍ଯ୍ୟଟକ ଅତିଷ୍ଠ

ପୁରୀ ଅଫିସ,୯।୮

ପୁରୀ ବେଳାଭୂମିରେ ମଙ୍ଗଳବାର ବାଲିଝଡ଼ ଦେଖିବାକୁ ମିଳିଥିଲା। ଫଳରେ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ସମୁଦ୍ର ବେଳାଭୂମିରେ ଠିଆ ହୋଇପାରି ନ ଥିଲେ। ବେଳାଭୂମି ସଂଲଗ୍ନ ରାସ୍ତାରେ ମଧ୍ୟ ଯାତାୟାତ କରୁଥିବା ଲୋକେ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ପ୍ରବଳ ମାତ୍ରାରେ ବାଲି ଘୂର୍ଣ୍ଣି ବଳୟ ହୋଇ ଉଡ଼ିବା ସହ ଜୋରରେ ମାଡ଼ ହେଉଥିଲା। ମଙ୍ଗଳବାର ପୁରୀରେ ବର୍ଷାପାତ କମ୍ ରହିଥିଲେ ମଧ୍ୟ ପବନର ମାତ୍ରା ଅଧିକ ରହିଥିଲା। ପବନ ପ୍ରଭାବରେ ବାଲି ବେଳାଭୂମିରୁ ଉଠି ଆସି ରାସ୍ତା ଉପରେ ଘୂର୍ଣ୍ଣି ଝଡ଼ର ଭ୍ରମ ସୃଷ୍ଟି କରୁଥିଲା। ପର୍ଯ୍ୟଟକମାନେ ବାଲି ଝଡର ପ୍ରଭାବରେ ଚଲାବୁଲା କରିପାରୁ ନ ଥିଲେ। ଅନ୍ୟପକ୍ଷେ ସମୁଦ୍ରଜଳ ସ୍ୱାଭାବିକ ସୀମାଠାରୁ ଆଗକୁ ଆସୁଥିବା ଦେଖିବାକୁ ମିଳିଥିଲା। ଏଣୁ ଅଗ୍ନିଶମ କର୍ମଚାରୀ ଓ ଲାଇଫଗାର୍ଡମାନେ ପର୍ଯ୍ୟଟକଙ୍କୁ ସମୁଦ୍ର ସ୍ନାନ ନ କରିବା ପାଇଁ ପରାମର୍ଶ ଦେଉଥିଲେ। ମଧ୍ୟାହ୍ନରେ କିଛି ସମୟ ପାଇଁ ସମୁଦ୍ର କରେଣ୍ଟର ପ୍ରଭାବ ରହିବାରୁ ପର୍ଯ୍ୟଟକମାନେସମୁଦ୍ରସ୍ନାନକରିନଥିଲେ।

## ବିଭିନ୍ନ ଦାବିରେ ଆଦିବାସୀଙ୍କ ମାନବ ଶୃଙ୍ଖଳ

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ, ସାଲିଆ ସାହି ଆଞ୍ଚଳିକ କମିଟି ଏବଂ ଆଦିବାସୀ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ସାଲିଆସାହି ଆଦିବାସୀ ଗାଁ ଫୁଟବଲ୍ ପଡ଼ିଆ ନିକଟସ୍ଥ ରାସ୍ତାରେ ମଙ୍ଗଳବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ହୋଇଥିଲା। ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଅଧିକାର ଦେବା ପାଇଁ ସହରାଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଲାଗୁ କରିବା, ରାସ୍ତା ନାମରେ ଜଙ୍ଗଲ ଜମିରୁ ବସ୍ତି ଉଚ୍ଛେଦ ବନ୍ଦ କରିବା, ଜଙ୍ଗଲ ସଂରକ୍ଷଣ ନିୟମ ୨୦୨୨କୁ ବାତିଲ କରିବା, ପଞ୍ଚମ ଅନୁସୂଚୀର ପେସା ଆଇନ ୧୯୯୬ର ନିୟମ ପ୍ରଣୟନ କରି ଠିକ୍ କାର୍ଯ୍ୟକାରୀ କରିବା ଆଦି ବିଭିନ୍ନ ଦାବି କରାଯାଇଥିଲା। ମାନବ ଶୃଙ୍ଖଳରେ ବ୍ୟାନର, ପ୍ଲାକାର୍ଡ଼ ପ୍ରଦର୍ଶନ ସହିତ ଏକ ଆଲୋଚନା ସଭା ଆୟୋଜନ ହୋଇଥିଲା। ଆଗାମୀ ଦିନରେ ଦୃଢ଼ ମେଳି ତିଆରି କରାଯାଇ ଦାବି ହାସଲ ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିବ ବୋଲି ମଞ୍ଚର ରାଜ୍ୟ ସମ୍ପାଦକ ସାଲ ମାର୍ଣ୍ଡି କହିଥିଲେ। ସେହିପରି ଏକାମ୍ର କାନନରେ ଜିଏ ବିଭାଗର ୩୪ ଏକର ଫାଙ୍କା ଜାଗା ଥିବା ସତ୍ତ୍ୱେ ବସ୍ତିକୁ ଭାଙ୍ଗିବା ଷଡ଼ଯନ୍ତ୍ର କରାଯାଉଥିବା ମଞ୍ଚର ଉପସଭାପତି ଚାମ୍ପୁରୁ ସୋରେନ୍ ଅଭିଯୋଗ କରିଛନ୍ତି। ଆଦିବାସୀ, ବସ୍ତିବାସିନ୍ଦାଙ୍କ ପ୍ରତି ଷଡ଼ଯନ୍ତ୍ର ଏବଂ ଦମନମୂଳକ ପଦକ୍ଷେପ ବନ୍ଦ କରି ନ୍ୟାୟ ଦିଆଯାଉ ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାଲିଆ ସାହି ଆଞ୍ଚଳିକ କମିଟିର ଆବାହକ ମଣ୍ଡଳୀ ସଭାପତି ଜୟଦେବ ନାୟକ, ସଭ୍ୟ ଅନାଦି ପାତ୍ର ଏବଂ ଶିବଶଙ୍କର ସୋରେନ ପ୍ରମୁଖ ଯୋଗଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଭୟ



@ ବିଶ୍ୱଜିତ



@ ମହେଶ



@ ହିମାଂଶୁ



@ ପ୍ରମୋଦ



@ ଅଜୟ

## ଏଟିଏମ୍ ଜାଳିଦେଲେ ଦୁର୍ବୃତ୍ତ

ଜଟଣୀ,୯।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ମହାବିଦ୍ୟାଳୟ ମାର୍ଗରେ ଥିବା ୟୁକୋ ବ୍ୟାଙ୍କ ଶାଖା ଏଟିଏମ୍‌ରୁ ସୋମବାର ରାତିରେ କେତେଜଣ ଦୁର୍ବୃତ୍ତ ଲୁଟ୍ ପାଇଁ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହେବାରୁ ଏଟିମ୍‌କୁ ଜାଳି ଦେଇଛନ୍ତି। ସୂଚନା ମୁତାବକ, ବିଳମ୍ବିତ ରାତିରେ ଦୁଇଜଣ ଲୁଟେରା ଉକ୍ତ ଏଟିଏମ୍‌ରେ ଲୁଟ୍ ଉଦ୍ଦେଶ୍ୟରେ ପଶିଥିଲେ। ଗ୍ୟାସ୍ କଟରରେ ଏଟିଏମ୍‌ର ସମ୍ମୁଖ ଭାଗ କାଟିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଏଟିଏମ୍‌ରେ ନିଆଁ ଲଗାଇଦେଇ ପଳାଇଥିଲେ ବୋଲି ବ୍ୟାଙ୍କ ମ୍ୟାନେଜର ଦୀପ୍ତିକାନ୍ତ ନାୟକ କହିଛନ୍ତି। ଖବର ପାଇ ଜଟଣୀ ପୋଲିସ ପହଞ୍ଚି ସିସିଟିଭି



ପୋଡ଼ିଯାଇଥିବା ଏଟିଏମ୍

ଆଧାରରେ ତଦନ୍ତ ଚଳାଇଛି। ଅନ୍ୟପଟେ ଉକ୍ତ ଏଟିଏମ୍‌ରେ କୌଣସି ସୁରକ୍ଷା କର୍ମୀ ନିୟୋଜିତ ନ ଥିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ, ସାଲିଆ ସାହି ଆଞ୍ଚଳିକ କମିଟି ଏବଂ ଆଦିବାସୀ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ସାଲିଆସାହି ଆଦିବାସୀ ଗାଁ ଫୁଟବଲ୍ ପଡ଼ିଆ ନିକଟସ୍ଥ ରାସ୍ତାରେ ମଙ୍ଗଳବାର ବିଶ୍ୱ ଆଦିବାସୀ ଦିବସ ଅବସରରେ ମାନବଶୃଙ୍ଖଳ।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ୨ ଛାତ୍ରୀ ସିଲିପ୍ରଭା ପରିଡ଼ାଙ୍କ ଦ୍ୱାରା ଧାନରେ ପ୍ରସ୍ତୁତ ରଥାରୂଢ଼ ଜଗନ୍ନାଥ।



'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

## ସଂକ୍ଷେପରେ

### ଲକ୍ଷେ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୩ ଗିରଫ



ଖୋର୍ଦ୍ଧା ଅଫିସ,୯।୮: ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମଙ୍ଗଳବାର ସାମନ୍ତରାପୁର ବିଦ୍ୟାଳୟ ନିକଟରେ ଚଢ଼ାଉ କରି ୧୦.୭ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ଦୁଇଟି ବାଇକ୍ ଜବତ କରିଛି । ଏଥିରେ ସମ୍ପୃକ୍ତି ନେଇ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶାଗୁଆନ ବଗିଚାର ମିତନ ଗୁରୁ ଓରଫ ମିଟୁ(୨୨), ସାମନ୍ତରାପୁର ଅଞ୍ଚଳର ସଦାଶିବ ନାୟକ (୨୧) ଏବଂ ସ୍ୱପ୍ନେଶ୍ୱର ସାହିର ଲିଟୁ ବାରିକ ଓରଫ ମୁନା (୩୦)। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୭ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ସାମନ୍ତରାପୁର ବିଦ୍ୟାଳୟ ନିକଟରେ ଅଭିଯୁକ୍ତମାନେ ଏକ ପଲିଥିନ ପ୍ୟାକେଟ୍‌ରେ ବ୍ରାଉନ୍‌ସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଡିଏସ୍‌ପି ତଥା ଭାରପ୍ରାପ୍ତ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ଏହି ଟିମ୍‌ରେ ଇନ୍‌ସ୍ପେକ୍ଟର ରଶ୍ମିରଞ୍ଜନ ଦାସ, ଏସ୍‌ଆଇ ପଦ୍ମଲୋଚନ ବେହେରା ପ୍ରମୁଖ ସାମିଲ ଥିଲେ।

### ଆଜି ଏସ୍‌ସିବିରେ ମଙ୍କି ପକ୍ସ ସମ୍ପର୍କିତ ପ୍ରଶିକ୍ଷଣ

କଟକ ଅଫିସ, ୯।୮- ମଙ୍କି ପକ୍ସକୁ ନେଇ ବିଶ୍ୱବାସୀଙ୍କ ଚିନ୍ତା ବଢ଼ିଯାଇଛି। ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭାଗର ନିର୍ଦ୍ଦେଶକ୍ରମେ ବୁଧବାର ଏସ୍‌ସିବି ମେଡିକାଲର ହେରିଟେଜ ଅଡିଟୋରିୟମରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ୧୨୮ ଜଣ ଡାକ୍ତର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏତଦ୍‌ବ୍ୟତୀତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ, ରାଉରକେଲା ଆର୍‌ଜିଏଚ୍ ହସ୍ପିଟାଲର ଡାକ୍ତର ମଧ ଯୋଗ ଦେବେ। ସେହିପରି ଏସ୍‌ସିବି ମେଡିକାଲର ଭେଷଜ, ଚର୍ମରୋଗ, ଶିଶୁରୋଗ ଡାକ୍ତରଙ୍କ ସମେତ ପିଜି ଡାକ୍ତରୀ ଛାତ୍ରୀଛାତ୍ର ମଧ ପ୍ରଶିକ୍ଷଣ ଶିବିରରେ ସାମିଲ ହେବ। ଏହି ଅବସରରେ ମଙ୍କି ପକ୍ସ ନେଇ ଏସ୍‌ଓପି ଜାରି ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡିଛି।

# ଐତିହ୍ୟ ମାନ୍ୟତା ଚାହୁଁଛି 'ପାଥେରପୁରୀ'

■ଅବହେଳିତ ଅବସ୍ଥାରେ ପୁରୁଣା ସାହିତ୍ୟ କେନ୍ଦ୍ର

■ନିର୍ମାଣକୁ ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ପୂରିଲାଣି

ପୁରୀ ଅଫିସ,୯।୮

ପାଥେରପୁରୀ ଓ ରବୀନ୍ଦ୍ରନାଥ ଟାଗୋର, ଓଡ଼ିଆ ଏବଂ ବଙ୍ଗ ସାହିତ୍ୟର ଏକ ଅଦ୍ଭୁତ ମିଳନ। ପୁରୀରେ ଥିବା ଶତାବ୍ଦୀର ପୁରୁଣା କୋଠା ପାଥେରପୁରୀ ଏବେ ଏକ ଭୂତକୋଠି ହୋଇ ପଡ଼ିରହିଛି। ଦିନେ ସାହିତ୍ୟ ଓ କାବ୍ୟ ରଚନାର ଏକ ପେଣ୍ଠସ୍ଥଳୀ ଭାବେ ପରିଚିତ ଥିବା ଏହି ଐତିହ୍ୟ ଏଭଳି ଢଙ୍ଗରେ ଅବହେଳିତ ହୋଇଛି ଯେ, ଆଗାମୀ ପିଢ଼ି ପାଥେରପୁରୀର ମାହାତ୍ମ୍ୟକୁ ଜାଣିପାରିବେ ନାହିଁ। ତେଣୁ ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାଥେରପୁରୀର ପୁନରୁଦ୍ଧାର ସହ ଐତିହ୍ୟ କୋଠା ଭାବେ ମାନ୍ୟତା ଦେବାକୁ ସାଧାରଣରେ ଦାବି ହେଉଛି।

ପ୍ରସିଦ୍ଧ କବି ରବୀନ୍ଦ୍ରନାଥ ଟାଗୋର ପୁରୀରେ ପାଥେରପୁରୀ ନାମକ ଏକ ବିଶାଳ ଅଟ୍ଟାଳିକା ନିର୍ମାଣ କରି ନିଜ ସାହିତ୍ୟ ଓ ରଚନାର ଭଣ୍ଡାରକୁ ପୁରୀରେ ପରିବ୍ୟାପ୍ତ କରିବାକୁ ଚେଷ୍ଟା କରିଥିଲେ। ୧୯୩୮ରୁ ୧୯୪୦ ପର୍ଯ୍ୟନ୍ତ ୨ ବର୍ଷ ଧରି ସେ ଏହିଠାରେ ସ୍ଥାୟୀ ଭାବେ ରହିବା ସହ ବାରମ୍ବାର ପାଥେରପୁରୀକୁ ଆସି ସାହିତ୍ୟ କ୍ଷେତ୍ରରେ ନାନା ପର୍ଯ୍ୟାଲୋଚନା କରିଛନ୍ତି। ବିଶ୍ୱପ୍ରସିଦ୍ଧ ଗୀତାଞ୍ଜଳିର ଶେଷ କେତୋଟି ପଂକ୍ତି ଓ ଏପାର, ଓପାର, ଜନ୍ମଦିନ୍ ଓ ପ୍ରଭାସୀ ଭଳି କାବ୍ୟ ରଚନା ପାଥେରପୁରୀରୁ ଆରମ୍ଭ ହୋଇ ଏଠି ହିଁ ସରିଛି। ପାଥେରପୁରୀରେ ରହିବାବେଳେ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକ, ସଚ୍ଚିଦାନନ୍ଦ ରାଉତରାୟ, ରାଧାନାଥ ରାୟ ନିଜ ରଚନା ଜୀବନର କିଛି ବିଶେଷ ମୁହୂର୍ତ୍ତ ଏଠାରେ କଟାଇଛନ୍ତି। କବି ଅଭିମନ୍ୟୁ ସାମନ୍ତସିଂହାର ଓ ଆସାମ ପ୍ରସିଦ୍ଧ ଲେଖକ ଲକ୍ଷ୍ମୀନାଥ ବିଜ୍‌ବରୁଆ ମଧ ଏଠାରେ ଆୟୋଜିତ ଜାତୀୟ ସାହିତ୍ୟ ସମାରୋହରେ ଯୋଗଦେଇଛନ୍ତି। ୧୯୩୧, ୧୯୩୩, ୧୯୩୪ ଓ ୧୯୩୯ରେ ପାଥେରପୁରୀରେ ଜାତୀୟ ସାହିତ୍ୟ ସମାରୋହର ଆୟୋଜନ ହୋଇଛି। ରବୀନ୍ଦ୍ରନାଥ ଟାଗୋରଙ୍କ ଏଭଳି ଏକ ଐତିହାସିକ ସ୍ମୃତିପୀଠର ସଂରକ୍ଷଣ ଦିଗରେ ସରକାର ଧ୍ୟାନ ନ ଦେବାରୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ବୁଦ୍ଧିଜୀବୀ ହେକ୍ଟର ମିଶ୍ର ପାଥେରପୁରୀ ସମ୍ପର୍କରେ କହିଛନ୍ତି, ପାଥେରପୁରୀ ପୂର୍ବରୁ ଟାଗୋର ହାଉସ୍ ଭାବେ ଜଣାଥିଲା। ପରେ ନାମ ପରିବର୍ତ୍ତନ ହୋଇ ପାଥେରପୁରୀ ହୋଇଛି। ଟାଗୋର ହାଉସ୍‌କୁ ୧୯୪୫ରେ ଦାନ ଭାବେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା ପରେ ଏପର୍ଯ୍ୟନ୍ତ ଉକ୍ତ ବିଭାଗର ମାଲିକାନା ରହିଛି। ସେତେବେଳେ ବିଶ୍ୱନାଥ ଦାଶ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ରାଜ୍ୟ ସରକାର ପାଥେରପୁରୀକୁ ୧୯୪୫ ମାର୍ଚ୍ଚ ୧ରେ ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ମହାବିଦ୍ୟାଳୟର ଛାତ୍ରାବାସ ଭାବେ କାର୍ଯ୍ୟକ୍ଷମ କରାଇଲେ। ସେବେଠାରୁ ପାଥେରପୁରୀର ପରିଚାଳନା ଦାୟିତ୍ୱ ଏସ୍‌ସିଏସ୍ କଲେଜ ହାତରେ ରହିଥିଲା। ତେବେ ଫନି ବାତ୍ୟାରେ ପାଥେରପୁରୀ ଅତି ଶୋଚନୀୟ ସ୍ଥିତିରେ ପହଞ୍ଚିଥିଲା। ୨୦୨୦ରେ ପାଥେରପୁରୀକୁ ଜବରଦଖଲ କରିବାକୁ ଚେଷ୍ଟା କରାଗଲା। ୧୨ ଡିସିମିଲ ଜାଗା ହୋଟେଲ ମାଲିକମାନେ ମାଡ଼ି ବସିଥିଲେ। ଏନେଇ ଭଏସ୍ କମନ୍‌ମ୍ୟାନ୍ ସଙ୍ଗଠନ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପାଥେରପୁରୀକୁ ବଞ୍ଚାଇବା ଲାଗି ସେତେବେଳେ ଛାତ୍ର ଆନ୍ଦୋଳନ ତେଜିଲା ଓ ପୁନଶ୍ଚ ତତ୍କାଳୀନ ପ୍ରଶାସନ ଜମି ଫେରାଇଆଣି ବାଡ଼ କରିଥିଲେ। ତେବେ ପାଥେରପୁରୀରେ ଥିବା ଛାତ୍ରାବାସ ୨୦୧୫-୧୬ ଶିକ୍ଷାବର୍ଷରୁ ବନ୍ଦ ହୋଇଗଲାଣି। ଫନି ପରେ ଏହି କୋଠା ଏବେ ପରିତ୍ୟକ୍ତ ହୋଇ ପଡ଼ିରହିଛି।

ଇନ୍‌ଟାକ୍‌ର ରିସର୍ଚ୍ଚ ସୂଚନା ଅନୁଯାୟୀ, ୧୯୦୫ରେ ପାଥେରପୁରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୧୨ରେ ଶେଷ ହୋଇଥିଲା। ଅର୍ଥାତ୍ ପାଥେରପୁରୀ ନିର୍ମାଣକୁ ଶହେବର୍ଷରୁ ଊର୍ଦ୍ଧ୍ୱ ହୋଇସାରିଲାଣି। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଯେଉଁ ପୁରାତନ କୋଠା ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେବ ଦଣ୍ଡାୟମାନ ଥିବ ତାହାକୁ ଐତିହ୍ୟ କୋଠା ଭାବେ ମାନ୍ୟତା ମିଳିବା ଉଚିତ। ଏଣୁ ଟାଗୋରଙ୍କ ସ୍ମୃତି ଭାବେ ପରିଚିତ ପାଥେରପୁରୀକୁ ଐତିହ୍ୟର ମାନ୍ୟତା ମିଳୁ ବୋଲି ସାହିତ୍ୟିକ ବଦ୍ରି ମିଶ୍ର ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା କହିଛନ୍ତି, ଶହେ ବର୍ଷରୁ ଊର୍ଦ୍ଧ୍ୱ କୋଠାକୁ ଐତିହ୍ୟ ମାନ୍ୟତା ପାଇଁ ଚୟନ କରିହେବ। ପାଥେରପୁରୀକୁ ଐତିହ୍ୟ କୋଠାର ମାନ୍ୟତା ପାଇଁ ସୁପାରିସ କରିବୁ ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ହାତକୁ ନେବୁ।

# ଚନ୍ଦକାରେ ଛଡ଼ାଗଲା ରାଜଧାନୀରୁ ଉଦ୍ଧାର ବଜ୍ରକାପ୍ତା

ଭୁବନେଶ୍ୱର,୯।୮(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱର ଆଦିମାତା କଲୋନୀରୁ ସୋମବାର ଉଦ୍ଧାର ହୋଇଥିବା ଅଣ୍ଡିରା ବଜ୍ରକାପ୍ତାକୁ ମଙ୍ଗଳବାର ସନ୍ଧ୍ୟାରେ ଚନ୍ଦକା ଅଭୟାରଣ୍ୟର ଗୋଡ଼ିବାରି ଜଙ୍ଗଲରେ ଛାଡ଼ିଦିଆଯାଇଛି। ଆଗରୁ ସେହି ସ୍ଥାନରେ ବଜ୍ରକାପ୍ତା ଚଳପ୍ରଚଳ ହେବାର ତଥ୍ୟ ରହିଛି। ସେପଟେ ଯେଉଁ ସ୍ଥାନରୁ ତାକୁ ଉଦ୍ଧାର କରାଯାଇଥିଲା ସେଠାରେ ଆହୁରି ବଜ୍ରକାପ୍ତା ଥାଇପାରନ୍ତି ବୋଲି ବନ ବିଭାଗକୁ ପ୍ରମାଣ ମିଳିଥିଲା। ତେଣୁ ଭୁବନେଶ୍ୱର ରେଞ୍ଜ କର୍ମଚାରୀମାନେ ବିଳମ୍ବିତ ରାତି ଯାଏ ସେହି ଅଞ୍ଚଳରେ ପାଟ୍ରୋଲିଂ କରିଥିଲେ। ତେବେ ଦିନ ଓ ରାତିରେ ବର୍ଷା ହୋଇଥିବାରୁ ଯେଉଁ ଡ୍ରେନରେ ବଜ୍ରକାପ୍ତା ପାଦଚିହ୍ନ ପଡ଼ିଥିଲା, ସେଥିରେ ପାଣି ଭରି ଯାଇଥିଲା। ଉପରେ ମଧ ଅନେକ ସ୍ଥାନରେ ପାଣି ଜମିଯାଇଥିବାରୁ ଆଉ ପାଦଚିହ୍ନ ଦେଖାଯାଇ ନ ଥିଲା। ମଙ୍ଗଳବାର ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ରାତିରେ ମଧ ବନ ବିଭାଗ ତରଫରୁ ପାଟ୍ରୋଲିଂ ଜାରି ରହିଥିଲା।



ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସମେତ ନବନିଯୁକ୍ତ ସିଭିଲ ଜଜ୍‌ମାନେ।

# 'ବିଚାରପତିଙ୍କ ପାଇଁ ନ୍ୟାୟ ପ୍ରଦାନ ଏକମାତ୍ର ଲକ୍ଷ୍ୟ'

**ଶପଥ ନେଲେ ୪୭ ନବନିଯୁକ୍ତ ସିଭିଲ ଜଜ୍**

କଟକ ଅଫିସ, ୯।୮

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ନବନିଯୁକ୍ତ ୪୭ ଜଣ ସିଭିଲ ଜଜ୍‌ଙ୍କ ଶପଥ ଗ୍ରହଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଅଧ୍ୟକ୍ଷତା କରି ସିଭିଲ ଜଜ୍‌ମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ମୁରଲୀଧର କହିଥିଲେ, ୪୭ ଜଣ ସିଭିଲ ଜଜ୍‌ଙ୍କ ମଧ୍ୟରେ ୩୦ ଜଣ ମହିଳା ଅଛନ୍ତି। ଏହା ଓଡ଼ିଶା ନ୍ୟାୟପାଳିକା ପାଇଁ ଏକ ଶୁଭ ସଙ୍କେତ। ଏଥିସହ ସେ ସାଧାରଣ ଲୋକଙ୍କ ସେବା ଓ ସରକାରୀ ସେବା ମଧ୍ୟରେ ଥିବା ଭିନ୍ନତା ବିଷୟରେ ଆଲୋକପାତ କରିଥିଲେ। ସିଭିଲ ଜଜ୍‌ମାନେ ନିଜକୁ ସରକାରୀ ସେବକ ନୁହେଁ ଲୋକଙ୍କ ସେବକ ଭାବେ ମାନିବାକୁ ସେ କହିଥିଲେ। ଜଣେ ବିଚାରପତିଙ୍କ ପାଇଁ ନ୍ୟାୟ ପ୍ରଦାନ ହିଁ ଏକମାତ୍ର ଲକ୍ଷ୍ୟ। ଏଥିସହ ଅଦାଲତକୁ ଆସୁଥିବା ଜନସାଧାରଣ କିମ୍ବା ସାକ୍ଷୀଙ୍କ ପ୍ରତି ଉତ୍ତମ ଶିଷ୍ଟାଚାର ପ୍ରଦର୍ଶନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜଷ୍ଟିସ ବିଶ୍ୱଜିତ୍ ମହାନ୍ତି ସ୍ୱାଗତ ଭାଷଣ ଓ ଜଷ୍ଟିସ ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଜଷ୍ଟିସ ଏସ୍. କେ. ପାଣିଗ୍ରାହୀ, ନ୍ୟାୟିକ ଅଧିକାରୀ ଓ ସିଭିଲ ଜଜ୍‌ମାନଙ୍କ ମାତାପିତା ଓ ପରିବାରବର୍ଗ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ତାଲିମ ଶେଷ ହେବା ପରେ ନବନିଯୁକ୍ତ ୪୭ ଜଣ ସିଭିଲ ଜଜ୍‌ଙ୍କୁ ଓଡ଼ିଶା ନ୍ୟାୟିକ ସେବାରେ ସୋମବାର ସାମିଲ କରାଯାଇଛି। ହାଇକୋର୍ଟଙ୍କ ଦ୍ୱାରା ଅନୁମୋଦିତ ପ୍ରଶିକ୍ଷଣ ମଡ୍ୟୁଲ ଅନୁସାରେ ଉକ୍ତ ସିଭିଲ ଜଜ୍‌ମାନେ ନିଯୁକ୍ତି ପାଇବା ପରେ ଜୁଡିସିଆଲ ଏକାଡେମୀରେ ତାଲିମ ନେଇଥିଲେ। ତାଲିମ ନେବା ସମୟରେ ବିଭିନ୍ନ କୋର୍ଟ, ବିତ୍ତୀୟ ପ୍ରବନ୍ଧନ, ଫୋରେନ୍‌ସିକ ସାଇନ୍ସ, ମଧୁସୂଦନ ଦାସ ଏକାଡେମୀ ବିତ୍ତୀୟ ପ୍ରବନ୍ଧନ, ଏସ୍‌ସିବି ମେଡିକାଲ କଲେଜ, ରେଭିନ୍ୟୁ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, ଷ୍ଟେଟ୍ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରି ପରିଦର୍ଶନ କରିଥିଲେ। ସେହିପରି ତାଲିମ ନେବା ସମୟରେ କଏଦୀଙ୍କ ଜୀବନ ବିଷୟରେ ଜାଣିବା ପାଇଁ ଚୌଦ୍ୱାର ସର୍କଲ ଜେଲ୍ ଓ ଜାମୁଝରି ଓପନ ଏୟାର ଜେଲ୍ ବୁଲିଥିଲେ।

# ବାରବାଟୀ ଦୁର୍ଗ ଆକୃତିର ନିର୍ମାଣ ହେବ ଏମ୍‌ଏଲ୍‌ୟୁ ମୁଖ୍ୟ ଫାଟକ

କଟକ ଅଫିସ,୯।୮

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍‌ଏଲ୍‌ୟୁ) ନୂଆ ରୂପ ନେବ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱବିଦ୍ୟାଳୟର ଦୁଇଟି କ୍ୟାମ୍ପସରେ ନୂତନ ଅଟ୍ଟାଳିକା ନିର୍ମାଣ ହେଉଛି। ସେଥିମଧ୍ୟରୁ କିଛି କାର୍ଯ୍ୟ ଶେଷ ହୋଇଯାଇଥିବାବେଳେ ଆଉକିଛି କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଏମ୍‌ଏଲ୍‌ୟୁର ଦୁଇଟି କ୍ୟାମ୍ପସର ମୁଖ୍ୟ ଫାଟକ ସମେତ ଅନ୍ୟ ଏକ ଫାଟକକୁ ବାରବାଟୀ ଦୁର୍ଗ ଆକୃତିର ନିର୍ମାଣ କରାଯିବ। କଲେଜ ଛକସ୍ଥିତ ପ୍ରଥମ କ୍ୟାମ୍ପସ୍‌ର ଗୋଟିଏ ଗେଟ୍ ଏବଂ ଯୋବ୍ରାସ୍ଥିତ କ୍ୟାମ୍ପସର ୨ଟି ଗେଟ୍ ଏଭଳି ଆକୃତିର କରାଯିବ। ଏଥିପାଇଁ ଟେଣ୍ଡର ସରିଥିବାବେଳେ ପୋଲିସ କର୍ପୋରେଶନକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ପ୍ରତି ଫାଟକ ପିଛା ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାପଡିଛି। ସୂଚନାଯୋଗ୍ୟ, ୨୦୨୧ ଏପ୍ରିଲ ୨୮ରେ ମଧୁସୂଦନ ଆଇନ ମହାବିଦ୍ୟାଳୟ ବିଧିବଦ୍ଧ ଭାବେ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲା। ଏହାର ପ୍ରଥମ କୁଳପତି ଭାବରେ ପ୍ରଫେସର କମଲଜିତ୍ ସିଂ ଦାୟିତ୍ୱ ଗ୍ରହଣ କରିଥିଲେ । ଚଳିତବର୍ଷ ଏହାର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଯୋବ୍ରା କ୍ୟାମ୍ପସରେ ନୂତନ କୋଠା ଓ ବିଶ୍ୱବିଦ୍ୟାଳୟ ପରିସରରେ ପିଜି କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା।




# ଖୋର୍ଦ୍ଧା ପାଇକଙ୍କ ତ୍ୟାଗ ଇତିହାସକୁ ଗର୍ବିତ କରିଛି

**କାଦମ୍ବିନୀ ପତ୍ରିକା ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ**

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ଅଗଷ୍ଟ ୯ ଭାରତ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ଦେଶର ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ କାର୍ଯ୍ୟ କରିଛନ୍ତି, ସେମାନେ ସମ୍ମାନିତ ହେଲେ ଦେଶର ବିକାଶ ସମ୍ଭବ। କାଦମ୍ବିନୀ ପତ୍ରିକାରେ ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁଙ୍କ ସମ୍ପର୍କରେ ଲେଖା ପ୍ରକାଶ ପାଇଁ ଚିନ୍ତାଧାରା ପତ୍ରିକା ସମ୍ପାଦିକାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବୋଲି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ମଙ୍ଗଳବାର କାଦମ୍ବିନୀ ପତ୍ରିକା ପକ୍ଷରୁ କିଟ୍ ପ୍ରେକ୍ଷାଳୟରେ ଆଜାଦୀ କା ଅମୃତ ମହୋତ୍ସବ ଆୟୋଜିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନ୍ଧ୍ର ରାଜ୍ୟପାଳ କହିଲେ, ଓଡ଼ିଶାରୁ ଖୋର୍ଦ୍ଧା ପାଇକମାନଙ୍କ ତ୍ୟାଗ ଆମର ଇତିହାସକୁ ଗର୍ବିତ କରିଛି। ପାଇକ ବିଦ୍ରୋହ କେବଳ ଓଡ଼ିଶାର ନୁହେଁ, ସମଗ୍ର ଭାରତର ଗର୍ବ ଓ ଗୌରବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଏ ଦେଶ ବା ରାଜ୍ୟ ଭୋଗର ନୁହେଁ ତ୍ୟାଗର ଦେଶ ବୋଲି କହିଥିଲେ। ମା' ମାଟି ଓ ମଣିଷର ସେବା କରିବାକୁ ବ୍ରତୀ ହେବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ, ଅହିଂସା ଓ ମାନବିକତା ଭାରତୀୟ ସଂସ୍କୃତିର ପ୍ରଧାନ ଅବଲମ୍ବନ ବୋଲି କହିଥିଲେ। ହରପ୍ରସାଦ ଦାସ ଯୋଗଦେଇ ଅଗଷ୍ଟ କ୍ରାନ୍ତି ଦିବସର ବାର୍ତ୍ତା ରଖିଥିଲେ। ପ୍ରାରମ୍ଭରେ ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କାଦମ୍ବିନୀ ପତ୍ରିକା ଏବଂ କୁନିକଥା ପତ୍ରିକା ଦ୍ୱୟର ଅଗଷ୍ଟ ୨୦୨୨ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏଥିସହ ନିୟମିତ ପାଠିକାପାଠକଭାବେ ନିରୂପମା ଆଚାର୍ଯ୍ୟ, ଅରୁଣ ଖିଲାର, ତପସ୍ୱିନୀ ନାୟକ ଓ କଲ୍ୟାଣୀ ବକ୍ସିଙ୍କୁ 'କାଦମ୍ବିନୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।




ଆଜାଦୀ କା ଅମୃତ ମହୋତ୍ସବରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

# 'ଶ୍ରୀରାମ ପ୍ରଥମ ସଂଗ୍ରାମୀ, ଜଟାୟୁ ପ୍ରଥମ ଶହୀଦ'




ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ ଆୟୋଜିତ କ୍ରାନ୍ତି ଦିବସ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ।

**କ୍ରାନ୍ତି ଦିବସ ସମାରୋହ**

ଭୁବନେଶ୍ୱର, ୯।୮(ବ୍ୟୁରୋ)

ପ୍ରଭୁ ଶ୍ରୀରାମ ପ୍ରଥମ ସଂଗ୍ରାମୀ ଏବଂ ଜଟାୟୁଙ୍କୁ ପ୍ରଥମ ଶହୀଦ ଭାବେ ଅଭିହିତ କରିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍। ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ସେ ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱାଧୀନତା ଆନ୍ଦୋଳନ କେବଳ ଦେଶର ମୁକ୍ତି ସଂଗ୍ରାମ ନୁହେଁ, ଜାତିର ଅସ୍ମିତା ମଧ ଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନେତୃତ୍ୱରେ ସାରା ବିଶ୍ୱରେ ଜଗତ କଲ୍ୟାଣ ପାଇଁ ଅନେକ ଲଢେଇ ହୋଇଛି। ରାମାୟଣ ଓ ମହାଭାରତ ମଧ ଗୋଟିଏ ଗୋଟିଏ ବୃହତ ସଂଗ୍ରାମ ବୋଲି ରାଜ୍ୟପାଳ କହିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ନୀଳମଣି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଯୁବ ସାମ୍ମୁଖ୍ୟର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନର ତୁଳନା ନାହିଁ ବୋଲି କହିଥିଲେ।

ସମାରୋହରେ ଶହୀଦଙ୍କ ଦାୟାଦ ରାଧାକାନ୍ତ ପଣ୍ଡା, ଅଭିରାମ ମଲ୍ଲିକ, ପାର୍ବତୀ ଦାସ, ଯତୀନ୍ଦ୍ର ମୋହନ ଛୋଟରାୟ, ଶଙ୍କର୍ଷଣ ପରିଡ଼ା, ନୀଳକଣ୍ଠ ମାଝିତ, ପ୍ରମେଶ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବିଧାୟକ ସୁରେଶ କୁମାର ରାଉତରାୟ, ପ୍ରଫୁଲ୍ଲ ସାମଲ, ଦେବୀ ପ୍ରସାଦ ମିଶ୍ର, ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଉପେନ୍ଦ୍ର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଜୟ ନାୟକ, ଶ୍ୟାମାପ୍ରସାଦ ପଟ୍ଟନାୟକ, ଅଭୟ ବଡଜେନା, ମାଳା ସିଂ ସହଯୋଗ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପ ସଂଯୋଜକ ମଧୁଭାଇଙ୍କ ସଂଯୋଜନାରେ ପ୍ରାରମ୍ଭରେ ପତାକା ଉତ୍ତୋଳନ କରାଯାଇଥିଲା।

## ଜୁଲାଇରେ ଅଶୋଧିତ ଇସ୍ପାତ ଉତ୍ପାଦନ ୧୪% ବୃଦ୍ଧି

ନୂଆଦିଲ୍ଲୀ: ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ଚଳିତବର୍ଷ ଜୁଲାଇ ମାସରେ ଅଶୋଧିତ ଇସ୍ପାତ ଉତ୍ପାଦନ ପରିମାଣ ୧୫.୬୯ ଲକ୍ଷ ଟନ ହୋଇଛି। ଏହା ୨୦୨୧ ଜୁଲାଇରେ ୧୩.୮୨ ଲକ୍ଷ ଟନ ରହିଥିଲା। ଚଳିତବର୍ଷ ଏଥିରେ ଷ୍ଟାଣ୍ଡ ଆଲୋନ ଭିତ୍ତିରେ ୧୪% ଅଭିବୃଦ୍ଧି ଘଟିଛି। ସେହିଭଳି ଚଳିତବର୍ଷ ଜୁଲାଇରେ କମ୍ପାନୀର ଫ୍ଲାଟ ରୋଲଡ ସାମଗ୍ରୀ ଉତ୍ପାଦନ ଗତବର୍ଷ ଜୁଲାଇ ତୁଳନାରେ ୧୫% ବୃଦ୍ଧି ପାଇ ୧୦.୭୨ ଲକ୍ଷ ଟନ ହୋଇଥିବା ବେଳେ ଲଙ୍ଗ ରୋଲଡ ସାମଗ୍ରୀ ଉତ୍ପାଦନ ୧୯% ବୃଦ୍ଧି ପାଇ ୩.୬୫ ଲକ୍ଷ ଟନ ହୋଇଛି।

# ଦେଶସେବା ହିଁ ଆମର ପରମ କର୍ତ୍ତବ୍ୟ

କଟକ,୯।୮

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରୁଚି ଉଦ୍ୟୋଗ ପକ୍ଷରୁ ମଙ୍ଗଳବାର 'ଅଗଷ୍ଟ କ୍ରାନ୍ତି' ଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ ସହ ଦେଶସେବା ହିଁ ଆମର ପରମ କର୍ତ୍ତବ୍ୟ ହେବା ଉଚିତ ଏବଂ ସମସ୍ତଙ୍କ ଭିତରେ ଦେଶାତ୍ମବୋଧକ ଚେତନା ରହିଲେ ଆମେ ସମାଜ ପାଇଁ କିଛି ମଙ୍ଗଳକର କାର୍ଯ୍ୟ କରିପାରିବା ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ବନ୍ଦେ ମାତରମ୍ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଚି ଗ୍ରୁପର ନିର୍ଦ୍ଦେଶିକା ରଶ୍ମି ସାହୁ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ମହାପ୍ରବନ୍ଧକ ସୁବ୍ରମଣ୍ୟ ପ୍ରସାଦ, ମାନବସମ୍ବଳ ମୁଖ୍ୟ ଅମ୍ବରୀଶ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ସମରେନ୍ଦ୍ର କୁମାର, ମୃଣାଳିନୀ ରାଉତ, ଦେବାଶିଷ ପରିଡ଼ା, ଶ୍ରୀକାନ୍ତ ମହାପାତ୍ର, ନିରଞ୍ଜନ ଧଳ, ଡ. ନୀହାର ରଞ୍ଜନ ସାହୁ, ନ୍ୟାୟବ୍ରତ ରାଉତ, ରାମଚନ୍ଦ୍ର ବେହେରା, ଅଶୋକ କୁମାର ନାୟକ, ଶୁଭାଶିଷ ଜେନା, ଦେବସ୍ମିତା ମିଶ୍ର, କାଞ୍ଚନ ଲେଙ୍କା, ସାଇ ସମ୍ବିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରୁଚିର ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ଅଗଷ୍ଟ କ୍ରାନ୍ତି ଦିବସର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଦେଶଜ୍ୟୋତି ମହାନ୍ତି ଓ ରତୁରାଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରୁଚି ଅନୁଷ୍ଠାନର ମସଲା ଓ ଫ୍ରୋଜିଟ୍ ଡିଭିଜନ, ପାସ୍ତା ଭିଲେଜ, ଓମ୍ ପ୍ୟାକ୍ ଡିଭିଜନ, ବାଲିକୁଦା ଡିଭିଜନ ଓ ରାମଦାସପୁର ଡିଭିଜନର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଜ ନିଜ ଘରେ ଜାତୀୟପତାକା ଉତ୍ତୋଳନ ପାଇଁ ପରିଚାଳନା ନିର୍ଦ୍ଦେଶକ ଡ. ସାହୁ ସମସ୍ତଙ୍କୁ ଜାତୀୟ ପତାକା ପ୍ରଦାନ କରିଥିଲେ।



'ଅଗଷ୍ଟ କ୍ରାନ୍ତି' ଦିବସ ପାଳନ ଅବସରରେ ରୁଚି କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ୧୪ରୁ ସୁଜି, ମଇଦା ରପ୍ତାନି ଉପରେ କଟକଣା

ନୂଆଦିଲ୍ଲୀ,୯।୮

ଭାରତ ସରକାର ନିକଟରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ। ଉକ୍ତ ବୈଠକ ଶେଷ ପରେ କେନ୍ଦ୍ର ସରକାର ସୁଜି ଓ ମଇଦା ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଅଗଷ୍ଟ ୧୪ରୁ ସରକାରଙ୍କ ଉକ୍ତ ନିଷ୍ପତ୍ତି ଲାଗୁହେବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ କିଛି ମାସ ହେବ ସରକାର ଗହମ ପରେ ଅଟାର ରପ୍ତାନି ଉପରେ କଟକଣା ଜାରି କରିଥିଲେ। ଫଳରେ ମଇଦା ଏବଂ ସୁଜିର ରପ୍ତାନି ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଏହି କାରଣରୁ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେବା ପାଇଁ ବାଧ ହୋଇଛନ୍ତି। ସେହିଭଳି ଡିଜିଏଫ୍‌ଟି ଦ୍ୱାରା ଜାରି ନିର୍ଦ୍ଦେଶ ଅନୁସାରେ ମଇଦା ଏବଂ ସୁଜିର ରପ୍ତାନି ପାଇଁ ଅନୁମତି ମନ୍ତ୍ରୀସ୍ତରୀୟ ପ୍ୟାନେଲର ମଞ୍ଜୁରୀ ପରେ ଦିଆଯିବ। ଏହା ପୂର୍ବରୁ କେନ୍ଦ୍ର ସରକାର ଅଟାର ରପ୍ତାନି ଉପରେ ପ୍ରତିବନ୍ଧକ ଲାଗୁକରି ଏହି ସମାନ କଥା କହିଥିଲେ।

# ସିବିଓଆଇର ଜନସଚେତନତା ରାଲି



ଭୁବନେଶ୍ୱର,୯।୮

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ମଙ୍ଗଳବାର ସକାଳ ୭ ଘଟିକାରେ ଏକ ରୋଡ୍ ଶୋ'ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ୱାଧୀନତାର ୭୫ତମ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯିବା ସହ ସମ୍ବଲପୁର ସହରରେ ସେଣ୍ଟ କ୍ରାନ୍ତି ଅଭିଯାନର ପ୍ରଚାର ପ୍ରସାର କରାଯାଇଥିଲା। ସେହିପରି ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ବୀର ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରି ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଉକ୍ତ ରାଲିରେ ପାମ୍ପଲେଟ୍ ବଣ୍ଟନ ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଉତ୍ପାଦ ବିଷୟରେ ଘୋଷଣା କରାଯାଇଥିଲା। ଉକ୍ତ ରୋଡ୍ ଶୋ ଶାନ୍ତି ନଗର (ବୁଢାରାଜା) ଠାରୁ ଅଇଁଠାପାଲି ଛକ ପର୍ଯ୍ୟନ୍ତ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ସୁକେଶ କୁମାର ଝା, ମୁଖ୍ୟ ପ୍ରବନ୍ଧକ ଶ୍ରଦ୍ଧାକର ନାୟକ, ପ୍ରବୀର ମହାପାତ୍ର, ଅମିତ କୁମାର ଝା ଏବଂ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ତଥା ସ୍ଥାନୀୟ ସମସ୍ତ ଶାଖା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଏସ୍‌ବିଆଇର ନୂଆ ଗ୍ରାହକ ସେବା ନମ୍ବର

ମୁମ୍ବାଇ,୯।୮

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ନୂଆ ଗ୍ରାହକ ସେବା ଟୋଲ ଫ୍ରି ନମ୍ବର ୧୮୦୦-୧୨୩୪ ଓ ୧୮୦୦-୨୧୦୦ ର ଜାରି କରାଯାଇଛି। ଏହାଦ୍ୱାରା ବ୍ୟାଙ୍କର ଖାତା ଧାରକମାନେ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ଓ ଅଭିଯୋଗର ସମାଧାନ ପାଇପାରିବେ। ଏହି ଟୋଲ ଫ୍ରି ନମ୍ବର ବ୍ୟବହାର କରି ଗ୍ରାହକମାନେ ବ୍ୟାଙ୍କିଙ୍ଗ ସେବା ଯଥା ଆକାଉଣ୍ଟ ବାଲାନ୍ସ, ଶେଷ ନେଣଦେଣ ବିବରଣୀ, ଏଟିଏମ୍ କାର୍ଡ ବନ୍ଦ କରିବା, ଏଟିଏମ୍ କାର୍ଡ ପୁନର୍ବାର ମଗେଇବା, କାର୍ଡର ପ୍ରେରଣ ସ୍ଥିତି,ଏଟିଏମ୍ କାର୍ଡର ପିନ୍ ତିଆରି କରିବା, ଚେକ୍ ବହି ପ୍ରେରଣ ସ୍ଥିତି ଯାଞ୍ଚ, ନୂଆ ଚେକ୍ ବହି ମଗେଇବା, ଟିଡିଏସ୍ ଓ ଜମା ସୁଧର ସାର୍ଟିଫିକେଟ ଇମେଲ ମାଧ୍ୟମରେ ମଗେଇବା ଆଦି ଅନେକ ସୁବିଧା ପାଇପାରିବେ। ଭାରତର ସବୁଠୁ ବଡ ବ୍ୟାଙ୍କ ଭାବେ ଜଣା ଏସ୍‌ବିଆଇ ନିଜର ଗ୍ରାହକଙ୍କୁ ଉତ୍କୃଷ୍ଟ ଧରଣର ସେବା ଅତି ସହଜରେ ଯୋଗାଇବାର ଲକ୍ଷ୍ୟ ନେଇ ବିଭିନ୍ନ ପ୍ରକାରର ବ୍ୟାଙ୍କିଙ୍ଗ ସେବାକୁ ଏହି ନୂଆ ଟୋଲ ଫ୍ରି ନମ୍ବରରେ ଯୋଗାଇବାର ବ୍ୟବସ୍ଥା କରିଛି। ଏହି ପରିବର୍ତ୍ତନରେ ମୁଖ୍ୟତଃ ଅନେକଗୁଡ଼ାଏ ନୂଆ ସେବାର ଆରମ୍ଭ ସହ ଗ୍ରାହକ ସେବା କେନ୍ଦ୍ରର ଆଇଭିଆର ଓ କାର୍ଯ୍ୟନିର୍ବାହୀମାନଙ୍କ ଦ୍ୱାରା ଅଭିଯୋଗର ଶୀଘ୍ର ସମାଧାନ ଉପରେ ଧ୍ୟାନ ଦିଆଯାଇଛି। ଏସ୍‌ବିଆଇର ଗ୍ରାହକ ଯୋଗାଯୋଗ କେନ୍ଦ୍ରକୁ ନୂତନ ପ୍ରଯୁକ୍ତି ଓ କାର୍ଯ୍ୟଶୈଳୀ ଦ୍ୱାରା ବିଶ୍ୱରେ ସର୍ବୋତ୍ତମ କରିବାର ଲକ୍ଷ୍ୟ ରଖାଯାଇଛି।

# ଟାଟା ଷ୍ଟିଲ୍ ପକ୍ଷରୁ ଅନ୍ତର୍ଜାତୀୟ ଜନଜାତି ଦିବସ

ଭୁବନେଶ୍ୱର,୯।୮




ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ଟାଟା ଷ୍ଟିଲର ସହଯୋଗୀ ଅନୁଷ୍ଠାନ 'ଟାଟା ଷ୍ଟିଲ୍ ଫାଉଣ୍ଡେସନ' ଏବଂ କଳିଙ୍ଗନଗର ବିସ୍ଥାପିତ ପରିବାର ଉନ୍ନୟନ ପରିଷଦର ମିଳିତ ସହଯୋଗରେ ମଙ୍ଗଳବାର ଯାଜପୁର ଜିଲାର କଳିଙ୍ଗନଗରଠାରେ 'ଅନ୍ତର୍ଜାତୀୟ ଜନଜାତି ଦିବସ' ପାଳିତ ହୋଇଯାଇଛି। ବ୍ୟାସନଗର ମ୍ୟୁନିସିପାଲିଟିର ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଗୋବରଘାଟି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସିନି ସଏ, ସମିତି ସଭ୍ୟା ଗିନା ହାଇବ୍ରୁ ଏବଂ ସରପଞ୍ଚ ରତ୍ନାକର ତିୟୁ, କଳିଙ୍ଗନଗର ବିସ୍ଥାପିତ ପରିବାର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଲକ୍ଷଣ ଜାମୁଦା, ସଂପାଦକ ବିରେନ୍ ଜାମୁଦା, ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ପୋରେଟ୍ ସର୍ଭିସେସ୍‌ର ମୁଖ୍ୟ ଦେବଦୂତ ମହାନ୍ତି ଏବଂ ଟାଟା ଷ୍ଟିଲ୍ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜନଜାତି ସଂସ୍କୃତିରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ କ୍ଷତି ଓ ତା' ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହାର ସଂରକ୍ଷଣ, ଏହାକୁ ପୁନଃ ଶକ୍ତିଶାଳୀ ଓ ପ୍ରସାର କରିବାର ଜରୁରିକାଳୀନ ଆବଶ୍ୟକତା ପ୍ରତି ଧ୍ୟାନ ଆକର୍ଷଣ କରିବା ଲାଗି ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କୁ ନେଇ ଏକ ଅଧିବେଶନ ଗୋବରଘାଟି ପଞ୍ଚାୟତର କମ୍ୟୁନିଟି ହଲ୍-୨ରେ ଆୟୋଜନ କରାଯାଇଥିଲା। ଉକ୍ତ ଅଧିବେଶନରେ ଗୋବରଘାଟିର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ବିତରଣରେ ଜନଜାତି ମହିଳାମାନଙ୍କ ଭୂମିକା' ଶୀର୍ଷକ ଦିବସବ୍ୟାପୀ ବିସ୍ତୃତ ଆଲୋଚନ କରାଯାଇଥିଲା।

# ଜିଆଇଏମ୍‌ରେ ମହା ନିଯୁକ୍ତିମେଳା

ଭୁବନେଶ୍ୱର,୯।୮

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଜିଆଇଏମ୍) ରେ ଏକ ମହା ନିଯୁକ୍ତିମେଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଅନୁଷ୍ଠାନର ଶେଷ ବର୍ଷର ଏମ୍‌ବିଏ ଛାତ୍ରମାନେ ଉକ୍ତ ମେଳାରେ ଅଂଶ ଗ୍ରହଣ କରିଥିଲେ। ଏହି ମେଳା ଜିଆଇଏମ ଓ ଡାଇଭରସ୍ ସଲ୍ୟୁସନ୍ସର ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୧୦ଟି କମ୍ପାନୀ ଯଥା ଓମ୍ ଆସୋସିଏଟସ (ପ୍ରୋକ୍ଟର ଆଣ୍ଡ ଗ୍ୟାମ୍ବଲ), ଏ.କେ.ପି. କନ୍‌ଫ୍ରା ପ୍ରା. ଲିଃ., ସ୍ନାପି ହାଇଆରସ୍ ପ୍ରା.ଲିଃ., ସ୍ୱଦେଶୀ ବି.ସି.(ଏସ୍‌ବିଆଇ.ଗ୍ରାମୀଣ ବ୍ୟାଙ୍କ), ସ୍ପ୍ରିଙ୍ଗ୍ କ୍ୟାପିଟାଲ୍, ବିପିଓ କନ୍‌ଭରଜେନ୍ସ, ୟୁଡିଏସ୍ ପ୍ରା.ଲିଃ.(ଆଇଡିବିଆଇ ବ୍ୟାଙ୍କ), ସାଇଲୋ ଫିନ୍ ସର୍ଭିସେସ୍ ପ୍ରା.ଲିଃ., ଖଜାନା ଆସୋସିଏଟସ ଓ ଡାଇଭରସ୍ ସଲ୍ୟୁସନ୍ସ ଭଳି ସଂସ୍ଥା ଅଂଶଗ୍ରହଣ କରିଥିଲେ। ଉକ୍ତ ମେଳା ଜରିଆରେ ୫୦ଜଣ ଛାତ୍ରୀଛାତ୍ର ନିଯୁକ୍ତିର ସୁଯୋଗ ପାଇଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ସୁଯୋଗ ଉପଲବ୍ଧ କରାଇବାର ଏଭଳି ନିଷ୍ଠାପର ଉଦ୍ୟମକୁ ଡାଇଭରସ୍ ସଲ୍ୟୁସନ୍ସର ନିର୍ଦ୍ଦେଶିକା ସିପ୍ରା ନାୟକ ପ୍ରଶଂସା କରିଥିଲେ। ସେହିଭଳି ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରିନ୍ସିପାଲ ଡ. ନରେନ୍ଦ୍ର କିଶୋର ମିଶ୍ର ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଏ ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଉନ୍ନତି କାମନା କରିଥିଲେ। ସେହିପରି ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍‌ର ଡ.ମୁନ୍‌ମୁନ୍ ମହାନ୍ତି ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏହାକୁ ସଫଳ କରାଇଥିଲେ।

## ଫୁରସତ

# ବିବାହର ୫୪ ବର୍ଷ ପରେ ସନ୍ତାନ

**ରାୟପୁର:** ରାଜସ୍ଥାନର ୭୫ ବର୍ଷୀୟ ଗୋପିଚାନ୍ଦ ବିବାହର ୫୪ ବର୍ଷ ପରେ ବାପା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗତ ସୋମବାର ଅଲୱାରରେ ଗୋପିନାଥଙ୍କ ୭୦ ବର୍ଷୀୟା ସ୍ତ୍ରୀ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଏଭଳି ଘଟଣା ରାଜସ୍ଥାନରେ ପ୍ରଥମ ଥର ଘଟିଥିବା ଡାକ୍ତର କହିଛନ୍ତି। ଜନ୍ମିତ ଶିଶୁ ପୁତ୍ରର ଓଜନ ସାଢ଼େ ତିନିକିଲୋ ଥିବାବେଳେ ମା' ଓ ନବଜାତ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ଟେକ୍ନୋଲୋଜି କ୍ଷେତ୍ରରେ ଉନ୍ନତି କାରଣରୁ ବର୍ତ୍ତମାନ ସମୟରେ ୭୦- ୮୦ ବର୍ଷର ମହିଳା ସନ୍ତାନ ଜନ୍ମ ପାଇଁ ସକ୍ଷମ ହେବାରେ ଲାଗିଛନ୍ତି। ଝୁନ୍‌ଝୁନୁର ନୁହାନିୟା ଗ୍ରାମର ଗୋପିଚାନ୍ଦ ସେନାରେ ଚାକିରି କରିଥିଲେ। ପରିବାରରେ କୌଣସି ପ୍ରକାର ଅସୁବିଧା ନ ଥିବାବେଳେ କିନ୍ତୁ ଗୋଟିଏ ସନ୍ତାନ ପାଇଁ ଦୁହେଁ ବର୍ଷ ବର୍ଷ ଧରି ବହୁ ଚେଷ୍ଟା କରିଥିଲେ ହେଁ ସେଥିରେ ସଫଳ ହୋଇ ନ ଥିବା ସେ କହିଛନ୍ତି। କିନ୍ତୁ ଆଇଭିଏଫ୍ (ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ୍) ଜରିଆରେ ଗୋପିଚାନ୍ଦ ବାପା ହେବାର ସୁଯୋଗ ପାଇଥିବା କହିଛନ୍ତି। ପରିଣତ ବୟସରେ ଖୁବ୍ କମ୍ ଲୋକଙ୍କ ନିକଟରେ ସନ୍ତାନ ଜନ୍ମର କ୍ଷମତା ଥିବା ଆଇଭିଏଫ୍ ଏକ୍ସପର୍ଟ ଡା. ପଙ୍କଜ ଗୁପ୍ତା କହିଛନ୍ତି।

ଆଇଭିଏଫ୍‌ର ପୂରାନାମ ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ୍। କେହି କେହି ଏହି ପ୍ରଣାଳୀକୁ ଟେଷ୍ଟ ଟ୍ୟୁବ୍ ବେବି ବୋଲି କହିଥାନ୍ତି। ମହିଳାଙ୍କ ଡିମ୍ବାଣୁ ଓ ପୁରୁଷଙ୍କ ଶୁକ୍ରାଣୁକୁ ଟେଷ୍ଟ ଟ୍ୟୁବ୍‌ରେ ମିଶ୍ରଣ କରି ରଖାଯାଏ। କିଛିଦିନ ପରେ ସେଥିରୁ ଭ୍ରୁଣ ଜନ୍ମିଥାଏ। ଏହି ଭ୍ରୁଣକୁ ମହିଳାଙ୍କ ଗର୍ଭାଶୟରେ ସ୍ଥାପନ କରାଯାଏ। ଏହାପରେ ଗର୍ଭାଶୟରେ ଶିଶୁଟି ବିକଶିତ ହୋଇଥାଏ।



# ଆଇଏଫ୍‌ଏଫ୍‌ଏମ୍‌ର ଜଜ୍ ତମନ୍ନା

**ହାଇଦ୍ରାବାଦ:** ଚଳଚ୍ଚିତ୍ର ଅଭିନେତ୍ରୀ ତମନ୍ନା ଭାଟିଆ ଚଳିତ ବର୍ଷ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ନ (ଆ।ଇଏଫ୍‌ଏଫ୍‌ଏମ୍)ରେ ଜଜ୍ ହେବାକୁ ଯାଉଛନ୍ତି। ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ଭାରତୀୟ ଡାନ୍ସରଙ୍କ ସମେତ ଫିଜି, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆର ନୃତ୍ୟଶିଳ୍ପୀ ଏଥିରେ ଅଂଶଗ୍ରହଣ କରିବେ। ତମନ୍ନାଙ୍କ ସହ ମିସ୍ ଅଷ୍ଟ୍ରେଲିଆ, ମିସ୍ କ୍ରିଷ୍ଟେନ୍ ରାଇଟ୍ସ ମଧ୍ୟ କାର୍ଯ୍ୟକ୍ରମର ଜଜ୍ ଦାୟିତ୍ୱରେ ରହିବେ। ଆଇଏଫଏଫ୍‌ଏମ୍‌ରେ ଜଜ୍ ହେବା ନେଇ ତମନ୍ନା ବେଶ୍ ଖୁସିଥିବା ଜଣାପଡ଼ିଛି। ବଲିଉଡ୍ ଗୀତ ଓ ନାଚର ପ୍ରଶଂସକ ସାରା ବିଶ୍ୱରେ ରହିଛନ୍ତି। ବିଶେଷ କରି ଅଷ୍ଟ୍ରେଲିଆରେ ବଲିଉଡ୍ ସଙ୍ଗୀତର କ୍ରେଜ୍ ଖୁବ୍ ବେଶି ବୋଲି ଫେଷ୍ଟିଭାଲ ନିର୍ଦ୍ଦେଶକ ମିତୁ ଭୋଉମିକ୍ କହିଛନ୍ତି। ଗତ ଦୁଇ ବର୍ଷ ଆଇଏଫ୍‌ଏଫ୍‌ଏମ୍ ପ୍ରତିଯୋଗିତା ଭର୍ଚୁଆଲମୋଡ୍‌ରେ କରାଯାଇଥିବାବେଳେ ଚଳିତ ବର୍ଷ ଉଭୟ ଭର୍ଚୁଆଲ ଓ ଫିଜିକାଲ ମୋଡ୍‌ରେ ଏହା ଅନୁଷ୍ଠିତ ହେବାକୁ ଯାଉଛି। ଅଗଷ୍ଟ ୧୨ରୁ ୨୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ କାର୍ଯ୍ୟକ୍ରମର ହୋଷ୍ଟିଂ ଦାୟିତ୍ୱରେ ଅଭିଷେକ ବଚ୍ଚନ, ଅନୁରାଗ କଶ୍ୟପ ଏବଂ ବାଣୀ କପୁର ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



# ୫୦ବର୍ଷ ପୂର୍ବେ ଚୋରି ପାର୍ବତୀ ମୂର୍ତ୍ତି ଆମେରିକାରେ ଠାବ



**ୱାଶିଂଟନ:** ତାମିଲନାଡୁ କୁମ୍ଭାକୋନାମ ଥାଣ୍ଡାନ୍ଥୋଟ୍ଟମରେ ଥିବା ନାଦାଦପୁରେଶ୍ୱରାର ଶିଭାନ ମନ୍ଦିରରୁ ୫୦ ବର୍ଷ ପୂର୍ବେ ଚୋରି ହୋଇଥିବା ପାର୍ବତୀ ଠାକୁରାଣୀଙ୍କ ମୂର୍ତ୍ତି ନ୍ୟୁୟର୍କରେ ଠାବ ହୋଇଥିବା ତାମିଲନାଡୁ ଆଇଡଲ୍ ୱିଙ୍ଗ୍ ସିଆଇଡି ସୋମବାର ସୂଚନା ଦେଇଛନ୍ତି। ନ୍ୟୁୟର୍କ ବୋନହାସ ଅକ୍‌ସନ୍ ହାଉସ୍‌ରେ ପାର୍ବତୀଙ୍କ ମୂର୍ତ୍ତି ଦେଖିବାକୁ ମିଳିଥିବା ତଦନ୍ତକାରୀ ଏଜେନ୍ସି କହିଛି। ମୂର୍ତ୍ତି ଚୋରି ବାବଦରେ ପୂର୍ବରୁ ୨ଟି ଅଭିଯୋଗ ଦାଖଲ ହୋଇଛି। ୨୦୧୯ ଫେବୃଆରୀରେ କେ. ବାସୁ ନାମକ ଜଣେ ବ୍ୟକ୍ତି ପ୍ରଥମ ଅଭିଯୋଗ କରିଥିଲେ। ୧୯୭୧ରେ ମନ୍ଦିରରୁ ଉକ୍ତ ମୂର୍ତ୍ତି ଚୋରି ହୋଇଥିବା ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ। ସେହିପରି ତଦନ୍ତକାରୀ ଏଜେନ୍ସି ଆଇଡଲ୍ ୱିଙ୍ଗ୍‌ସ ପକ୍ଷରୁ ଅଭିଯୋଗ ହେବା ପରେ ୱିଙ୍ଗ୍‌ସ ଇନ୍‌ସ୍ପେକ୍ଟର ଏମ୍. ଚିତ୍ରା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବିଦେଶରେ ଥିବା ବିଭିନ୍ନ ସଂଗ୍ରହାଳୟ ସାଙ୍ଗକୁ ନିଲାମସ୍ଥଳୀମାନ ବୁଲି ଖୋଜାଖୋଜି ଚଳାଇଥିଲା ଆଇଡଲ୍ ୱିଙ୍ଗ୍‌ସର ଟିମ୍। ଚୋଳ ଶାସନ ସମୟର ତମ୍ବାରେ ତିଆରି ଏହି ପାର୍ବତୀ ମୂର୍ତ୍ତିର ଉଚ୍ଚତା ୫୨ ସେଣ୍ଟିମିଟର ଥିବାବେଳେ ଏହାର ମୂଲ୍ୟ ୧,୬୮,୨୬,୧୪୩ ଟଙ୍କା ହୋଇଥିବା ଜଣାପଡ଼ିଛି। ମୂର୍ତ୍ତି ଭାରତ ଫେରାଇ ଆଣିବା ପାଇଁ ତଦନ୍ତକାରୀ ଟିମ୍ ଆବଶ୍ୟକୀୟ କାଗଜ ପ୍ରସ୍ତୁତ କରୁଥିବା ଆଇଡଲ୍ ୱିଙ୍ଗ୍‌ର ଡିଜିପି ଜୟନ୍ତ ମୁରଲୀ କହିଛନ୍ତି।

# ଏଚ୍‌ଆଇଭି ସଂକ୍ରମିତ ପ୍ରେମିକଙ୍କ ରକ୍ତକୁ ଦେହରେ ଇନ୍‌ଜେକ୍ଟ କଲେ



## ଭଲପାଇବାର ପ୍ରମାଣ ଦେଲେ ଯୁବତୀ

**ଦିଶପୁର:** ପ୍ରେମିକ, ପ୍ରେମିକାମାନେ ନିଜ ଭଲପାଇବାର ପ୍ରମାଣ ଦେବାକୁ ଯାଇ ଅନେକ ସମୟରେ ବିଭିନ୍ନ ପ୍ରକାର ଅଜବ ଘଟଣା ସବୁ ଘଟାଇବାର ନଜିର ରହିଛି। ସେହିପରି ପ୍ରେମିକ ନିକଟରେ ନିଜ ପ୍ରେମକୁ ପ୍ରମାଣିତ କରିବାକୁ ଯାଇ ଆସାମର ଜଣେ ୧୫ ବର୍ଷୀୟା ଯୁବତୀ ଏକ ଅଜବ କାଣ୍ଡ ଘଟାଇଛନ୍ତି। ଯୁବତୀଙ୍କ ଘର ଆସାମ ସଉଲକୁଚି ଜିଲାରେ। ବଏଫ୍ରେଣ୍ଡ ଏଚ୍‌ଆଇଭି ସଂକ୍ରମିତ ହୋଇଥିବାବେଳେ ତାଙ୍କ ସଂକ୍ରମିତ ରକ୍ତକୁ ସିରିଞ୍ଜ ସାହାଯ୍ୟରେ ଯୁବତୀ ଜଣକ ନିଜ ଦେହରେ ଇନ୍‌ଜେକ୍ଟ କରିଛନ୍ତି। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବାବେଳେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି। ଯୁବତୀଙ୍କୁ ଡାକ୍ତରଖାନାରେ ଅବ୍‌ଜରଭେସନ୍‌ରେ ରଖାଯାଇଛି। ଯୁବତୀଙ୍କ ପରିବାର ପ୍ରେମିକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି।

ଫେସ୍‌ବୁକ୍ ଜରିଆରେ ଦୁହିଁଙ୍କ ପ୍ରେମ। ସମ୍ପର୍କକୁ ୩ ବର୍ଷ ବିତିଯାଇଥିବାବେଳେ ଦୁହିଁଙ୍କ ପ୍ରେମ ଯେତେ ପୁରୁଣା ହୋଇଥିଲା ସେମାନଙ୍କ ସମ୍ପର୍କ ସେତେ ନିବିଡ଼ ହେବାରେ ଲାଗିଥିଲା। ଯୁବତୀ ଜଣକ ଅନେକଥର ପ୍ରେମିକ ସହ ଘରଛାଡ଼ି ଚାଲିଯିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ପରିବାର ଲୋକେ ତାଙ୍କର ଏ ଯୋଜନାକୁ ସଫଳ ହେବାକୁ ଦେଇ ନ ଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳ ବ୍ୟତୀତ ସୋସିଆଲ ମିଡିଆରେ ଟ୍ରେଣ୍ଡ ପାଲଟିଛି। ୟୁଜରମାନେ ଯୁବତୀଙ୍କ ପାଗଳାମୀକୁ ନେଇ ମିମ୍ ତିଆରି କରିବା ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ୮ ବେଆଇନ ଇଟାଭାଟିକୁ ସିଜ୍ କଲେ ତହସିଲଦାର

ବାଲକାଟୀ/ବାଲିଅନ୍ତା, ୯।୮(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲକାଟୀ ଅଞ୍ଚଳରେ ସରକାରୀ ଅନୁମତି ପତ୍ର(ଏନ୍ଓସି) ନ ଥାଇ ମାଲ ମାଲ ଇଟା ଭାଟି ବେଆଇନ ଭାବେ ଚାଲୁଥିଲା। ଏ ନେଇ ଅଭିଯୋଗ ହେବା ପରେ ରାଜସ୍ୱ ବିଭାଗ ସଚିବଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଉକ୍ତ ଅଞ୍ଚଳର ୮ଟି ଇଟାଭାଟିକୁ ତହସିଲଦାର ସିଜ୍ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବାଲିଅନ୍ତା ତହସିଲ ଅଞ୍ଚଳରେ ଗତ କିଛି ବର୍ଷ ମଧ୍ୟରେ ଏକାଧିକ ବେଆଇନ ଇଟା ଭାଟି ବିଭିନ୍ନ ପଞ୍ଚାୟତରେ ଚାଲିଛି। ସରକାରୀ ଅନୁମତି ନ ଥାଇ ଏହି ବେଆଇନ ଇଟା ଭାଟିଗୁଡିକ ଚାଲୁଥିବା ବେଳେ ପରିବେଶ ପ୍ରଦୂଷଣ ସହିତ ଭାଟି ପାଇଁ ସରକାରୀ ଜାଗାରୁ ବେଧଡ଼କ ମାଟି ଉଠାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏହି କଥା ଜାଣି ରାଜସ୍ୱ ସଚିବଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା, ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ଉପସ୍ଥିତରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୮ଟି ଇଟାଭାଟିକୁ ସିଜ୍ କରିଛନ୍ତି।

### ବିପିଏ ସଭାପତି ହେଲେ ପ୍ରମୋଦ ବିଶ୍ୱାଳ

ଭୁବନେଶ୍ୱର,୯।୮(ବ୍ୟୁରୋ): ବାଲିକୁଦା ପିପୁଲ୍ସ ଆସୋସିଏସନ (ବିପିଏ)ର ସାଧାରଣ ପରିଷଦ ବୈଠକ ରାଜଧାନୀ କଳା ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଦେବେନ୍ଦ୍ର ଚରଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅନୁଷ୍ଠାନର ସଭ୍ୟ କମଳ ଲୋଚନ ମହାନ୍ତି, ବିଭୂତି ଭୂଷଣ ସ୍ୱାଇଁ, ଚୈତନ୍ୟ ଚରଣ ପରିଡା, ଜ୍ୟୋତିର୍ମୟୀ ଦାସ, ଶରତ ଚନ୍ଦ୍ର ନାୟକ, କ୍ଷେତ୍ରମୋହନ ଦାସ ଏବଂ ମିହିର ମିଶ୍ର ପ୍ରମୁଖ ବାଲିକୁଦା ଅଞ୍ଚଳକୁ ସମୃଦ୍ଧ କରିବା ଓ ପ୍ରଗତିଶୀଳ କରିବା ଉଦ୍ଦେଶ୍ୟରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ନୂତନ କମିଟି ଗଠନରେ ସଭାପତି ଭାବେ ପ୍ରମୋଦ ବିଶ୍ୱାଳ, ଉପ ସଭାପତି ଭାବେ ପ୍ରଶାନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଭାବେ ଚୈତନ୍ୟ ଚରଣ ପରିଡା, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ଦାସ, ସହ ସମ୍ପାଦକ ଭାବେ ଚିତ୍ତରଞ୍ଜନ ଦାସ, କୋଷାଧ୍ୟକ୍ଷ ଭାବେ ଭାନୁପ୍ରକାଶ ସ୍ୱାଇଁ ଏବଂ ମିହିର ମିଶ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବୈଠକରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଚାରାରୋପଣ ଓ ଭଗବତ୍ ଗୀତା ପୁସ୍ତକ ବଣ୍ଟନ ହେବ ବୋଲି ସ୍ଥିର ହୋଇଥିଲା। ମିହିର ମିଶ୍ର ଧନ୍ୟବାଦ ଦେଇଥିଲେ।

### ପୁଅ ବୋମାମାଡ଼ରେ ବାପା ଗୁରୁତର

ବାଣପୁର,୯।୮(ଡି.ଏନ୍.ଏ.): ବାଣପୁର ଥାନା ଅଧୀନ ଶାନ୍ତିନଗର ଅଞ୍ଚଳର ସଠ ରାଉତରାୟ (୮୫)ଙ୍କ ଉପରକୁ ତାଙ୍କ ବଡ଼ପୁଅ ଓ ସହଯୋଗୀ ବୋମାମାଡ଼ କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ସଠଙ୍କୁ ପରିବାର ଲୋକେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା ମୁତାବକ, ପାରିବାରିକ କଳହ ଯୋଗୁ ସଠ ତାଙ୍କ ସାନପୁଅ ସହ ଅନ୍ୟ ଏକ ଗାଁରେ ରହୁଥିଲେ। ମଙ୍ଗଳବାର ସକାଳେ ଶୌଚ ପାଇଁ ସଠ ନିକଟ କେନାଲକୁ ଯାଇଥିଲେ। ସେଠାରେ ପୂର୍ବରୁ ଥିବା ବଡ଼ପୁଅ ଓ ତାଙ୍କ ସହଯୋଗୀମାନେ ସଠଙ୍କ ଉପରକୁ ବୋମା ଫିଙ୍ଗି ପଳାଇଥିଲେ। ବୋମାଟି ସଠଙ୍କ ଦେହରେ ମାଡ଼ ହୋଇ ବିସ୍ଫୋରଣ ହୋଇଥିଲା। ଫଳରେ ସଠ ଗୁରୁତର ଆହତ ହୋଇଥିଲେ।

# 'ଓଡ଼ିଆ ଭାଷାକୁ ସମୃଦ୍ଧ କରିଛନ୍ତି ସ୍ୱଭାବ କବି'

### ନରେନ୍ଦ୍ର ମିଶ୍ର, କନକ ମଞ୍ଜରୀ ମିଶ୍ରଙ୍କୁ ଗଙ୍ଗାଧର ମେହେର ସମ୍ମାନ

ଭୁବନେଶ୍ୱର, ୯।୮(ବ୍ୟୁରୋ)

ସ୍ୱଭାବ କବି ଗଙ୍ଗାଧର ମେହେର ଥିଲେ ମାନବ ଜୀବନର ସୁଦକ୍ଷ ଚିତ୍ରକର। ତାଙ୍କର ଅନବଦ୍ୟ ରଚନା 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ', 'କିଚକ ବଧ' ଏବଂ 'ଇନ୍ଦୁମତି' ପ୍ରଭୃତିରେ ସେ ସୌନ୍ଦର୍ଯ୍ୟ ଚେତନା, ଆଶୀର୍ବାଦ ଓ ସମାଜ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ଓଡ଼ିଆ ସାହିତ୍ୟରେ ପ୍ରକୃତି ପାଇଁ ଗଙ୍ଗାଧର ମେହେର ସମସ୍ତଙ୍କର ଚିର ବନ୍ଦନୀୟ ହୋଇରହିବେ ବୋଲି ରାଜ୍ୟସ୍ତରୀୟ ମେହେରଙ୍କ ଜୟନ୍ତୀ ସମାରୋହରେ ବକ୍ତାମାନେ ମତ ଦେଇଛନ୍ତି। ସାପ୍ତାହିକ ଖବରକାଗଜ 'ଚିର ସନ୍ଧାନ' ପକ୍ଷରୁ ମଙ୍ଗଳବାର ବୁଦ୍ଧ ମନ୍ଦିରଠାରେ ରାଜ୍ୟସ୍ତରୀୟ ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ କାର୍ଯ୍ୟକ୍ରମକୁ ଉଦଘାଟନ କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ କବି ମେହେରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। 'ଚିର ସନ୍ଧାନ' ସମ୍ପାଦକ ଡ. ପାର୍ଥ ସାରଥି ଅଜୟ ବାରିକ ଉତ୍ସବରେ ସଭାପତିତ୍ୱ କରି କହିଲେ, ମେହେରଙ୍କ ପ୍ରକୃତି ଚିତ୍ରଣ ଅନନ୍ୟ। ରାଧାନାଥ ସାହିତ୍ୟରେ ପ୍ରକୃତି କର୍ମକାରକ ହୋଇଥିବାବେଳେ ମେହେର ପ୍ରକୃତି କର୍ତ୍ତା ରୂପରେ ପ୍ରତୀୟମାନ ହୁଅନ୍ତି।

ଏହି ଅବସରରେ ପୂର୍ବତନ କୁଳପତି ଡ. ନରେନ୍ଦ୍ର ମିଶ୍ର ଏବଂ ପ୍ରଫେସର କନକ ମଞ୍ଜରୀ ମିଶ୍ରଙ୍କୁ 'ଗଙ୍ଗାଧର ମେହେର ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଯୁବ ଶିଳ୍ପୋଦ୍ୟୋଗୀ ସତ୍ୟବ୍ରତ ମହାନ୍ତିଙ୍କୁ 'ସନ୍ଧାନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ବକ୍ତା ଶୁଚିସ୍ମିତା ମନ୍ତ୍ରୀ ଗଙ୍ଗାଧରଙ୍କ ସାରସ୍ୱତ କୃତି ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଯୋଗଗୁରୁ ସୁଧାଂଶୁ ଅଧିକାରୀ ତାଙ୍କୁ ଓଡ଼ିଆ ଜାତିର ଗର୍ବ ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଓ ଅନସୂୟା ନାଥ ଉପସ୍ଥିତ ଥିଲେ। ସାମାଜିକକର୍ମୀ ଦୁଃଶାସନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ପି. ଅଭୟ କୁମାର ଏବଂ ରମାକାନ୍ତ ସ୍ୱାଇଁ ସଭା ପରିଚାଳନା କରିଥିଲେ।




'ଚିର ସନ୍ଧାନ' ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ମଙ୍ଗଳବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭା।

# ଦେଶାତ୍ମବୋଧକ ସଙ୍ଗୀତରେ ଶ୍ରୋତା ବିଭୋର

ଭୁବନେଶ୍ୱର, ୯।୮(ବ୍ୟୁରୋ)

ସଂଭାବନା ଅନୁଷ୍ଠାନର ସ୍ୱନକ୍ଷତ୍ର ଦିବସ ଓ କ୍ରାନ୍ତି ଦିବସ ଅବସରରେ ମଙ୍ଗଳବାର ସୂଚନା ଭବନରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଜୟହିନ୍ଦ' ଆୟୋଜିତ ହୋଇଯାଇଛି। ଜାତୀୟ ମୁକ୍ତି ଆନ୍ଦୋଳନରେ ସଂଗ୍ରାମୀ ଏବଂ ଶହୀଦମାନଙ୍କ ଅତୁଳନୀୟ ତ୍ୟାଗ, ବଳିଦାନ ଓ ସଂଗ୍ରାମକୁ ସ୍ମରଣ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ୱର୍ଗାଦପୀ ଗରିୟସୀ, ଜୟଦେବୀ ଜନ୍ମଭୂମି, ଦେ ଦି ହମେଁ ଆଜାଦୀ, ଭାରତ ହମ୍ କୋ ଜାନ୍ ସେ ପ୍ୟାରା ହେ...' ପ୍ରଭୃତି ଦେଶାତ୍ମବୋଧକ ସଙ୍ଗୀତରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। 'ସ୍ୱାଧୀନତାର ଅମୃତ ଅନୁଭବ ଉତ୍ସବ' ନାମରେ ନାମିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ହାଉସିଂ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, କମ୍ୟୁନିଷ୍ଟ ପାର୍ଟି ନେତା ରାମକୃଷ୍ଣ ପଣ୍ଡା ଏବଂ ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଦେବା ସହ ସଭା ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।




କ୍ରାନ୍ତି ଦିବସରେ ମଙ୍ଗଳବାର ଭୁବନେଶ୍ୱର କଳ୍ପନା ଅଞ୍ଚଳର ମ୍ୟୁଜିୟମ ଛକଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ସୀମାନ୍ତ ଜନ ବାହିନୀ ଗଠନ କରାଯାଉ

### ସରକାରଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରସ୍ତାବ

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ପଡ଼ୋଶୀ ରାଜ୍ୟ ଦ୍ୱାରା ଓଡ଼ିଶା ବିପନ୍ନ ଅବସ୍ଥାରେ ପହଞ୍ଚିଛି। ତେଣୁ ରାଜ୍ୟର ସୀମାନ୍ତ ୧୫ଟି ଜିଲା ଅଧୀନ ୩୦ଟି ବ୍ଲକ୍‌ରେ ପ୍ରଥମ ପର୍ଯ୍ୟାୟରେ ସୀମାନ୍ତ ସୁରକ୍ଷା ପାଇଁ ସୀମାନ୍ତ ଜନ ବାହିନୀ ଗଠନ କରାଯିବାକୁ ସରକାରଙ୍କ ନିକଟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ମଙ୍ଗଳବାର କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ସମ୍ମିଳନୀର କାର୍ଯ୍ୟକାରିଣୀ ବୈଠକରେ ଏହି ପ୍ରସ୍ତାବ ଦିଆଯାଇଛି। ଏଥିସହ ରାଜ୍ୟ ଓ ବିଚ୍ଛିନ୍ନାଞ୍ଚଳର ପ୍ରତ୍ୟେକ ବ୍ଲକ୍‌ରେ ଏହି ଶାଖା ଗଠନ ଏବଂ ପ୍ରତ୍ୟେକ ଜିଲାରେ 'ଯୁବ ସେବକ ବାହିନୀ' ଗଢାଯିବା ନେଇ ନିଷ୍ପତ୍ତି ହୋଇଛି। ଆସନ୍ତା ମାସରେ ମୋଟୁଠାରୁ କୋଟିଆ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରାଯାଇ ବଂଶଧାରା, ମହେନ୍ଦ୍ରତନୟା, ନାଗାବଳୀର ଜଳ ଅପହରଣ ଓ ସୀମାନ୍ତ ଗ୍ରାମ ଅଧିକାର ଆଦି ବିଭିନ୍ନ ପ୍ରସଙ୍ଗ ବିରୋଧରେ ଦୃଢ ପ୍ରତିବାଦ କରାଯିବ ବୋଲି ସମ୍ମିଳନୀର ସଭାପତି ଅଦ୍ୱୈତ କୁମାର ପାତ୍ର କହିଛନ୍ତି। ବୈଠକରେ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ଉପସଭାପତି ପଦ୍ମନାଭ ସାମଲ, ସୁଦାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ୧୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଜଟଣୀ,୯।୮(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନରେ ଆର୍‌ପିଏଫ୍ ଓ ଜିଆର୍‌ପି ମିଳିତ ଭାବେ ଚଢ଼ାଉ କରି ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ଏନ୍. ଗଣେଶ ରେଡ୍ଡୀ(୧୯)। ତାଙ୍କ ନିକଟରୁ ୧୧ କେଜି ୨ଶହ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଏନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୯୯/୨୨) ରୁଜୁ ପରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

## ଧର୍ମଗୁରୁଙ୍କୁ ମନେ ପକାଇଲେ

### ଜଟଣୀରେ ମହରମ ପାଳିତ

ଜଟଣୀ,୯।୮(ଡି.ଏନ୍.ଏ.):

ଜଟଣୀରେ ମଙ୍ଗଳବାର ମୁସଲମାନ ଶିୟା ସମ୍ପ୍ରଦାୟ ପକ୍ଷରୁ ମହରମ୍ ପାଳିତ ହୋଇଯାଇଛି। ଶିୟା ସମ୍ପ୍ରଦାୟର ଧର୍ମଗୁରୁ ହୁସେନ ଅଲ୍ଲୀ ସଲାମଙ୍କ ବଳିଦାନକୁ ମନେପକାଇ ଏହି ପର୍ବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସକାଳେ ପ୍ରଥମେ ଫଜର ନମାଜ ପାଠ ଏବଂ ଜହର ନମାଜ ପାଠ କରାଯାଇଥିଲା। ମଧ୍ୟାହ୍ନରେ ଲଙ୍ଗର ତଥା ଫତିଆ ହେବା ପରେ ସମସ୍ତ ଶିୟା ସମ୍ପ୍ରଦାୟର ମହିଳା, ପୁରୁଷ, ଯୁବତୀଯୁବକ ଏକାଠି ଖାଇଥାନ୍ତି। ପଞ୍ଜା ବାହାରିବା ପରେ ମାତମ କରିଥାନ୍ତି। ମଧ୍ୟାହ୍ନରେ ସ୍ଥାନୀୟ ବାଲିଛକ ମୁଣ୍ଡିଆସାହି ହୁସେନି ଇମାମ୍‌ବାଡାରୁ ଶିୟା ସମ୍ପ୍ରଦାୟର ପୁରୁଷ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ରାଜା ବଜାର ଇମାମ୍‌ବାଡାଠାରେ ମାତମ୍ ଶେଷ ହୋଇଥିଲା। ଏହି ମାତମ୍ ଶୋଭାଯାତ୍ରାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଆୟୋଜକ ହୁସୈନୀ ଇମାମ୍‌ବାଡାର ସଭାପତି ସୟଦ ନୌସିର ଅଲ୍ଲୀ କୁହନ୍ତି, ହୁସେନ ଅଲ୍ଲୀ ସଲାମଙ୍କ ବଳିଦାନ ମନେପକାଇବା ସହ ମାନବ ସମାଜକୁ ସତ୍‌ମାର୍ଗ ଦେଖାଇବା ପାଇଁ ୧୯୬୯ରୁ ଜଟଣୀରେ ସୟଦ ମହମ୍ମଦ ଅଲ୍ଲୀ ଏହି ମାତମ୍ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ଯାହା ଆଜିପର୍ଯ୍ୟନ୍ତ ପାଳନ କରାଯାଉଛି ବୋଲି ସେ କହିଛନ୍ତି।

# 'ମାନବବାଦ ଉପରେ ଭାରତୀୟ ଗଣତନ୍ତ୍ର ଆଧାରିତ'

### ପ୍ରଜାତନ୍ତ୍ରର ୭୫ତମ ବାର୍ଷିକ ଉତ୍ସବ

କଟକ ଅଫିସ,୯।୮:

ମାନବବାଦ ଉପରେ ଭାରତୀୟ ଗଣତନ୍ତ୍ର ଆଧାରିତ। ଗଣତନ୍ତ୍ରର ବ୍ୟାଖ୍ୟା ଭିନ୍ନ ଭାବରେ କରାଯାଇଥିଲେ ମଧ୍ୟ ଆମେ ବିଶ୍ୱ ଭ୍ରାତୃତ୍ୱରେ ବିଶ୍ୱାସ ରଖି ଆଜିପର୍ଯ୍ୟନ୍ତ ତିଷ୍ଠି ରହିଛୁ। ମନୁଷ୍ୟକୁ ସମାନ ଭାବରେ ଦେଖିବା ଓ ସମାନ ଆଚରଣ କରିବା ଗଣତନ୍ତ୍ରର ବୈଶିଷ୍ଟ୍ୟ। ପ୍ରତ୍ୟେକ ମଣିଷ ସ୍ୱକର୍ମ ଓ ସ୍ୱଧର୍ମରେ ରତ ରହି ସିଦ୍ଧିଲାଭ କରିପାରିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ପ୍ରଜାତନ୍ତ୍ରର ୭୫ତମ ବାର୍ଷିକ ଉତ୍ସବ ସ୍ଥାନୀୟ ବିଷୁବ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ କହିଥିଲେ, ଗଣତନ୍ତ୍ର ସେତିକିବେଳେ ପରିଭାଷିତ ହୁଏ, ଯେତେବେଳେ ଏହାର ଭାଷା ଓ ଭାବ ସମାଜର ତଳର ସ୍ତରରେ ଥିବା ଲୋକଙ୍କ ପାଖରେ ପହଞ୍ଚେ। ଗୋଟିଏ ସୁସ୍ଥ ଦେଶ ଓ ସୁସ୍ଥ ରାଜ୍ୟର କଳ୍ପନା କରିବା ସହ ସମାଜ ସଂସ୍କାର କ୍ଷେତ୍ରରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସେ କହିଥିଲେ।

ସେହିପରି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକ କହିଲେ, ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର ଉଦ୍ଦେଶ୍ୟ ଥିଲା ଜନତାଙ୍କୁ ଭଲପାଇବା। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଏକ ଉଦ୍ଦେଶ୍ୟ ନିହିତ ଥିଲା। ଏହି ଉଦ୍ଦେଶ୍ୟ କେବଳ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ରହିଥିଲା। ପ୍ରଜାତନ୍ତ୍ରର ସମ୍ପାଦକ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ, ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ପ୍ରଜାତନ୍ତ୍ର ତାହାର ୭୫ ବର୍ଷ ପୂରଣ କରି ଅମୃତ ଉତ୍ସବ ପାଳନ କରୁଛି। ଏହା ଏକ ସଂଯୋଗ। ପ୍ରଜାତନ୍ତ୍ର ପ୍ରଚାର ସମିତିର ଟ୍ରଷ୍ଟି ଲୋକରଞ୍ଜନ ମହତାବ କହିଲେ, ପ୍ରଜାତନ୍ତ୍ରର ଅମୃତ ମହୋତ୍ସବ ଏକ ଅବିସ୍ମରଣୀୟ ଓ ଅକଳ୍ପନୀୟ। ଅମୃତ ମହୋତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଅତିଥିମାନଙ୍କୁ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଡ. ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ।

## ୨ ଲୁଟେରା ଗିରଫ

ଖୋର୍ଦ୍ଧା ଅଫିସ,୯।୮:

ସ୍ଥାନୀୟ ଚଣ୍ଡିରୁଆ ଛକରୁ ମଙ୍ଗଳବାର ଆଦର୍ଶ ଥାନା ପୋଲିସ ୨ ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଭାଟପଡ଼ା ଗ୍ରାମର ଆକାଶ ଭୂୟାଁ ଓରଫ ଦିଲ୍ଲୁ ଓ ସଂଗ୍ରାମ ବଳବନ୍ତରାୟ। ଏମାନଙ୍କଠାରୁ ୬ଟି ବାଇକ୍ ଜବତ ହୋଇଛି।



ଗୀତଗୋବିନ୍ଦ ସଦନରେ ସତୀର୍ଥ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଗଣେଶ୍ୱର ମିଶ୍ରଙ୍କ ସ୍ମୃତିସଭା।

# ବୁଣାକାରଙ୍କ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ




ସମାରୋହରେ ମଞ୍ଚାସୀନ ଅତିଥିମାନେ।

ଭୁବନେଶ୍ୱର, ୯।୮(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ଅଷ୍ଟମ ଜାତୀୟ ହସ୍ତତନ୍ତ ଦିବସ ସମାରୋହ ରବିବାର ଉଦ୍‌ଘାଟିତ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ସୋମବାର ସୂଚନା ଭବନରେ ବୁଣାକାର ସମ୍ମିଳନୀ ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ ଏବଂ ବୟନିକା ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ବିଭିନ୍ନ ଜିଲାରୁ ପ୍ରାୟ ୩୦୦ ଜଣ ବୁଣାକାର ଯୋଗଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ପି.କେ. ହୋତା ରିସୋର୍ସ ପର୍ସନ ଭାବେ ଯୋଗଦେଇ ବୁଣାକାରଙ୍କ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଆଣି କିଭଳି ଆର୍ଥିକ ଅଭିବୃଦ୍ଧି ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବୁଣାକାର ସେବା କେନ୍ଦ୍ର, ଭୁବନେଶ୍ୱର ଉପନିର୍ଦ୍ଦେଶକ ବିକାଶ କୁମାର ଯୋଗଦେଇ ହସ୍ତତନ୍ତ କ୍ଷେତ୍ରରେ ନିରନ୍ତର ବ୍ୟବସାୟ ନିମନ୍ତେ ପ୍ରଚଳିତ ଡିଜାଇନ୍‌ରେ ଉନ୍ନତୀକରଣ, ବୟନ ଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଦେବଜିତ୍ ନନ୍ଦି ହସ୍ତତନ୍ତ କ୍ଷେତ୍ରରେ ଗୁଣବତ୍ତା ରଙ୍ଗର ପ୍ରଚଳନ ଓ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବୟନିକା ପରିଚାଳକ (ବାଣିଜ୍ୟ) ଆର୍ତ୍ତ ରଞ୍ଜନ ମହାପାତ୍ର ଓଡ଼ିଶା ହସ୍ତତନ୍ତ ବସ୍ତ୍ରର ପ୍ରଭାବଶାଳୀ ବିପଣନ ଉପରେ ଆଲୋଚନା କରିଥିଲେ। ସାଧାରଣ ପରିଚାଳକ ମିଲି ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ବୁଧବାର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ସମ୍ପ୍ରସାରିତ ବୟନିକା ଓ ବୟନ ଭବନରେ ସମ୍ପ୍ରସାରିତ ବୟନିକା 'ଅନନ୍ୟ'ର ଉଦ୍‌ଘାଟନ ସହ ଏକାମ୍ର ହାଟଠାରେ ଅତ୍ୟାଧୁନିକ ହସ୍ତତନ୍ତ ବସ୍ତ୍ରର ଫ୍ୟାଶନ୍ ଶୋ' ଆୟୋଜନ ହେବ।

# ଶହୀଦ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

### ଅଗଷ୍ଟ କ୍ରାନ୍ତି, ପିଣ୍ଡିକି ବାହୁବଳେନ୍ଦ୍ର ଶହୀଦ ଦିବସ ପାଳିତ

ଭୁବନେଶ୍ୱର, ୯।୮(ବ୍ୟୁରୋ)

ପାଇକ ବିଦ୍ରୋହର ଅନ୍ୟତମ ଯୋଦ୍ଧା ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସ ଏବଂ ଅଗଷ୍ଟ କ୍ରାନ୍ତି ଦିବସ ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜଧାନୀରେ ଥିବା ବିଭିନ୍ନ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବଡ଼ଗଡ଼ସ୍ଥିତ ଶହୀଦ ପଦ୍ମନାଭ ଛୋଟରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ମ୍ୟୁଜିୟମ୍ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ସନ୍ନିକଟ ଶହୀଦ ସ୍ମୃତି ସ୍ତମ୍ଭ, ଶହୀଦ ସ୍ୱାଧୀନତା ସଂଗ୍ରାମୀ ସଦନସ୍ଥିତ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ଚନ୍ଦନ ହଜୁରୀ, ଜୟୀ ରାଜଗୁରୁ, ଶହୀଦ ଦିବାକର ପରିଡ଼ା, ରଘୁନାଥ ମହାନ୍ତି, ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଚନ୍ଦକାସ୍ଥିତ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଦାରୁଠେଙ୍ଗସ୍ଥିତ ପ୍ରତିମୂର୍ତ୍ତି ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ଶହୀଦ ବନ୍ଦନା ଗାନ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରବୀର କୁମାର ମହାନ୍ତି, ସତ୍ୟ ଜେନା, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉମାନାଥ ମିଶ୍ର, ପଦ୍ମନାଭ ଛୋଟରାୟ ସ୍ମୃତି ସଂସଦ ତରଫରୁ ଯତୀନ୍ଦ୍ର ମୋହନ ଛୋଟରାୟ, କର୍ପୋରେଟର ଅଜିତ୍ ବେହେରା, ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ୟୁଥ୍ କ୍ଲବ, ସ୍ପୋର୍ଟସ୍ କ୍ଲବର ସଦସ୍ୟଙ୍କ ସମେତ ଦାରୁଠେଙ୍ଗ ଗ୍ରାମବାସୀ କାର୍ଯ୍ୟକ୍ରମରେ ସାମିଲ୍ ଥିଲେ।




ଶହୀଦ ଚାଖୀ ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଭିନ୍ନ ସଂଗଠନର ସଦସ୍ୟ।

# ସ୍ୱାଧୀନତା ସଂଗ୍ରାମକୁ ସଶକ୍ତ କରିଥିଲା ଅଗଷ୍ଟ କ୍ରାନ୍ତି



ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ରାଜ୍ୟ ଅଭିଲେଖାଗାରରେ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକଙ୍କୁ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୯।୮ (ବ୍ୟୁରୋ)**

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ 'ଅଗଷ୍ଟ ବିପ୍ଳବ' ଅତ୍ୟନ୍ତ ପ୍ରଭାବଶାଳୀ ଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଆହ୍ୱାନରେ ଦେଶବାସୀ କ୍ରାନ୍ତି ଆନ୍ଦୋଳନକୁ ସଶକ୍ତ କରିଥିଲେ। ଓଡ଼ିଶା ଇତିହାସରେ ଅଗଷ୍ଟ କ୍ରାନ୍ତିର ବିସ୍ତୃତ ଅଧ୍ୟାୟ ସ୍ମରଣୀୟ ହୋଇ ରହିବ ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ରାଜ୍ୟ ଅଭିଲେଖାଗାରରେ ଆୟୋଜିତ ଅଗଷ୍ଟ କ୍ରାନ୍ତି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଜାତୀୟତାବାଦ ଓ ଦେଶପ୍ରୀତି ଅଗଷ୍ଟ କ୍ରାନ୍ତିର ମୂଳ ମନ୍ତ୍ର ଥିଲା ବୋଲି ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତ ଛାଡ଼ ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୧୫ ମସିହାରେ ଆଫ୍ରିକାରୁ ଭାରତ ପ୍ରତ୍ୟାବର୍ତ୍ତନ ପରେ ଦେଶର ସ୍ୱାଧୀନତା ସଂଗ୍ରାମକୁ ଗାନ୍ଧିଜୀ ନୂତନ ଦିଗ୍‌ଦର୍ଶନ ଓ ନେତୃତ୍ୱ ଦେଇ ଜନଆନ୍ଦୋଳନରେ ପରିଣତ କରିଥିଲେ। ଅଗଷ୍ଟ କ୍ରାନ୍ତିର ଗୁରୁତ୍ୱ ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଐତିହାସିକ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ 'ଅଗଷ୍ଟ ବିପ୍ଳବର ପ୍ରତିଧ୍ୱନି' ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ୧୯୪୨ ଅଗଷ୍ଟ ୯ରେ ଗାନ୍ଧିଜୀଙ୍କ ସମେତ ଏକାଧିକ ତୁଙ୍ଗ ନେତା ଗିରଫ ହୋଇଥିଲେ ମଧ୍ୟ ଭାରତବାସୀ ଗାନ୍ଧିଜୀଙ୍କ 'କର ବା ମର' ଆହ୍ୱାନରେ ଆନ୍ଦୋଳନରେ ଝାସ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଦମନଲୀଳାକ୍ରମେ ଆନ୍ଦୋଳନ ଅନେକ ସ୍ଥାନରେ ହିଂସାତ୍ମକ ରୂପ ଧାରଣ କରିଥିଲା। ଭଦ୍ରକ, ବାଲେଶ୍ୱର, ପୁରୀ, ମାଲକାନଗିରି ଏବଂ କୋରାପୁଟ ଜିଲାକୁ ମଧ୍ୟ ଏହି ଆନ୍ଦୋଳନ ବ୍ୟାପି ଯାଇଥିଲା ଏବଂ ସଂଗ୍ରାମୀମାନେ ପୋଲିସ ଗୁଳିର ଶିକାର ହୋଇଥିଲେ ବୋଲି ସେ କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ସ୍ୱାଧୀନତାର ମୂଲ୍ୟବୋଧକୁ ବଞ୍ଚାଇ ରଖିବା ପାଇଁ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ପ୍ରତି ଘରେ ତ୍ରିରଙ୍ଗା ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନ ପ୍ରସଙ୍ଗରେ ଉଲ୍ଲେଖ କରି ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ଏବଂ ମହାପୁରୁଷମାନଙ୍କୁ ସ୍ମରଣ କରିବା ଅଗଷ୍ଟ କ୍ରାନ୍ତି ଦିବସର ଉଦ୍ଦେଶ୍ୟ ବୋଲି କହିଥିଲେ। ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ପ୍ରାରମ୍ଭିକ ସୂଚନା ଓ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ସୁବୋଧ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ପୁରୀ ସମୁଦ୍ରରେ ଭାସିଗଲେ ୩ ପର୍ଯ୍ୟଟକ

## ଛତିଶଗଡ଼ର ଯୁବତୀ ମୃତ, ୨ ଉଦ୍ଧାର

**ପୁରୀ ଅଫିସ, ୯।୮**

ଲଘୁଚାପ ଯୋଗୁ ପୁରୀ ସମୁଦ୍ର ଅଶାନ୍ତ ଥିବାବେଳେ ମଙ୍ଗଳବାର ସମୁଦ୍ରରେ ଗାଧୋଇବାକୁ ଯାଇ ୩ ପର୍ଯ୍ୟଟକ ଭାସିଯାଇଛନ୍ତି। ଜୁଆର ଅଧିକ ଥିବାରୁ ୩ଜଣ ଭିତରକୁ ଚାଲିଯିବାରୁ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ମୃତା ହେଲେ ଛତିଶଗଡ଼ ରାୟପୁର ଜିଲା ଧରମଜୟଗ ଗ୍ରାମର ମିନାକ୍ଷୀ ନାୟକ(୨୩)। ଏ ନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ-୨୪/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଯୁବତୀଙ୍କ ମୃତଦେହକୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଶବଗୃହରେ ରଖାଯାଇଛି।

ସୂଚନା ଅନୁଯାୟୀ, ଛତିଶଗଡ଼ ଧରମଜୟଗ ଅଞ୍ଚଳରୁ ୩ଜଣ ପୁଅ ଏବଂ ୩ଜଣ ଝିଅ ଏକାଠି ହୋଇ ସୋମବାର ପୁରୀ ଆସିଥିଲେ। ରାତିରେ ସମୁଦ୍ରକୂଳସ୍ଥିତ ହୋଟେଲ ସିଟି ପ୍ଲାଜାରେ ରହିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ଦିଗବାରେଣି ଖୁଣ୍ଟି ପାର୍କିଂ ସମ୍ମୁଖ ସେକ୍ଟର-୧ ସମୁଦ୍ରରେ ସମସ୍ତେ ମିଶି ଗାଧୋଉଥିଲେ। ୧୧ଟା ବେଳେ ହଠାତ୍ ମିନାକ୍ଷୀଙ୍କ ସମେତ ୨ଜଣ ପୁଅ ଜୁଆର ମାଡ଼ରେ ସମୁଦ୍ରରେ ଭାସିଯାଇଥିଲେ। ଏହାଦେଖି ସେଠାରେ ମୁତୟନ ଲାଇଫଗାର୍ଡମାନେ ଯାଇ ଦୁଇଜଣଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ହେଲେ ମିନାକ୍ଷୀଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। କିନ୍ତୁ ୧୧ଟା ୨୦ରେ ମିନାକ୍ଷୀ ଭାସି ଯାଇ ବ୍ଲୁ-ଫ୍ଲାଗ ବିଚ୍‌ରେ ଲାଗିଥିଲେ। ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସମୁଦ୍ରକୂଳ ଥାନା ପୋଲିସ ମିନାକ୍ଷୀଙ୍କ ପୁରୁଷବନ୍ଧୁ ଓ ତାଙ୍କ ସହ ଆସିଥିବା ଅନ୍ୟ ୨ଜଣ ଯୁବତୀ ଓ ୨ଜଣ ଯୁବକଙ୍କୁ ଥାନାକୁ ଆଣି ବୟାନ ରେକର୍ଡ କରାଯାଇ ଛାଡ଼ି ଦିଆଯାଇଛି। ଅନ୍ୟପଟେ ମିନାକ୍ଷୀଙ୍କ ପରିବାରଲୋକ ଆସିବା ପରେ ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବ। ଏହାପରେ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସମୁଦ୍ରକୂଳ ଥାନାଧିକାରୀ ଚିନ୍ମୟ ରାଉତ କହିଛନ୍ତି। ଏ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି, ବ୍ଲୁ-ଫ୍ଲାଗ ବିଚ୍, ନୀଳାଦ୍ରି ବିଚ୍, ସେକ୍ଟର-୧ ଓ ୬, ଚନ୍ଦ୍ରଭାଗା ସମୁଦ୍ରରେ ଲାଇଫ୍ ଗାର୍ଡ ମୁତୟନ କରାଯାଇଛି। ସମୁଦ୍ର ଅଶାନ୍ତ ଥିବାରୁ ଭିତରକୁ ନ ଯିବାକୁ ମାଇକ୍ ଯୋଗେ ପ୍ରଚାର କରାଯାଉଛି । ଏହାସତ୍ତ୍ୱେ ବି ଜଣଙ୍କର ଆଜି ଜୀବନ ଚାଲିଗଲା। ଉଲ୍ଲେଖଯୋଗ୍ୟ, ପୁରୀ ସମୁଦ୍ରରେ ଗତ ୧୦ବର୍ଷରେ ଉପରୋକ୍ତ ମୃତ୍ୟୁ ସଂଖ୍ୟାକୁ ମିଶାଇ ୩୬ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଛି । ସେହିପରି ୨୯୮୩ଜଣଙ୍କୁ ଉଭୟ ଅଗ୍ନିଶମ ଟିମ ଓ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି।

# ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ନଦୀ ପାର


ଅସୁସ୍ଥ ଯମୁନାଙ୍କୁ ନଦୀ ପାର କରି ନିଆଯାଉଛି।

**ଟିକିରି, ୯।୮ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଶିଶୁପାସ୍ ଗ୍ରାମର ଅସୁସ୍ଥ ଯମୁନା ସାହୁଙ୍କୁ ଆମ୍ବୁଲାନ୍ସ କର୍ମଚାରୀ, ଆଶା, ଏଏନ୍ଏମ୍ ଓ ପରିବାର ଲୋକେ ଷ୍ଟ୍ରେଚରରେ ବୋହି ଭରା ନଦୀ ପାର ହୋଇ ଡଙ୍ଗାସିଲ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେଠାରେ ଏବେ ତାଙ୍କ ଚିକତ୍ସା ଚାଲିଛି। ଯମୁନା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ। କିନ୍ତୁ ଗାଁକୁ ଯିବାକୁ ହେଲେ ନଈ ପାର ହେବାକୁ ହୁଏ। ଏବେ ଲଗାଣ ବର୍ଷା ଯୋଗୁ ଉକ୍ତ ନଦୀରେ ପାଣି ଅଧିକ ରହିଛି। ଆମ୍ବୁଲାନ୍ସ ନଈ ଆରପାରିରେ ରହିଥିଲା। ଏହାପରେ ଡଙ୍ଗାସିଲ ସ୍ୱାସ୍ଥ୍ୟକର୍ମୀ, ଆଶା, ଆମ୍ବୁଲାନ୍ସ ଡ୍ରାଇଭର ଶିବାଜୀ ବିଷୋୟୀ ଚାଲି ଚାଲି ନଦୀ ପାର ହୋଇ ଗାଁକୁ ଯାଇଥିଲେ। ତୁରନ୍ତ ଷ୍ଟ୍ରେଚର ସାହାଯ୍ୟରେ ପରିବାର ଲୋକଙ୍କ ସହ ମିଶି ତାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ କାନ୍ଧେଇ ଆଣିଥିଲେ। ଏହି ସମୟରେ ଏଏନ୍ଏମ୍‌ଙ୍କ ଗୋଡ଼ ଖସିଯାଇଥିଲା। ଗ୍ରାମବାସୀ ତାଙ୍କୁ ଧରି ପକାଇବାରୁ ଏକ ବଡ଼ ବିପଦ ଟଳି ଯାଇଥିଲା।

## ରମାୟାଙ୍କ ମରଶରୀର ପଠାଇବାକୁ ସାହାଯ୍ୟର ହାତ ବଢାଇଲା 'ଓଡିଶା ମୋ ପରିବାର'

**ଭୁବନେଶ୍ୱର, ୯।୮ (ବ୍ୟୁରୋ)**

ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ୨୭ ବର୍ଷିୟ ବାସିନ୍ଦା ବୁଙ୍ଗା ରମାୟା କେରଳରେ ଜଣେ ମତ୍ସ୍ୟଜିବୀ ଭାବେ କାମ କରୁଥିଲେ। ସେ ମାଛ ଧରିବାରୁ ଯାଇଥିବା ବେଳେ ତାଙ୍କ ବୋଟ୍ ବୁଡିଯାଇଥିଲା। ବୋଟ୍ ବୁଡ଼ିବାରୁ ଘଟଣାସ୍ଥଳରେ ରମାୟାଙ୍କ ମୃତ୍ୟୁ ଘଟିଥିଲା। ପରିବାର ସଦସ୍ୟ କୌଣସି ପ୍ରକାରେ ଚେଷ୍ଟା କରି ତାଙ୍କ ମୃତଦେହ କେରଳରୁ ବିମାନ ଯୋଗେ ଭୁବନେଶ୍ୱର ଆଣିଥିଲେ। ସେମାନେ ଆର୍ଥିକ ଚାପରେ ଥିବାରୁ ରମାୟାଙ୍କ ମରଶରୀର ତାଙ୍କ ଗାଁକୁ ନେବା ଲାଗି ଓଡ଼ିଶା ମୋ ପରିବାରକୁ ଅନୁରୋଧ କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା ମୋ ପରିବାର ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀର ଗାଁକୁ ପଠାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟର ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ଗୋପବନ୍ଧୁ ଦାଶ, ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ଏବଂ ଓଡିଶା ମୋ ପରିବାର ଟିମ୍ ଭୁବନେଶ୍ୱର ବିମାନବନ୍ଦରରେ ଶୋକସନ୍ତପ୍ତ ପରିବାରକୁ ଆଶ୍ୱସନା ଦେଇଛନ୍ତି।

# ଶିକ୍ଷା କ୍ରାନ୍ତି ଅଭିଯାନର ଶୁଭାରମ୍ଭ


ଭୁବନେଶ୍ୱର ଜନତା ମଇଦାନ ମହାତ୍ମା ଗାନ୍ଧୀ ପାର୍କରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶିକ୍ଷା କ୍ରାନ୍ତି ଅଭିଯାନର ଶୁଭାରମ୍ଭ କରାଯାଉଛି।

## ଦସ୍ତଖତ କରିବେ ରାଜ୍ୟର ୫ଲକ୍ଷ ଘରୋଇ ସ୍କୁଲ ଅଭିଭାବକ

**ଭୁବନେଶ୍ୱର, ୯।୮ (ବ୍ୟୁରୋ)**

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ମଙ୍ଗଳବାର ଶିକ୍ଷା କ୍ରାନ୍ତି ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିରେ ରାଜ୍ୟର ପ୍ରାୟ ପାଞ୍ଚ ଲକ୍ଷ ଅଭିଭାବକ ସାମିଲ ହେବେ। ତିନୋଟି ପ୍ରମୁଖ ଦାବି ସମ୍ବଳିତ ଦସ୍ତାବିଜକୁ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଛି। ସ୍କୁଲରେ ଯୋଗାଇ ଦିଆଯାଉଥିବା ସୁବିଧା ଅନୁସାରେ ଫି' ନିର୍ଦ୍ଧାରଣ, ସ୍କୁଲ ବ୍ୟାଗ ଓଜନ ୧.୫ କେଜିରୁ ୫କେଜି ପର୍ଯ୍ୟନ୍ତ ଥିବା ନିୟମ ପାଳନ, ସବୁ ସ୍କୁଲରେ ଏନ୍‌ସିଇଆର୍‌ଟି ବହିରେ ପାଠପଢ଼ା ଏବଂ ସର୍ବସାଧାରଣଙ୍କ ଟଙ୍କା କାରବାର କରୁଥିବାରୁ ସ୍କୁଲଗୁଡ଼ିକୁ ଏକ ସ୍ୱତନ୍ତ୍ର ସରକାରୀ ଅଡିଟ କରାଯିବାକୁ ମହାସଂଘ ପକ୍ଷରୁ ଦାବି ରଖାଯାଇଛି।

ଭୁବନେଶ୍ୱର ଜନତା ମଇଦାନ ମହାତ୍ମା ଗାନ୍ଧୀ ପାର୍କରେ ମହାସଂଘର କର୍ମକର୍ତ୍ତାଙ୍କୁ ନେଇ ମହାତ୍ମା ଗାନ୍ଧୀଙ୍କୁ ମାଲ୍ୟାର୍ପଣ କରି ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଏବଂ ରାଜ୍ୟ କର୍ମକର୍ତ୍ତା ଶିକ୍ଷା କ୍ରାନ୍ତି ଅଭିଯାନର ଶୁଭାରମ୍ଭ କରିଥିଲେ। ପ୍ରଥମେ ସାଧାରଣ ସମ୍ପାଦକ ଅଶୋକ ପାଇକରାୟ ଏବଂ ପରେ ମହାସଂଘର ଦେଢ଼ଶହ କର୍ମକର୍ତ୍ତା ଦସ୍ତଖତ କରିଥିଲେ। ମହାସଂଘର କର୍ମକର୍ତ୍ତା କହିଛନ୍ତି, ଗଣଶିକ୍ଷା ବିଭାଗର ୧୯୯୬ ସେପ୍ଟେମ୍ବର ୨୩ର ରିଜୋଲ୍ୟୁଶନ ଓ ହାଇକୋର୍ଟଙ୍କ ରାୟ ଅନୁସାରେ ସର୍ବଦା ସ୍କୁଲ ଦେଉଥିବା ସୁବିଧା ସୁଯୋଗ ଅନୁଯାୟୀ ଫି' ନିର୍ଦ୍ଧାରଣ ହେବା କଥା। ଗଣଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ହେଡ୍ ଅନୁଯାୟୀ ସ୍କୁଲଗୁଡ଼ିକ ଫି' ଆଦାୟ କରିବେ। କିନ୍ତୁ ଅଧିକାଂଶ ଘରୋଇ ଶିକ୍ଷାନୁଷ୍ଠାନ ଏହାକୁ ପାଳନ କରୁନାହାନ୍ତି। ସେହିଭଳି ୨୦୧୫ରେ ହାଇକୋର୍ଟଙ୍କ ଏକ ପିଆଇଏଲ୍‌ର ନିର୍ଦ୍ଦେଶ ମୁତାବକ ଶ୍ରେଣୀ ଅନୁଯାୟୀ ନିର୍ଦ୍ଧାରିତ ଓଜନର ସ୍କୁଲ ବ୍ୟାଗ ବ୍ୟବହାର ତଥା ୨୦୦୫ର ନ୍ୟାଶନାଲ କରିକୁଲମ ଫ୍ରେମୱାର୍କ ଦ୍ୱାରା ଧାର୍ଯ୍ୟ ଏବଂ ଗଣଶିକ୍ଷା ବିଭାଗର ୨୦୧୯ ଅଗଷ୍ଟ ୧୨ ସ୍ପଷ୍ଟ ନିର୍ଦ୍ଦେଶରେ ଏନ୍‌ସିଇଆର୍‌ଟି ଓ ଏସ୍‌ସିଇଆର୍‌ଟି ସିଲାବସ୍ ବହିରେ ପାଠ ପଢ଼ାଇବା ବାଧ୍ୟତାମୂଳକ। କିନ୍ତୁ ଏହି ନିୟମକୁ ଘରୋଇ ବିଦ୍ୟାଳୟଗୁଡ଼ିକ ପାଳନ କରୁ ନ ଥିବା ମହାସଂଘ ଅଭିଯୋଗ କରିଛି। ତେଣୁ ଏହି ଗୁରୁତର ପ୍ରସଙ୍ଗକୁ ନେଇ ଶିକ୍ଷା କ୍ରାନ୍ତି ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟର ସବୁ ସ୍କୁଲର ଅଭିଭାବକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ସମସ୍ତ ରାଜ୍ୟ କମିଟି ଓ ଜିଲା କମିଟିର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ସ୍ମାରକପତ୍ର ଦେବେ ବୋଲି ସହ-ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି। ଶିକ୍ଷାକୁ ଦଲାଲ ମୁକ୍ତ କରିବା ଓ ଅଭିଭାବକଙ୍କୁ ଆର୍ଥିକ ମାନସିକ ବୋଝରୁ ମୁକ୍ତି ଦେବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ


ହରଭଙ୍ଗି ନଦୀରେ ଆସିଥିବା ବନ୍ୟା ।

## ଲଗାଣ ବର୍ଷାରେ ଭାସିଗଲା ପୋଲ

■ ଡାକ୍ତରଖାନା ଯାଇ ନ ପାରି ରୋଗୀଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି, ୯।୮ (ଡି.ଏନ୍.ଏ)**

ଗଜପତି ଜିଲାରେ ଗତ ଦୁଇଦିନ ଧରି ଲାଗିରହିଛି ଲଘୁଚାପ ବର୍ଷା। ଜନ ଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ମଧ୍ୟ ବୃଦ୍ଧିପାଇ କୂଳ ଲଘୁଛି। ମୋହନା ନିକଟରେ ପ୍ରବାହିତ ହେଉଥିବା ହରଭଙ୍ଗି ନଦୀର ପ୍ରଖର ସ୍ରୋତରେ ଭାସିଯାଇଛି ଅସ୍ଥାୟୀ ପୋଲ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ଜଣେ ରୋଗୀଙ୍କୁ ଡାକ୍ତରଖାନା ନେଇ ନ ପାରିବାରୁ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ମୋହନା ବ୍ଲକରେ ପ୍ରବାହିତ ହେଉଛି ହରଭଙ୍ଗି ନଦୀ। ମୋହନାକୁ ଯିବାକୁ ହେଲେ ଏହି ନଦୀ ପାର ହେବାକୁ ପଡ଼େ ବାଢ଼େଇପୁର, ଗୁଣ୍ଡିରିଗୁଡ଼ା, ଧନପଙ୍କ ଓ ନୂଆସାହିବାସୀଙ୍କୁ। ଲୋକଙ୍କ ଯିବାଆସିବା ପାଇଁ ହରଭଙ୍ଗିରେ ନିର୍ମାଣ ହୋଇଥିଲା ଏକ ଅସ୍ଥାୟୀ ପୋଲ। ଆଖପାଖ ଲୋକଙ୍କ ଜୀବନଜୀବିକା ପାଇଁ ଗମନାଗମନର ମାଧ୍ୟମ ପାଲଟିଥାଏ ଏହି ପୋଲ। ହେଲେ ଗତ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ନଦୀରେ ପ୍ରଖର ସ୍ରୋତ ଆସିବାରୁ ସୋମବାର ରାତିରେ ପୋଲଟି ଭାସିଯାଇଛି। ବନ୍ଧ ବାଡ଼ ଡେଇଁ ମାଡ଼ିଚାଲିଛି ଜଳରାଶି। ଫଳରେ ଉପରୋକ୍ତ ୪ଟି ଗାଁକୁ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଖାଲି ସେତିକି ନୁହେଁ, ଛାତ୍ରୀଛାତ୍ରମାନଙ୍କ ସ୍କୁଲ କଲେଜ୍ ଯିବାରେ ବାଧା ସୃଷ୍ଟି ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ଯୋଗୁଁ ଗୁଣ୍ଡିରିଗୁଡ଼ାର ଇସ୍ରାଇଲ ମଣ୍ଡଳ ନାମକ ଜଣେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନିଆଯାଇ ନ ପାରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟାରେ ଗ୍ରାମ ପଞ୍ଚାୟତ ଅଧିକାରୀ (ଜିପିଓ) ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁଗୋପୀନାଥ ଦାସ
ପରକରଣସାହି, ଓଲଡ୍ ଟାଉନ୍, ଭୁବନେଶ୍ୱର
ଧରାବତରଣ: ୨୬।୧୨।୧୯୩୩
ସ୍ୱର୍ଗାରୋହଣ: ୩୧।୦୭।୨୦୨୨
ଅଚାନକ ଭାବେ ତମେ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲ। ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁ
ଧ-୧୧୮୫

ଶ୍ରଦ୍ଧାଞ୍ଜଳି
ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ



ଁ ଦେବେନ୍ଦ୍ରନାଥ ଦାସ
(ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି)
ଏମ୍-୨୦, ଭୀମଟାଙ୍ଗୀ,
ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର
ଆବିର୍ଭାବ : ନୃସିଂହ ଚତୁର୍ଦ୍ଦଶୀ ୧୯୨୫
ତିରୋଧାନ : ୨୭.୦୮.୨୦୦୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ
ଧ-୧୨୨୮

ତ୍ରୟୋବିଂଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ଆବିର୍ଭାବ: ୧୪।୦୨।୧୯୧୨
ତିରୋଧାନ: ୨୪।୦୮।୧୯୯୯
ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁପରିଜନ ଓ ଛାତ୍ରଛାତ୍ରୀବୃନ୍ଦ।
ଧ-୧୨୨୫

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ



ଁ ଇଂ. ପିତାମ୍ବର ଧଳ
୫୮୫/୧, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ - ୨୪.୦୩.୧୯୩୫
ତିରୋଧାନ - ୦୧.୦୮.୨୦୨୦
ବହୁତ ମନେ ପଡୁଛନ୍ତି ଆପଣ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ଉପରେ ପୂର୍ବପରି ରହିଥାଉ । ଆଜି ଏହି ପବିତ୍ର ଦିନରେ ଆପଣଙ୍କର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହାହିଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :
ବିକ୍ରମ ଧଳ ଓ ପରିବାରବର୍ଗ
୭୧୬୫୧

# ଗହ୍ମାପୂର୍ଣ୍ଣିମା ଓ ଗୋପୂଜନ



ଡା. ବୀରକିଶୋର ପରିଡ଼ା

ଗହ୍ମାପୂର୍ଣ୍ଣିମା ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଏକ ମହାନ୍ ପବିତ୍ର କୃଷିଭିତ୍ତିକ ପର୍ବ। ଚଳିତ ବର୍ଷ ତା।୧୧।୦୮।୨୨ ରିଖରେ ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଅଛି ଗହ୍ମାପର୍ବ ବା ଗହ୍ମାପୂର୍ଣ୍ଣିମା, ରକ୍ଷାବନ୍ଧନ ଓ ପ୍ରଭୁ ଶ୍ରୀ ବଳଭଦ୍ର ଦେବଙ୍କ ଜନ୍ମୋତ୍ସବ। ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମାପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ। ଗହ୍ମାର ଅର୍ଥ ହେଉଛି ଗୋମାତା ଏବଂ ଗୋମାତାଙ୍କୁ ଏହିଦିନ ପୂଜା କରାଯାଉଥିବାରୁ ଏହା ଗହ୍ମାପୂର୍ଣ୍ଣିମା ବୋଲି କୁହାଯାଏ। ଗହ୍ମାର ଅନ୍ୟ ଅର୍ଥ ହେଲା – ଗଭୀର ମୁହାଁ ଲଙ୍ଗଳ ଯାହାକୁ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ। ତେଣୁ କୃଷିର ଆଦ୍ୟ ଦେବତା ହେଉଛନ୍ତି ବଳରାମ। ଗହ୍ମାପର୍ବ ଶ୍ରାବଣ ମାସର ପୂର୍ଣ୍ଣିମାଦିନ ଅତି ଆନନ୍ଦ ଉଲ୍ଲାସରେ ଗହ୍ମାପୂନେଇ ପର୍ବ ଭାବେ ସର୍ବତ୍ର ପାଳିତ ହୋଇଥାଏ। କୃଷକ ପରିବାର ପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ମହାନ୍ କୃଷିଭିତ୍ତିକ ପର୍ବ। ଏହି ପବିତ୍ର ଦିନ ଗୋମାତା ବିଶେଷକରି ବଳଦମାନଙ୍କୁ ରଙ୍ଗିନ ବେଶରେ ସୁସଜ୍ଜିତ କରାଯାଇ 'ଗୋଲକ୍ଷ୍ମୀ' ଭାବେ ପୂଜା କରାଯିବାର ବିଧି ରହି ଆସିଛି। ସକଳ କୃଷିକାର୍ଯ୍ୟ ସମାପ୍ତ ପରେ ଏହିଦିନଠାରୁ ଗୋମାତା ତଥା ବଳଦକୁ ବିଶ୍ରାମ ଦିଆଯାଇଥାଏ।

ଗହ୍ମାପୂର୍ଣ୍ଣିମାରେ ମଧ୍ୟ ଗୋ-ପୂର୍ଣ୍ଣିମା, ବଳଦ ପୂଜା ବା ବଳଦେବଙ୍କ ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ଏହି ପର୍ବ ଅଗଷ୍ଟ ମାସରେ ପଡୁଥିବା ଶ୍ରାବଣ ପୂର୍ଣ୍ଣିମା ଦିନ ଗ୍ରାମାଞ୍ଚଳରେ ଧୁମଧାମରେ ପାଳନ କରାଯାଏ। ହିନ୍ଦୁ ପରମ୍ପରା ଅନୁସାରେ ମାନବ ଜାତିର ହିତରେ ସଦାସର୍ବଦା ଉପକାରରେ ଆସୁଥିବା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତକୁ ପୂଜା କରାଯାଏ। ଗୋମାତା ହେଉଛି ଆମର ମା'। ତେଣୁ ଗହ୍ମାପୂର୍ଣ୍ଣିମା କୃଷକ ଓ କୃଷି ବିଶେଷଜ୍ଞମାନଙ୍କ ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ଗୋମାତାଙ୍କୁ ପୂଜା କରାଯାଏ। ଏହି ପର୍ବର ଅନ୍ୟ ନାମ ହେଉଛି ବଳଦେବ ପୂଜା ବା ବଳଦେବ ଜୟନ୍ତୀ।

ଏହି ପବିତ୍ରଦିନ ଗୋରୁ ଗୁହାଳ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଲିପାପୋଛା କରାଯାଏ। କୃଷକ ଗୁହାଳ କାନ୍ଥରେ ବଳଦ, ଲଙ୍ଗଳ, ମଇ, କୋଡ଼ି, କୋଦାଳ, ବଳଦଗାଡ଼ି (ଶଗଡ଼) ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଆଦିର ଚିତ୍ର ଆଦି ଆଙ୍କିଥାନ୍ତି। କୃଷକମାନେ ସକାଳୁ ବଳଦକୁ ଗାଧୋଇଦେଇ ଫୁଲ, ଚନ୍ଦନ, ସିନ୍ଦୂର, ଅବିର ଆଦି ଲଗାଇ ସୁସଜ୍ଜିତ କରିଥାନ୍ତି। ଗୋରୁଙ୍କ ଶିଙ୍ଗରେ ତେଲ ମରାଯାଏ। ଏଥିସହିତ ଗୋମାତା ବା ବଳଦମାନଙ୍କୁ ରାଖୀ ପିନ୍ଧା ଯାଇଥାଏ। ଗୃହକର୍ତ୍ତା ଗୋରୁ ଗୁହାଳରେ ଗୋପୂଜନ କରିଥାନ୍ତି।





ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ। ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା – ପିଠାପଣା, ଏଣ୍ଡୁରିପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି।

ଶ୍ରୀମନ୍ଦିରରେ ଗହ୍ମାପର୍ବ ପାଳନର ପରମ୍ପରା ବିଧି ରହିଆସିଛି। ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋସବ ଓ ରାଖୀ ଲାଗି ଅନୁଷ୍ଠିତ ହୁଏ। ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉଙ୍କ ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀବଳଭଦ୍ରଦେବଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି।

**ଗହ୍ମାଡିଆଁ ପର୍ବ :** ପ୍ରଭୁ ବଳଦେବଙ୍କ ଜନ୍ମଦିବସ ଲୋକପ୍ରିୟର ଗହ୍ମାଡିଆଁ ଖେଳ ମାଧ୍ୟମରେ ପାଳିତ ହେବାର ଦୃଶ୍ୟ କେତେକ ଅଞ୍ଚଳରେ ଦେଖିବାକୁ ମିଳେ। ଗହ୍ମାଡିଆଁର ଅର୍ଥ ହେଉଛି ଗହ୍ମା ଡେଇଁବା ବା ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ଡେଇଁବା। ଏହି ପର୍ବ ପାଳନ ପୂର୍ବରୁ ଇଟା, ମାଟି ଓ ଘାସରେ ଏକ ପ୍ଲାଟ୍‌ଫର୍ମ ତିଆରି କରାଯାଏ। ଏହାର ମଧ୍ୟଭାଗରେ ପଥରଖଣ୍ଡ ପକାଇ ମଜଭୁତ କରାଯାଏ। ଏହା ଏକ ସ୍ତର୍ ପରି ଉପର ଆଡୁ ତଳ ଆଡ଼କୁ ହୋଇଥାଏ। ଏହାର ଦୁଇପାର୍ଶ୍ୱରେ ଦୁଇଟି ପୋଲ୍ ପୋତାଯାଏ ଏବଂ ଏହାର ଦୁଇପଟ ପୋଲ ବା ଖୁଣ୍ଟକୁ ବାଉଁଶ ବାଡ଼ି ବା ଦଉଡ଼ି ଦ୍ୱାରା ବାନ୍ଧି ଦିଆଯାଏ। ଏଥିରେ ବିଭିନ୍ନ ଫଳ ଯଥା ଲେମ୍ବୁ, କଦଳୀ, ନଡ଼ିଆ ଆଦି ବାନ୍ଧି ଦିଆଯାଏ। ଜଣେ ପରେ ଜଣେ ଏହି ପ୍ଲାଟ୍‌ଫର୍ମ ବା ଗହ୍ମାର ତଳ ଆଡୁ ଉପର ଆଡ଼କୁ ଦୌଡ଼ିଆସି ବନ୍ଧାଯାଇଥିବା ଫଳକୁ ଡେଇଁକରି ଆଣନ୍ତି। ଏଥିରେ ଯିଏ ଉତ୍ତୀର୍ଣ୍ଣ ହୁଏ ସେ ପୁରସ୍କୃତ ହୁଅନ୍ତି। ସାଧାରଣତଃ ଏହି ପର୍ବ କଟକ, ନୟାଗଡ଼, ଗଜପତି ଜିଲା ଓ ଅନ୍ୟାନ୍ୟ ଅଞ୍ଚଳରେ ଦେଖିବାକୁ ମିଳେ।

**ଝୁଲଣ ପର୍ବ :** ଆମ ରାଜ୍ୟର ଜଗନ୍ନାଥ ସଂସ୍କୃତି ଅନୁଯାୟୀ ପ୍ରଭୁ ଶ୍ରୀକୃଷ୍ଣ ଓ ରାଧା ଶ୍ରାବଣ ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ, ବର୍ଷାଋତୁରେ ଧରିତ୍ରୀ ଶସ୍ୟଶ୍ୟାମଳା ଦୃଶ୍ୟକୁ ଉପଭୋଗ କରି ଧରିତ୍ରୀବାସୀଙ୍କୁ ଆଶୀର୍ବାଦ କରିଥାନ୍ତି। ଏହା ଶ୍ରାବଣ ପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମା ଦିନ ସୁସଜ୍ଜିତ ଦୋଳିରେ ରାଧାକୃଷ୍ଣଙ୍କୁ ଝୁଲାଇ ପୂଜାର୍ଚ୍ଚନା କରାଯାଉଥିବାରୁ ଏହାକୁ ଝୁଲଣଯାତ୍ରା ବା ଝୁଲଣପର୍ବ ବୋଲି କୁହାଯାଏ।

**ଜନଇଁ ପୂର୍ଣ୍ଣିମା :** ରାଖୀ ପୂର୍ଣ୍ଣିମାକୁ ଜନଇଁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ବ୍ରାହ୍ମଣ, କ୍ଷତ୍ରିୟ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ପରିଧାନ କରିଥିବା ପଇତାକୁ ବର୍ଷକୁ ଥରେ ବଦଳାଇଥାନ୍ତି। ସାଧାରଣତଃ ହିନ୍ଦୁ ଓ ଜୈନମାନଙ୍କ ଦ୍ୱାରା ଏହି ପର୍ବ ପାଳିତ ହୋଇଥାଏ।

**ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ :** ରକ୍ଷାବନ୍ଧନର ଅର୍ଥ ହେଉଛି ସୁରକ୍ଷାର ବନ୍ଧନ। ଆଜକୁ ୬୦୦୦ ବର୍ଷ ପୂର୍ବେ ଆର୍ଯ୍ୟ ସଭ୍ୟତା ସମୟରୁ ହିନ୍ଦୁ ପର୍ବ ରକ୍ଷାବନ୍ଧନ ପାରମ୍ପରିକ ରୀତିରେ ଆମ ଦେଶରେ ପାଳିତ ହୋଇ ଆସୁଅଛି। ପୌରାଣିକ ଦୃଷ୍ଟିରୁ ଆକଳନ କଲେ ଜଣାଯାଏ ଧରାପୃଷ୍ଠରେ ଧର୍ମରକ୍ଷା ସହିତ ଉତ୍ତମ ମାନବର ସୁରକ୍ଷା ନିମନ୍ତେ ସ୍ୱୟଂ ଶ୍ରୀକୃଷ୍ଣ କ୍ରୋଧାନ୍ୱିତ୍ୱ ହୋଇ ରାଜା ଶିଶୁପାଳଙ୍କୁ ସୁଦର୍ଶନ ଚକ୍ର ପେଷି ବିନାଶ କରିଥିଲେ। ଚକ୍ର ଫେରିଆସିବା ସମୟରେ ଶ୍ରୀକୃଷ୍ଣଙ୍କ ଅଙ୍ଗୁଳିରେ ଲାଗିଯିବାରୁ ଅଙ୍ଗୁଳି କଟି ରକ୍ତସ୍ରାବ ହେବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିକୁ ଚିରି ସେହି କପଡ଼ାରେ ବାନ୍ଧିଦେଇ ପ୍ରଭୁଙ୍କଠାରେ ଭ୍ରାତୃତ୍ୱର ଭାବ ସୃଷ୍ଟି କରିପାରିଥିଲେ। କୌରବ ସଭାରେ ପଶାଖେଳରେ ପାଣ୍ଡବ ହାରିଯିବା ପରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ପ୍ରଭୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସୁଦୀର୍ଘ ବସ୍ତ୍ର ପ୍ରଦାନ କରି ଭଉଣୀର ସୁରକ୍ଷା ପୂର୍ବକ ମାନ୍ୟତା ପ୍ରଦାନ କରିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ସେହିଭଳି ଅସୁର କୁଳର ରାଜା ବଳିଙ୍କ ଆସକ୍ତିରୁ ମୁକ୍ତି ପାଇବା ପାଇଁ ମହାଲକ୍ଷ୍ମୀ ବଳିରାଜାଙ୍କ ହସ୍ତରେ ରାଖୀ ପିନ୍ଧାଇ ସ୍ୱୟଂ ବିଷ୍ଣୁଙ୍କୁ ବୈକୁଣ୍ଠପୁରକୁ ଫେରାଇ ଆଣିଥିଲେ।

–ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ପ୍ରାଣୀଙ୍କୁ ସଂକ୍ରାମକ ରୋଗ ହେଲେ...



ବର୍ଷାଦିନେ ଗାଈଗୋରୁଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ । ସାହାଣା ରୋଗ ପ୍ରାପ୍ତବୟସ୍କ ଗାଈଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ। ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩–୫ ଦିନ ପର୍ଯ୍ୟନ୍ତ ଦିଆଗଲେ ଏଥିରୁ ପ୍ରାଣୀଙ୍କୁ ଉପଶମ ମିଳିଥାଏ। ଏମାନଙ୍କୁ ସାହାଣା ରୋଗରୁ ଦୂରେଇରଖିବା ଲାଗି ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍‌ଏସ୍ ଟିକା ଦେଇଦେବା ଦରକାର। ଅନ୍ୟପକ୍ଷରେ ଫାଟୁଆ ଚଉଆ ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ହଠାତ୍ ଗାଈ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ମା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା ସୃଷ୍ଟି ହୁଏ। ଏଥିରେ ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହିତ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌କ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

## ପୁସ୍ତକ ପରିଚୟ




**ମୃତ୍ତିକା:** ମାଟି ସମ୍ବନ୍ଧୀୟ ବିଭିନ୍ନ ଉପାଦେୟ ବିଷୟବସ୍ତୁକୁ ନେଇ ନିକଟରେ ପ୍ରକାଶ ପାଇଛି କୃଷିଭିତ୍ତିକ ପୁସ୍ତକ 'ମୃତ୍ତିକା'। କୃଷି ବିଶ୍ୱବିଦ୍ୟାଳୟର ମୃତ୍ତିକା ରସାୟନ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ପ୍ରଫେସର ଡ. ସୁବୋଧ କୁମାର ସାହୁଙ୍କ ଦ୍ୱାରା ରଚିତ ଏହି ପୁସ୍ତକରେ ରହିଛି ୨୭ଟି ଉପାଦେୟ ବିଷୟ। ଏଥିରେ ମୃତ୍ତିକାର ସୃଷ୍ଟି, ଗଠନ, ବୟନ, ସଂରଚନା, ମୃତ୍ତିକାର କିସମ ନେଇ ଫସଲ ଚାଷ, ମୃତ୍ତିକାସ୍ଥ ଜଳ, ବାୟୁ, ଉତ୍ତାପର ଫସଲ ଚାଷ ଉପରେ ଭୂମିକା, ମୃତ୍ତିକା ଉପରେ ଜଳବାୟୁ ଓ ପରିବେଶର ପ୍ରଭାବ ବିଷୟରେ ବର୍ଣ୍ଣନା ବେଶ୍ ସୁନ୍ଦର ଏବଂ ଶିକ୍ଷଣୀୟ ହୋଇଛି। ସମସ୍ୟା ବହୁଳ ମାଟି, ଏହାର ପ୍ରତିକାର ଏବଂ ଉକ୍ତ ମାଟିରେ ସଫଳ ଫସଲ ଚାଷ ବିଷୟରେ ମଧ୍ୟ ଏଥିରେ ଉପସ୍ଥାପନା କରାଯାଇଛି। ମୃତ୍ତିକା ପରୀକ୍ଷା ଦ୍ୱାରା ଖତସାରର ଅନୁମୋଦନ ଏବଂ ଜୈବିକ ପଦ୍ଧତିରେ ମୃତ୍ତିକାର ଉର୍ବରତା ରକ୍ଷା ବିଷୟରେ ବିଶେଷ ଧ୍ୟାନ ଦିଆଯାଇଛି। ଉକ୍ତ ପୁସ୍ତକ ସମ୍ପର୍କରେ ଅଧିକ ବିବରଣୀ ଜାଣିବା ପାଇଁ ମୋ:୯୫୫୬୨୬୬୦୮୫ ସହ ଯୋଗାଯୋଗ କରିପାରିବେ । ପ୍ରାପ୍ତିସ୍ଥାନ : 'ସାଇରାମ ବୁକ୍ ଷ୍ଟୋର' କୃଷି ବିଶ୍ୱବିଦ୍ୟାଳୟ ନିକଟସ୍ଥ ଶିରିପୁର ଛକ ୟୁନିଟ-୮, ଭୁବନେଶ୍ୱର ।

## ଜଡ଼ା କିସମ...

ଅରୁଣା, ଜ୍ୟୋତି, କ୍ରାନ୍ତି.ଏସ୍.ଏ– ୧ ଏବଂ କିସି–୨ ଆଦି ଜଡ଼ା କିସମ ସଂଗ୍ରହ କରନ୍ତୁ ଓ ବୁଣାବୁଣି ଶୀଘ୍ର ଶେଷ କରନ୍ତୁ। ଜଡ଼ାକୁ ଅନ୍ତ ଫସଲ ଭାବେ ନ ନେଇ ଏକକ ଫସଲ ଭାବେ ଚାଷ କରନ୍ତୁ। ଭଲ ଗଜା ହେବା ପାଇଁ ଲଗାଇବା ପୂର୍ବରୁ ବିହନକୁ ୨୪ ରୁ ୪୮ ଘଣ୍ଟା ପାଣିରେ ବତୁରାଇ ଦିଅନ୍ତୁ। ଏକର ପ୍ରତି ୮ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନକୁ ଗ୍ରାମ୍ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୩୦ ରୁ ୪୫ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୧୦ କି.ଗ୍ରା. ଯବକ୍ଷାରଜାନ, ୧୨ କି.ଗ୍ରା. ଫସ୍‌ଫରସ୍ ଓ ୧୨ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।



## ଅଧିକ ଅମଳକ୍ଷମ କାଜୁ



କାଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବିପିପି ଭୁବନେଶ୍ୱର –୧, ଭିଆରଇ–୨, ହାଇବ୍ରିଡ୍–୨–୧୭ କିସମ ବ୍ୟବହାର କରନ୍ତୁ। ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।

## ହରଡ଼ରେ ଫୁଲ ଧରୁଥିଲେ...

ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡ଼ର ପାଣିରେ ବୁଡ଼ାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶୁଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ବିଳମ୍ବରେ ଲଗାଯାଇଥିବା ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ଲାଗି ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।



## ମଲ୍ଲୀଗଛ ଲାଗି ମନ୍ଦା



ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ସେହିମାଟିକୁ ମନ୍ଦାରେ ଦେଇ ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଦ୍ରବଣ ବା ପ୍ରଲେପରେ କଟା ଡାଳର ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। କିମ୍ବା ବଜାରରେ ମିଳୁଥିବା ସେରାଡେକସ୍–ବି ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।

## ଧାନରେ କାଣ୍ଡବିନ୍ଧା ପୋକ ଦମନ

ଧାନଚାଷରେ କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଉପଜମି ଧାନରେ ପତ୍ରାଚ୍ଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ। ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍÷୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ପାଇଁ ଧାନ ରୁଆହେବାର ୩–୪ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ବିଷଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ।



## ସଘନ ମାଛଚାଷ

ସଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ ଭାକୁର, ୪୦୦୦ ରୋହି ଏବଂ ୩୦୦୦ ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦, ରୋହି ୪୦୦୦, ମିରିକାଳି ୨୦୦୦ ଏବଂ ବିଲାତି ରୋହି ୧୦୦୦ (୨୧–୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୦/୨୦୨୨ Bhubaneswar, Wednesday, August 10/ 2022

## ରୁଡି କୋର୍ଜନଙ୍କ ପରଲୋକ



**କେପ୍‌ଟାଉନ୍,୯।୮:** କ୍ରିକେଟର ଅନ୍ୟତମ ଲୋକପ୍ରିୟ ଅମ୍ପାୟର ରୁଡି କୋର୍ଜନଙ୍କ ପରଲୋକ ଘଟିଛି। ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମଙ୍ଗଳବାର ୭୩ ବର୍ଷ ବୟସରେ ସେ ପ୍ରାଣ ହରାଇଛନ୍ତି। ଗଲ୍ଫ ୱିକେଣ୍ଡ ପରେ କେପ୍‌ଟାଉନରୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ନେଇ ତାଙ୍କ ପୁଅ ରୁଡି କୋର୍ଜନ ଜୁନିୟର ପ୍ରକାଶ କରିଛନ୍ତି। ଗଲ୍ଫ ଖେଳି ସେ ସୋମବାର ଫେରିବାର ଥିଲା। ମାତ୍ର ଆଉ ଏକ ରାଉଣ୍ଡର ଗଲ୍ଫ ଖେଳିବାକୁ ଅଟକି ଯାଇଥିଲେ। ୧୯୮୧ରେ ଅମ୍ପାୟାରିଂ ଆରମ୍ଭ କରିଥିବା କୋର୍ଜନ ପାଖାପାଖି ୪୦୦ ମ୍ୟାଚ ପରିଚାଳନା କରିଛନ୍ତି। ୧୯୯୨ରେ ଭାରତୀୟ ଦଳର ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଥର ଅମ୍ପାୟରିଂ କରନ୍ତି। ୧୯୯୭ରେ ପ୍ରଥମ ଥର ପାଇଁ ପୂର୍ଣ୍ଣକାଳୀନ ଅମ୍ପାୟର ହେବା ସହିତ ୨୦୦୨ରେ ଏଲିଟ୍ ପ୍ୟାନେଲରେ ସାମିଲ ହୋଇଥିଲେ। ଷ୍ଟିଭ୍ ବକନରଙ୍କ ପରେ ଦ୍ୱିତୀୟ ଅମ୍ପାୟର ଭାବରେ ୧୦୦ ଟେଷ୍ଟ ଓ ୨୦୦ ଦିନିକିଆରେ ଅମ୍ପାୟାରିଂ କରିଥିଲେ କୋର୍ଜନ। ୨୦୧୦ରେ ପାକିସ୍ତାନ-ଅଷ୍ଟ୍ରେଲିଆ ଟେଷ୍ଟ ମ୍ୟାଚ୍ ପରେ ସେ ଅବସର ଘୋଷଣା କରିଥିଲେ।

# ଭାରତ ମହିଳା 'ଏ', ପୁରୁଷ 'ବି' ଦଳକୁ ବ୍ରୋଞ୍ଜ

**ମାମାଲ୍ଲାପୁରମ, ୯।୮ (ପି.ଟି.)**

ଚେନ୍ନାଇର ମାମାଲ୍ଲାପୁରମ୍‌ଠାରେ ଚେସ୍ ଅଲିମ୍ପିଆଡ୍‌ର ୪୪ତମ ସଂସ୍କରଣ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଭାରତର ମୋଟ୍ ୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ମହିଳା 'ଏ' ଏବଂ ପୁରୁଷ 'ବି' ଦଳ ବ୍ରୋଞ୍ଜ୍ ପଦକ ହାସଲ କରିଛି। ଦଳଗତ ପୁରସ୍କାର ବ୍ୟତୀତ ପ୍ରଦର୍ଶନ ଭିତ୍ତିରେ ଭାରତର ୭ ଖେଳାଳି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସାମିଲ। ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଓ ନିହାଲ ସରିନ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଅର୍ଜ୍ଜୁନ ଇରିଗାସି ରୌପ୍ୟ ଏବଂ ଆର. ପ୍ରଜ୍ଞାନନ୍ଦ, ଆର. ବୈଶାଳୀ, ତାନିଆ ସଚଦେବ ଓ ଦିବ୍ୟା ଦେଶମୁଖ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ବିଭାଗରେ ସାମୁହିକ ପ୍ରଦର୍ଶନକୁ ବିଚାରକୁ ନିଆଯାଇ ଭାରତକୁ ସମ୍ମାନଜନକ ଗାପ୍ରିନଦାଶଭିଲି କପ୍ ପ୍ରଦାନ କରାଯାଇଛି। ଭାରତରେ ପ୍ରଥମଥର ପାଇଁ ଚେସ୍ ଅଲିମ୍ପିଆଡ୍ ଅନୁଷ୍ଠିତ ହୋଇଥିଲା।

ଭାରତୀୟ 'ବି' ଦଳ ଏହାର ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ଜର୍ମାନୀକୁ ୩-୧ରେ ପରାସ୍ତ କରି ତୃତୀୟ ସ୍ଥାନ ସ୍ପଷ୍ଟ କରିଥିଲା। ସମସ୍ତଙ୍କୁ ବିସ୍ମିତ କରି ଉଜ୍‌ବେକିସ୍ତାନ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଶେଷ ରାଉଣ୍ଡରେ ଏହି ଦଳ ନେଦରଲାଣ୍ଡକୁ ୨-୧ରେ ହରାଇ ଶୀର୍ଷସ୍ଥାନ ଅଧିକାର କରିଛି। ଆର୍ମେନିଆ ଦଳକୁ ରୌପ୍ୟ ପଦକ ମିଳିଛି। ଉଜ୍‌ବେକିସ୍ତାନ ଓ ଆର୍ମେନିଆ ୧୧ ରାଉଣ୍ଡରୁ ୧୯ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ଉନ୍ନତ ଟାଇବ୍ରେକର ପଏଣ୍ଟରେ ଉଜ୍‌ବେକିସ୍ତାନ ଆଗରେ ରହିଛି। ପୂରା ଟୁର୍ନାମେଣ୍ଟରେ ଏହି ଦଳ ଅପରାଜେୟ ରହିଥିଲା। ଭାରତ 'ବି' ୧୧ ରାଉଣ୍ଡରୁ ୧୮ ପଏଣ୍ଟ ପାଇଛି। ଆର୍ମେନିଆ ଏହାର ଶେଷ ମ୍ୟାଚ୍‌ରେ ସ୍ପେନ୍‌କୁ ୨.୫-୧.୫ରେ ହରାଇ ଦେଇଥିଲା। ଭାରତ 'ଏ' ଦଳ ୧୧ ରାଉଣ୍ଡରୁ ୧୭ ପଏଣ୍ଟ ପାଇ ୪ର୍ଥ ଏବଂ 'ସି' ଦଳ ୧୪ ପଏଣ୍ଟରେ ରହି ୩୧ତମ ସ୍ଥାନ ପାଇଛି।

୧୦ମ ରାଉଣ୍ଡ ଶେଷସୁଦ୍ଧା ସ୍ୱର୍ଣ୍ଣ ପଦକ ଦୌଡ଼ରେ ଥିବା ଟପ୍ ସିଡ୍ ଭାରତ 'ଏ' ଦଳ ୧୧ତମ ରାଉଣ୍ଡରେ ଆମେରିକାଠାରୁ ୧-୩ରେ ହାରିଯିବାରୁ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଥିଲା। ଯୁଦ୍ଧପ୍ରଭାବିତ ୟୁକ୍ରେନ୍ ଭାବପ୍ରବଣ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଜର୍ଜିଆ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛି। ୟୁକ୍ରେନ୍ ଓ ଜର୍ଜିଆ ୧୧ ରାଉଣ୍ଡରୁ ୧୮ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଟାଇବ୍ରେକର ପଏଣ୍ଟରେ ବାଜି ମାରିଥିଲା ୟୁକ୍ରେନ୍। ଭାରତ 'ଏ' ୧୧ ରାଉଣ୍ଡରୁ ୧୭ ପଏଣ୍ଟ ପାଇଥିଲା। ଭାରତ 'ବି' ଦଳ ୧୧ ରାଉଣ୍ଡରୁ ୧୬ ଏବଂ 'ସି' ଦଳ ୧୫ ପଏଣ୍ଟ ପାଇ ଯଥାକ୍ରମେ ୮ମ ଏବଂ ୧୭ତମ ସ୍ଥାନରେ ରହିଥିଲେ।

ଅଲିମ୍ପିଆଡ୍‌ରେ ଭାରତର ଏହା ଥିଲା ଦ୍ୱିତୀୟ ବ୍ରୋଞ୍ଜ୍ ପଦକ। ୨୦୧୪ରେ ମଧ୍ୟ ଭାରତକୁ ଏହି ସଫଳତା ମିଳିଥିଲା। ୨୦୧୪ ଅଲିମ୍ପିଆଡ୍‌ରେ ପଦକ ପାଇଥିବା ଦଳରେ ବି. ଅଧିବନ ସାମିଲ ଥିଲେ। ମାତ୍ର ପ୍ରତିଯୋଗିତାରେ ଚମତ୍କାର ଫର୍ମ ଦେଖାଇଥିବା ଯୁବ ଖେଳାଳି ଡି. ଗୁକେଶ, ଆର. ପ୍ରଜ୍ଞାନନ୍ଦ, ନିହାଲ ସରିନ ଓ ରୌନକ ସାଧ୍ୱାନୀଙ୍କ ପାଇଁ ଏହା ପ୍ରଥମ ଅଭିଜ୍ଞତା ଥିଲା। ଆମେରିକା ବିପକ୍ଷ ଅନ୍ତିମ ରାଉଣ୍ଡରେ ଭାରତ 'ଏ'ର ଅର୍ଜ୍ଜୁନ ଇରିଗାସି ବିଜୟୀ ହୋଇଥିଲେ ଏବଂ ପେଣ୍ଟାଲା ହରିକ୍ରିଷ୍ଣା ଓ ଭିଦିତ ସନ୍ତୋଷ ଗୁଜରାଠୀ ମ୍ୟାଚ ଡ୍ର ରଖିଥିଲେ। ତେବେ ଏସ୍.ଏଲ୍. ନାରାୟଣନ ହାରିଯାଇଥିଲେ। ଜର୍ମାନୀ ବିପକ୍ଷରେ ଭାରତ 'ବି' ର ନିହାଲ ସରିନ ଓ ରୌନକ ସାଧ୍ୱାନୀ ବିଜୟୀ ହୋଇଥିଲେ ଏବଂ ଡି. ଗୁକେଶ ଓ ଆର. ପ୍ରଜ୍ଞାନନ୍ଦ ମ୍ୟାଚ୍ ଡ୍ର ରଖିଥିଲେ। କାଜାଖସ୍ତାନ ବିପକ୍ଷରେ ଭାରତ 'ସି'ର ମୁରଲୀ କାର୍ତ୍ତିକେୟନ ବିଜୟୀ ହୋଇଥିଲେ ଏବଂ ଏସ୍.ପି. ସେଥୁରମଣ ଓ ପୁରାଣିକ ଅଭିମନ୍ୟୁ ମ୍ୟାଚ୍ ଡ୍ର ରଖିଥିଲେ। ସୂର୍ଯ୍ୟଶେଖର ଗାଙ୍ଗୁଲି ମ୍ୟାଚ୍ ହାରିଯାଇଥିଲେ।

ଆମେରିକା ବିପକ୍ଷ ଅନ୍ତିମ ରାଉଣ୍ଡରେ ଭାରତ 'ଏ' ମହିଳା ଦଳର କୋନେରୁ ହମ୍ପି ଏବଂ ଆର. ବୈଶାଳୀ ଡ୍ର ରଖିଥିବାବେଳେ ତାନିଆ ସଚଦେବ ଓ ଭକ୍ତି କୁଲକର୍ଣ୍ଣୀଙ୍କ ପରାଜୟ ଭାରତୀୟ 'ଏ' ଦଳର ସ୍ୱର୍ଣ୍ଣ ପଦକ ଆଶାକୁ ଧକ୍କା ପହଞ୍ଚାଇଥିଲା। ଭାରତ 'ବି' ଦଳ ଏହାର ଶେଷ ରାଉଣ୍ଡ ମ୍ୟାଚ୍‌କୁ ସ୍ଲୋଭାକିଆ ବିପକ୍ଷରେ ୨-୨ରେ ଡ୍ର ରଖିଥିଲା। ଦିବ୍ୟା ଦେଶମୁଖ ବିଜୟୀ ହୋଇଥିବାବେଳେ ଭାନ୍ତିକା ଅଗ୍ରୱାଲ ଓ ମାରିଆନ ଗୋମ୍ସ ମ୍ୟାଚ୍ ଡ୍ର ରଖିଥିଲେ ଏବଂ ପଦ୍ମିନୀ ରାଉତ ହାରିଯାଇଥିଲେ। ଭାରତ 'ସି' କାଜାଖସ୍ତାନଠାରୁ ୧.୫-୨.୫ରେ ପରାଜିତ ହୋଇଥିଲା। ପ୍ରତ୍ୟୁଷା ବୋଡ଼ା ବିଜୟୀ ହୋଇଥିବାବେଳେ ସହିଥି ବର୍ଷିନୀ ମ୍ୟାଚ୍ ଡ୍ର ରଖିଥିଲେ। ତେବେ ଇଶା କାର୍ଭାଡେ ଓ ପି.ଭି. ନନ୍ଦିଥା ମ୍ୟାଚ୍ ହାରିଯାଇଥିଲେ।

**୨୭୦୦ ରେଟିଂ ଅତିକ୍ରମ କଲେ ଇରିଗାସି**

ଗ୍ରାଣ୍ଡମାଷ୍ଟର ଅର୍ଜ୍ଜୁନ ଇରିଗାସି ୭ମ ଭାରତୀୟ ଭାବେ ୨୭୦୦ ଏଲୋ ରେଟିଂ ଅତିକ୍ରମ କରିଛନ୍ତି। ଆମେରିକା ବିପକ୍ଷ ଅନ୍ତିମ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ଡୋମିନଗ୍ୱେଜ ପେରେଜଙ୍କୁ ହରାଇବା ପରେ ୧୮ ବର୍ଷୀୟ ଇରିଗାସି ଏହି ସଫଳତା ପାଇଛନ୍ତି।





ଚେସ୍ ଅଲିମ୍ପିଆଡ୍‌ର ମହିଳା 'ଏ' ଓ ପୁରୁଷ 'ବି' ବିଭାଗରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

**ଚେସ୍ ଅଲିମ୍ପିଆଡ୍**

**ବୋର୍ଡ ପ୍ରାଇଜ୍**

ଡି. ଗୁକେଶ: ସ୍ୱର୍ଣ୍ଣ ପଦକ (ଟପ୍ ବୋର୍ଡ)
ନିହାଲ ସରିନ: ସ୍ୱର୍ଣ୍ଣ ପଦକ (ଦ୍ୱିତୀୟ ବୋର୍ଡ)
ଅର୍ଜ୍ଜୁନ ଇରିଗାସି: ରୌପ୍ୟ ପଦକ (ତୃତୀୟ ବୋର୍ଡ)
ଆର. ପ୍ରଜ୍ଞାନନ୍ଦ: ବ୍ରୋଞ୍ଜ ପଦକ (ତୃତୀୟ ବୋର୍ଡ)
ଆର: ବୈଶାଳୀ: ବ୍ରୋଞ୍ଜ ପଦକ (ତୃତୀୟ ବୋର୍ଡ)
ତାନିଆ ସଚଦେବ: ବ୍ରୋଞ୍ଜ ପଦକ (ତୃତୀୟବୋର୍ଡ)
ଦିବ୍ୟା ଦେଶମୁଖ: ବ୍ରୋଞ୍ଜ ପଦକ (ରିଜର୍ଭ ବୋର୍ଡ)

# ରେଣୁକାଙ୍କୁ କ୍ୟାରିୟର ଶ୍ରେଷ୍ଠ ର‍୍ୟାଙ୍କିଙ୍ଗ୍

**ଦୁବାଇ, ୯।୮ (ପି.ଟି.)**

ଭାରତୀୟ ପେସ୍ ବୋଲର ରେଣୁକା ସିଂ ମଙ୍ଗଳବାର ପ୍ରକାଶିତ ଆଇସିସି ଟି୨୦ ମହିଳା ର‍୍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୧୮ତମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ହୋଇଥିଲେ। ବର୍ମିଂହାମ୍ ଗେମ୍ସରେ ସେ ୧୧ଟି ଉଇକେଟ ଅକ୍ତିଆର କରିଥିଲେ। ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ଟୁର୍ନାମେଣ୍ଟରେ ଏକ ରୌପ୍ୟ ପଦକ ପାଇଥିଲା। ରେଣୁକା ର‍୍ୟାଙ୍କିଙ୍ଗ ତାଲିକାରେ ୧୦ ସ୍ଥାନ ଉପରକୁ ଉଠିଥିବା ବେଳେ ପ୍ରଥମ ଥର ଟପ୍ ୨୦ରେ ପ୍ରବେଶ କରିଛନ୍ତି। ଜେମିମା ରୋଡ୍ରିଗୁଏଜ୍ ବର୍ମିଂହାମ୍‌ରେ ୧୪୬ ରନ ସ୍କୋର କରିବା ଦ୍ୱାରା ସେ ଫର୍ମକୁ ଫେରିଥିବା ସୂଚନା ମିଳୁଛି। ବର୍ମିଂହାମ୍‌ରେ ସେ ୧୪୬ରନ ସଂଗ୍ରହ କରିଛନ୍ତି। ସେ ୭ଟି ସ୍ଥାନ ଉପରକୁ ଉଠିଥିବା ବେଳେ ପୁଣିଥରେ ଟପ୍ ୧୦ ବ୍ୟାଟରମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ର‍୍ୟାଙ୍କିଙ୍ଗ ତାଲିକାରେ ସେ ୧୦ମ ସ୍ଥାନରେ ରହିଛନ୍ତି। ବ୍ୟାଟର ତାଲିକାରେ ସ୍ମୃତି ମନ୍ଧାନା ଦୁଇଟି ସ୍ଥାନ ତଳକୁ ଖସି ୩୬ତମ ସ୍ଥାନରେ ଅଛନ୍ତି। ବୋଲରମାନଙ୍କ ମଧ୍ୟରେ ବାମହାତି ସ୍ପିନର ରାଧା ଯାଦବ ୧୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।



ରେଣୁକା ସିଂ

# ଯୌନଶୋଷଣ ଅଭିଯୋଗରେ ରେସିଂ କୋଚ ବାସନ୍ଦ

**ଲଣ୍ଡନ,୯।୮(ପି.ଟି)**

ଯୌନ ଶୋଷଣ ଅଭିଯୋଗରେ ଇଂଲଣ୍ଡ ରେସିଂ ଦଳର କୋଚ ଟୋନି ମିନିଚିଏଲୋଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ଦୀର୍ଘ ୧୫ ବର୍ଷର କ୍ୟାରିୟର ମଧ୍ୟରେ ଏକାଧିକ ଖେଳାଳିଙ୍କ ସହିତ ଅସଦାଚରଣ କରିଥିବା ପ୍ରମାଣିତ ହେବା ପରେ ୟୁକେ ଆଥଲେଟିକ୍ସ ପରିଚାଳନା ବୋର୍ଡ ଏହି ନିଷ୍ପତ୍ତି ନେଇଛି। ଟୋନିଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିବା ପରେ ବୋର୍ଡ ପକ୍ଷରୁ ଏକ ୪ ଜଣିଆ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ଟ୍ରିବ୍ୟୁନାଲର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖେଳାଳି ମାନଙ୍କୁ ଏଣେ ତେଣେ ଛୁଇଁବା, ଅଶ୍ଳୀଳ ଇଙ୍ଗିତ କରିବା, ଉତ୍ୟକ୍ତ ବ୍ୟବହାର ଓ ମାନସିକ ନିର୍ଯାତନା ନେଇ ଏକାଧିକ ଖେଳାଳି ବୟାନ ଦେଇଥିଲେ।

ଯେଉଁ ଖେଳାଳି ମାନେ ବୟାନ ଦେଇଛନ୍ତି ସେମାନଙ୍କ ନାମ ଗୋପନ ରଖାଯାଇଛି। ଏହି ଖେଳାଳି ମାନେ ଯେଉଁ ଭଳି ସାହସ ଦେଖାଇ ସାମ୍ନାକୁ ଆସିଲେ ତାହା ପ୍ରଶଂସାଯୋଗ୍ୟ ବୋଲି ଆଥଲେଟିକ୍ସ ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ଏହି ଆଥଲେଟ ମାନଙ୍କ ତାଲିକାରେ ହେପ୍ଟାଥେଲନ୍ ଷ୍ଟାର ଏନିସ୍ ହିଲ୍ ଅଛନ୍ତି କି ନା ତାହା ସ୍ପଷ୍ଟ ହୋଇନାହିଁ। ଟୋନିଙ୍କ ପ୍ରଶିକ୍ଷଣରେ ଏନିସ୍ ୨୦୦୯ରୁ ୨୦୧୫ ମଧ୍ୟରେ ୩ଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ସହିତ ଗୋଟିଏ ଲେଖାଏଁ ଅଲିମ୍ପିକ୍ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ୨୦୧୨ରେ ହିଲ୍ ଲଣ୍ଡନ ଅଲିମ୍ପିକ୍ସରେ ପ୍ରଥମ ସ୍ୱର୍ଣ୍ଣ ଜିତିଥିବା ବେଳେ ୨୦୧୬ ରିଓରେ ରୌପ୍ୟ ହାସଲ କରିଥିଲେ। ତଦନ୍ତ ମଧ୍ୟରେ ଟୋନି ମିନିଚିଏଲୋଙ୍କ ଲାଇସେନ୍ସ ରଦ୍ଦ ହୋଇ ଯାଇଥିବାରୁ ୟୁକେ ଟ୍ରାକ୍ ଆଣ୍ଡ ଫିଲ୍ଡ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇ ପାରିନଥିଲା। ଫଳରେ ବ୍ରିଟିଶ ଆଥଲେଟିକ୍ସ କମିଟି ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଛି।



ଟୋନି ମିନିଚିଏଲୋ

## ପ୍ରଭାକର ନେପାଳ କ୍ରିକେଟ କୋଚ୍

**ନୂଆଦିଲ୍ଲୀ, ୯।୮ (ପି.ଟି.):** ପୁବୁଡୁ ଦାସାନାୟକେଙ୍କ ସ୍ଥାନରେ ପୂର୍ବତନ ଅଲରାଉଣ୍ଡର ମନୋଜ ପ୍ରଭାକର ନେପାଳ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଦାସାନାୟକେ ଜୁଲାଇରେ ତାଙ୍କ ପଦ ତ୍ୟାଗ କରିଛନ୍ତି। ସେ କାନାଡା କ୍ରିକେଟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବେ। ପ୍ରଭାକର ୧୯୮୪ ରୁ ୧୯୯୬ ମଧ୍ୟରେ ଭାରତ ପାଇଁ ୩୯ଟି ଟେଷ୍ଟ ଓ ୧୩୦ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସେ ପୂର୍ବରୁ ଦିଲ୍ଲୀ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ରଣଜୀ ଟ୍ରଫିର କୋଚ୍ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୨୦୧୬ରେ ସେ ଆଫଗାନିସ୍ତାନ ଜାତୀୟ ଦଳର ବୋଲିଂ କୋଚ୍ ଭାବେ କାର୍ଯ୍ୟକରିଛନ୍ତି।

# ଭାରତୀୟ ମହିଳା ଦଳକୁ ରୌପ୍ୟ ପଦକ

**ଭୁବନେଶ୍ୱର, ୯।୮ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଛି। ଭାରତୀୟ ଦଳରେ କିସ୍‌ର ୩ ଖେଳାଳି ହୁପି ମାଝି, ତରୁଲତା ନାଏକ ଓ ଦୁମୁନି ମାର୍ଣ୍ଡି ସାମିଲ ହୋଇ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ଭାରତ ଲିଗ୍ ମ୍ୟାଚରେ ମଙ୍ଗୋଲିଆକୁ ୩୯-୦, ଗୁଆମକୁ ୨୬-୨୧, ୟୁଏଇକୁ ୨୧-୦ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଦଳ ଇଣ୍ଡୋନେସିଆକୁ ୧୭-୧୨ରେ ହରାଇଥିଲେ ହେଁ ଫାଇନାଲରେ ସିଙ୍ଗାପୁରଠାରୁ ୫-୧୭ରେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ରୌପ୍ୟ ବିଜୟୀ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

**ଏସିଆ ରଗ୍‌ବୀ ସେଭେନ୍ସ**



ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ତରୁଲତା ନାଏକ, ହୁପି ମାଝି ଓ ଦୁମୁନି ମାର୍ଣ୍ଡି।

## ଅବସର ପ୍ଲାନ୍ ଘୋଷଣା କଲେ ସେରେନା

**ନ୍ୟୁୟର୍କ,୯।୮(ପି.ଟି):** ୨୩ଟି ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେରେନା ୱିଲିୟମ୍ସ ଟେନିସ୍ ଛାଡିବା ନେଇ ପରୋକ୍ଷରେ ସୂଚନା ଦେଇଛନ୍ତି। ଅବସର ସମ୍ପର୍କରେ ସିଧାସଳଖ ସୂଚନା ଦେଇ ନଥିଲେ ହେଁ ଟେନିସ୍‌ରୁ ଦୂରେଇ ଆଉ ଏକ ସନ୍ତାନ ଜନ୍ମ କରିବା ସହିତ ନିଜର ବ୍ୟବସାୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସପକ୍ଷରେ ସେରେନା ମତ ଦେଇଛନ୍ତି। ମଙ୍ଗଳବାର ଭୋଗ୍ ମାଗାଜିନରେ ସେରେନାଙ୍କ ଏକ ସ୍ତମ୍ଭରୁ ଏହି କଳ୍ପନା ଜଳ୍ପନା ଆରମ୍ଭ ହୋଇଥିଲା। ଅବସର ଶବ୍ଦଟି ମୋତେ ଠିକ୍ ଲାଗେ ନାହିଁ। ଚଳିତ ମାସରେ ମୁଁ ୪୧ ବର୍ଷରେ ପାଦଦେବି ତେଣୁ ଟେନିସରୁ ଦୂରେଇ ଅନ୍ୟ କିଛି ଜିନିଷ ଉପରେ ମୁଁ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହିଁବି। ଅଗଷ୍ଟ ୨୯ରୁ ଆରମ୍ଭ ହେଉଥିବା ୟୁଏସ୍ ଓପନର ପ୍ରସ୍ତୁତି ପାଇଁ ସେରେନା ଚଳିତ ସପ୍ତାହରେ ଟରଣ୍ଟୋରେ ଏକ ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ପ୍ରଫେସନାଲ ଏରାରେ ସେ ସର୍ବାଧିକ ୨୩ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ହାସଲ କରିଛନ୍ତି। ୨୪ ଟାଇଟଲ ସହିତ ମାର୍ଗାରେଟ୍ କୋର୍ଟ ପ୍ରଥମ ସ୍ଥାନରେ ରହିଥିଲେ ହେଁ ଏଥିମଧ୍ୟରୁ କିଛି ଟୁର୍ନାମେଣ୍ଟ ଓପନ ଏରାରେ ଖେଳାଯାଇଥିଲା।

# ଛେତ୍ରୀ, ମନୀଷା ପ୍ଲେୟର ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୯।୮ (ପି.ଟି.)**

ଭାରତ ପୁରୁଷ ଫୁଟ୍‌ବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ମଙ୍ଗଳବାର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଦ୍ୱାରା ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ବିବେଚିତ ହୋଇଛନ୍ତି। ସେ ୭ମ ଥର ପାଇଁ ଏହି ପୁରସ୍କାର ଜିତିଛନ୍ତି। ଅନ୍ୟପକ୍ଷରେ ମହିଳା ବର୍ଗରେ ମନୀଷା କଲ୍ୟାଣ ପ୍ରଥମ ଥର ୨୦୨୧-୨୨ ସିଜନ ପାଇଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୁରସ୍କାର ପାଇଁ ଛେତ୍ରୀ ଓ କଲ୍ୟାଣଙ୍କୁ କୋଚ୍ ଇଗୋର ଷ୍ଟିମାକ୍ ଓ ଥୋମାସ ଡେନର୍ବି ମନୋନୀତ କରିଛନ୍ତି। ବର୍ତ୍ତମାନ ସକ୍ରିୟ ରହିଥିବା ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ଛେତ୍ରୀ ତୃତୀୟ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହେଉଛନ୍ତି। ସେ ପ୍ରଥମେ ଏହି ପୁରସ୍କାର ୨୦୦୭ରେ ଜିତିଥିଲେ। ପରେ ସେ ୨୦୧୧, ୨୦୧୩, ୨୦୧୪, ୨୦୧୭, ୨୦୧୮-୧୯ରେ ଏହି ପୁରସ୍କାର ଲାଭ କରିଥିଲେ। ସାଫ୍ କପ୍‌ରେ ସୁନୀଲ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ୫ଟି ଗୋଲ ଦେବା ସହ ଆମର ଟପ୍ ସ୍କୋରର ହୋଇଥିଲେ ବୋଲି ଷ୍ଟିମାକ୍ କହିଛନ୍ତି। ପୁନଶ୍ଚ କୋଲକାତାରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡରେ ଖେଳାଯାଇଥିବା ୩ଟି ମ୍ୟାଚରେ ୪ଟି ଗୋଲ ସ୍କୋର କରିଥିଲେ। ଦଳର ଭଲ ଓ ଖରାପ ସମୟରେ ତାଙ୍କ ପ୍ରତିଶ୍ରୁତିବଦ୍ଧତା, ନେତୃତ୍ୱ ଓ କଠିନ ପରିଶ୍ରମ ପ୍ରଭାବଶାଳୀ ରହିଥିଲା। ଅନ୍ୟପକ୍ଷରେ କଲ୍ୟାଣଙ୍କ ପାଇଁ ଏହାହେଉଛି ପ୍ରଥମ ମହିଳା ଫୁଟ୍‌ବଲର ଅଫ୍ ଦି ଇୟର ପୁରସ୍କାର। ପୂର୍ବରୁ ସେ ୨୦୨୦-୨୧ ସିଜନରେ ମହିଳା ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଥିଲେ। ମନୀଷାଙ୍କର ଜାତୀୟ ଦଳ ଏବଂ ତାଙ୍କ କ୍ଲବକୁ ଉଲ୍ଲେଖନୀୟ ସହାୟତା କରିଛନ୍ତି। ନିୟମିତ ଗୋଲ ସ୍କୋର କରିବା ସହ ଗୋଲ ଦେବାରେ ଅନ୍ୟ ଖେଳାଳିଙ୍କୁ ସହାୟତା ମଧ୍ୟ କରିଛନ୍ତି। ତାଙ୍କର ଭଲ ସ୍ପିଡ୍ ରହିଛି। ସେ ଜଣେ ଉତ୍ତମ ଡ୍ରିବଲର ହୋଇଥିବାରୁ ବଡ଼ ଲିଗ୍‌ରେ ଖେଳିବା ପାଇଁ ସେ ଦକ୍ଷତା ରଖିଛନ୍ତି। କଲ୍ୟାଣ ନିକଟରେ ସାଇପ୍ରସର ଟପ୍ ଡିଭିଜନ ବିଜେତା ଆପୋଲନ ଲେଡିଜ୍ ସହ ଏକ ବହୁ ବର୍ଷର ଚୁକ୍ତି କରିଛନ୍ତି। ଏହି ଫୁଟ୍‌ବଲ କ୍ଲବ ୨୦୨୨-୨୩ ୟୁଫା ମହିଳା ଚାମ୍ପିୟନଶିପ୍ କ୍ୱାଲିଫାଇଂ ରାଉଣ୍ଡରେ ସ୍ଥାନ ପାଇଛି। ଅନ୍ୟ ପୁରସ୍କାର ମଧ୍ୟରେ ମାର୍ଟିନା ଥୋକ୍‌ଚୋମ୍ ୨୦୨୧-୨୨ ବର୍ଷ ପାଇଁ ମହିଳା ଇମର୍ଜିଂ ଫୁଟ୍‌ବଲର ଅଫ୍ ଇୟର ଏବଂ ବିକ୍ରମ ପ୍ରତାପ ସିଂ ୨୦୨୧-୨୨ ପୁରୁଷ ଇଭର୍ଜିଂ ଫୁଟ୍‌ବଲର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି।





ସୁନୀଲ ଛେତ୍ରୀ ଓ ମନୀଷା କଲ୍ୟାଣ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

**ଯୁବ, ଛାତ୍ର ବିଜେଡି ପକ୍ଷରୁ ଚାରାରୋପଣ**

ପିପିଲି,(ଡି.ଏନ୍.ଏ.): ପିପିଲି ବ୍ଲକ ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଦାଣ୍ଡମୁକୁନ୍ଦପୁର ଓ କୁଳଶେଖର ପାଟଣାଠାରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ସମେତ ଯୁବ ବିଜେଡି ଭୁବନେଶ୍ୱର ଜୋନ୍ ସଭାପତି ବିଜୟ୍ କେତନ ସାହୁ, ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦସଭ୍ୟ ସୁଶାନ୍ତ କୁମାର ମଲ୍ଲିକ, ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ବିଜେଡି ଉପସଭାପତି ଦେବାଶିଷ ନନ୍ଦ ପ୍ରମୁଖ ଯୋଗଦେଇ ବିଭିନ୍ନ କିସମ ବୃକ୍ଷର ଚାରାରୋପଣ କରିଥିଲେ। ପିପିଲି ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ ବିଶ୍ୱାଳ, ଛାତ୍ର ବିଜେଡି ସଭାପତି ସୌମ୍ୟରଞ୍ଜନ ମହାପାତ୍ର, ଯୁବନେତା ବିଶ୍ୱଜିତ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୮।୨୦୨୨

| | |
|---|---|
| ୩,୪୬,୪୧୮ ଟଙ୍କା | |
| ସୁନା | ୨,୧୦୦ ଗ୍ରାମ |
| ରୁପା | ୩୨ ଗ୍ରାମ |

# ଭଡ଼ାଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

କାକଟପୁର,୯।୮(ଡି.ଏନ୍.ଏ.)

କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତର ୫ଟି ଗ୍ରାମରେ ଭଡ଼ାଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର। କୁରୁଜଙ୍ଗ ପଞ୍ଚାୟତର ୧୯ଟି ୱାର୍ଡ ପାଇଁ ୧୪ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୫ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଫଳରେ ଛୁଆମାନେ ଭଡ଼ା ଓ ପରିତ୍ୟକ୍ତ ଘରେ କିମ୍ବା ଅବ୍ୟବହୃତ ସ୍କୁଲ ବାରଣ୍ଡାରେ ବିପଜ୍ଜନକ ଭାବେ ଶିକ୍ଷା ଲାଭ କରୁଥିବା ଦେଖିବାକୁ ମିଳିଛି। ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ଜାଗା କମ୍ ଯୋଗୁ ପାଠ ପଢିବା ପାଇଁ ସ୍ଥାନ ଅଭାବ ଓ ରୋଷେଇ କରିବାକୁ ସମସ୍ୟା ହେଉଛି। ଗୋଧନପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ଜାଗା ଅଭାବ ଯୋଗୁ ଦୁଇ



ଅଙ୍ଗନୱାଡି କର୍ମୀମାନେ ପିଲାମାନଙ୍କୁ ପାଠ ପଢାଉଛନ୍ତି ।

କିମି ଦୂର ଜମରା ଗ୍ରାମର ପିଲାମାନେ ଆସିବାକୁ ପଡୁଛି। ଏଥିସହିତ ଜମତଳା, ଖଦୋଳ, ଆଡୁଆଳ ଓ କୁରୁମ ଗ୍ରାମରେ ମଧ୍ୟ ସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ। ଫଳରେ ପିଲାମାନେ ଅନେକ ସମୟରେ ନାନା ହଇରାଣ ହେଉଛନ୍ତି। ବିଶେଷ କରି ବର୍ଷା ଦିନରେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମେରୀ ମାଇକେଲ ଖେର କହିଛନ୍ତି, ବାକି ଥିବା ୫ଟି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଗୃହ ମଞ୍ଜୁରୀ ହୋଇଯାଇଛି। କେବଳ ନିର୍ମାଣ ପାଇଁ ବ୍ଲକ ଅଧିକାରୀ ଓ ପଞ୍ଚାୟତ ପକ୍ଷରୁ ବୁଝି କରାଯିବ। ବିଡିଓ ତୁଷାର ଜ୍ୟୋତି ରଞ୍ଜନ ଜାଗା ପାଇଁ ଜମିଜମା ସମସ୍ୟା ଥିବା କହିଥିବା ବେଳେ ରାଜସ୍ୱ ବିଭାଗ ତହସିଲଦାରଙ୍କ ସହ କଥା ହୋଇ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଜାଗା ଚିହ୍ନଟ କରିବା ସହ ତୁରନ୍ତ ନିର୍ମାଣ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଯଥାଶୀଘ୍ର ବାକି ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ କରିବାକୁ ସାମାଜିକ କର୍ମୀ ଜ୍ଞାନରଞ୍ଜନ ବିଶାଳ ଓ ଯୁବନେତା ପବିତ୍ର ବିଶାଳ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ମଙ୍ଗଳା ମନ୍ଦିରରେ ଝୁଲଣ ଯାତ୍ରା

କାକଟପୁର,୯।୮(ଡି.ଏନ୍.ଏ.)

ଶ୍ରୀଜଗନ୍ନାଥ ସଂସ୍କୃତି ଓ ନୀତିକାନ୍ତି ସହିତ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ନୀତିକାନ୍ତି ଜଡ଼ିତ ଥିବାରୁ ଇତ୍ୟବସରରେ ମା' ମଙ୍ଗଳାଙ୍କ ପୀଠରେ ସୋମବାରଠାରୁ ଆରମ୍ଭ ହୋଇଛି ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା। ଏକ ସୁସଜ୍ଜିତ ବିମାନରେ ପ୍ରଭୁ ରାଧାକୃଷ୍ଣଙ୍କ ଅଷ୍ଟଧାତୁନିର୍ମିତ ଯୁଗଳ ମୂର୍ତ୍ତିଙ୍କୁ ରଖାଯାଇ ନୀତିକାନ୍ତିରେ ପୂଜାର୍ଚ୍ଚନା କରି ଝୁଲଣ କରାଯାଉଛି। ମନ୍ଦିର ପ୍ରଶାସନ ପକ୍ଷରୁ ରାଧାକୃଷ୍ଣଙ୍କ ବିମାନକୁ ରଙ୍ଗବେରଙ୍ଗ କାଗଜ ସହିତ ନୂଆ କପ୍ ଆଚ୍ଛାଦିତ କରାଯାଇ ବିଭିନ୍ନ ଆଲୋକମାଳାରେ ସଜାଯିବା ସହିତ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସାଙ୍ଗକୁ ଅଜୟ କୁମାର ଦୀକ୍ଷିତଙ୍କ ଦ୍ୱାରା ପାଲା ପରିବେଷଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ଟ୍ରଷ୍ଟ ବୋର୍ଡ ସଭାପତି ବିରଞ୍ଚି ନାରାୟଣ ବେହେରା, କାକଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ, ବିଡିଓ ତୁଷାର ଜ୍ୟୋତିରଞ୍ଜନ, ମେଡିକାଲ ଅଫିସର ଆଶିଷ କୁମାର ମହାପାତ୍ର ଓ ସମସ୍ତ ଉପଦେଷ୍ଟା ମଣ୍ଡଳୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

# 'ମୋ ଦେଶ ମୋ ସ୍ୱାଭିମାନ' ପାଇଁ ପ୍ରସ୍ତୁତି

ନିମାପଡ଼ା,୯।୮(ଡି.ଏନ୍.ଏ):

ନିମାପଡ଼ା ଶହୀଦ ସ୍ମୃତି ସଂସଦ ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆସନ୍ତା ୧୩ ତାରିଖରେ ନିମାପଡ଼ାଠାରେ 'ମୋ ଦେଶ ମୋ ସ୍ୱାଭିମାନ' ଏକ କାର୍ଯ୍ୟକ୍ରମ ପାଳିତ ହେବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବେସରକାରୀ କଲେଜ, ବିଦ୍ୟାଳୟ, ଏନ୍‌ସିସି, ସ୍କାଉଟ୍ସ ଗାଇଡ୍ସ, ଜେଆର୍‌ସି କ୍ୟାଡେଟ୍‌ଙ୍କ ସମେତ ପ୍ରାୟ ୨ ହଜାର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ଯୁବଛାତ୍ର, ମହିଳା ସଂଗଠନର କର୍ମକର୍ତ୍ତାମାନେ ଯୋଗଦେବେ। ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଇକ୍ ରାଲି, ଆତସବାଜି, ପିରାମିଡ୍, ପାଇକ ନୃତ୍ୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିନେଇ ବ୍ଲକ ସଭାଗୃହରେ ସମ୍ବର୍ଦ୍ଧନା ସମାରୋହରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବ। ଏଥିସହ ନିମାପଡ଼ା ଓ ଗୋପ ବ୍ଲକରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତୀ ହାସଲ କରିଥିବା ଛାତ୍ରୀଛାତ୍ର, ଯୁକ୍ତ ୨ ଆଞ୍ଚଳିକ ଶିକ୍ଷାନୁଷ୍ଠାନଗୁଡିକରେ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଏହି ସମାରୋହର ସଫଳ ରୂପାୟନ ପାଇଁ ୨ୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ନିମାପଡ଼ା ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ, ସାମାଜିକ କର୍ମୀ ଡ. ବେଣୁଧର ସେନାପତି, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଏନ୍‌ଏସି ଉପାଧକ୍ଷ ସନ୍ତୋଷ ଦାଶ, ଗୋପ ବ୍ଲକ ବିଇଓ ସୁଶୀଲ କୁମାର ବ୍ରହ୍ମା, ବ୍ଲକ ଏବିଇଓ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ସ୍କୁଲ, କଲେଜର ଅଧକ୍ଷ, ଅଧାପକ, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଶୋଭାଯାତ୍ରା କମିଟି, ସମ୍ବର୍ଦ୍ଧନା କମିଟି, ସାଂସ୍କୃତିକ କମିଟି, ଅଭ୍ୟର୍ଥନା କମିଟି ଆଦି ଗଠନ କରାଯାଇଛି। ଏହା କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ମନ୍ତ୍ରୀ ଦାଶ ନିମାପଡ଼ାବାସୀଙ୍କର ସହଯୋଗ କାମନା କରିଛନ୍ତି।

## ସଂକ୍ଷେପରେ

### କବିତା ସଙ୍କଳନ 'ମନ ବୃନ୍ଦାବନ' ଉନ୍ମୋଚିତ

ପୁରୀ ଅଫିସ ୯।୮- ସୁଲଭ ପ୍ରକାଶନୀ ଦ୍ୱାରା ପ୍ରକାଶିତ ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ କବିତା ସଙ୍କଳନ 'ମନ ବୃନ୍ଦାବନ' ଯୁଥ୍ ହଷ୍ଟେଲରେ ଉନ୍ମୋଚିତ ହୋଇଛି। ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିତା ସଂକଳନକୁ ଉନ୍ମୋଚନ କରିବା ସହ କବିତାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ଡ. ହେମନ୍ତ ଛୋଟରାୟ, ପ୍ରଭାତ ରଥ, ରମେଶ ଚନ୍ଦ୍ର ଦାଶ, ଚନ୍ଦ୍ରଶେଖର ମହାରଣା, ପ୍ରତିମା ମିଶ୍ର, ବିଶ୍ୱପ୍ରକାଶ ପଟ୍ଟନାୟକ, ଆତ୍ତତ୍ରାଣ ମାନସିଂହ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଅନ୍ନପୂର୍ଣ୍ଣା ଦେବୀ, ପ୍ରବାସିନୀ ମିଶ୍ର, ହେମାଙ୍ଗିନୀ ମହାନ୍ତି, ଯୋଗେଶ୍ୱର ପ୍ରହରାଜ, ରାଧାକୃଷ୍ଣ ପ୍ରଧାନୀ ପ୍ରମୁଖ ସାମିଲ ଥିଲେ। ଲେଖିକା ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।




ପୁରୀ ଯୁଥ୍ ହଷ୍ଟେଲରେ ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ କବିତା ସଙ୍କଳନ 'ମନ ବୃନ୍ଦାବନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

### ଇଣ୍ଡୋଫିଲ୍ କୀଟନାଶକର ବଜାର ପ୍ରବେଶ

ପୁରୀ ଅଫିସ,୯।୮: ଶସ୍ୟକୁ ସୁରକ୍ଷା ଦେବା ପାଇଁ ଇଣ୍ଡୋଫିଲ୍ ଅଣ୍ଡଷ୍ଟ୍ରିଜ୍ ନୂଆ କୀଟନାଶକ ପ୍ରସ୍ତୁତ କରିଛି। ଧାନ, କପା ଓ ପନିପରିବା ଚାଷ ପାଇଁ ଜାପାନର ଜ୍ଞାନକୌଶଳ ପ୍ରୟୋଗ କରି ୩ ପ୍ରକାରର ପୃଥକ କୀଟନାଶକ ପ୍ରସ୍ତୁତ କରାଯାଇଛି। ଇଣ୍ଡୋଫିଲ୍ ଇଣ୍ଡଷ୍ଟ୍ରିଜ୍ ଓ ଜାପାନର ଏମ୍‌ସିଏଜି ମିଳିତ ଭାବେ ୧୦ ବର୍ଷର ଅନୁସନ୍ଧାନ ଓ ଜ୍ଞାନକୌଶଳ ବଳରେ ଓଡ଼ିଶା ଓ ଛତିଶଗଡ଼ର ଚାଷୀଙ୍କ ପାଇଁ ଏହି କୀଟନାଶକକୁ ବିକଶିତ କରିଛନ୍ତି। ପୁରୀର ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ସଂସ୍ଥା ପକ୍ଷରୁ ଏସମ୍ପର୍କିତ ସୂଚନା ଦିଆଯାଇଛି। ଇଣ୍ଡୋଫିଲ୍ ଇଣ୍ଡଷ୍ଟ୍ରିଜ୍‌ର ପ୍ରଡକ୍ଟ ଡେଭଲପମେଣ୍ଟ ମ୍ୟାନେଜର ମହେଶ ପାୱାର, କ୍ଲଷ୍ଟର ମୁଖ୍ୟ ଜଗଦୀଶ ଯେରନେନି, ଛତିଶଗଡ଼ ଓ ଓଡ଼ିଶା ଶାଖାର ମ୍ୟାନେଜର ସନ୍ଦୀପ ଉପାଧ୍ୟାୟ, ମାର୍କେଟିଂ ମ୍ୟାନେଜର ଧର୍ମେନ୍ଦ୍ର ମାଲବିୟ୍ ଓ ସୁନୀଲ ଦୁବେ ପ୍ରମୁଖ ରାଜ୍ୟର ସମସ୍ତ ଡିଷ୍ଟ୍ରିବ୍ୟୁଟରଙ୍କୁ କୀଟନାଶକର ମାନ ସମ୍ପର୍କରେ ଅବଗତ କରାଇଛନ୍ତି। ବଜାର ପ୍ରବେଶ କରିବାକୁ ଥିବା କୀଟନାଶକର ନାମ ହେଉଛି ଇଲେକ୍ଟ୍ରୋ, ସ୍କାଏଷ୍ଟାର ଓ ସାପର୍। ଏହା କୀଟପତଙ୍ଗ ଦାଉରୁ ରକ୍ଷା କରିବ ବୋଲି କମ୍ପାନୀ ପକ୍ଷରୁ ଦାବି କରିଛି।

### ଯୁକ୍ତ ୨ କଳାରେ ସମର୍ପିତା ବେହେରା ବ୍ଲକ ଟପ୍ପର

ସାକ୍ଷୀଗୋପାଳ,୯।୮(ଡି.ଏନ୍.ଏ./ସ୍ୱ.ପ୍ର.): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଯୁକ୍ତ ୨ କଳା ବିଭାଗ ଛାତ୍ରୀ ସମର୍ପିତା ବେହେରା ୫୩୫ ନମ୍ବର ରଖି ଚଳିତବର୍ଷ ସତ୍ୟବାଦୀ ବ୍ଲକରେ ଟପ୍ପର ହୋଇଛନ୍ତି। ଏହି ସଫଳତାର ଶ୍ରେୟ ସେ ମହାବିଦ୍ୟାଳୟର ଅଧକ୍ଷ, ଅଧାପିକା, ଅଧାପକ ଓ ନିଜର ପିତାମାତାଙ୍କୁ ଦେଇଛନ୍ତି। ଚଳିତବର୍ଷ ମହାବିଦ୍ୟାଳୟରେ ମୋଟ ୨୭୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୨୫୪ଜଣ ପାସ୍ ହୋଇଛନ୍ତି।

### ବଟି ମାଗି ୨ ଗିରଫ

ପୁରୀ ଅଫିସ ୯।୮- ବଟି ଆଦାୟ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ ଥାନାପତି ଲେନ୍‌ର ଅଜୟ୍ କୁମାର ନାୟକ ଏବଂ ବଳିଆପଣ୍ଡା ଥାନା ଅନ୍ତର୍ଗତ ମହାରଣା ସାହିର ସୌମ୍ୟରଞ୍ଜନ ବାରିକ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୫୦୦ ଟଙ୍କା, ଗୋଟିଏ ଛୁରି, ଗୋଟିଏ ଖେଳଣା ବନ୍ଧୁକ, ଗୋଟିଏ ମୋବାଇଲ ଏବଂ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ପୋଲିସ ନଂ. ୯୯/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ଦୁଇଜଣ ଯାତ୍ରୀଙ୍କ ଗାଡି ପାର୍କିଂ ସ୍ଥାନରେ ପର୍ଯ୍ୟଟକଙ୍କୁ ମାରଣାସ୍ତ୍ର ଦେଖାଇ ବଟି ମାଗୁଥିଲେ। ପୋଲିସ ଖବର ପାଇ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ତେବେ ଉଭୟଙ୍କ ନାମରେ ବଳିଆପଣ୍ଡା ଥାନା ଏବଂ ବାସେଳି ସାହି ଥାନାରେ ବିଭିନ୍ନ ମାମଲା ରହିଛି।

# ଖରା ପରେ ବର୍ଷା ଦାଉ ସାଧୁଛି, ଚିନ୍ତାରେ ଚାଷୀ

ଗୋପ,୯।୮(ଡିଏନଏ):

ବର୍ଷା କ୍ରମାଗତ ଭାବରେ ଚାଲିଥିବାବେଳେ ଏବେ ଗୋପ ବ୍ଲକର ତଳିଆ ଅଞ୍ଚଳର କେତେକ ଗାଁରେ ବର୍ଷାପାଣି ପଶିଯିବାରୁ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ଦେଖାଦେଇଛି। ଚାଷଜମି ବୁଡ଼ି ରହିବା ଫଳରେ ଚଳିତବର୍ଷ ଖରିଫ୍ ଧାନ ଫସଲ ନଷ୍ଟ ହେବ ବୋଲି କେତେକ ଚାଷୀ କହିଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକ ଅଞ୍ଚଳରେ ଖରିଫ୍ ଧାନ ଚାଷ ପାଇଁ ବର୍ଷାର ଆବଶ୍ୟକତା ପଡୁଥିଲା। ସେ ସମୟରେ ପ୍ରବଳ ମାତ୍ରାରେ ଖରା ହେବାରୁ ଚାଷୀ ପକାଇଥିବା ତଳି ନଷ୍ଟ ହୋଇଯାଇଥିଲା। ଧାରା ଶ୍ରାବଣରେ ବର୍ଷା ବଦଳରେ ଖରା ହେବା ପରେ ଚାଷୀମାନେ ଚିନ୍ତାରେ ପଡ଼ିଥିଲେ। କିନ୍ତୁ ୫/୬ ଦିନ ଧରି ବର୍ଷା ଲାଗି ରହିବା ଫଳରେ ଚାଷୀ ପୁଣି ଖରିଫ୍ ଧାନ ଚାଷ ପାଇଁ ଜମିରେ ତଳି ରୋଇବା ସହିତ ଅନ୍ୟାନ୍ୟ ଚାଷ କାମ କରିଥିଲେ। ହେଲେ କ୍ରମାଗତ ଭାବରେ ଅଧିକ ପରିମାଣର ବର୍ଷା ହେବା ପରେ ତଳି ସବୁ ପାଣିରେ ବୁଡି ରହିଛି। ଏବେ ରୁଆ ଯାଇଥିବା ତଳି ଶଢ଼ିବାକୁ ବସିଲାଣି। ଫଳରେ ପୁଣି ଚାଷୀଙ୍କ ମଧ୍ୟରେ ଚିନ୍ତା ଦେଖା ଦେଇଛି ବୋଲି ଗୋପ ସେନାପତି ସାହି ଗ୍ରାମର ଚାଷୀ ବଂଶୀ ସେନାପତି କହିଛନ୍ତି। ଚଳିତବର୍ଷ ଗୋପ ବ୍ଲକ ଅଞ୍ଚଳରେ ଖରିଫ୍ ଧାନ ଚାଷ ପାଇଁ ୪୪ହଜାର ୫୧୩ ଜଣ ଚାଷୀ ୨୧ ହଜାର ୭୧୮ ହେକ୍ଟର ଚାଷଜମିରେ ବୁଣା ଧାନ ୧ହଜାର ୩୩୭ ହେକ୍ଟର, ଅଣଧାନ ୧ହଜାର ୮୦୭ ହେକ୍ଟର, ଧାନ ୧୮ ହଜାର ୮୭୪ ହେକ୍ଟର ଚାଷ କରିଥିଲେ। ଏହି ଖରିଫ୍ ଧାନଚାଷରେ କେବଳ ୯ ଶହ ହେକ୍ଟରରେ ତଳି ରୁଆ ବେଉଷଣ ହୋଇଥିବା ଗୋପ ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ ସୂଚନା ଦେଇଛନ୍ତି। ଏପଟେ ପ୍ରବଳ ବର୍ଷା ସମ୍ଭାବନା ଆଗକୁ ଥିବାରୁ ଚଳିତବର୍ଷ ଖରିଫ୍ ଧାନ ଚାଷ କେମିତି ହେବ ତାହା ଏବେ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି।

# ମହାପ୍ରଭୁଙ୍କ ରାଖୀ କରୁଛନ୍ତି ପାଟରା ବିଶୋଇ ସେବକ

ପୁରୀ ଅଫିସ,୯।୮

ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ଭଉଣୀ ଭାଇ ମଧ୍ୟରେ ପବିତ୍ର ସମ୍ପର୍କର ପର୍ବ ରକ୍ଷାବନ୍ଧନ ପାଳନ କରାଯାଇଥାଏ। ତେବେ ମହାପ୍ରଭୁଙ୍କ ମାନବୀୟ ଲୀଳା ମଧ୍ୟରେ ରକ୍ଷାବନ୍ଧନ ଅନନ୍ୟ। ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ର ଭଉଣୀ ସୁଭଦ୍ରାଙ୍କ ହାତରୁ ରାଖୀ ପିନ୍ଧିବେ। ଏଥିପାଇଁ ପାଟରା ବିଶୋଇ ସେବକମାନେ ରାଖୀ ପ୍ରସ୍ତୁତିରେ ଲାଗିଛନ୍ତି। ରକ୍ଷାବନ୍ଧନ ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମ ସହିତ ରକ୍ଷାବନ୍ଧନ ନୀତି ପାଳିତ ହୋଇଥାଏ। ପ୍ରଥମେ ବାସୁଙ୍ଗା ପାଟକୁ ୪ ପ୍ରକାର ରଙ୍ଗ ଯଥା ନାଲି, ନୀଳ, ବାଇଗଣୀ ଏବଂ ହଳଦିଆ ରଙ୍ଗ କରାଯାଏ। ଏହାକୁ ପାନିଆ ସାହାଯ୍ୟରେ ସୂତା ଭଳି କରାଯାଏ। ସୂତା ଓ ଛୁଞ୍ଚି ଦ୍ୱାରା ଚାରିରଙ୍ଗର ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ ହୋଇଥାଏ। ଏହି ୪ଟି ରଙ୍ଗର ପାଟରେ ରାଖୀଗୁଡ଼ିକ ଚାରିପରସ୍ତ ହୋଇ ତିଆରି ହୋଇଥାଏ। ୨ ଠାକୁର ୨ ହାତରେ ୨ଟି ଲେଖାଏ ରାଖୀ ପରିଧାନ କରିଥାନ୍ତି। ସେହିପରି ୪ଟି ରଙ୍ଗର ୪ଟି ଗୁଆମାଳ ପ୍ରସ୍ତୁତ କରାଯାଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲିରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣୀ ଓ ନୀଳରଙ୍ଗର ଗୁଆମାଳ ପରିଧାନ କରନ୍ତି। ୫୪ଟି ଗୁଆରେ ଗୋଟିଏ ଲେଖାଏ ମାଳ ପ୍ରସ୍ତୁତ ହୋଇଥାଏ। ପାଟରା ବିଶୋଇ ସେବକ ଜଗନ୍ନାଥ ପାତ୍ରଙ୍କ କହିବା ଅନୁଯାୟୀ, ରକ୍ଷାବନ୍ଧନର ୧୦ରୁ ୧୨ ଦିନ ପୂର୍ବରୁ ମହାପ୍ରଭୁଙ୍କ ଲାଗି ରାଖୀ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ରାଖୀ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସୁଙ୍ଗା ପାଟ ଯୋଗାଇ ଦିଆଯାଏ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ପାଇଁ ୪ଟି ରାଖୀ ପ୍ରସ୍ତୁତ ହେଉଥିବାବେଳେ ପାର୍ଶ୍ୱ ଦେବତାଙ୍କ ଲାଗି ୮ଟି ଛୋଟ ଛୋଟ ରାଖୀ ତିଆରି କରାଯାଇଥାଏ। ରକ୍ଷାବନ୍ଧନର ପୂର୍ବଦିନ ରାଖୀ ନିର୍ମାଣ ସରିଥାଏ। ଗହ୍ମାପୂର୍ଣ୍ଣିମା ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥାନ୍ତି। ଏହାପରେ ରାଖୀ ଏବଂ ଗୁଆମାଳ ଦୁଇଟି ତାଡ଼ରେ ଶ୍ରୀମନ୍ଦିରକୁ ଯାଇଥାଏ।



ପାଟରା ବିଶୋଇ ସେବକ ମହାପ୍ରଭୁଙ୍କ ପାଇଁ ରାଖୀ ପ୍ରସ୍ତୁତ କରୁଛନ୍ତି ।

## ଝୁଲଣ ଯାତ୍ରା ସମ୍ବନ୍ଧିତ ଆଲୋଚନାଚକ୍ର

ପୁରୀ ଅଫିସ ୯।୮

ଶ୍ରୀଜଗନ୍ନାଥ ଭକ୍ତ ସମାଜ ପୁରୀ ଆନୁକୂଲ୍ୟରେ ବଡ଼ ଓଡ଼ିଆ ମଠସ୍ଥିତ ମନ୍ଦିର ପ୍ରାଙ୍ଗଣରେ ଝୁଲଣ ମହୋତ୍ସବ ଓ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଭକ୍ତ ସମାଜର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର, ଗବେଷକ ପଦ୍ମନାଭ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ପୂର୍ବତନ ଅଧକ୍ଷ ଡ. କାର୍ତ୍ତିକ ଦାଶ, ଜ୍ୟୋତିର୍ବିଦ୍ ଅନାମଚନ୍ଦ୍ର ସାହୁ ଏବଂ ଡ. ବଳରାମ ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବଡ଼ ଓଡ଼ିଆ ମଠର ମଠାଧୀଶ ଅଧିକାରୀ ମହନ୍ତ ବଂଶୀଧର ଦାସ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ରାଜେଶ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ଅଧକ୍ଷ ଦୟାନିଧି ପଣ୍ଡା, ଶଶିକାନ୍ତ ରଥ, ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ଦାଶ ଉପସ୍ଥିତ ଥିଲେ।

## ଟିକେଟ କାଉଣ୍ଟର, ପ୍ରତୀକ୍ଷାଳୟର ଶିଳାନ୍ୟାସ

ଡେଲାଙ୍ଗ,୯।୮(ଡି.ଏନ୍.ଏ.):

ପୁରୀ ସେକ୍ସନର କଣାସ ରୋଡ ପାସେଞ୍ଜର ହଲରେ ମଙ୍ଗଳବାର ନୂତନ ଗୃହ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। କଣାସ ରୋଡ ରେଳ ଷ୍ଟେଶନରେ ଟିକେଟ କାଉଣ୍ଟର ଓ ପ୍ରତିକ୍ଷାଳୟଟି ପୁରାତନ ହୋଇଥିବାରୁ ଏଠାରେ ଯାତ୍ରୀମାନେ ବିଶ୍ରାମ କରିବା ସମ୍ଭବ ନ ଥିଲା। ତେଣୁ ସଂଘ ପକ୍ଷରୁ ନୂତନ ଗୃହ ପାଇଁ ଦାବି କରାଯାଇଥିଲା। ରେଳ ବିଭାଗର ପ୍ରଶାନ୍ତ ଖୁଣ୍ଟିଆ ଉକ୍ତ ପ୍ରକଳ୍ପକୁ ଶିଳାନ୍ୟାସ କରିଥିବାବେଳେ ରେଳ ବିଭାଗର ବାବୁଲି ସାହୁ, ଶିବ ପାତ୍ର, ନଳିନୀ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ପାଣିଦୋଳ ସିଏଚ୍‌ସିରେ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ



ବିଧାୟକ ରୁଦ୍ରପ୍ରତାପ ମହାରଥୀ ଆମ୍ବୁଲାନ୍ସ ଗାଡିକୁ ଶୁଭାରମ୍ଭ କରୁଛନ୍ତି ।

ପିପିଲି,୯।୮(ଡି.ଏନ୍.ଏ./ସ୍ୱ.ପ୍ର.):

ପିପିଲି ବ୍ଲକ ପାଣିଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଠାରେ ମଙ୍ଗଳବାର ନୂତନ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହୋଇଛି । ରାଉଣ୍ଡ ଟେବୁଲ ୨୩୦ କ୍ଲବ ଓ ଭୁବନେଶ୍ୱର କୁଇନ ଲେଡିଜ୍ ସର୍କଲ ୧୩୦ କ୍ଲବର ମିଳିତ ଆନୁକୂଲ୍ୟରେ ଆମ୍ବୁଲାନ୍ସଟି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଇଛି। ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ତାଙ୍କ ସ୍ତ୍ରୀ ଜାଗୃତୀ ପଣ୍ଡା ମହାରଥୀ, ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ବିଡିଓ ରଶ୍ମିତା ନାଥ, ସ୍ଥାନୀୟ ସରପଞ୍ଚ ଅଜୟ ନାୟକ, ସମିତିସଭ୍ୟାଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଲେଖରାଜ ସାମଲ ଯୋଗଦେଇ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ସୁଶାନ୍ତ ମଲ୍ଲିକ, ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ପୁରୀ ଜିଲା ବିଜେଡି ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ଜିଲା ବିଜେଡି ସମ୍ପାଦକ ସତ୍ୟଜିତ ରାୟ ଚୌଧୁରୀ, ବିଜେଡି ଉପସଭାପତି ଦେବାଶିଷ ନନ୍ଦ, ପିପିଲି ବ୍ଲକ ପୂର୍ବତନ ଅଧକ୍ଷା କଳ୍ପନା ସାମନ୍ତରାୟ, ପୂର୍ବତନ ସରପଞ୍ଚ ତପନ ନାୟକ, ରାଉଣ୍ଡ ଟେବୁଲ ୨୩୦ ଅଧକ୍ଷ ଆନନ୍ଦ ପୋଦାର, ଭୁବନେଶ୍ୱର କୁଇନ ଲେଡିଜ ସର୍କଲ ୧୩୦ ଅଧକ୍ଷା ଅମ୍ରିତା କେଡିଆଙ୍କ ସମେତ ଉଭୟ ସଂସ୍ଥାର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ଏହି ଆମ୍ବୁଲାନ୍ସଟି ପାଣିଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିବା ସହ ତାର ଆଖପାଖ ଅଞ୍ଚଳରୁ ଜରୁରକାଳୀନ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହେବ ବୋଲି ପ୍ରଦାନକାରୀ ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଆମ୍ବୁଲାନ୍ସ ପ୍ରଦାନକାରୀ ସଂସ୍ଥାକୁ ବିଧାୟକ ମହାରଥୀ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି ।

# ରୋଟାରି କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

ପୁରୀ ଅଫିସ,୯।୮:

ପୁରୀ ରୋଟାରି କ୍ଲବ୍ ଅଫ୍ ପୁରୀ ସାଗରର ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରୋଟାରି ଜିଲା-୩୨୬୨ର ଡିଜିଇ ରୋଟାରିଆନ୍ ଜୟଶ୍ରୀ ମହାନ୍ତି, ସମ୍ମାନିତ ଅତିଥି ଆସିଷ୍ଟାଣ୍ଟ ଗଭର୍ନର ରୋଟାରିଆନ୍ ଦେବରାଜ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ଧବଳେଶ୍ୱର ମହାପାତ୍ର ଓ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ସେହିଭଳି ଅନ୍ୟ ପଦପଦବୀରେ ଅଶୋକ ପାତ୍ର, କୃଷ୍ଣଚନ୍ଦ୍ର ସାହୁ, ଶ୍ୟାମାକାହ୍ନା ପଟ୍ଟନାୟକ, କେଦାର ମହାପାତ୍ର, ତୁଷାର ରାଉତ, ଦାମୋଦର ମହାନ୍ତି, ପ୍ରକାଶ ନାୟକ, ହିମାଂଶୁ ମୋହନ ମହାନ୍ତି ଓ ହରିହର ଖୁଣ୍ଟିଆ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ରୋଟାରିଆନ୍ ଲକ୍ଷ୍ମୀକାନ୍ତ ନନ୍ଦଙ୍କ ଦ୍ୱାରା ସମ୍ପାଦିତ କ୍ଲବ୍‌ର ମାଗାଜିନ ସାଗର ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପୁରୀ ଜିଲାର ଆଇସିଏସ୍‌ଇ ବୋର୍ଡ ଦଶମ ପରୀକ୍ଷାରେ ପ୍ରଥମ ହୋଇଥିବା ଭିତରଛୁ ଜୟକୃଷ୍ଣ ମହାପାତ୍ର, ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ୩ୟ ଟପ୍ପର ମନସ୍ୱିନୀ ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବ୍‌ର ସମ୍ପାଦକ ପ୍ରମୋଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଅଧିଷ୍ଠାନ ଉତ୍ସବରେ ଉପସ୍ଥିତ ଅତିଥି ଓ ରୋଟାରି କ୍ଲବ ସଦସ୍ୟ ।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ତ୍ରିରଙ୍ଗା ପଦଯାତ୍ରା

ପିପିଲି/ଡେଲାଙ୍ଗ/ନିମାପଡ଼ା, ୯।୮(ଡି.ଏନ୍.ଏ./ସ୍ୱ.ପ୍ର.):

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର କ୍ରାନ୍ତି ଦିବସ ଉପଲକ୍ଷେ ପୁରୀ ଜିଲା ଭାଜପା ପକ୍ଷରୁ ଡେଲାଙ୍ଗର ଐତିହାସିକ ବେରବୋଇ ଗାନ୍ଧୀପୀଠରୁ ଅସ୍ତରଙ୍ଗ କୁହୁଡି ଅଭିମୁଖେ ବିଶାଳ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଓ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କ ନେତୃତ୍ୱରେ ସାରା ଦେଶରେ ଏହି କାର୍ଯ୍ୟକ୍ରମ ହେଉଥିବାବେଳେ ରାଜ୍ୟ ସଭାପତି ସମୀର ମହାନ୍ତି ଡେଲାଙ୍ଗରୁ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍‌ପ୍ରକାଶ ମିଶ୍ର, ମହିଳାମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମହାପାତ୍ର, କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ସମ୍ପାଦକ କିଶୋର ଜେନା, ନିମାପଡ଼ା ଭାଜପା ନେତୃବୃନ୍ଦ ମାନସ ପ୍ରଧାନ, ଦିଲୀପ ପାତ୍ର, ବିମଳେନ୍ଦୁ ସ୍ୱାଇଁ, ଅଜୟ ଭୋଇ, ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପରିଡ଼ା, ଶ୍ୱେତ କୁମାର ନାୟକ ପ୍ରମୁଖ ଏହି ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ତ୍ରିରଙ୍ଗା ପଦଯାତ୍ରା ଆଗାମୀ ୩ ଦିନ ପର୍ଯ୍ୟନ୍ତ ଚାଲିବ। ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ମନେପକାଇ ଆଗାମୀ ଯୁବପିଢିଙ୍କୁ ପ୍ରେରଣା ଦେବା ଏହି ପଦଯାତ୍ରାର ଉଦ୍ଦେଶ୍ୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ପଦଯାତ୍ରାକୁ ପିପିଲି ବାଜପେଇ ଛକଠାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ନିମାପଡ଼ା ବ୍ଲକର ହରିପୁର, ଭାଣପୁର, ଗୋଲିମାଳ, ରେଞ୍ଚ, ଖେଲାର, କାଜିପାଟଣା, ଓଳିକଣା, ରଚିଲୋ, ତଳ ଅଣ୍ଡିଆ ଛକଠାରେ ଭାଜପା କର୍ମୀ ଓ ନେତୃବୃନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରବେଶ ପଥ ହରିପୁରଠାରୁ ନିମାପଡ଼ା ପର୍ଯ୍ୟନ୍ତ ୧୮ କି.ମି. ଧରି ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପିପିଲି ଡେଲାଙ୍ଗର ସମସ୍ତ ଭାଜପା ମଣ୍ଡଳ ସଭାପତି ଓ କର୍ମକର୍ତ୍ତା ସାମିଲ ହୋଇ ଅପରାହ୍ନରେ ଅସ୍ତରଙ୍ଗ କୁହୁଡ଼ି ଅଭିମୁଖେ ଯାଇଥିଲେ।



ନିମାପଡାରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ସମୀର ମହାନ୍ତି ତ୍ରିରଙ୍ଗା ଧରି ପଦଯାତ୍ରା କରୁଛନ୍ତି ।

**ଆଜାଦୀ କା ଅମୃତ ମହୋତ୍ସବ**

## ସଂକ୍ଷେପରେ

### ପୁଅର ବୋମାମାଡ଼ରେ ବାପା ଗୁରୁତର

ବାଣପୁର,୯।୮(ଡି.ଏନ୍.ଏ.): ବାଣପୁର ଥାନା ଅଧୀନ ଶାନ୍ତିନଗର ଅଞ୍ଚଳର ସଠ ରାଉତରାୟ (୮୫)ଙ୍କ ଉପରକୁ ତାଙ୍କ ବଡ଼ପୁଅ ଓ ସହଯୋଗୀ ବୋମାମାଡ଼ କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ସଠଙ୍କୁ ପରିବାର ଲୋକେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା ମୁତାବକ, ପାରିବାରିକ କଳହ ଯୋଗୁ ସଠ ତାଙ୍କ ସାନପୁଅ ସହ ଅନ୍ୟ ଏକ ଗାଁରେ ରହୁଥିଲେ। ମଙ୍ଗଳବାର ସକାଳେ ଶୌଚ ପାଇଁ ସଠ ନିକଟ କେନାଲକୁ ଯାଇଥିଲେ। ସେଠାରେ ପୂର୍ବରୁ ଥିବା ବଡ଼ପୁଅ ଓ ତାଙ୍କ ସହଯୋଗୀମାନେ ସଠଙ୍କ ଉପରକୁ ବୋମା ଫିଙ୍ଗି ପଳାଇଥିଲେ। ବୋମାଟି ସଠଙ୍କ ଦେହରେ ମାଡ଼ ହୋଇ ବିସ୍ଫୋରଣ ହୋଇଥିଲା। ଫଳରେ ସଠ ଗୁରୁତର ଆହତ ହୋଇଥିଲେ। ଏନେଇ ସଠଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ୮ ବେଆଇନ ଇଟାଭାଟିକୁ ସିଜ୍ କଲେ ତହସିଲଦାର

ବାଲକାଟୀ/ବାଲିଅନ୍ତା,୯।୮(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲକାଟୀ ଅଞ୍ଚଳରେ ସରକାରୀ ଅନୁମତି ପତ୍ର(ଏନ୍ଓସି) ନ ଥାଇ ମାଲ ମାଲ ଇଟା ଭାଟି ବେଆଇନ ଭାବେ ଚାଲୁଥିଲା। ଏ ନେଇ ଅଭିଯୋଗ ହେବା ପରେ ରାଜସ୍ୱ ବିଭାଗ ସଚିବଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଉକ୍ତ ଅଞ୍ଚଳର ୮ଟି ଇଟାଭାଟିକୁ ତହସିଲଦାର ସିଜ୍ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବାଲିଅନ୍ତା ତହସିଲ ଅଞ୍ଚଳରେ ଗତ କିଛି ବର୍ଷ ମଧ୍ୟରେ ଏକାଧିକ ବେଆଇନ ଇଟା ଭାଟି ବିଭିନ୍ନ ପଞ୍ଚାୟତରେ ଚାଲିଛି। ସରକାରୀ ଅନୁମତି ନ ଥାଇ ଏହି ବେଆଇନ ଇଟା ଭାଟିଗୁଡିକ ଚାଲୁଥିବା ବେଳେ ପରିବେଶ ପ୍ରଦୂଷଣ ସହିତ ଭାଟି ପାଇଁ ସରକାରୀ ଜାଗାରୁ ବେଧଡ଼କ ମାଟି ଉଠାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏହି କଥା ଜାଣି ରାଜସ୍ୱ ସଚିବଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା, ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ଉପସ୍ଥିତରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୮ଟି ଇଟାଭାଟିକୁ ସିଜ୍ କରିଛନ୍ତି।

### ମଙ୍ଗଳା ମନ୍ଦିରରେ ଝୁଲଣଯାତ୍ରା

କାକଟପୁର,୯।୮(ଡି.ଏନ୍.ଏ.): ଶ୍ରୀଜଗନ୍ନାଥ ସଂସ୍କୃତି ଓ ନୀତିକାନ୍ତି ସହିତ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ନୀତିକାନ୍ତି ଜଡ଼ିତ ଥିବାରୁ ଇତ୍ୟବସରରେ ମା' ମଙ୍ଗଳାଙ୍କ ପୀଠରେ ସୋମବାରଠାରୁ ଆରମ୍ଭ ହୋଇଛି ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା। ଏକ ସୁସଜ୍ଜିତ ବିମାନରେ ପ୍ରଭୁ ରାଧାକୃଷ୍ଣଙ୍କ ଅଷ୍ଟଧାତୁନିର୍ମିତ ଯୁଗଳ ମୂର୍ତ୍ତିଙ୍କୁ ରଖାଯାଇ ନୀତିକାନ୍ତିରେ ପୂଜାର୍ଚ୍ଚନା କରି ଝୁଲଣ କରାଯାଉଛି। ମନ୍ଦିର ପ୍ରଶାସନ ପକ୍ଷରୁ ରାଧାକୃଷ୍ଣଙ୍କ ବିମାନକୁ ରଙ୍ଗବେରଙ୍ଗ କାଗଜ ସହିତ ନୂଆ କପ୍ ଆଚ୍ଛାଦିତ କରାଯାଇ ବିଭିନ୍ନ ଆଲୋକମାଳାରେ ସଜାଯିବା ସହିତ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସାଙ୍ଗକୁ ଅଜୟ କୁମାର ଦୀକ୍ଷିତଙ୍କ ଦ୍ୱାରା ପାଲା ପରିବେଷଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ଟ୍ରଷ୍ଟ ବୋର୍ଡ ସଭାପତି ବିରଞ୍ଚି ନାରାୟଣ ବେହେରା, କାକଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ, ବିଡିଓ ତୁଷାର ଜ୍ୟୋତିରଞ୍ଜନ, ମେଡିକାଲ ଅଫିସର ଆଶିଷ କୁମାର ମହାପାତ୍ର ଓ ସମସ୍ତ ଉପଦେଷ୍ଟା ମଣ୍ଡଳୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

### କବିତା ସଙ୍କଳନ 'ମନ ବୃନ୍ଦାବନ' ଉନ୍ମୋଚିତ

ପୁରୀ ଅଫିସ ୯।୮: ସୁଲଭ ପ୍ରକାଶନୀ ଦ୍ୱାରା ପ୍ରକାଶିତ ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କ କବିତା ସଙ୍କଳନ 'ମନ ବୃନ୍ଦାବନ' ୟୁଥ୍ ହଷ୍ଟେଲରେ ଉନ୍ମୋଚିତ ହୋଇଛି। ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିତା ସଂକଳନକୁ ଉନ୍ମୋଚନ କରିବା ସହ କବିତାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ଡ. ହେମନ୍ତ ଛୋଟରାୟ, ପ୍ରଭାତ ରଥ, ରମେଶ ଚନ୍ଦ୍ର ଦାଶ, ଚନ୍ଦ୍ରଶେଖର ମହାରଣା, ପ୍ରତିମା ମିଶ୍ର, ବିଶ୍ୱପ୍ରକାଶ ପଟ୍ଟନାୟକ, ଆର୍ତ୍ତତ୍ରାଣ ମାନସିଂହ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଅନ୍ନପୂର୍ଣ୍ଣା ଦେବୀ, ପ୍ରବାସିନୀ ମିଶ୍ର, ହେମାଙ୍ଗିନୀ ମହାନ୍ତି, ଯୋଗେଶ୍ୱର ପ୍ରହରାଜ, ରାଧାକୃଷ୍ଣ ପ୍ରଧାନୀ ପ୍ରମୁଖ ସାମିଲ ଥିଲେ। ଲେଖିକା ସୁଶ୍ରୀ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ସ୍ୱ'ର ଜାଗରଣ ସମୃଦ୍ଧି ଆଣିବ

ଖୋର୍ଦ୍ଧା ଅଫିସ,୯।୮



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ଭାରତବର୍ଷ ସ୍ୱାଧୀନତାର ୭୫ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ କରୁଛି। ସ୍ୱତନ୍ତ୍ରତାର ସଂଗ୍ରାମରେ ଅନେକ କ୍ରାନ୍ତିକାରୀ ବୀର ଶହୀଦ ହୋଇଛନ୍ତି। ସ୍ୱାଧୀନ ଭାରତରେ ସେମାନଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ସ୍ୱାଧୀନତା ଆନ୍ଦୋଳନର ଇତିହାସକୁ ଠିକ୍ ଭାବେ ଉପସ୍ଥାପନ କରାଯାଇନାହିଁ। ଅନେକ ଅନାଲୋଚିତ ପ୍ରସଙ୍ଗ ଆଜି ମଧ୍ୟ ଲୁପ୍ତ ଅବସ୍ଥାରେ ରହିଛି। ଖ୍ରୀଷ୍ଟପୂର୍ବ ୩୨୬ ଆଲେକଜାଣ୍ଡରଙ୍କ ଠାରୁ ୧୯୪୭ ପର୍ଯ୍ୟନ୍ତ ଆମର ସୁଦୀର୍ଘ ସଂଗ୍ରାମ 'ସ୍ୱ' ର ସଂଗ୍ରାମ ଥିଲା। ସ୍ୱ ଅର୍ଥ ସ୍ୱାବଲମ୍ବୀ, ସ୍ୱରୋଜଗାର, ସ୍ୱଦେଶୀ। ସ୍ୱ ର ସଂରକ୍ଷଣ ଓ ଜାଗରଣ ପୂର୍ବକ ସ୍ୱ-ଅନୁମୋଦିତ ଜୀବନଶୈଳୀର ପୁନଃ ପ୍ରତିଷ୍ଠା କରିବା ହେଉଛି ଆମର ଲକ୍ଷ୍ୟ। ଭାରତର ଆତ୍ମା ହେଉଛି ଗ୍ରାମ। ଗ୍ରାମୀଣ ସ୍ୱରାଜକୁ ପୁଣି ଥରେ ଜାଗ୍ରତ କରିବା ଆବଶ୍ୟକତା ରହିଛି। ଇଂରେଜ ଏ ଦେଶକୁ ଆସିବା ପୂର୍ବରୁ ମୋଗାଲ, ହୁଣ, ପର୍ତ୍ତୁଗାଲ ବାରମ୍ବାର ଆକ୍ରମଣ କରି ଏହାର ଭୂଲୁଣ୍ଠନ କରିଛନ୍ତି। ତଥାପି ସ୍ୱର୍ଣ୍ଣପ୍ରସବିନୀ ଭାରତବର୍ଷର ସଂସ୍କୃତି, ପରମ୍ପରା ଉଜ୍ଜିବୀତ ରହିଥିଲା। ବିବିଧତାଭରା ଭାରତର ବୈଶିଷ୍ଟ୍ୟ ହେଉଛି ଏକତା। ଭାରତର ଏକ ଗୌରବମୟ ଇତିହାସ ରହିଛି। ସମଗ୍ର ବିଶ୍ୱକୁ ଭାରତର ଅବଦାନ ଅତୁଳନୀୟ। କଳା,ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟ କ୍ଷେତ୍ରରେ ଭାରତ ବିଶ୍ୱରେ ଉତ୍କର୍ଷତା ଲାଭ କରିଥିଲା।

ଭାରତ ହେଉଛି ବୀରତ୍ୱର ମାଟି। ଏହାର କୋଣ ଅଣୁକୋଣରେ ବୀର ସନ୍ତାନ ମାନେ ଜନ୍ମଲାଭ କରି ମାଟିର ସୁରକ୍ଷା ପାଇଁ ବଳିଦାନ ଦେଇଛନ୍ତି ବୋଲି ସ୍ୱାଧୀନତାର ୭୫ବର୍ଷ ଅବସରରେ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ସମାରୋହ ସମିତି ଖୋର୍ଦ୍ଧା ନଗର ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମଙ୍ଗଳବାର ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଏହା କହିଛନ୍ତି ଆରଏସଏସର ଉତ୍କଳ ପୂର୍ବ ପ୍ରାନ୍ତ ସମ୍ପର୍କ ପ୍ରମୁଖ ଆଇନଜୀବୀ ସର୍ବେଶ୍ୱର ବେହେରା।

ନଗର ସଂଯୋଜକ ସିଧେଶ୍ୱର ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବେହେରା କହିଲେ ଯେ, 'ସ୍ୱ' ଚିନ୍ତନରେ ଭାରତବର୍ଷ ଶିକ୍ଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷତାର ସୀମାରେ ପହଞ୍ଚିଥିଲା। ତେଣୁ ଭାରତର ଏହି ସାଂସ୍କୃତିକ, ଆଧାତ୍ମିକତା ପରିବେଶକୁ ନଷ୍ଟ କରିବା ଲାଗି ଇଂରେଜ ମାନେ ସୁଚିନ୍ତିତ ଷଡଯନ୍ତ୍ର କରିଥିଲେ। ସେହି ସମୟରେ ଭାରତରେ ୭ଲକ୍ଷରୁ ଊର୍ଦ୍ଧ୍ୱ ଗୁରୁକୁଳ ରହିଥିଲା। ଯେଉଁଠି ପିଲାଙ୍କୁ ପାଠପଢା ସହ ସ୍ୱାବଲମ୍ବୀ ହେବାର ଶିକ୍ଷା ଦିଆଯାଉଥିଲା। ଏଣୁ ଏଦେଶକୁ ରାଜତ୍ୱ କରିବାକୁ ହେଲେ ଏହାର ସ୍ୱ କୁ ନଷ୍ଟ କରିବାକୁ ହେବ ଏହି କଥା ଇଂରେଜ ମାନେ ଜାଣିସାରିଥିଲେ। ପ୍ରଥମେ ଶିକ୍ଷା ପରେ କୁଟୀରଶିଳ୍ପକୁ ନଷ୍ଟ କରିଦେଲେ। ସ୍ୱଦେଶୀ ବସ୍ତ୍ର ପରିବର୍ତ୍ତେ ବିଦେଶୀ କପଡା ଭାରତକୁ ପ୍ରବେଶ କରିଲା। ଏ ଦେଶର ସ୍ୱ ଆଧାରିତ ସ୍ୱଦେଶୀ କପଡା ଶିଳ୍ପ ବନ୍ଦ ହୋଇଗଲା। ମାକେଲ ଇଂରାଜୀ ଶିକ୍ଷା ପ୍ରଚଳନ କରି ଧିରେ ଧିରେ ଶିକ୍ଷାକୁ ଧ୍ୱସଂ କରିଦେଲେ। ଭାରତ ଧିରେ ଧିରେ ଅଧୋପତନ ଆଡକୁ ଗତି କରିବାକୁ ଲାଗିଲା। ୧୯୧୧ ଠାରୁ ୧୯୪୭ ପର୍ଯ୍ୟନ୍ତ ୩୬ବର୍ଷର କାଳଖଣ୍ଡକୁ ଅନୁଧ୍ୟାନ କରିଲେ ତୃଷ୍ଟିକରଣ ରାଜନୀତି କରାଯାଇଛି। ଯାହାର ପରିଣାମ ଆଜି ବି ଭୋଗିବାକୁ ପଡୁଛି। ୧୯୪୭ ଅଗଷ୍ଟ ୧୪ ମଧ୍ୟରାତ୍ରରେ ଏଦେଶକୁ ଏକ ଖଣ୍ଡ ବିଖଣ୍ଡିତ ଦେଶକୁ ସ୍ୱାଧିନ ରାଷ୍ଟ୍ର ଭାବେ ଘୋଷଣା କରିଦେଲେ। ଆମର ଲକ୍ଷ୍ୟ ହେଉଛି ପୂର୍ଣ୍ଣ ସ୍ୱତନ୍ତ୍ରତା। ଦେଶର ସଂସ୍କୃତି, ପରମ୍ପରାର ପ୍ରତୀକ ହେଉଛି ଭଗବା ଧ୍ୱଜ। ଇତିହାସକୁ ନିଜ ବୁକୁତଳେ ଚାପି ଅନେକ ଘାତ ପ୍ରତିଘାତକୁ ସହ୍ୟ କରିଥିବା ଭଗବା ଧ୍ୱଜ ପରିବର୍ତ୍ତେ ରାଷ୍ଟ୍ର ଧ୍ୱଜ ସହ ଷଡଯନ୍ତ୍ର କରାଗଲା। ମୁସିଲିମ ଲିଗକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସନ୍ତୁଷ୍ଟ କରିବାର ପରିମାଣ ସ୍ୱରୂପ ଆଜି ମଧ୍ୟ ଦେଶରେ ସେକ୍ୟୁଲାର ନୀତି ଚାଲିଛି । ସଂଘର ପ୍ରତିଷ୍ଠାତା ଡାକ୍ତର ହେଡଗୱାର କହିଥିଲେ ଆମର ନିଷ୍ଠା ଭାଟିକାନ ସିଟି ଅଥବା ଅନ୍ୟ କାହା ସହିତ ନୁହଁ, ଆମ ନିଷ୍ଠା ରାଷ୍ଟ୍ର ସହିତ ଜଡିତ। ରାଷ୍ଟ୍ରକୁ ମାତୃଭୂମି ଭାବେ ସ୍ୱିକାର କର। ଭାରତମାତାର ବନ୍ଦନା କର। ରାଷ୍ଟ୍ରୀୟତାର ଜାଗରଣ ଆବଶ୍ୟକ। ସର୍ବପରି ରାଷ୍ଟ୍ର ମୋ ପାଇଁ ସବୁ କିଛି। ରାଷ୍ଟ୍ର ଆଗ, ଆଉ ସବୁ ତୁଚ୍ଛ। ଆଗାମୀ ୨୫ବର୍ଷରେ ଏକ ମହାନ, ସମୃଦ୍ଧ, ସାଂସ୍କୃତିକ, ଆଧାତ୍ମିକ ରାଷ୍ଟ୍ରଗଠନ କରିବାକୁ ହେଲେ ସମସ୍ତଙ୍କୁ ଏକାଠି ହେବାକୁ ପଡିବ। ୧୩୦ କୋଟି ଜନତା ଯେତେବେଳେ ଏକାଠି ହୋଇ ଭାରତମାତାର ଜୟଗାନ କରିବେ, ସେତେବେଳେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ। ସ୍ୱ ଜାଗରଣ ନହେଲେ, ରାଷ୍ଟ୍ରର ପ୍ରଗତି ସମ୍ଭବ ନୁହଁ ବୋଲି ସେ କହିଥିଲେ। ଆରଏସଏସର ନଗର ସଂଘଚାଳକ କିଶୋର ଚନ୍ଦ୍ର ବରାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବହୁ ବୁଦ୍ଧିଜିବୀ, ଶିକ୍ଷାବିତ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

### ୩୫୨ ଛାତ୍ରୀଛାତ୍ର ଦେବେ ମେଧାବୃତ୍ତି ପରୀକ୍ଷା

ଖୋର୍ଦ୍ଧା ଅଫିସ, ୯।୮

ଖୋର୍ଦ୍ଧା ବ୍ଲକରେ ଚଳିତ ବର୍ଷ ମେଧାବୃତ୍ତି ପରୀକ୍ଷା ୩୫୨ ଛାତ୍ରଛାତ୍ରୀ ଦେବେ । ତନ୍ମଧ୍ୟରେ ତୃତୀୟ ଶ୍ରେଣୀ ପାଇଁ ୧୭୫ ଓ ପଞ୍ଚମ ଶ୍ରେଣୀ ପାଇଁ ୧୭୭ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକୃତ କରିଛନ୍ତି । ପ୍ରତ୍ୟେକ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ଚଳିତ ବର୍ଷ ମେଧାବୃତ୍ତି ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ସ୍ୱତନ୍ତ୍ର ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବା ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ କହିଛନ୍ତି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ପାଠ୍ୟ ଆଲୋଚନା ବ୍ୟବସ୍ଥା କରାଯାଇଛି। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଭରତ ଚନ୍ଦ୍ର ପ୍ରଧାନଙ୍କୁ ତତ୍ତ୍ୱାବଧାନ ଦାୟିତ୍ୱ ଦିଆଯାଇଛି। ଛାତ୍ରୀଛାତ୍ରମାନେ କିଭଳି ମେଧା ବୃତ୍ତି ପରୀକ୍ଷାରେ ସଫଳ ହେବେ ବ୍ଲକ ଶିକ୍ଷା ପ୍ରଶାସନ ତତ୍ପରତା ପ୍ରକାଶ ପାଇଛି। ପାଠ୍ୟଖସଡ଼ା ପ୍ରସ୍ତୁତ ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା ଦାୟିତ୍ୱ ଦିଆଯାଇଛି। ଆସନ୍ତା ୮ତାରିଖରେ ଏହି ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହେବ।



ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା

ଖୋର୍ଦ୍ଧା ଅଫିସ,୯।୮

ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସ୍ୱାଧୀନତାର ୭୫ ବର୍ଷ ଅମୃତ ମହୋତ୍ସବ ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନ ଏବଂ ସମୂହ ଜାତୀୟ ସଙ୍ଗୀତ ଗାନ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ହାତରେ ପତାକା ଧରି ଭାରତମାତାର ଜୟଘୋଷ କରିଥିଲେ। ଏହି ଅବସରରେ ପ୍ରଧାନଚାର୍ଯ୍ୟ ଗିରିଜା ମହାପାତ୍ର କହିଥିଲେ, ସ୍ୱାଧୀନତା ଆନ୍ଦୋଳନରେ ବହୁ ବୀର ସନ୍ତାନ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଅମର ଶହୀଦମାନଙ୍କୁ ମନେ ପକାଇବାର ସମୟ ଆସିଛି। ଦେଶ ମାତୃକା ଲାଗି ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀକୁ ଯଥୋଚିତ ସମ୍ମାନ ଦେବା ହେଉଛି ଆମର କର୍ତ୍ତବ୍ୟ। ନିଜ ମାତୃଭୂମିକୁ ଭଲ ପାଇବା ସହ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ଆସନ୍ତା ୧୩ରୁ ୧୫ତାରିଖ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରମାନେ ନିଜ ଘରେ ଜାତୀୟ ପତାକା ଉଡାଇବା ସହ ସ୍ୱାଧୀନତା ଦିବସରେ ସପରିବାର ଜାତୀୟ ସଙ୍ଗୀତ ଗାନ କରିବାକୁ ପ୍ରଧନାଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଗୁରୁଜୀ ସିଦ୍ଧେଶ୍ୱର ସିଂ, ବଳରାମ ସାହୁ, ଦିଲୀପ କୁମାର କର, ସୁଶିଲ କର, ନଳିନୀକାନ୍ତ ଛୋଟରାୟ, ଗୁରୁମା ଜୟଶ୍ରୀ ସିଂ, ସୋମ୍ୟାଶ୍ରୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ।

## ତ୍ରିରଙ୍ଗା ଅଭିଯାନ ରାଷ୍ଟ୍ରୀୟତାକୁ ଜାଗ୍ରତ କରିବ

ଖୋର୍ଦ୍ଧା ଅଫିସ,୯।୮

ଖୋର୍ଦ୍ଧାର ବିବେକାନନ୍ଦ ୟୁଥ୍ କ୍ଲବ ଆନୁକୂଲ୍ୟରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପୀ ଏହି ଅଭିଯାନ ଜାରି ରହିବ। ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଘରେ ଦୀପ ଜାଳିବାକୁ ଆହ୍ୱାନ ଦିଆଯାଇଛି। ସ୍ୱାଧୀନତା ଦିବସରେ ଶହୀଦଙ୍କ ଉଦ୍ଦେଶ୍ୟରେ ଚାରା ରୋପଣ କରାଯିବ।

କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ଜାତୀୟ ପତାକା ହେଉଛି ଆମ ସଂସ୍କୃତି, ସ୍ୱାଭିମାନର ପ୍ରତୀକ। ଏହାର ମର୍ଯ୍ୟାଦା ରକ୍ଷା କରିବା ସମସ୍ତଙ୍କ ଉତ୍ତରଦାୟିତ୍ୱ। ତ୍ରିରଙ୍ଗାରେ ଥିବା କମଳା ରଙ୍ଗ ସାହସ, ତ୍ୟାଗ, ସଙ୍କେତ ଦେଇଥାଏ। ଧଳାରଙ୍ଗ ସତ୍ୟ, ସୂର୍ଯ୍ୟଙ୍କ ପରି ଅସୀମ ଶକ୍ତିର ଓ ଶାନ୍ତିର ସଙ୍କେତ ବହନ କରେ। ଦେଶରେ ସମସ୍ତ ଅରାଜକତା ଦୂର ହୋଇ କେବଳ ଶାନ୍ତି ବିରାଜମାନ କରିବ। ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ରହିବ ନାହିଁ। ତଳେ ଥିବା ସବୁଜ ରଙ୍ଗ ବିଶ୍ୱାସ, ପ୍ରଗତିର ବାର୍ତ୍ତା ଦେଇଥାଏ। ଅଶୋକ ଚକ୍ର ଅହିଂସାର ସଙ୍କେତ। ଅହିଂସା ହେଉଛି ଶାନ୍ତିର ମାର୍ଗ। ସମଗ୍ର ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଉଥିବା ଭାରତବର୍ଷର ଏକ ଗୌରବମୟ ଇତିହାସ ରହିଛି। ଭାରତ ଏକ ସଂସ୍କୃତିସମ୍ପନ୍ନ ରାଷ୍ଟ୍ର। ବହୁ ଘାତପ୍ରତିଘାତ ସତ୍ତ୍ୱେ ଏହାର ସଂସ୍କୃତି ଆଧାତ୍ମିକତା ଉଜ୍ଜୀବିତ ରହିଛି। ଏହି ଅବସରରେ ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ଅର୍ଥ ମିଳିତ ଭାବେ ପରସ୍ପର ମଧ୍ୟରେ ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱ ଭାବ ଜାଗ୍ରତ ହେବ। ଏହି ସମୟରେ ଘରକୁ ସୁନ୍ଦର ତୋରଣ, ଝୋଟିରେ ସଜାଇ, ଜାତୀୟ ପତାକା ଉଡ଼ାଇ, ଜୟ ହିନ୍ଦ୍ ସ୍ଲୋଗାନରେ ଅନ୍ୟକୁ ଅଭିନନ୍ଦନ ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଏ ଦେଶର ମହନୀୟତା ସମ୍ପର୍କରେ ଆଲୋଚନା କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ କେଏନ ସାମନ୍ତରାୟ, ଲଳିତ ମୋହନ ମହାପାତ୍ର, ମୀନକେତନ ସୁବୁଦ୍ଧି, ଗୋପାଳକୃଷ୍ଣ ଦାସ, ସତ୍ୟନାରାୟଣ ବିଷୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବଟି ମାଗି ୨ ଗିରଫ

ପୁରୀ ଅଫିସ ୯।୮

ବଟି ଆଦାୟ ଅଭିଯୋଗରେ ବଳିଆପଣ୍ଡା ପୋଲିସ ଦୁଇଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳି ସାହି ଥାନା ଅଧୀନ ଲୋକନାଥ ରୋଡ ଥାନାପତି ଲେନ୍‌ର ଅଜୟ କୁମାର ନାୟକ ଏବଂ ବଳିଆପଣ୍ଡା ଥାନା ଅଧୀନ ମହାରଣା ସାହିର ସୌମ୍ୟରଞ୍ଜନ ବାରିକ। ଏମାନଙ୍କଠାରୁ ୫୦୦ ଟଙ୍କା, ଗୋଟିଏ ଛୁରି, ଖେଳଣା ବନ୍ଧୁକ, ମୋବାଇଲ ଏବଂ ବାଇକ୍ ଜବତ ହୋଇଛି। ଏ ନେଇ ପୋଲିସ ନଂ. ୯୯/୨୨ରେ ଏକ ମାମଲା ରୁଜୁ କରିଛି। ତେବେ ଉଭୟଙ୍କ ନାମରେ ବଳିଆପଣ୍ଡା ଥାନା ଏବଂ ବାସେଳି ସାହି ଥାନାରେ ବିଭିନ୍ନ ମାମଲା ରହିଛି ବୋଲି ପୋଲିସ କହିଛି।

## ରାସ୍ତାରେ ବର୍ଷାପାଣି, ଯାତାୟାତ ବାଧାପ୍ରାପ୍ତ

ନିରାକାରପୁର,୯।୮(ଡି.ଏନ୍.ଏ.)



ସରକାର ଲୋକଙ୍କ ଗମନାଗମନରେ ସୁବିଧା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ କେତେଜଣ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ଗ୍ରାମରେ ଥିବା ରାସ୍ତାରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅଧୀନ କୋଲସାହି ଗାଁରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଏହି ଗ୍ରାମର ମୁଖ୍ୟ ରାସ୍ତା ପୂର୍ବ ପାର୍ଶ୍ୱରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହିଛି। ପାଣି ନିଷ୍କାସନ ହୋଇ ନ ପାରିବାରୁ ଲୋକମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ବାଇକ୍ ଆରୋହୀମାନେ ମଧ୍ୟ ଯିବାକୁ ଭୟ କରୁଛନ୍ତି। ଏନେଇ କେତେଜଣ ଗ୍ରାମବାସୀ କୁହନ୍ତି, ପାଣି ନଷ୍କାସନ ହେଉଥିବା ସ୍ଥାନକୁ ଅବରୋଧ ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି।

## ୨ ବାଇକ୍ ଲୁଟେରା ଧରାପଡ଼ିଲେ





ଜବତ ୬ ବାଇକ୍ ଏବଂ ୨ ଗିରଫ ଅଭିଯୁକ୍ତ।

ଖୋର୍ଦ୍ଧା ଅଫିସ,୯।୮

### ୬ ବାଇକ୍ ଜବତ

ସ୍ଥାନୀୟ ଚଣ୍ଡିତୁଆ ଛକରୁ ମଙ୍ଗଳବାର ଆଦର୍ଶ ଥାନା ପୋଲିସ ୨ ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଭାଟପଡ଼ା ଗ୍ରାମର ଆକାଶ ଭୂୟାଁ ଓରଫ ଦିଲୁ(୨୨) ଓ ସଂଗ୍ରାମ ବଳବନ୍ତରାୟ (୨୨) । ଏମାନଙ୍କଠାରୁ ୬ଟି ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଚଣ୍ଡିତୁଆ ଛକରେ ପୋଲିସ ଯାନବାହନ ଯାଞ୍ଚ କରୁଥିବା ବେଳେ ଅଭିଯୁକ୍ତଦ୍ୱୟ ଗାଡ଼ିର କାଗଜପତ୍ର ଦେଖାଇପାରି ନ ଥିଲେ । ପୋଲିସର ସନ୍ଦେହ ହେବାରୁ ସେମାନଙ୍କ ସହ ଗାଡ଼ିକୁ ଥାନାକୁ ଆଣିଥିଲା। ପଚରାଉଚରା ବେଳେ ସେମାନେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରିକରି ପରେ କୌଶଳକ୍ରମେ ଇଞ୍ଜିନ ଓ ଚେଚିସ୍ ନମ୍ବରକୁ ଚେଞ୍ଜ୍ କରି ବିକ୍ରି କରୁଥିବା ପୋଲିସ ଆଗରେ ମାନିଥିଲେ। ଏହାପରେ ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ଟି ଗାଡ଼ି ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୭୯/୨୨) ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଡିଏସ୍‌ପି ତଥା ଭାରପ୍ରାପ୍ତ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ଅତିରିକ୍ତ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ଏସ୍‌ଆଇ ସୁକାନ୍ତ ଦଳେଇ, ସସ୍ମିତା ବେହେରା ପ୍ରମୁଖ ସାମିଲ ଥିଲେ।

# ଧର୍ମଗୁରୁଙ୍କୁ ମନେ ପକାଇଲେ

ଜଟଣୀ,୯।୮(ଡି.ଏନ୍.ଏ.)



ମହରମ ପାଳନ ଅବସରରେ ଯୁବକମାନେ ମାତମ୍ କରୁଛନ୍ତି।

ଜଟଣୀରେ ମଙ୍ଗଳବାର ମୁସଲମାନ ଶିୟା ସମ୍ପ୍ରଦାୟ ପକ୍ଷରୁ ମହରମ ପାଳିତ ହୋଇଯାଇଛି। ଶିୟା ସମ୍ପ୍ରଦାୟର ଧର୍ମ ଗୁରୁ ହୁସେନ ଅଲ୍ଲୀ ସଲାମଙ୍କ ବଳିଦାନକୁ ମନେପକାଇ ଏହି ପର୍ବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସକାଳେ ପ୍ରଥମେ ଫଜର ନମାଜ ପାଠ ଏବଂ ଜହର ନମାଜ ପାଠ କରାଯାଇଥିଲା। ମଧ୍ୟାହ୍ନରେ ଲଙ୍ଗର ତଥା ଫତିଆ ହେବା ପରେ ସମସ୍ତ ଶିୟା ସମ୍ପ୍ରଦାୟର ମହିଳା, ପୁରୁଷ, ଯୁବକ ଯୁବତୀ ଏକାଠି ଖାଇଥାନ୍ତି। ପଞ୍ଜା ବାହାରିବା ପରେ ମାତମ କରିଥାନ୍ତି। ମଧ୍ୟାହ୍ନରେ ସ୍ଥାନୀୟ ବାଲିଛକ ମୁଣ୍ଡିଆ ସାହି ହୁସେନି ଇମାମବାଡାରୁ ଶିୟା ସମ୍ପ୍ରଦାୟର ପୁରୁଷ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ରାଜା ବଜାର ଇମାମବାଡା ଠାରେ ମାତମ ଶେଷ ହୋଇଥିଲା। ଏହି ମାତମ ଶୋଭାଯାତ୍ରାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ପାଇଁ ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆୟୋଜକ ହୁସୈନୀ ଇମାମବାଡାର ସଭାପତି ସୟଦ ନୌସିର ଅଲ୍ଲୀ କୁହନ୍ତି, ହୁସେନ ଅଲ୍ଲୀ ସଲାମଙ୍କ ବଳିଦାନ ମନେପକାଇବା ସହ ମାନବ ସମାଜକୁ ସତ୍‌ମାର୍ଗ ଦେଖାଇବା ପାଇଁ ୧୯୬୯ରୁ ଜଟଣୀରେ ସୟଦ ମହମ୍ମଦ ଅଲ୍ଲୀ ଏହି ମାତମ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ପାଳନ କରାଯାଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶିୟା ସମ୍ପ୍ରଦାୟର ଧର୍ମ ଗୁରୁ ହୁସେନ ଅଲ୍ଲୀ ସଲାମ ସବୁ ଧର୍ମକୁ ଭଲପାଉଥିଲେ। ସେ ସବୁବେଳେ ଲୋକଙ୍କୁ ସତ୍‌ମାର୍ଗରେ ଯିବା ପାଇଁ କହୁଥିଲେ। ଏଥିସହ ଇରାକର ଶାସକ ୟାଜିଦଙ୍କ ମାର୍ଗକୁ ଅନୁସରଣ ନ କରିବା ପାଇଁ ଲୋକଙ୍କୁ ଉପଦେଶ ଦେଉଥିଲେ। ୟାଜିଦଙ୍କ ମାର୍ଗକୁ ସମର୍ଥନ ନ କରିବାରୁ ୬୮୦ ଖ୍ରୀଷ୍ଟାବ୍ଦ ୧୦ ତାରିଖରେ ଶାସକ ୟାଜିଦ୍ ଇରାକର କରବଲାରେ ଥିବା ନେହେରା ଫରାକ ନଦୀ କୂଳରେ ଶିୟା ଧର୍ମ ଗୁରୁ ହୁସେନଙ୍କ ସମେତ ତାଙ୍କ ପରିବାର, ୭୨ଜଣ ସମର୍ଥକଙ୍କୁ ହତ୍ୟା କରିଥିଲେ। ସମାଜକୁ ସତ୍‌ମାର୍ଗରେ ନେବାକୁ ଯାଇ ଧର୍ମ ଗୁରୁ ହୁସେନ୍ ନିଜ ଜୀବନକୁ ବଳିଦାନ ଦେଇଥିବାରୁ ତାଙ୍କୁ ମନେପକେଇବା ପାଇଁ ଶିୟା ସମ୍ପ୍ରଦାୟର ଭଉଣୀ ଭାଇମାନେ ୪୦ଦିନ କଳା ବସ୍ତ୍ର ପରିଧାନ କରିଥାନ୍ତି। ମହିଳାମାନେ ଅଳଙ୍କାର ପରିଧାନ କରିନଥାନ୍ତି। କୌଣସି ଶୁଭ କାର୍ଯ୍ୟରେ ସାମିଲ ନ ହୋଇ ଏହି ବ୍ରତ ରଖିଥାନ୍ତି।

### ଜଟଣୀରେ ମହରମ ପାଳିତ

**ଗଣ୍ଡଗୋଳ ଘଟଣା:୨ କୋର୍ଟ ଚାଲାଣ**

ସାଲେପୁର(ଡି.ଏନ୍.ଏ.): ସାଲେପୁର ଥାନା ଅନ୍ତର୍ଗତ ବ୍ଲକ କାର୍ଯ୍ୟାଳୟରେ ସୋମବାର ୪ ଜଣ ଯୁବକ ମଦ ବୋତଲ ଭାଙ୍ଗି ଗଣ୍ଡଗୋଳ କରିବା ସହ ବିଡିଓଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଅଟକ ରଖିଥିବାବେଳେ ଅନ୍ୟ ୨ ଜଣ ଖସିଯାଇଥିଲେ। ଅଟକ ଯୁବକମାନଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କିଶନ ନଗର ଥାନା ଅନ୍ତର୍ଗତ ସମିତଙ୍ଗା ଗ୍ରାମର ଦୀନବନ୍ଧୁ ଭୂୟାଁ ଓ ଗଙ୍ଗାପୁର ଗ୍ରାମର ପ୍ରଦୀପ୍ତ ସିଂହ। ବ୍ଲକ କାର୍ଯ୍ୟାଳୟ ଜଗୁଆଳି ପ୍ରଦୀପ୍ତ କୁମାର ସାହୁଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୨୪୪/୨୨) ରୁଜୁ ହୋଇଛି। ଏହି ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରକ୍-ମଦ ବୋଝେଇ ବାଇକ୍ ମୁହାଁମୁହିଁ, ଚାଳକ ଅଟକ

ଖୁଣ୍ଟୁଣୀ,୯।୮(ଡି.ଏନ୍.ଏ.)- ଖୁଣ୍ଟୁଣୀ ବଜାରରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୧ଟାରେ ଏକ ଟ୍ରକ ଓ ମଦ ବୋଝେଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଖୁଣ୍ଟୁଣୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ ଜବତ କରି ଥାନାକୁ ନେଇଛି। ଦୁର୍ଘଟଣା ପରେ ବାଇକ୍ ଆରୋହୀ ଫେରାର ହୋଇଯାଇଥିବାବେଳେ ପୋଲିସ ଟ୍ରକ ଚାଳକଙ୍କୁ ଥାନାରେ ଅଟକ ରଖିଛି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁନିଲା ଆନନ୍ଦଙ୍କ କହିବାନୁଯାୟୀ, ଟ୍ରକ୍ (ନଂ.ଓଡ଼ି୩୫ଏସି-୭୬୧୭)ଟି ତାଳଚେରରୁ କୋଇଲା ନେଇ ଖୁଣ୍ଟୁଣୀ ରେଳଷ୍ଟେଶନ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ମଦ ନେଇ ଆସୁଥିବା ବାଇକ୍(ନଂ.ଓଡ଼ି୦୫ଏଟି-୮୦୭୨) ସହ ଧକ୍କା ହୋଇଥିଲା। ପରେ ବାଇକ୍‌ଟି ଟ୍ରକ ଚକ ତଳେ ଚାପି ହୋଇଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ହୋଇଛି।

### ବିଶ୍ୱ ଆଦିବାସୀ ଦିବସ ପାଳିତ

ମଙ୍ଗୁଳି,୯।୮(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଅନ୍ତର୍ଗତ ବିଶିନାହାକାଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ବିଷୋଇଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିକ୍ଷକ ମହେନ୍ଦ୍ର ନାଥ ପ୍ରଧାନ ଯୋଗଦେଇ ବିଶ୍ୱରେ ଆଦିବାସୀମାନଙ୍କ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଦିଲୀପ କୁମାର ପୃଷ୍ଟି ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ସନ୍ତୋଷ କୁମାର ନାୟକ ସଭା ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ମମତା ସାମନ୍ତରାୟ, ଗୀତାଞ୍ଜଳି ଓଝା, ମାହେଶ୍ୱରୀ ମାରାଣ୍ଡି ଉପସ୍ଥିତ ଥିଲେ। ବିଭୂତି ଭୂଷଣ ରଣା ଧନ୍ୟବାଦ ଦେଇଥିଲେ।

### ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ ପରଲୋକ

ତିଗିରିଆ, ୯।୮(ଡି.ଏନ.ଏ.): ତିଗିରିଆ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବୃନ୍ଦାବନ ସେନାପତି(୬୮)ଙ୍କ ସୋମବାର ପରଲୋକ ଘଟିଛି। ସେ ଜଣେ ଅତ୍ୟନ୍ତ ସରଳ, ମେଳାପୀ ବ୍ୟକ୍ତି ଥିଲେ। ସକାଳେ ତାଙ୍କ ଦେହ ଅସୁସ୍ଥ ଲାଗିବାରୁ ପରିବାର ଲୋକେ ତାଙ୍କୁ ନେଇ ନିଜିଗଡ଼ସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶେଷ ଦର୍ଶନ ନିମନ୍ତେ ତାଙ୍କ ମୃତଦେହ ମହାବିଦ୍ୟାଳୟକୁ ନିଆଯାଇଥିଲା। ପୁଅ ନ ଥିବାରୁ ୨ ଝିଅ ଓ ଜ୍ୱାଇଁ ସନ୍ଧ୍ୟାରେ ପହଞ୍ଚିବା ପରେ ମୃତଦେହ ସତ୍କାର ନିମନ୍ତେ ପୁରୀ ନିଆଯାଇଥିଲା। ସେଠାରେ ଜ୍ୱାଇଁ (ବିଚାରପତି)ଶରତ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।



# ପୁଣି ରାସ୍ତାରେ ୫ ଫୁଟ୍‌ର ଗର୍ତ୍ତ

## ଯାତାୟାତରେ ସମସ୍ୟା

କଟକ ଅଫିସ,୯।୮

କଟକ ସହରର ଅନେକ ସ୍ଥାନରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଠିକା ସଂସ୍ଥା ଜାଇକା ବିଭିନ୍ନ ୱାର୍ଡରେ ରାସ୍ତା ମରାମତି ଆଳରେ ଖୋଳିଦେଇଛି। ବର୍ଷା ହେଲେ ସେଥିରେ ପାଣି ଜମି ରହୁଛି। ପଥଚାରୀମାନେ ସେଥିରେ ପଡି ଖଣ୍ଡିଆଖାବରା ହେଉଛନ୍ତି। ଦୀର୍ଘଦିନ ଧରି ରାସ୍ତା ମରାମତି ନ ହେବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ମଙ୍ଗଳବାର କଟକ ତୁଳସୀପୁର ପୋଲିସ ହାଇସ୍କୁଲ ନିକଟରେ ୫ ଫୁଟର ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଖବରପାଇ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ



ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ

ଜାଇକା କର୍ମଚାରୀଙ୍କୁ ଡକାଇ ଖାଲ ମରାମତି କରାଇଥିଲେ। ଫଳରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ସମୟରେ ସ୍ଥାନୀୟ କର୍ପୋରେଟର ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଏହାପରେ ମେୟର ଅନେକ ବିଭାଗର ଅଧିକାରୀଙ୍କୁ ଧରି ବିଭିନ୍ନ ସ୍ଥାନରେ ହୋଇଥିବା ଖାଲ ବୁଲି ଦେଖିବା ସହ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ୧୭ ତାରିଖ ରାତିରେ ତୁଳସୀପୁର ହାଇକୋର୍ଟ କଲୋନୀ ନିକଟ ରାସ୍ତାରେ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପରେ ଏହି ରାସ୍ତା ମରାମତି କରାଯାଇଥିଲା। ସେହିପରି ନିମ୍ନମାନର କାମ ଯୋଗୁ ଗତ ୩୦ ତାରିଖରେ ଚୌଧୁରୀ ବଜାର ଦୁର୍ଗାଘର ସମ୍ମୁଖ ରାସ୍ତା ମଝିରେ ପ୍ରାୟ ୫ ଫୁଟର ଗର୍ତ୍ତ ସୃଷ୍ଟି ହୋଇଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ମେୟର ପହଞ୍ଚି ନିମ୍ନମାନର କାର୍ଯ୍ୟକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଜାଇକା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ବାଲି ଭର୍ତ୍ତି କରାଯାଇ ଉକ୍ତ ଗର୍ତ୍ତ ମରାମତି କରାଯାଇଥିଲା।

# ଶୋଭାଯାତ୍ରାରେ ଦେଶପ୍ରେମର ବାର୍ତ୍ତା

**ଅଗଷ୍ଟ କ୍ରାନ୍ତି ଦିବସ**

ଚୌଦ୍ୱାର/ ତିଗିରିଆ/ବଡ଼ମ୍ବା ୯।୮(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୫ ପଞ୍ଚାୟତରେ କ୍ରାନ୍ତି ଦିବସ ପାଳିତ ହୋଇଥିଲା। ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଶଙ୍କରପୁରସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିଠାରୁ ସାଇକେଲ ଶୋଭାଯାତ୍ରା ବାହାରି ବ୍ରହ୍ମପୁରଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଦେଶପ୍ରେମର ବାର୍ତ୍ତା ପ୍ରଦାନ କରାଯାଇଥିଲା। ସେକ୍ ଶାହାଜାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ୍ ପ୍ରଧାନ, ସରପଞ୍ଚ ପ୍ରମୋଦିନୀ ଖଟୁଆ, ମଧୁସ୍ମିତା ସେଠୀ, ରଞ୍ଜିତ୍ ରାଉତ, ସୁଜାତା ରାଉତ, ବିଦ୍ୟାଧର ରାଉତ, ରବୀନ୍ଦ୍ର ସାହୁ, ଅଶୋକ ପରିଡା, ସରୋଜ ଖଟୁଆ, ରମେଶ ହାତୀଙ୍କ ସମେତ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଦସ୍ୟମାନେ ସାମିଲ ହୋଇଥିଲେ। ସେହିପରି ଚୌଦ୍ୱାରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ କ୍ରାନ୍ତି ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି।

ସେହିପରି ତିଗିରିଆ ବ୍ଲକ ସଦର ମହକୁମା ନିଜିଗଡ଼ସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଆୟୋଜି ସଭାରେ ବ୍ଲକ ଯୁବ ବିଜେଡି ସଭାପତି ପ୍ରୀତିରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ଡ.ଅଭିରାମ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ଛାତ୍ର ସଙ୍ଘର ନେତା ମନୋଜ କର ଯୋଗଦେଇଥିଲେ। ବଡ଼ମ୍ବାସ୍ଥିତ ରାଜା ନାରାୟଣ ଚନ୍ଦ୍ର ହାଟ ବଣିକ ସଙ୍ଘ ଆନୁକୂଲ୍ୟରେ ଆଡ଼ିଆ ମହାଦେବଙ୍କ ପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବଣିକ ସଂଘ ସଭାପତି ଶିବ ନାରାୟଣ ମିଶ୍ର ପୌରୋହିତ୍ୟ କରିଥିଲେ। ଶିକ୍ଷକ ଅଶୋକ ଧଳ ସଂଯୋଜନା କରିଥିଲେ। ମୁଖ୍ୟ ପୁରୋଧା ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ମୁଖ୍ୟବକ୍ତା ଭାବେ କବି ଦୁର୍ଯ୍ୟୋଧନ ବରାଳ, ବିଶିଷ୍ଟ ଅତିଥି ଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଶିକ୍ଷାବିତ୍ ବିନୟ କୃଷ୍ଣ ମହାନ୍ତି, ଚନ୍ଦ୍ର ଶେଖର ମହାନ୍ତି, ବଡ଼ମ୍ବା ତହସିଲଦାର ତପନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

# ନଗର କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବଯାତ୍ରା




ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ମଙ୍ଗଳବାର କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱରାଜ ଆଶ୍ରମଠାରୁ ବାହାରିଥିବା ସ୍ୱାଧୀନତାର ଗୌରବଯାତ୍ରା।

କଟକ ଅଫିସ, ୯।୮

କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ଅଗଷ୍ଟ ୯ ଭାରତ ଛାଡ ଆନ୍ଦୋଳନର ସ୍ମାରକୀ ଦିବସ ସ୍ଥାନୀୟ ସାହେବଜାଦା ବଜାରରେ ମଙ୍ଗଳବାର ପାଳିତ ହୋଇଯାଇଛି। ବିଧାୟକ ମହମ୍ମଦ ମୋକିମ ୧୯୪୨ ଅଗଷ୍ଟ ୯ କ୍ରାନ୍ତି ଦିବସର ଐତିହାସିକ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତ୍ୟାଗ ଓ ବଳିଦାନର ୭୫ ବର୍ଷ ସ୍ୱାଧୀନତାର ଗୌରବ ଯାତ୍ରା ନାମରେ ଏକ ପଦଯାତ୍ରା ସ୍ୱରାଜ ଆଶ୍ରମଠାରୁ ବାହାରି ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ପହଞ୍ଚିଥିଲା। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଶୈଳବାଳା ଜେନା, କାଶୀନାଥ ମଲ୍ଲିକ, ତୃପ୍ତି ଦାସ, ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଶିବାଶିଷ ପଟ୍ଟନାୟକ, କେ. କାମେଶ ରାଓ, ଜନାର୍ଦ୍ଦନ ପରିଡା, ସ୍ୱର୍ଣ୍ଣପ୍ରଭା ପଶାୟତ, ମଜିଦ ଖାଁ, ବିକି ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ପ୍ରଚାର ଅଭାବରୁ ଫେଲ୍ ମାରିଲା ଜନଶୁଣାଣି

କଟକ ସଦର, ୯।୮(ଡି.ଏନ୍.ଏ.)

କଟକ ସଦର ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅଗଷ୍ଟ ୧ ଓ କିଶନନଗର ତହସିଲ କାର୍ଯ୍ୟାଳୟରେ ୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ହେଲେ ଉପଯୁକ୍ତ ପ୍ରଚାର ଅଭାବରୁ ଉଭୟ ଶିବିରରେ ଜନଶୁଣାଣି ଫେଲ୍ ମାରିଛି। ଉଭୟ ସ୍ଥାନର କାର୍ଯ୍ୟକ୍ରମ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ା ପତ୍ରସଂଖ୍ୟା ୨୩୪୮/୨୯।୭।୨୦୨୨ ଓ ତହସିଲଦାର ଇନ୍ଦିରା ସାହୁ ପତ୍ରସଂଖ୍ୟା ୧୯୮୫/୨୯।୭।୨୦୨୨ରେ ସ୍ଥାନୀୟ ସରପଞ୍ଚମାନଙ୍କୁ ପ୍ରଚାର ପାଇଁ ଜଣାଇଥିଲେ। ମାତ୍ର ଉପଯୁକ୍ତ ଭାବେ ପ୍ରଚାର ହୋଇ ନ ପାରିବାରୁ ଲୋକମାନେ ଶିବିରରେ ପହଞ୍ଚିପାରି ନ ଥିଲେ। ଅପରପକ୍ଷେ ଅଧିକାଂଶ ଅଭିଯୋଗ ପଞ୍ଚାୟତ କାର୍ଯ୍ୟ ସଂକ୍ରାନ୍ତୀୟ ହୋଇଥିବାରୁ ଜିଲାର ଉଚ୍ଚ ଅଧିକାରୀଙ୍କ ଦୃଷ୍ଟିକୁ ଏକଥା ଆସୁ ବୋଲି ଅନେକ ସରପଞ୍ଚ ଚାହୁଁ ନ ଥିବା ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ମଙ୍ଗଳବାର ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କ ନିକଟରେ ଅଭିଯୋଗ କରିଛନ୍ତି। କଟକ ସଦର ବ୍ଲକ ଜନଶୁଣାଣି ଶିବିରରେ ୪୧ ଓ କିଶନନଗରରେ ୯୬ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ତେଣୁ ଶିବିର ସଂକ୍ରାନ୍ତୀୟ ସୂଚନା ସ୍ୱୟଂ ସହାୟକ ଗୋଷ୍ଠୀର ଏମ୍‌ବିକେ(ମାଷ୍ଟର ବୁକ୍ କିପର)ଙ୍କ ଜରିଆରେ ଦିଆଗଲେ ଭଲ ହୁଅନ୍ତା ବୋଲି ସାଧାରଣରେ ଦାବି ହେଉଛି। କାରଣ ଅଧିକାଂଶ ଘରର ମହିଳା କୌଣସି ନା କୌଣସି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଅଛନ୍ତି। ସମସ୍ୟା ସମ୍ପର୍କରେ ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟ କହିଛନ୍ତି, କୋଭିଡ୍ ପରେ ଶିବିର ଆରମ୍ଭ ହୋଇଛି। ତେଣୁ ପରବର୍ତ୍ତୀ ସମୟରେ ପ୍ରଚାର ଉପରେ ଦୃଷ୍ଟି ଦିଆଯିବ।

### ଶିଳ୍ପୋଦ୍ୟୋଗ ବିକାଶ ତାଲିମ ଶିବିର

ନିଆଳି,୯।୮(ଡି.ଏନ୍.ଏ.)

ନିଆଳି ବ୍ଲକ ଅନ୍ତର୍ଗତ ଅଁଳୋ ପ୍ରାଥମିକ ବିଦ୍ୟାଳୟରେ ୧୨ ଦିନିଆ ଶିଳ୍ପୋଦ୍ୟୋଗ ବିକାଶ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଟକସ୍ଥିତ ଶିଳ୍ପୋଦ୍ୟୋଗ ବିଭାଗ ଓ ଶ୍ରଦ୍ଧାଞ୍ଜଳି ସାମାଜିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ନବ କିଶୋର ସିଂହ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅଁଳୋ ସରପଞ୍ଚ କଳ୍ପନା ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ଜେନା, ଷ୍ଟେଟ୍ ବ୍ୟାଙ୍କ ନିଆଳି ଶାଖା ପରିଚାଳକ ସୁବ୍ରତ ମହାନ୍ତି, ଦିଲୀପ ସାହୁ, ସନ୍ତୋଷ ସାହୁ, ଡ. ରାଜେଶ ସାହୁ, କଟକ ଶିଳ୍ପୋଦ୍ୟୋଗ ବିଭାଗର ସହ ପରିଚାଳକ ଶରତ କୁମାର ମହଲତ, ବ୍ଲକ ଶିଳ୍ପ ବିକାଶ ଅଧିକାରୀ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ୩୦ ଜଣ ବେକାର ଯୁବତୀଯୁବକଙ୍କୁ ଶିଳ୍ପୋଦ୍ୟୋଗ ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶିବିରର ଉଦ୍‌ଯାପନୀ ଦିବସରେ ବିରଞ୍ଚି ନାରାୟଣ ବେହେରା ତାଲିମ ନେଇଥିବା ଯୁବତୀଯୁବକଙ୍କ ସାର୍ଟିଫିକେଟ ପ୍ରଦାନ କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ।

### ଖ୍ରୀଷ୍ଟ କଲେଜ କର୍ମଚାରୀଙ୍କୁ ବୁଷ୍ଟର୍ ଡୋଜ୍ ପ୍ରଦାନ

କଟକ ଅଫିସ,୯।୮

କରୋନାର ଭୟାବହତାକୁ ଦୃଷ୍ଟିରେ ରଖି କଟକ ଖ୍ରୀଷ୍ଟ କଲେଜରେ କର୍ମଚାରୀମାନଙ୍କୁ ମଙ୍ଗଳବାର ବୁଷ୍ଟର ଡୋଜ୍ ଦିଆଯାଇଛି। ଏହି ଟିକାକରଣ କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ଯୁବ ରେଡ୍‌କ୍ରସର ପରାମର୍ଶଦାତା ତଥା ଅଧ୍ୟାପକ ଶୋଭନ ପଣ୍ଡା, ସଦସ୍ୟ ଡ. ପ୍ରଦୀପ୍ତ କୁମାର ପତି, ଡ. ସ୍ୱାତୀ ମହାନ୍ତି, ଅଧ୍ୟାପକ ଶିବାନନ୍ଦ ମହାନ୍ତି ଓ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତ ଯୋଡ଼ ସଂକଳ୍ପ ପଦଯାତ୍ରା ଶୁଭାରମ୍ଭ

ସାଲେପୁର,୯।୮(ଡି.ଏନ୍.ଏ.)

ତ୍ୟାଗ ଓ ବଳିଦାନର ୭୫ ବର୍ଷ ଅବସରରେ ସାଲେପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଭାରତ ଯୋଡ଼ ସଂକଳ୍ପ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ କଂଗ୍ରେସ କର୍ମୀ ସାଲେପୁର କଂଗ୍ରେସ ନେତା ଇଂ. ଆକ୍ୟୁବ୍ ଖାଁ, କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଶିଶୁଆ ଡାକବଙ୍ଗଳାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଶିଶୁଆ ବଜାର ନିକଟରୁ ଏକ ପଦଯାତ୍ରା ବାହାରି ସାଲେପୁର ମଧୁମଣ୍ଡପ ନିକଟରେ ପହଞ୍ଚିଥିଲା। ଦୁର୍ନୀତିକୁ ମୂଳପୋଛ କରିବା ପାଇଁ ଅଧିକ ମାତ୍ରାରେ କଂଗ୍ରେସ ଦଳରେ ଯୋଡ଼ିହୋଇ ଦେଶର ବିକାଶ କରିବା ପାଇଁ କଂଗ୍ରେସ ନେତା ମାନସ ଚୌଧୁରୀ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମଗ୍ର ଦେଶରେ ଅଗଷ୍ଟ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ମଙ୍ଗଳବାର କଟକ ସାଲେପୁରଠାରେ ଏହି କାର୍ଯ୍ୟକ୍ରମର ଆରମ୍ଭ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନ, ଅଲ୍ ଓଡ଼ିଶା ଯୁଥ୍ କଂଗ୍ରେସ ସାଧାରଣ ସମ୍ପାଦକ ଡ. ବିପ୍ଳବ ଶିଳାଦିତ୍ୟ, ଜିଲା ସାଧାରଣ ସମ୍ପାଦକ ଶିଶିର ରଥ, ଉପସଭାପତି ମନୋଜ ବିଶ୍ୱାଳ, ବାରିଗୋଳ ସରପଞ୍ଚ ଶିବୁ ବେହେରା, ବିଜ୍ଞାନ ଭୂୟାଁ, ମହିଳା ନେତ୍ରୀ ସାବିତ୍ରୀ ପଣ୍ଡା, ସଫିଉଲ୍ ଆଲାମ୍, ବିସ୍ମୟ ରଞ୍ଜନ ଭୂୟାଁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# 'ଗାନ୍ଧୀଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ'



ସଭାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ,୯।୮(ସ୍ୱ.ପ୍ର.)

ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶରେ ସାମାଜିକ, ସାମ୍ପ୍ରଦାୟିକ ସଦଭାବନା ରକ୍ଷା କରିବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ଆଠଗଡ ପୁରୁଣା ବସଷ୍ଟାଣ୍ଡସ୍ଥିତ ମଣ୍ଡପଠାରେ ଛାତ୍ର ବିଜେଡି ପକ୍ଷରୁ କ୍ରାନ୍ତି ଦିବସ ପାଳନ ଅବସରରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏଥିରେ ଅତିଥି ଭାବେ ଅଧ୍ୟାପକ ଅଭିରାମ ବିଶ୍ୱାଳ, ସର୍ବଭାରତୀୟ ଛାତ୍ରସଂଗଠନ ନେତା ମନୋଜ କୁମାର କର ଯୋଗଦେଇ ଥିଲେ। ଏହି ଅବସରରେ ଛାତ୍ର ଓ ଯୁବ ବିଜେଡି ସମେତ ଏନ୍‌ଏସି ଓ ବ୍ଲକ କାର୍ଯ୍ୟାଳୟ ତରଫରୁ ତ୍ରିରଙ୍ଗା ସାଇକେଲ ଶୋଭାଯାତ୍ରା କରାଯାଇ ଆଠଗଡ଼ ମହିଳା ମହାବିଦ୍ୟାଳୟ ନିକଟ ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଗଠଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ସଭାପତିତ୍ୱ କରିଥିଲେ। ବିନୋଦ ମାଝି, ଶିବଶଙ୍କର ଜେନା, ପ୍ରଦୀପ୍ତ ଦାସ, ଶିଶିର ମାନ ସିଂ ଓ ରବୀନ୍ଦ୍ରନାଥରାଉତପ୍ରମୁଖଉପସ୍ଥିତଥିଲେ।

# 'ନାରୀ ଆନ୍ଦୋଳନର କର୍ଣ୍ଣଧାର ଥିଲେ ସରଳା ଦେବୀ'

## ସରଳା ଦେବୀଙ୍କ ସ୍ମୃତି ସମାରୋହ

କଟକ ଅଫିସ,୯।୮

ଭାରତୀୟ ମୁକ୍ତି ସଂଗ୍ରାମକୁ ସରଳା ଦେବୀଙ୍କ ଅବଦାନ ଅବିସ୍ମରଣୀୟ। ଓଡ଼ିଶାରେ ନାରୀ ଆନ୍ଦୋଳନର ସେ ଥିଲେ ମୁଖ୍ୟ କର୍ଣ୍ଣଧାର। ଦେଶସେବା ଓ ମାନବ ସେବାକୁ ସେ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଏଣୁ ୭୫ ବର୍ଷ ଅମୃତ ମହୋତ୍ସବକୁ ସମ୍ମାନର ସହିତ ପାଳନ କଲେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସରଳା ଦେବୀ ଓ ଅନ୍ୟ ସଂଗ୍ରାମୀଙ୍କ ପ୍ରତି ତାହା ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ ବୋଲି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ସରଳା ଦେବୀ ସ୍ମୃତି ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଲେଖିକା ସରଳା ଦେବୀଙ୍କ ସ୍ମୃତି ସମାରୋହ କଟକ ଶତାବ୍ଦୀ ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ହରିଚନ୍ଦନ ଏହାକୁ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ



ସମାରୋହରେ ଡ. ରଞ୍ଜିତା ନାୟକଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ମୁଖ୍ୟବକ୍ତା ଭାବେ ପ୍ରଫେସର ଯତୀନ୍ କୁମାର ନାୟକ ଯୋଗଦେଇ କହିଥିଲେ, ସରଳା ଦେବୀ ଥିଲେ ଓଡ଼ିଶାର ପ୍ରଥମ ବିଧାୟିକା। ସ୍ୱାଧୀନଚେତା ନାରୀ ଭାବେ ସେ ସୁବିଦିତ ବୋଲି ନାୟକ କହିଥିଲେ। ସେହିପରି ସମ୍ମାନିତ ବକ୍ତା ବନଜ ଦେବୀ କହିଥିଲେ, ସରଳା ଦେବୀ ଜଣେ କ୍ରାନ୍ତିକାରୀ ସାରସ୍ୱତ ସ୍ରଷ୍ଟା ଓ ବିପ୍ଳବିନୀ ନାରୀନେତ୍ରୀ ଥିଲେ। ଏହି ଅବସରରେ କବି ଡ. ରଞ୍ଜିତା ନାୟକଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ରୁମ୍‌ଝୁମ୍ ନାୟକ ସ୍ୱାଗତ ଭାଷଣ, ଲକ୍ଷ୍ମୀପ୍ରକାଶ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ମାନପତ୍ର ପାଠ ଓ ଆଡ୍‌ଭୋକେଟ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# 'ମାନବବାଦ ଉପରେ ଭାରତୀୟ ଗଣତନ୍ତ୍ର ଆଧାରିତ'

## ପ୍ରଜାତନ୍ତ୍ରର ୭୫ତମ ବାର୍ଷିକ ଉତ୍ସବ

କଟକ ଅଫିସ,୯।୮

ମାନବବାଦ ଉପରେ ଭାରତୀୟ ଗଣତନ୍ତ୍ର ଆଧାରିତ। ଗଣତନ୍ତ୍ରର ବ୍ୟାଖ୍ୟା ଭିନ୍ନ ଭାବରେ କରାଯାଇଥିଲେ ମଧ୍ୟ ଆମେ ବିଶ୍ୱ ଭ୍ରାତୃତ୍ୱରେ ବିଶ୍ୱାସ ରଖି ଆଜିପର୍ଯ୍ୟନ୍ତ ତିଷ୍ଠି ରହିଛୁ। ମନୁଷ୍ୟକୁ ସମାନ ଭାବରେ ଦେଖିବା ଓ ସମାନ ଆଚରଣ କରିବା ଗଣତନ୍ତ୍ରର ବୈଶିଷ୍ଟ୍ୟ। ପ୍ରତ୍ୟେକ ମଣିଷ ସ୍ୱକର୍ମ ଓ ସ୍ୱଧର୍ମରେ ରତ ରହି ସିଦ୍ଧିଲାଭ କରିପାରିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ପ୍ରଜାତନ୍ତ୍ରର ୭୫ତମ ବାର୍ଷିକ ଉତ୍ସବ ସ୍ଥାନୀୟ ବିଷୁବ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ କହିଥିଲେ, ଗଣତନ୍ତ୍ର ସେତିକିବେଳେ ପରିଭାଷିତ ହୁଏ, ଯେତେବେଳେ ଏହାର ଭାଷା ଓ ଭାବ ସମାଜର ତଳର ସ୍ତରରେ ଥିବା ଲୋକଙ୍କ ପାଖରେ ପହଞ୍ଚେ। ଗୋଟିଏ ସୁସ୍ଥ ଦେଶ ଓ



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିମାନେ।

ସୁସ୍ଥ ରାଜ୍ୟର କଳ୍ପନା କରିବା ସହ ସମାଜ ସଂସ୍କାର କ୍ଷେତ୍ରରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସେ କହିଥିଲେ।

ସେହିପରି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକ କହିଲେ, ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର ଉଦ୍ଦେଶ୍ୟ ଥିଲା ଜନତାଙ୍କୁ ଭଲପାଇବା। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଏକ ଉଦ୍ଦେଶ୍ୟ ନିହିତ ଥିଲା। ଏହି ଉଦ୍ଦେଶ୍ୟ କେବଳ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ରହିଥିଲା। ପ୍ରଜାତନ୍ତ୍ରର ସମ୍ପାଦକ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ, ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ପ୍ରଜାତନ୍ତ୍ର ତାହାର ୭୫ ବର୍ଷ ପୂରଣ କରି ଅମୃତ ଉତ୍ସବ ପାଳନ କରୁଛି। ଏହା ଏକ ସଂଯୋଗ। ପ୍ରଜାତନ୍ତ୍ର ପ୍ରଚାର ସମିତିର ଟ୍ରଷ୍ଟି ଲୋକରଞ୍ଜନ ମହତାବ କହିଲେ, ପ୍ରଜାତନ୍ତ୍ରର ଅମୃତ ମହୋତ୍ସବ ଏକ ଅବିସ୍ମରଣୀୟ ଓ ଅକଳ୍ପନୀୟ। ଅମୃତ ମହୋତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଅତିଥିମାନଙ୍କୁ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଡ. ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ।